# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 55 ଭାଗ ୩୪ | ସଂଖ୍ୟା ୫୫ | Sunday 17 May 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୧୭ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ଗଣମାଧ୍ୟମରେ ଭୁଲ ବ୍ୟାଖ୍ୟା କରାଯାଇଛି ପୃଷ୍ଠା ୫


# ଆଣ୍ଡାମାନ ଛୁଇଁଲା ମୌସୁମୀ

**ନୂଆଦିଲ୍ଲୀ,୧୬।୫:** ବହୁପ୍ରତୀକ୍ଷିତ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଜି ଦକ୍ଷିଣ ବଙ୍ଗୋପସାଗର ସମେତ ଆଣ୍ଡାମାନ ସାଗର ଓ ଆଣ୍ଡାମାନ-ନିକୋବର ଦ୍ୱୀପରେ ପ୍ରବେଶ କରିଛି। ପୂର୍ବରୁ କରାଯାଇଥିବା ଆକଳନ ଅନୁଯାୟୀ, ଏହା ମେ' ୨୬ ତାରିଖରେ କେରଳରେ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସୂଚନା ଦେଇଛି। ଫଳରେ ପୂର୍ବ ଆରବ ସାଗର, ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗର, ଆଣ୍ଡାମାନ ସାଗରର ବହୁ ଅଂଶ ସହ ସମଗ୍ର ନିକୋବର ଏବଂ ଶ୍ରୀବିଜୟପୁରମ୍ ସମେତ ଆଣ୍ଡାମାନର କେତେକ ସ୍ଥାନରେ ଶନିବାର ମୌସୁମୀର ସ୍ପର୍ଶ ଅନୁଭୂତ ହୋଇଛି। ସାଧାରଣତଃ ଜୁନ ୧ରେ ମୌସୁମୀ କେରଳରେ ପହଞ୍ଚିଥାଏ। ସେହି ଦୃଷ୍ଟିକୋଣରୁ ଏଥର ଭାରତକୁ ମଧ୍ୟ ଆଗୁଆ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।



- ୨୬ରେ କେରଳରେ ପହଞ୍ଚିବ
- ଗରମରୁ ତ୍ରାହି ମିଳିବା ଆଶା

ସୂଚନାଯୋଗ୍ୟ ଯେ ଗତ ୬ ବର୍ଷ ମଧ୍ୟରେ ୨୦୨୨, ୨୦୨୪ ଏବଂ ୨୦୨୫ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକ ସମୟର ଯଥେଷ୍ଟ ପୂର୍ବରୁ ଭାରତକୁ ପ୍ରବେଶ କରିଥିବା ବିଭାଗ ସୂଚନା ଦେଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ଆସିବା ପରେ କେବଳ ଦକ୍ଷିଣ-ପୂର୍ବାଞ୍ଚଳର କେତୋଟି ରାଜ୍ୟକୁ ବାଦ୍ ଦେଲେ ସମଗ୍ର ଭାରତରେ ବର୍ଷାଋତୁ ଆରମ୍ଭ ହୋଇଥାଏ। ତେବେ ବିଶ୍ୱ ପାଣିପାଗରେ ଏଥର ଏଲ-ନିନୋର ପ୍ରଭାବ ରହିଥିବାରୁ ଏହା ମୌସୁମୀ ପାଇଁ ହାନିକାରକ ହୋଇପାରେ ବୋଲି ବିଭାଗ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି।

ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳିରୁ ତ୍ରାହି ମିଳିବା ସହ ଭାରତୀୟ ଉପମହାଦେଶରେ ଏହା ଚାଷକାର୍ଯ୍ୟକୁ ସୁଗମ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି ଯଥେଷ୍ଟ ସଅଳ ମୌସୁମୀ ଆଣ୍ଡାମାନ ଛୁଇଁଥିବାରୁ ସମ୍ପ୍ରତି ଅନୁଭୂତ ହେଉଥିବା ଭୀଷଣ ଗରମରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବାର ମଧ୍ୟ ଆଶା ସୃଷ୍ଟି ହୋଇଛି।

ଆଇଏମ୍ଡି ପକ୍ଷରୁ କୁହାଯାଇଛି ଯେ ଏଥର ଆଣ୍ଡାମାନକୁ ଆଗୁଆ ମୌସୁମୀ ଆସିଛି। ଦକ୍ଷିଣ-

# ଶିଳ୍ପାୟନରେ ସାମିଲ ହେବ ଓଏମ୍ସି

- ପାଇଲଟ୍ ପ୍ଲାଣ୍ଟର ସଫଳ ପରୀକ୍ଷଣ କଲା ନିଗମ
- ସାଜିଛି ଓଡ଼ିଶାର ଅର୍ଥନୈତିକ ବିକାଶର ପ୍ରମୁଖ ସ୍ତମ୍ଭ
- ସ୍ଥାନୀୟ ଲୋକଙ୍କୁ ଭୁଲିଯାଉଛନ୍ତି ବେସରକାରୀ ମାଇନ୍ସ
- ଖଣି ଅଞ୍ଚଳବାସୀଙ୍କ ପାଇଁ ହେବ ମେଗା ହେଲ୍ଥ କ୍ୟାମ୍ପ
- କାର୍ଯ୍ୟ ପରିସର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ବର୍ତ୍ତମାନ ବିଶ୍ୱ ବଜାରରେ ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍ ଭଳି କଞ୍ଚାମାଲ୍‌ର ଚାହିଦା ବେଶ୍ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଖଣି ନିଗମ (ଓଏମ୍ସି) ଏହି ବର୍ଦ୍ଧିତ ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ସହ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନିଗମର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ ଦେଇଛନ୍ତି।

ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୬୦ ଦଶକରେ ମାତ୍ର ୧ କୋଟି ଟଙ୍କାର ଆର୍ଥିକ କାରବାରରୁ ଯାତ୍ରା ଆରମ୍ଭ କରିଥିବା ଓଏମ୍ସି ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ ହଜାର କୋଟି ଟଙ୍କାର କାରବାର କରିଛି। ଏଥିସହ ୪୫ ନିୟୁତ ଟନ ଖଣିଜ ଉତ୍ତୋଳନ ଜରିଆରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ଦେଶର ଏକ ଅଗ୍ରଣୀ ଖଣି ସଂସ୍ଥା ଭାବେ ପ୍ରତିଷ୍ଠା ହାସଲ କରିଛି। ଏବେ ସମୟ ଆସିଛି, ଓଏମ୍ସି ତା'ର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରି ଦେଶର ଅନ୍ୟାନ୍ୟ ରାଜ୍ୟରେ ଖଣିଭିତ୍ତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ। ଆହୁରି ମଧ୍ୟ ନିଗମ ପାଖରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ରହିଛି। ଖଣିଭିତ୍ତିକ କାର୍ଯ୍ୟକଳାପ ସହ ଶିଳ୍ପାୟନ ପ୍ରତି ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଓଏମ୍ସି କେବଳ ଏକ ବ୍ୟାବସାୟିକ ସଂସ୍ଥା ଭାବେ ନୁହେଁ, ବରଂ ଓଡ଼ିଶାର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ନିଗମ ତା'ର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରିଆସୁଛି। ରାଜ୍ୟରେ ମୂଲ୍ୟବାନ ଖଣିଜ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରି ଓଏମ୍ସି ଆଜି ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରଖିଛି। କେନ୍ଦୁଝର ଜିଲ୍ଲାର ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟ ଉତ୍ତୋଳନ କରି ଓଏମ୍ସି ଏହାର ପାଇଲଟ୍ ପ୍ଲାଣ୍ଟର ସଫଳ ପରୀକ୍ଷଣ କରିଛି। ଏହାଦ୍ୱାରା ➪ପୃଷ୍ଠା-୬

# ଅଭ୍ୟାସ ନ ବଦଳାଇଲେ ଭୂଗୋଳରୁ ଲିଭିଯିବ





**ପାକିସ୍ତାନକୁ ଚେତାବନୀ**

**ନୂଆଦିଲ୍ଲୀ,୧୬।୫:** ପଡ଼ୋଶୀ ପାକିସ୍ତାନର ଆତଙ୍କୀ-ପ୍ରୀତିକୁ ଲକ୍ଷ୍ୟ କରି ଶନିବାର ଭାରତୀୟ ସେନା ପକ୍ଷରୁ କଠୋର ଚେତାବନୀ ଦିଆଯାଇଛି। ପାକିସ୍ତାନ ଯଦି ଆତଙ୍କବାଦୀଙ୍କୁ ଆଶ୍ରୟ ଦିଏ କିମ୍ବା ଭାରତ ବିରୋଧରେ କୌଣସି ଅନ୍ତର୍ଘାତୀ କାର୍ଯ୍ୟ କରିବାକୁ ଉଦ୍ୟମ କରେ, ତା'ହେଲେ ପାକିସ୍ତାନକୁ ଏହାର ପ୍ରତିଫଳ ଭୋଗିବାକୁ ପଡ଼ିବ। ପରିସ୍ଥିତି ଏପରି ହେବ ଯେ ଭୂଗୋଳ କି ଇତିହାସରେ ପାକିସ୍ତାନର ନାଁଗନ୍ଧ ରହିବ ନାହିଁ ବୋଲି ଚେତାବନୀ ଦେଇ କହିଛନ୍ତି ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ଦିଲ୍ଲୀର ମାନେକଶା ସେଣ୍ଟରରେ 'ୟୁନିଫର୍ମ ଅନଭିଲ୍ଡ' ପକ୍ଷରୁ ଆୟୋଜିତ ଏକ ସାକ୍ଷାତକାର ଅଧିବେଶନ (ଇଣ୍ଟରାକ୍ଟିଭ୍ ସେସନ୍) ରେ ଯୋଗଦେବା ଅବସରରେ ଜେନେରାଲ୍ ଦ୍ୱିବେଦୀଙ୍କୁ ଯଦି ଗତ ବର୍ଷର 'ଅପରେସନ ସିନ୍ଦୂର' ଭଳି ପରିସ୍ଥିତି ପୁଣି ଥରେ ସୃଷ୍ଟି ହୁଏ, ତା'ହେଲେ ଭାରତୀୟ ସେନା ଏହାର କି ଜବାବ ଦେବ ବୋଲି ପ୍ରଶ୍ନ ପଚରାଯାଇଥିଲା। ଏହି ପ୍ରଶ୍ନର ଉତ୍ତରରେ ସେନାମୁଖ୍ୟ କହିଥିଲେ, ମୁଁ ଭାବୁଛି ଆଗରୁ ଯାହା କହିଥିଲି ଆପଣ ତା' ଶୁଣିଛନ୍ତି। ମୁଁ କହିଥିଲି ଯେ ପାକିସ୍ତାନ ଯଦି ଆଗାମୀ ଦିନରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇ ତା'ର ଭାରତବିରୋଧୀ କାର୍ଯ୍ୟ ଜାରି ରଖେ, ତା'ହେଲେ ସେମାନେ ଆଉ ଭୂଗୋଳ କି ଇତିହାସର ଅଂଶ ହୋଇ ରହିପାରିବେ ନାହିଁ। ତେଣୁ ଏ ବିଷୟରେ ପାକିସ୍ତାନ ଚିନ୍ତା କରିବା ଦରକାର ବୋଲି ଜେନେରାଲ୍ ଦ୍ୱିବେଦୀ କହିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସେନାମୁଖ୍ୟ ଜେନେରାଲ ଦ୍ୱିବେଦୀଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟଟି ପାକିସ୍ତାନ ପାଇଁ ଏକ କଠୋର ବାର୍ତ୍ତା ବହନ କରୁଛି। ଏଥିସହ ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ କିଭଳି କଠୋର ଓ ନିର୍ଣ୍ଣାୟକ ତାହା ମଧ୍ୟ ସ୍ପଷ୍ଟ ହୋଇଛି। ଗତବର୍ଷ ମେ' ୭ରେ ଜାମ୍ମୁ-କାଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଗୁଳି କରାଯିବା ଘଟଣାରେ ଭାରତ ରାତିଅଧିଆ ସର୍ଜିକାଲ ଷ୍ଟ୍ରାଇକ୍ କରି ପାକ-ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଦେଇଥିଲା। ଏହାପରେ ଦୁଇ ପରମାଣୁ ସମୃଦ୍ଧ ରାଷ୍ଟ୍ରଙ୍କ ମଧ୍ୟରେ ଯୁଦ୍ଧଜନିତ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୀର୍ଘ ୮୮ ଘଣ୍ଟାର ଅପରେସନ୍ ପରେ ଏହା ଶେଷରେ ମେ' ୧୦ରେ ପ୍ରଶମିତ ହୋଇଥିଲା।

## ଇନ୍ଧନ ସୁରକ୍ଷା ଚିନ୍ତା | ବିଦ୍ୟାବିଦ୍ୟାଳୟରେ ଗ୍ରୀନ୍ ମୋବିଲିଟି ଡେ'

- ଗୋଟିଏ ଦିନ କ୍ୟାମ୍ପସରେ ପେଟ୍ରୋଲ ଗାଡ଼ିକୁ ନା'
- କ୍ୟାମ୍ପସରେ ସବୁଜ ଶକ୍ତିର ବ୍ୟବହାରକୁ ଗୁରୁତ୍ୱ



**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀଙ୍କ ଇନ୍ଧନ ସୁରକ୍ଷା ଆହ୍ୱାନ ପରେ ରାଜ୍ୟପାଳ ହରୀବାବୁ କମ୍ଭମପାଟି ସବୁ ବିଶ୍ୱବିଦ୍ୟାଳୟକୁ ଖର୍ଚ୍ଚକାଟ ସାଙ୍ଗକୁ ସବୁଜ ଶକ୍ତିର ବ୍ୟବହାର ବଢ଼ାଇବାକୁ ଚିଠି ଲେଖିଛନ୍ତି। ଦେଶର ଅର୍ଥନୈତିକ ସୁରକ୍ଷା ପାଇଁ ଶକ୍ତି ସୁରକ୍ଷା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଇନ୍ଧନ ସୁରକ୍ଷାର ଆହ୍ୱାନ ଦେଇଛନ୍ତି। ତେଣୁ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ଯୁବକଯୁବତୀ, ଯେଉଁମାନେ ଆଗାମୀକାଲିର ଭବିଷ୍ୟତ, ସେମାନେ ଏ ଦିଗରେ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି। ରାଜ୍ୟର ସବୁ ସରକାରୀ, ବେସରକାରୀ ଓ ଡିମ୍ଡ ବିଶ୍ୱବିଦ୍ୟାଳୟକୁ ରାଜ୍ୟପାଳ ଏହି ଚିଠି ଲେଖିଛନ୍ତି।

ବିଦ୍ୟାଳୟରେ ନିର୍ଦ୍ଦିଷ୍ଟ ଗୋଟିଏ ଦିନ ଗ୍ରୀନ ମୋବିଲିଟି ଡେ' ବା ସବୁଜ ଗମନାଗମନ ଦିନ ପାଳିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ସେଦିନ ବିଶ୍ୱବିଦ୍ୟାଳୟର କୌଣସି ଛାତ୍ରଛାତ୍ରୀ, କର୍ମଚାରୀ କିମ୍ବା ପ୍ରାଧ୍ୟାପକ ଇନ୍ଧନଚାଳିତ ଯାନ ବ୍ୟବହାର କରିବେ ନାହିଁ। ସେମାନେ ସାଇକେଲରେ, ଚାଲି ଚାଲି, ଇଭି ଗାଡ଼ି କିମ୍ବା ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିବେ। ବିଶ୍ୱବିଦ୍ୟାଳୟର ସବୁ ଛାତ୍ରଛାତ୍ରୀ, କର୍ମଚାରୀ ଓ ପ୍ରାଧ୍ୟାପକଙ୍କୁ ପ୍ରଦୂଷଣମୁକ୍ତ ଗାଡ଼ି ବ୍ୟବହାର କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ। ସବୁ ସମୟରେ ସରକାରୀ ଗାଡ଼ିର ବ୍ୟବହାର ହ୍ରାସ କରିବା ସହ ଯେତେ ସମ୍ଭବ ଶେୟାରିଂ ମୋଡ୍‌ରେ ଗାଡ଼ି ବ୍ୟବହାର କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ➪ପୃଷ୍ଠା-୬

## ସ୍କର୍ପିଓ-ବାଇକ ଧକ୍କା, ୩ ମୃତ

**ସମ୍ବଲପୁର,୧୬।୫(ସଂଚାର ବ୍ୟୁରୋ):** ଦୁଇ ଗାଡି ମୁହାଁମୁହିଁ ଭାବେ ଧକ୍କା ହେବା ଫଳରେ ୩ ଜଣଙ୍କର ମୃତ୍ୟୁ ଘଟିଛି। କୁଚିଣ୍ଡା ଥାନା ନିକଟସ୍ଥ ଫରେଷ୍ଟ ପାର୍କ ନିକଟରେ ସ୍କର୍ପିଓ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା। ଘଟଣାସ୍ଥଳରେ ୨ ବାଇକ ଆରୋହୀ ମୃତ ହୋଇଥିବା ବେଳେ ଜଣେ ଶିଶୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର ହେବା ସମୟରେ ଶିଶୁଟି ମୃତ୍ୟୁବରଣ କରିଛି। ବାଇକ ଆରୋହୀ କୁଚିଣ୍ଡା ମେଡିକାଲକୁ ନିଜ ସମ୍ପର୍କୀୟଙ୍କୁ ଭେଟି ଗାଁକୁ ଫେରୁଥିବା ସମୟରେ ଗୁଦଗୁଦାରୁ ସ୍କର୍ପିଓ କୁଚିଣ୍ଡା ଫରେଷ୍ଟ ପାର୍କ ନିକଟରେ ବାଇକ୍ ସହ ଧକ୍କା ହେଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ସ୍କର୍ପିଓରେ ସମସ୍ତେ ଫେରାର ଥିବା ବେଳେ ମୃତକଙ୍କୁ ପୁଲିସ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ସମୁଦ୍ର ମଝିରେ ସରିଲା ଡିଜେଲ୍, ଫସିଲେ ଶତାଧିକ ମତ୍ସ୍ୟଜୀବୀ



**ପିପିଲି,୧୬।୫(ସଂଚାର ବ୍ୟୁରୋ):** ସମ୍ପ୍ରତି ପେଟ୍ରୋଲ୍ ଓ ଡିଜେଲ୍ ଡିଜେଲ ଅଭାବରୁ ବିଭିନ୍ନ ସ୍ଥାନରେ ପେଟ୍ରୋଲ୍ ପମ୍ପ୍‌ରେ ଲମ୍ବାଧାଡ଼ି ଲାଗିଥିବା ଦେଖିବାକୁ ମିଳୁଛି। ସବୁଆଡ଼େ ତେଲକୁ ନେଇ ହାହାକର ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ସ୍ଥଳଭାଗ ପରି ଜଳଭାଗରେ ବି ସମାନ ସ୍ଥିତି ଦେଖିବାକୁ ମିଳିଛି। ମଝି ସମୁଦ୍ରରେ ଅଚାନକ ବୋଟ୍‌ରୁ ଡିଜେଲ୍ ସରିଯିବା ଫଳରେ ମତ୍ସ୍ୟଜୀବୀମାନେ ଫସିରହିଥିବା ଜଣାପଡ଼ିଛି। ଚିଲିକାକୁ ମାଛ ଧରିବାକୁ ଯାଇ କଣାସ ଅଞ୍ଚଳର କେତେକ ମତ୍ସ୍ୟଜୀବୀ ଫସିଛନ୍ତି। ଚିଲିକା ଭିତରେ ଥିବା ଛୋଟ ଟାପୁରେ ଆଶ୍ରୟ ନେଇଛନ୍ତି। କଣାସ ଜାଗୁଲାଇପଦରଠାରୁ ୮ କିମି ଦୂରରେ ଥିବା ଦୟାନଦୀ ମୁହାଣରେ ବି ଏକାଧିକ ଡଙ୍ଗା ତେଲ ଅଭାବରୁ କୂଳରେ ଲାଗିଛି। ଏପଟେ ଚିଲିକା ଭିତରେ କଣାସ ଅଞ୍ଚଳର ପ୍ରାୟ ୪୦ଟି ଡଙ୍ଗା ଓ ସେଥିରେ କାର୍ଯ୍ୟରତ ଥିବା ୧୦୦ରୁ ଅଧିକ ମତ୍ସ୍ୟଜୀବୀ ଏବେ ଚିନ୍ତାରେ ପଡ଼ିଛନ୍ତି। ତେଲ ଶେଷ ହୋଇଯାଇଥିବା ଯୋଗୁଁ ସେମାନେ ଘରକୁ ଫେରିପାରୁନାହାନ୍ତି।

### ସିବିଏସଇର ବଡ଼ ନିଷ୍ପତ୍ତି

# ନବମ ଓ ଦଶମରେ ୩ ଭାଷା ବାଧ୍ୟତାମୂଳକ





**ନୂଆଦିଲ୍ଲୀ,୧୬।୫:** କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ଏହାର ସ୍କୁଲ ପାଠ୍ୟକ୍ରମରେ ଶୁକ୍ରବାର ଏକ ବଡ଼ ଧରଣର ପରିବର୍ତ୍ତନ ଆଣିଛି। ଜାତୀୟ ବିଦ୍ୟାଳୟ ଶିକ୍ଷା ଢାଞ୍ଚା (ଏନସିଏଫଏସସି) ୨୦୨୩ ଓ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ସମନ୍ୱୟରେ ଅଣାଯାଇଥିବା ଏହି ପରିବର୍ତ୍ତିତ ବ୍ୟବସ୍ଥା ଅନୁଯାୟୀ, ଏଣିକି ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସକାଶେ ୩ଟି ଭାଷା ବାଧ୍ୟତାମୂଳକ ହେବ। ଏହା ଆସନ୍ତା ଜୁଲାଇ ୧ରୁ ଆରମ୍ଭ ହେବାକୁ ଥିବା ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁ କରଯିବ ବୋଲି ବୋର୍ଡ ପକ୍ଷରୁ ଜାରି ସର୍କୁଲାରରେ କୁହାଯାଇଛି। ନୂଆ ଶିକ୍ଷାବର୍ଷ ପାଇଁ ନବମ ଛାତ୍ର ୩ଟି ଭାଷାରେ ପାଠ ପଢ଼ିବେ। ଏହି ପରିବର୍ତ୍ତିତ ନିୟମ ଅନୁଯାୟୀ, ୩ଟି ଭାଷା ମଧ୍ୟରୁ ଅତି କମ୍‌ରେ ୨ଟି ଭାଷା ଭାରତୀୟ ହେବା ଜରୁରୀ। ତେବେ ଦଶମ ବୋର୍ଡ ପରୀକ୍ଷାରେ ତୃତୀୟ ➪ପୃଷ୍ଠା-୬

# ଭିଡ଼ କମିଛି, ସ୍ଥିତି କିନ୍ତୁ ସୁଧୁରୁନି



- କେଉଁଠି ଅଟୋ ଗଡୁନି ତ କେଉଁଠି ଅଳିଆ ଉଠୁନି
- ଭଞ୍ଜନଗର ପେଟ୍ରୋଲ ପମ୍ପ୍‌ରେ ଉତ୍ତେଜନା
- ସଙ୍କଟ ପାଇଁ ରବିବାର ଖୋଲା ରହିବ ଡିପୋ
- ସୋମବାର ସନ୍ଧ୍ୟା ସୁଦ୍ଧା ସ୍ୱାଭାବିକ ସମ୍ଭାବନା

**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ତେଲ ପାଇଁ ସାରା ରାଜ୍ୟରେ ଦେଖାଦେଇଥିବା ହାହାକାର ପରିସ୍ଥିତି ଭିତରେ ଆଜି ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ତଥାପି ବଡ଼ି ଭୋର୍‌ରୁ ଲୋକେ ପେଟ୍ରୋଲ ପମ୍ପ ଆଗରେ ଲାଇନ ଲଗାଇ ଛିଡ଼ା ହେଉଛନ୍ତି। ରାଜ୍ୟରେ ଏଭଳି ସ୍ଥିତି ପାଇଁ କିଏ ଦାୟୀ ତାହା ଏଯାଏଁ ସ୍ପଷ୍ଟ ହୋଇନି। ସବୁ ଦୋଷ ଲୋକଙ୍କ ଉପରେ ଲଦି ଦେଇ ଯୋଗାଣ ବିଭାଗ, ତୈଳ କମ୍ପାନୀ ଓ ପେଟ୍ରୋଲ ଟାଙ୍କି ମାଲିକ ନିଜ ଦୋଷ ଦୁର୍ବଳତାକୁ ଲୁଚାଇ ଦେଉଛନ୍ତି। ଗତକାଲି ଅପେକ୍ଷା ଆଜି ଭିଡ଼ ଟିକେ କମ୍ ରହିଛି। କମିବା ମଧ୍ୟ ସ୍ୱାଭାବିକ, କାରଣ ବହୁ ଟାଙ୍କିରେ ତେଲ ସରିବା ସ୍ଥିତିକୁ ଆସିଗଲାଣି। ଗ୍ରାମାଞ୍ଚଳରେ ଅନେକ ପେଟ୍ରୋଲ ପମ୍ପ ➪ପୃଷ୍ଠା-୬

# ତେଲ ପରେ ଦରବୃଦ୍ଧି ମାଡ଼

ତେଲ ସମସ୍ୟାରୁ ଲୋକେ ବାହାରି ନ ଥିବା ବେଳେ ସାଧାରଣ ଲୋକଙ୍କ ଉପରେ ପଡ଼ିଲାଣି ମହଙ୍ଗା ମାଡ଼। ମଧ୍ୟପ୍ରାଚ୍ୟ ଯୁଦ୍ଧର ଅସ୍ଥିରତା ଭିତରେ ବଢ଼ିଛି ଖାଇବା ତେଲ ଦାମ। ୧୫ କେଜି ପାମୋଲିନ ତେଲ ଦର ୨୪ ଶହ ଟଙ୍କାରୁ ଆଜି ୨୪ ଶହ ୯୫ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଗ୍ରେଡ ୱାନ୍ ସୋରିଷ ତେଲ ଦାମ୍ ୧୮୦ରୁ ୨୦୦ ଟଙ୍କା ଓ ସୂର୍ଯ୍ୟମୁଖୀ ତେଲ ଦର ୧୮୦ ଟଙ୍କା ଛୁଇଁଛି। ବ୍ୟବସାୟୀ ସଂଘର କହିବା କଥା ଯେ ଆମଦାନୀ ଶୁଳ୍କ ବଢ଼ିବାରୁ ଦର ବୃଦ୍ଧି ପାଇଛି। ଆମଦାନୀ ଶୁଳ୍କ ହ୍ରାସ ପାଇଁ ସରକାରଙ୍କ ସହଯୋଗ ଆବଶ୍ୟକ। ଏନେଇ ଆଲୋଚନା କରିବା ପାଇଁ ଦାବି କରିଛି ବ୍ୟବସାୟୀ ସଂଘ। ତେଲ ଦର ବୃଦ୍ଧି ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କ୍ଷେତ୍ରରେ ଗୁରୁତର ସମସ୍ୟା ଦେଖାଦେଇଛି। ତେଣୁ ସରକାର ହସ୍ତକ୍ଷେପ ନ କଲେ ଡିଲର୍ ପଏଣ୍ଟରେ ମାଲ ପହଞ୍ଚିବା କଷ୍ଟକର ହୋଇଯିବ। ଆଗକୁ ଏ ସମସ୍ୟା କିପରି ନ ହେବ, ସେଥିପ୍ରତି ସରକାର ଆଗୁଆ ପଦକ୍ଷେପ ନେବାକୁ ଦାବି କରିଛି ବ୍ୟବସାୟୀ ମହାସଂଘ।

## ଆମଦାନୀ ହେବନି ରୁପା ବାର୍



**ନୂଆଦିଲ୍ଲୀ,୧୬।୫:** ପଶ୍ଚିମ ଏସୀୟ ସଂକଟ ତଥା ମୂଲ୍ୟବାନ ଧାତୁ ଆମଦାନୀକୁ ନେଇ ସୃଷ୍ଟି ହୋଇଥିବା ଅସ୍ଥିରତା ପରିପ୍ରେକ୍ଷୀରେ କେତେକ ନିର୍ଦ୍ଦିଷ୍ଟ ବର୍ଗର ରୁପା ବାର ଆମଦାନୀ ଉପରେ କେନ୍ଦ୍ର ସରକାର ଆଜି କଟକଣା ଜାରି କରିଛନ୍ତି। ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫଟି) ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆଇଟିସି (ଏଚଏସ) ୨୦୨୨ ଆମଦାନୀ ବର୍ଗୀକରଣର ଅଧ୍ୟାୟ ୭୧ ଅନୁଯାୟୀ, ୯୯.୯ ପ୍ରତିଶତ ଶୁଦ୍ଧ ରୁପା ବାରକୁ 'ମୁକ୍ତ' ଶ୍ରେଣୀରୁ 'ପ୍ରତିବନ୍ଧିତ' ଶ୍ରେଣୀକୁ ସ୍ଥାନାନ୍ତରିତ ହୋଇଛି। ସେହିଭଳି ଅନ୍ୟ କେତେକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରୁପା ବାର୍‌କୁ ମଧ୍ୟ 'ପ୍ରତିବନ୍ଧିତ' ବର୍ଗରେ ସାମିଲ କରାଯାଇଛି। ଏଣିକି ରୁପାଜାତ ଉତ୍ପାଦଗୁଡ଼ିକର ଆମଦାନୀ ଅଧ୍ୟାୟ ୭୧ର ପଲିସି ସର୍ତ୍ତ ନମ୍ବର-୭ ଅନୁଯାୟୀ ନିୟନ୍ତ୍ରିତ ହେବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି ସଂଶୋଧନ ନୀତିରେ କୁହାଯାଇଛି। ଦେଶରେ ରୁପା ଆମଦାନୀର ତଦାରଖକୁ ସୁଦୃଢ଼ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଅଧିକାରୀମାନେ କହିଛନ୍ତି।



**କାନ ଡେରିଆ**

ନିଟ୍ ପେପର ଲିକ୍
ହେଲା ପରେ
ପେଟ୍ରୋଲ ମିଳିଲା ନାହିଁ
ଘଟଣାକୁ ଏଠି ଚପାଇ
ଦେବାକୁ
ପେଟ୍ରୋଲ ନାଟକ ଭାଇ
ରୋଗୀ ବଳି
ପଡୁଥାଇ...
ଆମ୍ବୁଲାନ୍ସ ପଛେ
ରାସ୍ତାରେ ଅଟକୁ
ଦେଖୁଥାନ୍ତି କିନ୍ତୁ ସାଇଁ ।

ଦେବାଶିଷ

# ସରକାରୀ ଉଦ୍ୟୋଗରେ ବୁଲିବ ଖର୍ଚ୍ଚକାଟ ଖଣ୍ଡା

## ସରକାର ମାଗିଲେ ନିଯୁକ୍ତି ତାଲିକା

## ମଉଳିଯାଉଛି ଥଇଥାନ ଆଶା





**ଭୁବନେଶ୍ୱର,୧୬।୫ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଖର୍ଚ୍ଚକାଟ ଖଣ୍ଡା ଏବେ ସରକାରୀ ଉଦ୍ୟୋଗରେ ବୁଲିବ। ରାଜ୍ୟ ସରକାର ଏହିସବୁ ଉଦ୍ୟୋଗଗୁଡ଼ିକରେ ୨୦୨୪ ଜୁନ୍‌ରୁ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ କେତେ ଲୋକ ନିଯୁକ୍ତି ପାଇଛନ୍ତି, ତା'ର ତୁରନ୍ତ ହିସାବ ଦେବାକୁ କହିବା ପରେ ଏଭଳି ଆଶଙ୍କା ପ୍ରକାଶ ପାଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଦେଖାଦେଇଥିବା ଆର୍ଥିକ ସଙ୍କଟର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେବା ପରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରୁଛନ୍ତି। ମୋଦିଙ୍କୁ ଅନୁସରଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ କାରକେଡ୍ ସଂଖ୍ୟା ଅଧାକୁ ହ୍ରାସ କରିଥିବା ବେଳେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜର କାରକେଡ୍ ଗାଡ଼ି ଫେରାଇଦେଲେଣି। ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ବସ୍‌ରେ ଯା'ଆସ କରିବେ ବୋଲି ଘୋଷଣା କରିଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମିତବ୍ୟୟିତା ପାଇଁ କର୍ମଚାରୀଙ୍କ ସକାଶେ ମାର୍ଗଦର୍ଶିକା ମଧ୍ୟ ଜାରି ହୋଇଛି।

ଏଭଳି ସ୍ଥିତିରେ ରାଜ୍ୟ ସରକାର ସରକାରୀ ଉଦ୍ୟୋଗଗୁଡ଼ିକରେ ନିଯୁକ୍ତି ସଂକ୍ରାନ୍ତରେ ସୂଚନା ତୁରନ୍ତ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ସହ ଏଥିପାଇଁ ଫର୍ମାଟ୍ ଜାରି କରିଥିବାରୁ ଏବେ ସେଠାରେ ନିଶ୍ଚିତ ଭାବେ ଖର୍ଚ୍ଚକାଟ ଖଣ୍ଡା ବୁଲିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅଧିକାଂଶ ସରକାରୀ ଉଦ୍ୟୋଗ ଲାଭ କରୁଥିବା ବେଳେ ସେଠାରେ ମାଳ ମାଳ ଠିକା କର୍ମଚାରୀ ରହିଛନ୍ତି। ଏପରିକି ଓପିଜିସି ଭଳି ସଂସ୍ଥାରେ ମାର୍କେଟ ବେସଡ୍ ସାଲାରି (ଏମବିଏସ୍) ମୋଟା ଅଙ୍କର ନେଉଥିବା ମାଳ ମାଳ କର୍ମଚାରୀ ବି ରହିଛନ୍ତି। ରାଜ୍ୟ ସରକାର ଏବେ ଖର୍ଚ୍ଚକାଟମୁହାଁ ହୋଇଥିବା ବେଳେ ଏହିସବୁ ସରକାରୀ ଉଦ୍ୟୋଗ କର୍ମଚାରୀଙ୍କ ତାଲିକା ମିଳିଲେ ସେଠାରେ କିଭଳି ଖର୍ଚ୍ଚକାଟ କରାଯିବ, ସେଥିପାଇଁ ପ୍ରସ୍ତୁତି ଚାଲିଥିବା ଆଲୋଚନା ହେଉଛି। ବିଶେଷକରି ଏଠାରେ କେତେ ନିୟମିତ ଓ କେତେ ଠିକା କର୍ମଚାରୀ ରହିଛନ୍ତି ଏବଂ ଏମାନେ ଗାଡ଼ି ବାବଦରେ କେତେ ଅର୍ଥ ବ୍ୟୟ କରୁଛନ୍ତି, ତାହାର ତର୍ଜମା କରାଯିବ।

ତେବେ ରାଜ୍ୟ ସରକାର ଏଭଳି ତାଲିକା ମାଗିଲା ପରେ ସରକାରୀ ଉଦ୍ୟୋଗଗୁଡିକରେ ନିଯୁକ୍ତି ପାଇଁ ସଜବାଜ ହୋଇ ➪ପୃଷ୍ଠା-୬

# ପୁଲିସ ପଞ୍ଝାରେ ଗଞ୍ଜେଇ ମାଫିଆ

## ୬୮ କେଜି ଗଞ୍ଜେଇ ଜବତ




ଆଳି,୧୬।୫(ସଂଚାର ବ୍ୟୁରୋ): ଆଳି ପୋଲିସ ପଞ୍ଝାରେ ଗଞ୍ଜେଇ ମାଫିଆ । ଆଳି ପୋଲିସକୁ ମିଳିଛି ବଡ଼ ସଫଳତା । କନ୍ଧମାଳରୁ ଏକ କାରରେ ୬୮ କେଜିରୁ ଉର୍ଦ୍ଧ ଗଞ୍ଜେଇ ନେଇ ଆଳିକୁ ଆସୁଥିବା ଏକ ରାକେଟକୁ ଆଳି ପୋଲିସ କାବୁ କରିଛି। ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଥିବା ବେଳେ ଗଞ୍ଜେଇ ଜବତ ହୋଇଥିବା ନେଇ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ମୁତାବକ କନ୍ଧମାଳ ଜିଲ୍ଲାରୁ କେନ୍ଦ୍ରାପଡ଼ା ଜିଲ୍ଲା ଆଳିକୁ ଓଡି ୩୩ଏପି ୬୪୫୭ କାରରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଆଳି ଆଇଆଇସି ଖବର ପାଇ ତେଲିପାଟଣା ନିକଟରେ ଧରିଥିଲେ । ଏହି ଗାଡିର ଡ଼ିକିରେ ୪ଟି ବ୍ୟାଗରେ ଗଞ୍ଜେଇ ଥିବା ଦେଖିବା ପରେ ଗାଡିକୁ ଥାନାକୁ ଅଣା ଯାଇଥିଲା। ଥାନାରେ ଗାଡି ଜବତ କରାଯିବା ସହ ଗାଡ଼ିରେ ଥିବା ୬୮ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଗଂଜେଇର ବଜାର ମୂଲ୍ୟ ପାଞ୍ଚ ଲକ୍ଷରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ଏହି ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତି ଥିବା କନ୍ଧମାଳ ଜିଲ୍ଲାର ଭାସ୍କର ମଲିକ,ଶମ୍ଭୁ ଦିଗଲ ଓ ରଘୁନାଥ ପୁଝାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ସେମାନଙ୍କ ନିକଟରୁ ୨୯୦୦ ଟଙ୍କା ଓ ମୋବାଇଲ ଜବତ କରାଯାଇଛି । ଆଳି ପୋଲିସ ପକ୍ଷରୁ କେସ ନଂ ୨୦୬/୨୬ ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ନେଇ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

### ଲଭ, ସେକ୍ସ, ଧୋକ୍କା

# ଅଶ୍ଳୀଳ ଭିଡିଓରେ ବ୍ଲାକମେଲ୍, ୨ ଗିରଫ



ବାଲିକୁଦା, ୧୬।୫ (ସଂଚାର ବ୍ୟୁରୋ): ଇନ୍ଷ୍ଟାଗ୍ରାମ୍ ଫେସବୁକ ମାଧ୍ୟମରେ ବିଭିନ୍ନ କଲେଜ୍ଛାତ୍ରୀ ମାନଙ୍କୁ ନିଜର ନକଲି ପରିଚୟ ଦେଇ ପ୍ରେମଜାଲରେ ଫସାଇ କିଛିଦିନର ସମ୍ପର୍କ ପରେ ସେମାନଙ୍କ ସହ ଶାରୀରିକ ସମ୍ପର୍କ ମୁହୁର୍ତ୍ତର ଭିଡ଼ିଓ ଉତ୍ତୋଳନ କରିବା ପରେ ସେମାନଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଦୁଇ ଭାଇ ସେହି ଅର୍ଥରେ ଦାମୀ ମୋବାଇଲ୍ କିଣିଥିଲେ ମଉଜମଜଲିସ କରିବା ସହିତ ବାବୁ ଅୟେସ କରୁଥିଲେ। ଏଭଳି ସ୍ଥିତିରେ ଜଣେ ପୀଡ଼ିତା କଲେଜ୍ ଛାତ୍ରୀଙ୍କ ସାହସ ଓ ବୁଦ୍ଧି ଯୋଗୁଁ ଅୟେସ କରୁଥିବା ଦୁଇଭାଇ ଧରା ପଡ଼ିଗଲେ ପୁଲିସ ହାତରେ। ଜଗତସିଂହପୁରର ଏହି ବ୍ୟସନାଭିଳାସୀ ଦୁଇଭାଇ ବାଲିକୁଦା ଥାନା ଅଧୀନ ଇଚ୍ଛାପୁର ଗ୍ରାମର ଜ୍ଞାନ ରଂଜନ ନାୟକ ଓ ବିଶ୍ୱ ରଞ୍ଜନ ନାୟକ । ୨୦୧୪ ମସିହାରେ ପିଡିତା ଯୁବତୀଙ୍କ ସହ ଜ୍ଞାନରଞ୍ଜନଙ୍କ ଇନଷ୍ଟାଗ୍ରାମରେ ପରିଚୟ ହୋଇଥିଲା। ପରେ ଜ୍ଞାନରଞ୍ଜନ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ସମୟର ଭିଡିଓ ରଖି ଯୁବତୀଙ୍କୁ ଅନେକ ଥର ବଳାତ୍କାର କରି ଅନେକ ଥର ଗର୍ଭପାତ କରେଇଥିଲା। ପରେ ଜ୍ଞାନରଞ୍ଜନ ଓ ତାର ଭାଇ ବିଶ୍ୱରଞ୍ଜନ ପିଡିତାକୁ ବାରମ୍ବାର ଦୁଷ୍କର୍ମ କରି ନିର୍ଯ୍ୟାତନା ଦେବା ସହ ବ୍ଲାକମେଲିଙ୍ଗ କରି ହତ୍ୟା କରିବାକୁ ଯୋଜନା କରିଥିଲେ।

ପିଡିତା ଶେଷରେ ଅନ୍ୟ ଉପାୟ ନ ପାଇ ଜଗତସିଂହପୁର ପୁଲିସର ଶରଣ ପଶିଥିଲେ। ଅଭିଯୋଗ ଆଧାରରେ ଜଗତସିଂହପୁର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ଜଗତସିଂହପୁର ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଦୁଇଟି ମୂଲ୍ୟବାନ ମୋବାଇଲ ଜବତ କରିବା ସହ ଲକ୍ଷାଧିକ ଟଙ୍କା ଜବତ କରିଛନ୍ତି। ଆଜି ଅଭିଯୋଗ କାରୀ ପିଡିତାଙ୍କ ଡାକ୍ତରୀ ପରୀକ୍ଷା ଓ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଜଗତସିଂହପୁର ପୋଲିସ ପକ୍ଷରୁ ସୂଚନା ଦେଇଛନ୍ତି ।

# ଟ୍ରକ୍ ଚୋରକୁ ଧରିଲା କୋରେଇ ପୁଲିସ




କୋରେଇ, ୧୬।୫ (ସଂଚାର ବ୍ୟୁରୋ): ଜିଲ୍ଲାରେ ଦିନକୁ ଦିନ ବଢୁଥିବା ଚୋରି ଘଟଣାକୁ ନେଇ ଚିନ୍ତା ବଢୁଥିବା ବେଳେ, ଏବେ କୋରେଇ ପୋଲିସକୁ ଏନେଇ ମିଳିଛି ବଡ଼ ସଫଳତା । କୋରେଇ ପୋଲିସ ଏକ ବଡ଼ ଚୋର ଗ୍ୟାଙ୍ଗକୁ ଧରିବା ସହ ଜଣେ ନାବାଳକ ସମେତ ୫ ଜଣଙ୍କୁ ଗିରଫ କରିଛି । ପୋଲିସର ସୂଚନା ଅନୁଯାୟୀ, ଚଳିତ ମାସ ୧୪ତାରିଖରେ, ଓ୍ୱେଷ୍ଟ ବେଙ୍ଗଲ ଅଂଚଳର ମଙ୍ଗଲ ସିଂ ମୁରା (୪୦), ଟ୍ରକଗାଡ଼ି ନଂ (ଜେ.ଏଚ୍.୦୫ ଡି.ପି୬୭୦୦) ଗାଡ଼ିକୁ ଏନଏଚ-ନଂ- ୨୦ ଯାଜପୁର ରୋଡ୍, ପାଣିକୋଇଲି ରାସ୍ତାରେ ଯାଉଥିବା ବେଳେ ବେଣାପୁର ଗୋଲେଇ ଛକରେ ଦୁଇଜଣ ଦୃବୃତ ସ୍କୁଟି ଗାଡିରେ ଆସି ଟ୍ରକ ଗାଡ଼ିକୁ ଅଟକାଇ ଗାଡ଼ି ଚାଳକକୁ ନେଇଯାଇ ଟ୍ରକଟିକୁ ନେଇଯାଇଥିଲେ। ଗାଡ଼ି ଚାଳକ ମଙ୍ଗଲ ସିଂ ମୁରା କୋରେଇ ଥାନାରେ ଅଭିଯୋଗ କରିଥିଲେ।

କୋରେଇ ପୋଲିସ କେସ ନଂ -୧୯୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତକୁ ଜୋରଦାର କରିଥିଲା। ଚୋରିର କିଛି ଘଂଟା ପରେ ପରେ କୋରେଇ ଥାନା ଅଧିକାରୀ ଶ୍ରୀ ରାକେଶ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଏହି ଟ୍ରକ ଚୋରିରେ ସାମିଲ ଥିବା ୪ଜଣଙ୍କ ସହ ଜଣେ ନାବାଳକକୁ ଗିରଫ କରିଛି। ଅଭିଯୁକ୍ତ ମାନେ ହେଲେ ଛୋଟରାପୁର ଗ୍ରାମର ରଘୁନାଥ ଦାସ, କୁଆଖିଆ ନୁଆହାଟ ଜାବରାର ଗ୍ରାମର ଦିନେଶ ଦାସ, କୋରେଇ ଖରଜବଟିରା ଗ୍ରାମର ଶୁଭକାନ୍ତ ନନ୍ଦ, ଛତିଆ ରଙ୍ଗିଦାସପୁର ଗ୍ରାମର କଳ୍ପତରୁ ରାଉତ ଓ କୋରେଇ ପିଣ୍ଡୁଳା ଗ୍ରାମର ଓମ୍ ପ୍ରକାଶ ସାହୁ ପ୍ରମୁଖ ହୋଇଥିବା ବେଳେ ସେମାନଙ୍କ ନିକଟରୁ ଚୋରି ଟ୍ରକ ଜବତ କରାଯାଇଥିବା ବେଳେ ଆଉଗୋଟିଏ ଟାଟା-୭୧୦ ଟ୍ରକ ଧରାଯିବା ସହ ୨ଟି ବାଇକ୍ ୫ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲଗାତାର ବଢୁଥିବା ଚୋରି ଘଟଣା ମଧ୍ୟରେ ଏହି କାର୍ଯ୍ୟାନୁଷ୍ଠାନକୁ ପୋଲିସର ବଡ଼ ସଫଳତା ବୋଲି ଧରାଯାଉଛି।

## ପାଟକୁରା ରାଜନୀତି ସରଗରମ

# ୨୦୨୯ ପୂର୍ବରୁ ବଦଳୁଛି ସମୀକରଣ

କେନ୍ଦ୍ରାପଡ଼ା/ଗରଦପୁର,୧୬।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ରାଜନୀତି ଏବେଠାରୁ ସରଗରମ ହୋଇଉଠିଛି । ୨୦୨୯ ନିର୍ବାଚନକୁ ନେଇ ବିଭିନ୍ନ ଦଳ ଭିତରେ ଚାଲିଛି ରଣନୀତି, ଗୋଷ୍ଠୀ ସମୀକରଣ ଓ ନୂଆ ନେତୃତ୍ୱ ଖୋଜ। ଏଥର ପାଟକୁରାରେ ବିଜେଡି ଓ ବିଜେପି ପାର୍ଟି ମଧ୍ୟରେ ମହାଲଢ଼େଇ ହେବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟ ପଛରେ ନ ରହି ନିଜର ପୁରୁଣା ସ୍ଥିତି ଫେରାଇବାକୁ ଉଦ୍ୟମ ଚଳାଇଛି ।

ରାଜନୈତିକ ମହଲରେ ଏବେ ଅନେକ ନାଁ ଚର୍ଚ୍ଚାରେ ରହିଛି । ଅରବିନ୍ଦ ମହାପାତ୍ର, ତେଜେଶ୍ୱର ପରିଡ଼ା, ମାନସ ମହାନ୍ତି, ଶୁଭଙ୍କର ନାୟକ, ପ୍ରକାଶ ନାୟକଙ୍କ ନାଁକୁ ନେଇ ଚା ଖଟିଠାରୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚର୍ଚ୍ଚା ଚାଲିଛି । କିଏ କେଉଁ ଦଳରୁ ମୈଦାନକୁ ଆସିବେ ଓ କିଏ କାହା ସହ ହାତ ମିଳାଇବେ, ତାହାକୁ ନେଇ ଏବେଠାରୁ ରାଜନୈତିକ ହିସାବ କିତାବ ଆରମ୍ଭ ହୋଇଯାଇଛି ।

ବିଶେଷ କରି ବିଜେଡ଼ିରୁ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ପରେ ପାଟକୁରା ବିଜେଡ଼ି ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହୋଇଛି । ତାଙ୍କ ଶୂନ୍ୟ ସ୍ଥାନକୁ କିଏ ପୂରଣ କରିବେ, ତାହାକୁ ନେଇ ଦଳ ଭିତରେ ଚର୍ଚ୍ଚା ବଢ଼ିଛି । ତାହା ସହ ଅରବିନ୍ଦଙ୍କ ବିଜେପି ମୁହାଁ ହେବା ନେଇ ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଯଦି ସେଭଳି ହୁଏ, ତେବେ ପାଟକୁରାର ରାଜନୈତିକ ଚିତ୍ର ଆଉ ଅଧିକ ରୋଚକ ହୋଇପାରେ । ଅନ୍ୟପଟେ ତେଜେଶ୍ୱରଙ୍କୁ ନେଇ ମଧ୍ୟ ବଢୁଛି ସସ୍ପେନ୍ସ । ସେ ବିଜେପିରେ ରହିବେ କି ନୂଆ ରାସ୍ତା ଖୋଜିବେ — ଏହାକୁ ନେଇ ସମର୍ଥକ ଓ ବିରୋଧୀ ଦୁହିଁ ଶିବିରରେ ଚର୍ଚ୍ଚା ଲାଗିରହିଛି ।

ସେପଟେ ପାଟକୁରାରେ ବିଜେଡ଼ିର ସଂଗଠନକୁ ଆଗାମୀ ଦିନରେ କିଏ ସମ୍ଭାଳିବେ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି । ଅତନୁ ନା ରାଜେଶ— କାହା ଉପରେ ଦଳ ଆଗାମୀ ଦିନରେ ଭରସା କରିବ, ତାହାକୁ ନେଇ କର୍ମୀମାନଙ୍କ ମଧ୍ୟରେ ଉତ୍ସୁକତା ବଢୁଛି।

ପଟକୁରାର ବିଧାୟକ ଅରବିନ୍ଦ ମହାପାତ୍ର ମଧ୍ୟ ଲୋକ ମାନଙ୍କ ପାଖରେ ପହଂଚି ଅଂଚଳର ସୁବିଧା ବୁଝିବା ସହ ରାସ୍ତାଘାଟ ସୁଭିଧା ସହ କୋଟି କୋଟି ଟଙ୍କାର ଶିଳାନ୍ୟାସ କରି ଅନେକ ଲୋକାଭିମୁଖୀ କାର୍ଯ୍ୟ କରିବା ନଜରକୁ ଆସୁଛି। ଯେଉଁ କାର୍ଯ୍ୟ ଅନେକ ବର୍ଷରୁ ହୋଇ ପାରୁନଥିଲା ତାହା ମଧ୍ୟ ପୂରଣ କରି ଅଞ୍ଚଳ ବାସୀଙ୍କ ପ୍ରଶଂସା ସାଉଁଠୁଛନ୍ତି।

ଦେଖିବାକୁ ଗଲେ ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ଏବେଠାରୁ ନିର୍ବାଚନୀ ଚର୍ଚ୍ଚା ଜମିବାରେ ଲାଗିଛି । ପାଟକୁରାର ଭୋଟର ଏଥର କେବଳ ଦଳୀୟ ଚିହ୍ନ ନୁହେଁ, ନେତାଙ୍କ ସକ୍ରିୟତା, ଲୋକସମ୍ପର୍କ ଓ ଅଞ୍ଚଳ ପାଇଁ କାମକୁ ଆଧାର କରି ନିଷ୍ପତ୍ତି ନେଇପାରନ୍ତି ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି। ୨୦୨୯ ପୂର୍ବରୁ ପାଟକୁରା ରାଜନୀତିରେ ଆଉ ଅନେକ ନୂଆ ମୋଡ଼ ଦେଖିବାକୁ ମିଳିପାରେ ।

## ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ର ଦୁର୍ନୀତି ଘଟଣା

# କାର୍ଯ୍ୟାନୁଷ୍ଠାନ ବଦଳରେ ଆପୋଷ ସମାଧାନ ପାଇଁ ମସୁଧା



ଆଳି,୧୬।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ ଅଧିନ ମହୁ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନିର୍ଦ୍ଦେଶରେ ଗୁରୁବାର ଏକ ଟିମ୍ ମହୁ ଗ୍ରାମରେ ପହଞ୍ଚିଥିଲା। ପ୍ରଶାସନ ପକ୍ଷରୁ ଗଠିତ ଏହି ଟିମ୍‌ରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଆଳି ତହସିଲଦାର ସୁମନ ଘୋଷ, ସି.ଡି.ପି.ଓ ମାମିନାବାଳା ପଣ୍ଡା ଏବଂ ଡେପୁଟି କଲେକ୍ଟର ଇପସିତା ପ୍ରିୟଦର୍ଶିନୀ ଗ୍ରାମରେ ପହଞ୍ଚି ଗ୍ରାମବାସୀ ଓ ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ।

ତଦନ୍ତ ବେଳେ ଜଣାପଡିଥିଲା ଯେ କମ ସଂଖ୍ୟକ ପିଲା କେନ୍ଦ୍ରକୁ ଆସୁଥିବା ବେଳେ ଅଧିକ ସଂଖ୍ୟକ ପିଲାଙ୍କ ଉପସ୍ଥାନ ଦର୍ଶାଇ ଅର୍ଥ ହଡ଼ପ କରାଯାଇଥିବା ବେଳେ ଗାଁ କଲ୍ୟାଣ ପାଇଁ ଆସୁଥିବା ଅର୍ଥ ହେରଫେର, ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଖେଳନା, ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ନକିଣି ଫର୍ଜି ବିଲ ପ୍ରସ୍ତୁତ କରି ଅର୍ଥ ହଡ଼ପ କରିଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ଏଥିସହିତ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏଲଇଡି ଟିଭି ଓ ଇନଭର୍ଟରକୁ ଅଙ୍ଗନବାଡ଼ି କର୍ମୀ ଗାଏବ କରି ମିଛରେ ଚୋରି ହୋଇଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ମାନ ଆସିଥିଲେ। ଅଭିଯୋଗକାରୀ ଦୁଷ୍ମନ୍ତ ତଦନ୍ତକାରୀ ଟିମ୍‌କୁ ଅଙ୍ଗନବାଡି କେନ୍ଦ୍ରରେ ହୋଇଥିବା ଦୁର୍ନୀତି ସମ୍ପର୍କିତ ସମସ୍ତ କାଗଜପତ୍ରର ପ୍ରମାଣ ଦେଖାଇଥିଲେ।

ତଦନ୍ତକାରୀ ଅଧିକାରୀମାନେ ଦୁର୍ନୀତିର ଆଇନଗତ କାର୍ଯ୍ୟାନୁଷ୍ଠାନ ବଦଳରେ ଗ୍ରାମରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ସିଡିପିଓ ଗ୍ରାମବାସୀଙ୍କ ଉପରେ ଚାପ ପକାଇଥିବା ନେଇ ପ୍ରମାଣ ମଧ୍ୟ ପ୍ରଦାନ କରାଯାଇଥିଲା।

ଅନ୍ୟପକ୍ଷରେ ଏ ବାବଦରେ ଦୁଷ୍ମନ୍ତଙ୍କୁ ପଚାରିବାରୁ ଦୁଷ୍ମନ୍ତ କହିଛନ୍ତି ତଦନ୍ତକାରୀ ଅଧିକାରୀ ମାନେ ହୋଇଥିବା ଦୁର୍ନୀତିର ସରକାରୀ ସହାୟତା ଲୁଟ ଘଟଣାରେ ତଦନ୍ତ ନକରି ପୂର୍ବରୁ ସରକାରୀ ଅଧିକାରୀ ମାନେ ଯେମିତି ଦୁର୍ନୀତିକୁ ଚପାଇ ରଖିଛନ୍ତି ଏବେ ଏହି ତଦନ୍ତକାରୀ ଦଳ ଦୁର୍ନୀତି ଘଟଣାକୁ ଚପାଇ ରଖି କେନ୍ଦ୍ରାପଡ଼ା ଜିଲ୍ଲାପାଳ କହିଥିବା କଥାକୁ ସତ ସାବ୍ୟସ୍ତ କରିବାକୁ ପ୍ରୟାସ କରିଥିଲେ ବୋଲି କହିଛନ୍ତି । ତଦନ୍ତ ନାମରେ ଏହା ଏକ ପ୍ରହସନ ଥିଲା । ଦୁର୍ନୀତି ହୋଇଥିବା ନେଇ ପ୍ରମାଣ ସହିତ ଅଭିଯୋଗ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିବାଟା କେମିତି ବ୍ୟକ୍ତି ଗତ ସମସ୍ୟା ହେଲା ବୋଲି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମେତ ଏହି ତଦନ୍ତ କାରୀ ଅଧିକାରୀମାନଙ୍କୁ ଦୁଷ୍ମନ୍ତ ପ୍ରଶ୍ନ କରିଛନ୍ତି । ଏଥିସହିତ ଏହି ସରକାରୀ ସହାୟତା ଲୁଟ ଘଟଣାରେ ଯଦି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ ତାଙ୍କୁ ଏକମାସ ଭିତରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇ ଅନଶନରୁ ଉଠାଇଥିବା ଆଳି ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁନର୍ବାର ଅନଶନରେ ବସିବେ ବୋଲି ଦୁଷ୍ମନ୍ତ ଚେତାବନୀ ଦେଇଛନ୍ତି ।

# ଟ୍ରାନ୍ସଫର୍ମର ପାଲଟିଛି ମରଣଯନ୍ତା

## ନିରବଦ୍ରଷ୍ଟା ସାଜିଛି ବିଦ୍ୟୁତ ବିଭାଗ



ମହାକାଳପଡ଼ା, ୧୬।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରେଶ୍ୱର୍ପୁର (ବାଲି) ଗ୍ରାମର ମଧ୍ୟସ୍ଥଳରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦର କାରଣ ପାଲଟିଛି। ଅସୁରକ୍ଷିତ ଭାବେ ଛକ ଉପରେ ଥିବା ଏହି ମୁକୁଳା ଟ୍ରାନ୍ସଫର୍ମର ଯୋଗୁଁ ବିଭିନ୍ନ ସମୟରେ ଅନେକ ଗାଈଗୋରୁ ଦୁର୍ଘଟଣାର ଶିକାର ହେଉଛନ୍ତି। କିନ୍ତୁ ସବୁ ଜାଣିଶୁଣି ବିଦ୍ୟୁତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହୋଇଛି। ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଏଠାରେ ପ୍ରତିଦିନ ଶହ ଶହ ଲୋକ ଓ ଗୃହପାଳିତ ପଶୁ ଚଳପ୍ରଚଳ କରନ୍ତି। ହେଲେ ବିଭାଗ ତରଫରୁ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ତୁରନ୍ତ ଏହି ଟ୍ରାନ୍ସଫର୍ମର ଚାରି ପଟେ ସୁରକ୍ଷା ବାଡ଼ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।ଯଦି ଆଗାମୀ ଦିନରେ ବିଭାଗ କୌଣସି ପଦକ୍ଷେପ ନନିଏ, ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# କରିଲୋପାଟଣାରେ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ବାର୍ଷିକ ମେଳା ଅନୁଷ୍ଠିତ



କେନ୍ଦ୍ରାପଡ଼ା,୧୬।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା କରିଲୋପାଟଣା ଗ୍ରାମସ୍ଥିତ ଲୁଣା କରାଣ୍ଡିଆ ନଦୀ ତଟରେ ଥିବା ଶ୍ରୀ ଭକ୍ତ ରାମଦାସ ମଠରେ ଓଁ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଏକାକ୍ଷର ୫ମ ବାର୍ଷିକ ମେଳା ଦୁଇ ଦିନ ଧରି ଭକ୍ତିଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମେଳାର ପ୍ରଥମ ଦିନ ନେମାଳସ୍ଥିତ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଗାଦିରୁ ଆଜ୍ଞାମାଳା ଆସି ପହଞ୍ଚିଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବାବା ସରତ ବାବାଙ୍କ ନେତୃତ୍ୱରେ ଓ ଦୋଳ ବାବା ଜନ୍ମଜୟ ବାବାଙ୍କ ସହଯୋଗରେ ସଫଳତାର ସହ ଆୟୋଜିତ ହୋଇଥିଲା।

ମେଳାକୁ ସଫଳ କରିବାରେ ସଭାପତି ନିମାଇଁ ସାହୁ, ରବିନାରାୟଣ ସାହୁ, ଦୀପକ ରାଉତ, ଅଜିତ ନାୟକ, ସନ୍ତୋଷ ଦଳାଇ, ଅମିତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ଗ୍ରାମବାସୀମାନଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା।

ଏହି ମେଳାରେ ଆଖପାଖ ଅଞ୍ଚଳ ସହ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ମହାପୁରୁଷଙ୍କ କୃପା ଲାଭ କରି ଆଧ୍ୟାତ୍ମିକ ପରିବେଶରେ ଭକ୍ତିମୟ ଅନୁଭୂତି ଅର୍ଜନ କରିଥିଲେ।

# ମେଧାବୀ ଛାତ୍ରୀ ଶୁଭଲକ୍ଷ୍ମୀ ନାୟକ ସମ୍ବର୍ଦ୍ଧିତ



ଗରଦପୁର, ୧୬।୫(ସଂଚାର ବ୍ୟୁରୋ): ଶ୍ରୀ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ , ବସନ୍ତପୁର ତରଫରୁ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ତେଣ୍ଡାକୁଡା ଫଜଲ୍ ହକ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭ ଲକ୍ଷ୍ମୀ ନାୟକ ଏ-୧ ଗ୍ରଡ୍ ପାଇ ଉତ୍ତୀର୍ଣ୍ଣ ହୋଇଥିବାରୁ ଏବଂ ଆମ ଅଞ୍ଚଳବାସୀ ଗୌରବ ଆଣି ଥିବାରୁ ତାଙ୍କୁ ଉତ୍ତରୀୟ ଓ ପୁରସ୍କାର ଦିଆଗଲା । ପରିଚାଳନା ଟ୍ରଷ୍ଟି ଡଃ. ରୁଦ୍ର ମହାନ୍ତି , ପୁର୍ବତନସରପଞ୍ଚ ରବୀନ୍ଦ୍ର ମହାପାତ୍ର ,ଚଣ୍ଡି ପ୍ରସାଦ ମହାନ୍ତି , ଅଶ୍ୱିନି ରାୟ, ରଂଜିତ ମହାନ୍ତି, ଧିରେନ ମହାରାଜ, ଯଦୁନାଥ ଦାଶ, ସଂଯୁକ୍ତା ବିଶ୍ୱାଳ, କମଳ ମହାନ୍ତି ପ୍ରମୁଖ ସାଇ ମନ୍ଦିରରେ ଉପସ୍ଥିତ ଥିଲେ ।

# ବିରଜା ମନ୍ଦିର ସମ୍ମୁଖରେ 'ସଂଗ୍ରାମ ସେନା'ର ପଣା ଓ ପାଣି ବଣ୍ଟନ



ଯାଜପୁର ଟାଉନ, ୧୬।୫ (ସଂଚାର ବ୍ୟୁରୋ): ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ ପାଇଁ ଶନିବାର ସକାଳୁ ହିଁ ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ଼ ଜମିଥିଲା। ତିବ୍ର ଖରା ଓ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଶ୍ରଦ୍ଧାଳୁମାନଙ୍କ ସେବା ପାଇଁ ଆଗକୁ ଆସିଥିଲା "ସଂଗ୍ରାମ ସେନା"। ମନ୍ଦିର ସମ୍ମୁଖରେ ସଂଗଠନ ପକ୍ଷରୁ ଜଳଛତ୍ର ଆୟୋଜନ କରାଯାଇ ଭକ୍ତମାନଙ୍କୁ ପଣା, ଶୀତଳ ପାଣି ଓ ବିଭିନ୍ନ ପାନୀୟ ବଣ୍ଟନ କରାଯାଇଥିଲା।ସକାଳୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟରେ ସଂଗ୍ରାମ ସେନାର ଯୁବ ସଦସ୍ୟମାନେ ଉତ୍ସାହର ସହ ନିଜକୁ ନିୟୋଜିତ କରିଥିଲେ। ଭକ୍ତମାନେ ଧାର୍ମିକ ଉତ୍ସାହରେ ମା' ବିରଜାଙ୍କ ଦର୍ଶନ କରିବା ସହ ସଂଗଠନର ଏହି ସେବାଭାବକୁ ଭୁରିଭୁରି ପ୍ରଶଂସା କରିଥିଲେ।

# ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ପଟ୍ଟାମୁଣ୍ଡାଇ, ୧୬।୫ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଂଚାୟତ ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ଏହି ଉପଲକ୍ଷେ ରୌପ୍ୟ ଜୟନ୍ତୀ କମିଟି ସଭାପତି ସଂଗ୍ରାମ ସାମଲ ଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ କମିଟିର ଉପସଭାପତି କମଳ ଲୋଚନ ସାହୁ, ସମ୍ପାଦକ ଅବିନାଶ ପ୍ରଧାନ, ଉପସମ୍ପାଦକ କ୍ଷୀରୋଦ ବେହେରା ନାରାୟଣ ପ୍ରସାଦ ରାଉତ, ସମୀର କୁମାର ପ୍ରଧାନ, କାହ୍ନୁ ଚରଣ ପଣ୍ଡା ବିଭୁ ପ୍ରସାଦ ସାହୁ ନିରୋଦ ନଳିନୀ ମହାନ୍ତିଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଭାଗ ନେଇ ଥିଲେ। ରୌପ୍ୟ ଜୟନ୍ତୀ ଉତ୍ସବକୁ ସବୁ ମତେ ସଫଳ କରିବା ପାଇଁ ସମସ୍ତେ ସକ୍ରିୟ ସହଯୋଗ କରିବାକୁ ଉପସଭାପତି ଶ୍ରୀ ସାହୁ ନିବେଦନ କରିଥିଲେ । ରୌପ୍ୟ ଜୟନ୍ତୀ କମିଟି ସଭାପତି ଶ୍ରୀସାମଲ ଭଜନେଶ୍ୱର ହାଇସ୍କୁଲ ଏ ଅଂଚଳର ଶିକ୍ଷା ବ୍ୟବସ୍ଥାର ମୂଳଦୁଆ। ଏହି ଗୌରବମୟ ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ହାଇସ୍କୁଲ ପ୍ରତିଷ୍ଠାକୁ ୩୫ବର୍ଷ ହୋଇଯାଇଥିଲେ ମଧ୍ୟ ରୌପ୍ୟ ଜୟନ୍ତୀ ପାଳନ ହୋଇ ପାରିନଥିବାରୁ ଏହି ଗୌରବମୟ ଶିକ୍ଷାନୁଷ୍ଠାନର ଗାରିମା ବୃଦ୍ଧି କରିବା ପାଇଁ ଏବେ ସମସ୍ତଙ୍କ ସହଯୋଗରେ ରୌପ୍ୟ ଜୟନ୍ତୀ ପାଳନ କରିବା ପାଇଁ ସମୟ ଉପନୀତ ହୋଇଛି ବୋଲି ପ୍ରକାଶ କରିଥିଲେ ।

ଏହି ବୈଠକରେ ବହୁ ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ଯୋଗ ଦେଇଥିଲେ। ଆସନ୍ତା ୨୦୨୭ ଏପ୍ରିଲ ମାସ ଶେଷ ସପ୍ତାହ ରେ ୩ ଦିନ ଧରି ରୌପ୍ୟ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଉପସଭାପତି ଶ୍ରୀସାହୁ ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମପୁରରେ ଏନ୍‌କାଉଣ୍ଟର

# ଅପରାଧୀ ଦୀପୁନା ନାୟକ ଆହତ



ବ୍ରହ୍ମପୁର,୧୬।୫(ସଂଚାର ବ୍ୟୁରୋ): ବ୍ରହ୍ମପୁରରେ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର । ଏନକାଉଣ୍ଟରରେ ଅପରାଧୀ ଦୀପୁନା ନାୟକ ଆହତ । ପୁଲିସ ନଜରରେ ଦୀର୍ଘଦିନ ଧରି ରହିଥିଲା ଦୀପୁନା। ତେବେ ଦୀପୁନା ପୁଲିସକୁ ଚକମା ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ଏନକାଉଣ୍ଟର କରିଛି। ଦୀପୁନାଙ୍କୁ ସ୍ଥାନୀୟ ଏମକେସିଜିରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ହତ୍ୟା ମାମଲରେ ଦୀପୁନା ସମ୍ପୃକ୍ତ ରହିଛି ବୋଲି ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି ।

ବ୍ରହ୍ମପୁର ସହର ଲାଞ୍ଜିପଲ୍ଲୀ ଅଞ୍ଚଳର ଦୁର୍ଦ୍ଧାନ୍ତ ଅପରାଧୀ ଦୀପୁନା ଉପରେ ପୁଲିସ ଦୀର୍ଘ ଦିନରୁ ନଜର ରଖିଥିଲା। ଶନିବାର ଓଭରବ୍ରିଜରୁ ଜଣେ ଯୁବକଙ୍କୁ ତଳକୁ ଠେଲି ଦେଇଥିଲା ଦୀପୁନା। ଉକ୍ତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜିରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ଦୀପୁନାଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ କରିଥିଲା। ତେବେ ପୁଲିସକୁ ଚକମା ଦେଖାଇ ଖସିଯିବାକୁ ଉଦ୍ୟମ କରିଥିଲା। ଏପରିକି ଦୀପୁନା ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସ୍ ଆତ୍ମରକ୍ଷା ପାଇଁ ଦୀପୁନାଙ୍କୁ ଗୁଳି କରିଥିଲା। ଏଥିରେ ଦୀପୁନା ଆହତ ହୋଇଥିଲା। ପୁଲିସ ସୂଚନା ଅନୁଯାୟୀ ଦୀପୁନା ନାମରେ ବିଭିନ୍ନ ଥାନାରେ ୧୨ରୁ ଅଧିକ ଅପରାଧିକ ମାମଲା ରହିଛି।

ସୂଚନାଯୋଗ୍ୟ ଯେ , କିଛି ଦିନ ତଳେ ଝାରସୁଗୁଡ଼ାରେ ୨ଜଣ ଅପରାଧୀଙ୍କୁ ପୁଲିସ୍ ଏନକାଉଣ୍ଟର୍ କରିଥିଲା।

# ରାସ୍ତା ଉପରେ ସାମଗ୍ରୀ ବିକ୍ରି: ଚଢ଼ାଉ କଲା ପୁଲିସ

ନନ୍ଦପୁର, ୧୬।୫ (ସଂଚାର ବ୍ୟୁରୋ): ନନ୍ଦପୁର ବ୍ଲକ ସଦର ମହକୁମାର ମୁଖ୍ୟ ରାସ୍ତା ଓ ରାଜଦାଣ୍ଡ ଉପରେ ବିଭିନ୍ନ ଦୋକାନୀମାନେ ସାମଗ୍ରୀ ରଖି ରାସ୍ତାକୁ ଅବୈଧ ଭାବେ ଦଖଲ କରିବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ନନ୍ଦପୁର ପୋଲିସ ଶନିବାର ଚଢ଼ାଉ କରିଛି।

ଥାନାଧିକାରୀ ତ୍ରିନାଥ ତୋଟାପାଡିଆଙ୍କ ନେତୃତ୍ୱରେ ପୋଲିସ ଦଳ ରାସ୍ତା ଉପରେ ବିକ୍ରି ପାଇଁ ରଖାଯାଇଥିବା ଦୁଇଟି ଦୋକାନର ସାମଗ୍ରୀ ଜବତ କରି ଥାନାକୁ ଆଣିଛନ୍ତି।

ସାଧାରଣ ଲୋକଙ୍କ ଅଭିଯୋଗ ଓ ବୃଦ୍ଧି ପାଉଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ବରୁ ବହୁବାର ବ୍ଲକ ସଦର ଅଞ୍ଚଳର ଦୋକାନୀମାନଙ୍କୁ ରାସ୍ତା ଉପରେ ସାମଗ୍ରୀ ନ ରଖିବାକୁ ସଚେତନ କରାଯାଇଥିଲା। କିନ୍ତୁ ପୋଲିସର ସତର୍କବାଣୀକୁ ଅଣଦେଖା କରାଯାଇଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ଦୁଇ ଦୋକାନୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

# ଶାସନିପଡ଼ା ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ୍




ମାର୍ଶାଘାଇ,୧୬।୫(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଶାସନିପଡ଼ା ରାମଲୀଳା ପଡ଼ିଆରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଥିଲା । ଆର୍ଟ ଅଫ ଗିଭିଂ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମ୍ୟାଚକୁ କଳିଙ୍ଗ ଟିଭିର କେନ୍ଦ୍ରାପଡ଼ା ପ୍ରତିନିଧି ସରୋଜ କୁମାର ପରିଡା ପ୍ରତିଯୋଗିତା ସଂଯୋଜନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଶୈଳେନ୍ଦ୍ର ଚୌଧୁରୀ, ଆଇନଜୀବି ବିଚିତ୍ରାନନ୍ଦ ବେହେରା, ତାଳସଙ୍ଗା ପଞ୍ଚାୟତର ଯୁବକର୍ମୀ ବିଦ୍ୟାଧର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଶାସନିପଡ଼ା ମା ରାମଚଣ୍ଡୀ ଭଲିବଲ କ୍ଲବ ର ବରିଷ୍ଠ ଏବଂ କନିଷ୍ଠ ଖେଳାଳି ଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିବା ବେଳେ ବରିଷ୍ଠ ଖେଳାଳି ବିଜୟୀ ହୋଇଥିଲେ । ଶୁଭେନ୍ଦୁ ପ୍ରକାଶ ଦାସ, କୁଞ୍ଜ ବିହାରୀ ନାୟକ, ଶଶାଙ୍କ ଶେଖର ରାୟ, ତପନ କୁମାର ସାହୁ, ପ୍ରଭାତ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ଆର୍ଟ ଅଫ ଗିଭିଙ୍ଗ ପକ୍ଷରୁ ସମସ୍ତ ଖେଳାଳି ମାନଙ୍କୁ ଜର୍ସି, ଖେଳସାମଗ୍ରୀ ପ୍ରଦାନ କରାଯାଇଥିଲା ।

**କିନ୍ନର ପାଳିଲେ ସାବିତ୍ରୀ**

# ଗୁରୁଙ୍କ ଶୁଭକାମନା କରି ମନାସିଛନ୍ତି ବ୍ରତ



**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ଆଜି ପବିତ୍ର ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ସହ ମଙ୍ଗଳ ମନାସୀ ସାବିତ୍ରୀ ବ୍ରତ ପାଳୁଛନ୍ତି ସଧବା ନାରୀ। ସେହିପରି ବରଗଛ ମୂଳେ ସାବିତ୍ରୀ ପାଳିଛନ୍ତି କିନ୍ନର। ଗୁରୁଙ୍କ ଦୀର୍ଘାୟୁ କାମନା କରିଛନ୍ତି। ରାଜଧାନୀର ପଳାଶପଲ୍ଲୀ ନିକଟରେ ଓଡ଼ିଶା କିନ୍ନର ଆଖଡ଼ା ପକ୍ଷରୁ ସାବିତ୍ରୀ ବ୍ରତ ପାଳିତ ହୋଇଛି। ଥାଳିରେ ଭଳିକି ଭଳି ଫଳ। ଶଙ୍ଖା ସିନ୍ଦୂର ଅଳତା ସଜା। ସାବିତ୍ରୀ ପାଇଁ ମନ୍ଦିର ପ୍ରାଙ୍ଗଣରେ ବ୍ରତଧାରୀଙ୍କ ଲମ୍ବା ଲାଇନ୍। ସାବିତ୍ରୀ ହେଉଛନ୍ତି ଶୁଦ୍ଧ ଚିନ୍ତା ଚେତନାର ଏକ ଦର୍ଶନ। ସାବିତ୍ରୀ ହୋଇପାରେ ଏକ ପରମ୍ପରା, ପୂଜା, ବ୍ରତ, ଉପାସନା, ବିଶ୍ୱାସ ଓ ଉପବାସ। କିନ୍ତୁ ଅନ୍ତରର ଆଇନାରେ ସାବିତ୍ରୀ ଏକ ସଂକଳ୍ପ, ଏକ ପ୍ରତିଜ୍ଞା,ଏକ ଭଲ ପାଇବା। ଅନ୍ୟପଟେ ହାତରେ ମେହେନ୍ଦୀ, ପାଦରେ ଅଳତା, ଗଭାରେ ଗଜରା ପୁଣି ମଥାରେ ସିନ୍ଦୂର। ହିନ୍ଦୁ ପରମ୍ପରା ଅନୁଯାୟୀ ସପ୍ତ ଶୃଙ୍ଗାର ରୂପେ ସଜେଇ ହୋଇ ସାବିତ୍ରୀ ପାଳିଛନ୍ତି କିନ୍ନର। ମନରେ ଗୁରୁଙ୍କ ଶୁଭ ମନାସୀ ବରଗଛ ମୂଳେ ସାବିତ୍ରୀ କିନ୍ନରମାନଙ୍କ ପୂଜାର୍ଚ୍ଚନା ଥିଲା ଖୁବ୍ ସୁନ୍ଦର। ପୂଜା ଥାଳିରେ ଥିଲା ନଡ଼ିଆ ,ପଣସ ତାଳ, କଦଳୀ, ଅଙ୍ଗୁର, ଲିଚୁ ଭଳି ବିଭିନ୍ନ ଫଳମୂଳ। ଧୂପ, ଦୀପ ନୈବେଦ୍ୟ ସାଙ୍ଗକୁ ଘଣ୍ଟ ଓ ଘଣ୍ଟି ଶବ୍ଦରେ ପ୍ରକମ୍ପିତ ହେଉଥିଲା ପରିବେଶ। ରାଜଧାନୀ ପଳାଶପଲ୍ଲୀ ନିକଟରେ କିନ୍ନରମାନେ ଗୁରୁଙ୍କ ସହ ପୁରୁଷ ସମାଜ ପାଇଁ ଦୀର୍ଘାୟୁ କାମନା କରିଛନ୍ତି।

# ଓଡ଼ିଶା ପୁଲିସର ସ୍ପେଶାଲ ଡ୍ରାଇଭ୍: ୧୭୭୧ ଗିରଫ

**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୨ ତାରିଖରୁ ଆଜି ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପୁଲିସ ରେଞ୍ଜ୍ ଅନ୍ତର୍ଗତ ଜିଲ୍ଲା ଏସପି ଓ ପୁଲିସ କମିଶନରଙ୍କ ନେତୃତ୍ୱରେ 'ସ୍ପେଶାଲ ଡ୍ରାଇଭ୍' ଅଭିଯାନକୁ କାର୍ଯ୍ୟକାରୀ କରାଯାଇଛି। ଏହି ୫ ଦିନର ଅଭିଯାନ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇଛି।

ଅଭିଯାନରେ ସାରା ରାଜ୍ୟରେ ୱାରେଣ୍ଟ କାର୍ଯ୍ୟକାରୀ କରାଯାଇ ୧୭୭୧ ଜଣଙ୍କୁ ଗିରଫ କରାଯାଇଛି। ଫେରାର ଥିବା ୧୯୦ ଜଣ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯାଇଛି। ୫ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନଏସଏ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୪୪୯ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୧୨୯ ବିଏନଏସଏସ୍ ଅନୁଯାୟୀ ବୁକ୍ କରାଯାଇଥିବା ବେଳେ ୧୨୬ ବିଏନଏସଏସ୍ ଅନୁଯାୟୀ ୬୪୩ ଜଣଙ୍କ ବିରୋଧରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି।

ବେଆଇନ ନିଶା କାରବାର ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୩୧ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିବା ବେଳେ ୨୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୩,୦୨୬ କେଜି ୭୦୨ ଗ୍ରାମ ଗଞ୍ଜେଇ ଓ ୧୬.୬ ଗ୍ରାମ ବ୍ରାଉନ୍‌ସୁଗର ଜବତ କରାଯାଇଛି। ନିଶା କାରବାରରେ ବ୍ୟବହୃତ ୬ଟି ଗାଡ଼ି, ୨ଟି ମୋବାଇଲ୍ ଫୋନ୍ ସହ ନଗଦ ୧୨ ହଜାର ୩୪୮ ଟଙ୍କା ମଧ୍ୟ ଜବତ କରାଯାଇଛି। ଏଥିସହ ୭୧୬ଟି ଅବକାରୀ ମାମଲା ରୁଜୁ ହୋଇଛି।



**ବିପୁଳ ପରିମାଣର ଗଞ୍ଜେଇ, ଅସ୍ତ୍ର ଓ ଯାନବାହନ ଜବତ**

ସେହିପରି ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ୯୬୬ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ମାମଲାରେ ମୋଟ ୧ କୋଟି ୮୯ ଲକ୍ଷ ୨୩ ହଜାର ୯୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଗୋ-ଚାଲାଣ ରୋକିବାକୁ ପୁଲିସ ୫ଟି ମାମଲା ରୁଜୁ କରିଥିବା ବେଳେ ଜଣଙ୍କୁ ଗିରଫ କରିଛି। ଚୋରା ଖଣି କାରବାର ବିରୋଧରେ ୧୩୬ଟି ମାମଲା ରୁଜୁ କରି ୬୦ ଜଣଙ୍କୁ ଗିରଫ କରିଛି। ଏହାସହ ୧୪ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୯ଟି ମାମଲା ରୁଜୁ କରାଯାଇଥିବାବେଳେ ୧୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୦ଟି ବିନା ଲାଇସେନ୍ସପ୍ରାପ୍ତ ବନ୍ଧୁକ ଜବତ କରାଯାଇଛି। କେନ୍ଦ୍ରାଞ୍ଚଳ ରେଞ୍ଜ୍‌ରେ ସର୍ବାଧିକ ୪୮୨ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ଦକ୍ଷିଣାଞ୍ଚଳ ରେଞ୍ଜରେ ୨୧୧ଟି, ପଶ୍ଚିମାଞ୍ଚଳରେ ୧୬୦ଟି, ପୂର୍ବାଞ୍ଚଳରେ ୨୭୯ଟି, ଉତ୍ତର-କେନ୍ଦ୍ରାଞ୍ଚଳରେ ୧୯୬ଟି, ଦକ୍ଷିଣ-ପଶ୍ଚିମାଞ୍ଚଳରେ ୨୨୦ଟି ଏବଂ କମିଶନରେଟ୍ ପୁଲିସ ଅଞ୍ଚଳରେ ୯୫ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି।

## ଏବିଡିଓଙ୍କୁ ଦୁର୍ବ୍ୟବହାର ନେଇ ବିଜେଡିର ବୈଠକ

**କଟକ,୧୬।୫ (ସଂଚାର ବ୍ୟୁରୋ):** ଶୁକ୍ରବାର କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକରେ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ଆଠଗଡ଼ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଅଭୟ ବାରିକ ଓ ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଅରିନ୍ଦମ ରାୟ ବ୍ଲକରେ କାର୍ଯ୍ୟରତ ଏବିଡ଼ିଓ ଓ ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣା ସାମ୍ନାକୁ ଆସିଥିଲା। ଏହି ଉପରେ ଶନିବାର ଟାଙ୍ଗୀ ସ୍ଥିତ ଭେଟେରାନ କ୍ଲବ୍‌ରେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦୁଇ ବିଜେପି ନେତା ଓ ତାଙ୍କ କର୍ମୀଙ୍କ ବିରୁଦ୍ଧରେ ଟାଙ୍ଗୀ ଥାନାରେ ଏତଲା ଦିଆଯିବା ସହିତ ଆସନ୍ତା ସୋମବାର ଦିନ ବ୍ଲକ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଆସନ୍ତା ସପ୍ତାହରେ ଚିଫ୍ ସେକ୍ରେଟାରୀ, ପିଡି, ଜିଲ୍ଲାପାଳ କଟକ ଓ ଗ୍ରାମାଞ୍ଚଳ ଡିଜିଙ୍କ ପାଖରେ ଅଭିଯୋଗ ହେବ ବୋଲି ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଅଧକ୍ଷା ମିନାକ୍ଷୀ ଦାସ, ଜିଲ୍ଲା ପରିଷଦ ଚିତ୍ତରଞ୍ଜନ ସାମଲ, ବ୍ଲକ ସଭାପତି ଧୀରେନ୍ଦ୍ର ଜେଠୀ, କୃଷ୍ଣଚନ୍ଦ୍ର ଦାସ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଜନ୍ମେଜୟ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।



## ସାଇକେଲରେ ପେଟ୍ରୋଲ ପମ୍ପ ବୁଲିଲେ ମେୟର

**କଟକ,୧୬।୫(ସଂଚାର ବ୍ୟୁରୋ):** କଟକ ମେୟର ସୁବାସ ସିଂହ ଶନିବାର ସକାଳେ ନିଜ ସରକାରୀ ଆବାସରୁ ସାଇକେଲ ଚଳାଇ କଟକ ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ପହଞ୍ଚି ସ୍ଥିତି ପରଖିଛନ୍ତି। ପମ୍ପଗୁଡ଼ିକରେ ଲୋକମାନଙ୍କ ସହ ସେ ଆଲୋଚନା କରିଛନ୍ତି। ମେୟରଙ୍କ ଏହି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏହି ଅବସରରେ ମେୟର ସୁବାସ ସିଂହ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଥିଲେ ଯେ, ରାଜ୍ୟ ସରକାର ଭୁବନେଶ୍ୱରରେ ମନ୍ତ୍ରୀ, ସଚିବ ଏବଂ ପେଟ୍ରୋଲିୟମ କମ୍ପାନୀର ମାଲିକମାନଙ୍କ ସହ ବୈଠକ କରି ରାଜ୍ୟରେ ତେଲର କୌଣସି ଅଭାବ ନାହିଁ ବୋଲି ଘୋଷଣା କରୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଆଜି ହଜାର ହଜାର ଲୋକ ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନରେ ଛିଡ଼ା ହୋଇ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଗରିବ ଖଟିଖିଆ ଓ ଦିନମଜୁରିଆ ଲୋକମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ମେୟରଙ୍କ ଏହି ସଚେତନତାମୂଳକ ସାଇକେଲ ର୍‍ୟାଲିରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, କର୍ପୋରେଟର ଆରତୀ ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ସ୍ୱଦେଶ ଦାସ,ଏକରାମ ହୁସେନ, ବିନୋଦ ପଣ୍ଡା, ସୌମ୍ୟ ଦର୍ଶନ ବେହେରା, ସୁବୋଧ ସେଠୀ, ମୀର ବାସା ପ୍ରମୁଖ ଯୋଗ ଦେଇଥିଲେ।



**ପୁରୀରେ କବି ଶ୍ରୀ କୃଷ୍ଣ ଜଗଦ୍ଦେବଙ୍କ ପୁସ୍ତକ 'କବିତା କୁସୁମାଞ୍ଜଳି' ଲୋକାର୍ପିତ**

## ସଂକଳନଟି ଭଗବତ ସମର୍ପଣ ସହ ସାମାଜିକ ସମ୍ବେଦନଶୀଳତାର ସମନ୍ୱୟ:ଧର୍ମେନ୍ଦ୍ର



**ପୁରୀ,୧୬।୫(ସଂଚାର ବ୍ୟୁରୋ):** ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ପେଣ୍ଠସ୍ଥଳ ପବିତ୍ର ପୁରୀ ମାଟିରେ ଆଜି ପବିତ୍ର 'ସାବିତ୍ରୀ ଅମାବାସ୍ୟା' ତିଥିରେ ବିଶିଷ୍ଟ କବି ତଥା ସ୍ତମ୍ଭକାର କୃଷ୍ଣ ଜଗଦ୍ଦେବଙ୍କ ନୂତନ କବିତା ସଂକଳନ 'କବିତା କୁସୁମାଞ୍ଜଳି' ଲୋକାର୍ପିତ ହୋଇଛି। ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବି ଓ ପ୍ରକାଶକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'କବିତା କୁସୁମାଞ୍ଜଳି' କେବଳ କେତୋଟି ଶବ୍ଦର ସମାହାର ନୁହେଁ, ବରଂ ଏହା ଭକ୍ତି, ସମାଜ ଓ ରାଷ୍ଟ୍ରପ୍ରେମର ଏକ ଅପୂର୍ବ ନିଦର୍ଶନ। କୃଷ୍ଣ ଭାଇ ହେଉଛନ୍ତି ଜଣେ ବହୁମୁଖୀ ପ୍ରତିଭା, ଯାହାଙ୍କ ଭିତରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଂସ୍କାର ଓ ପୁରୀ ମାଟିର ଚେତନା ଭରି ରହିଛି। ସେ ସଂଘ ପରିବାରର ଜଣେ ପ୍ରମୁଖ ପ୍ରଚାରକ ଓ ଭାରତୀୟ ଜନତା ପାର୍ଟିର ନିଷ୍ଠାପର କାର୍ଯ୍ୟକର୍ତ୍ତା । ତାଙ୍କ ଲେଖନୀରେ ସାରଗର୍ଭକ ସ୍ତମ୍ଭମାନ ରଚନା କରି ସେ ସମାଜକୁ ସଦାବେଳେ ପ୍ରଭାବିତ ଓ ଅନୁପ୍ରାଣିତ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପୁସ୍ତକର ପ୍ରଥମ କବିତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଅଭୁଲା ସ୍ମୃତି ଚାରଣ କରି କହିଥିଲେ ଯେ ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଇତିହାସ ସଂକଳନ ପାଇଁ ସଂଘ କାର୍ଯ୍ୟକର୍ତ୍ତା ଭାବେ ମୋଦି ଓଡ଼ିଶା ଆସିଥିଲେ। ପୁରୀ ପଥୁରିଆ ସାହି କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଯୋଗୁଁ ସେ କୃଷ୍ଣ ଭାଇଙ୍କ ସ୍କୁଟରରେ ବସି ତାଙ୍କ ଗାଁକୁ ଯାଇଥିଲେ। ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ହେଲିକପ୍ଟରରୁ ଓହ୍ଲାଇବା କ୍ଷଣି ଲାଇନ୍‌ଅପ୍‌ରେ ଠିଆ ହୋଇଥିବା ନିଜର ସେହି ପୁରୁଣା ସହଯୋଗୀଙ୍କୁ "ଆରେ କୃଷ୍ଣ ଜଗଦେବ ତୁମ୍ ଖଡ଼େ ହୋ!" କହି ଆଦର କରିବା ଏବଂ କୃଷ୍ଣ ଭାଇଙ୍କ ବିଷୟରେ ଆଲୋଚନା କରିବା ପ୍ରଧାନମନ୍ତ୍ରୀଙ୍କର ତାଙ୍କ ପ୍ରତି ଥିବା ସମ୍ମାନ ଓ ସହୃଦୟତାର ପ୍ରମାଣ ଦିଏ। କୃଷ୍ଣ ଭାଇ ନିଜ ନିଷ୍ଠା ବଳରେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅନେକ ସାମାଜିକ କାର୍ଯ୍ୟକର୍ତ୍ତା ଗଢ଼ିଛନ୍ତି। ସମାରୋହ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ମହାନ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ବିଧାନସଭା ଏକ ନମ୍ବର ଗେଟ୍ ନିକଟରେ ଥିବା ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ଓ ବିଧାନସଭା ସଚିବ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

**ଭଣଜା ସାଜିଲା ଜଲ୍ଲାଦ**

## ମାଇଁ ଭଉଣୀକୁ ହାଣିଦେଲା

**କାକଟପୁର/ଅସ୍ତରଙ୍ଗ,୧୬।୫(ସଂଚାର ବ୍ୟୁରୋ):** ମାଇଁର ଭଉଣୀକୁ ବିଳମ୍ବିତ ରାତିରେ ଭଣଜା ହତ୍ୟା କରିଛି। ଶନିବାର ସାବିତ୍ରୀ ପ୍ରତ୍ୟୁଷରୁ ପୁରୀ ଜିଲ୍ଲା କାକଟପୁର ଥାନା ନିକଟସ୍ଥ ଶଙ୍କରେଶ୍ୱରସ୍ଥିତ ମଲ୍ଲିକ କଲ୍ୟାଣୀ ମଣ୍ଡପ ନିକଟରେ ଘଟିଛି ଏପରି ଏକ ବୀଭତ୍ସ ଘଟଣା। ଖବର ମୁତାବକ, କାକଟପୁର ଥାନା ଅଧୀନସ୍ଥ କୋଣାର୍କରୁ କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ମଲ୍ଲିକ କଲ୍ୟାଣୀ ମଣ୍ଡପ ମାଲିକ ଅଲେଖ ମଲ୍ଲିକଙ୍କ ଘରେ ଦୀର୍ଘ ଦିନ ହେବ ବଡ଼ ଭଉଣୀ ପୁଅ ତଥା ଅସ୍ତରଙ୍ଗ ଥାନା ଅଧୀନସ୍ଥ ବେଗୁନିଆବସ୍ତ ଗ୍ରାମର ଶ୍ରୁତିରଞ୍ଜନ ସ୍ୱାଇଁ ଓରଫ ରାହୁଲ ରହୁଥିବା ବେଳେ ଅଲେଖଙ୍କ ଶାଳୀ ମିଲିପ୍ରିୟା ମଧ୍ୟ ରହୁଥିଲେ। ରାହୁଲ ମାମୁଘରେ ରହି ମାମୁଙ୍କ ମଣ୍ଡପ କାମ ବୁଝୁଥିଲେ ହେଁ ଏହାକୁ ନେଇ ବିବାଦ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ମିଲିଙ୍କୁ ରାହୁଲ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ନିଶାସକ୍ତ ଅବସ୍ଥାରେ ହତ୍ୟାକାଣ୍ଡ ସ୍ଥଳରୁ କିଛି ଦୂରରେ ରାହୁଲଙ୍କୁ ଉଦ୍ଧାର କରି ପୁଲିସ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ରାହୁଲଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି।

## ତୈଳ ଓ ସିଏନ୍‌ଜି ଦର ବୃଦ୍ଧି ପ୍ରତିବାଦରେ ଏସୟୁସିଆଇ (ସି)ର ବିକ୍ଷୋଭ

**କଟକ(ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ତୈଳ ସଙ୍କଟ ଆଳରେ ଗତ ୩ ଦିନ ଧରି କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ସମଗ୍ର ଦେଶରେ ତେଲ ଟାଙ୍କିମାନଙ୍କରେ ପରିକଳ୍ପିତ ଭାବେ ଅଚଳାବସ୍ଥା ସୃଷ୍ଟି କରିବା ପରେ ଗତକାଲି ପେଟ୍ରୋଲ, ଡିଜେଲ ଓ ସିଏନଜି ଦର ବୃଦ୍ଧି କରିଛନ୍ତି। ଏହା ପୂର୍ବରୁ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଆଳରେ କେନ୍ଦ୍ର ସରକାର ଘରୋଇ ଓ ବ୍ୟାବସାୟିକ ରନ୍ଧନ ଗ୍ୟାସର ମୂଲ୍ୟ ମଧ୍ୟ ବୃଦ୍ଧି କରିଥିଲେ। ପେଟ୍ରୋଲ , ଡିଜେଲ ଓ ସିଏନଜି ଦରବୃଦ୍ଧି ଫଳରେ ବସ୍ ଭଡ଼ା, ଅଟୋ ଭଡ଼ା ସମେତ ଚାଉଳ, ଡାଲି, ତେଲ ସମେତ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ଘଟିଛି। ଗୋଟିଏ ଦିଗରେ ସାଧାରଣ ଲୋକଙ୍କର ଚାକିରି ଯାଉଛି, ଆୟ ହ୍ରାସ ପାଉଛି, ବେକାରୀ ସ୍ଥିତି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଅପରପକ୍ଷରେ ବ୍ୟାପକ ଦରବୃଦ୍ଧି ଫଳରେ ସାଧାରଣ ଲୋକଙ୍କ ପାଇଁ ବେଢି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଏହି ଭଳି ପରିସ୍ଥିତିରେ ତୁରନ୍ତ ପେଟ୍ରୋଲ ପମ୍ପ ମାନଙ୍କରେ ପରିସ୍ଥିତି ସ୍ୱାଭାବିକ କରିବା ଓ ବର୍ଦ୍ଧିତ ପେଟ୍ରୋଲ, ଡିଜେଲ, ସିଏନଜି ଓ ରନ୍ଧନ ଗ୍ୟାସ୍‌ର ଦର ହ୍ରାସ କରିବା ଦାବିରେ ଆଜି ଏସୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ଭାଗ୍ୟରବି ଦାସ, ଦିପକ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**● ଆଦିବାସୀ ଓ ଦଳିତଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ**

## ୨୨ରୁ ପଦଯାତ୍ରା ମାଧ୍ୟମରେ ଘରକୁ ଘର ବୁଲିବ ଯୁବ କଂଗ୍ରେସ

**ଭୁବନେଶ୍ୱର, ୧୬।୫ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶା ପ୍ରଦେଶ କାର୍ଯ୍ୟାଳୟଠାରେ ରାଜ୍ୟ ଯୁବ କଂଗ୍ରେସ ସଭାପତିଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀ ପାତ୍ର ତାଙ୍କ କହିଛନ୍ତି ଯେ ରାଜ୍ୟର ଆଦିବାସୀ ବନବାସୀ ସିଡ୍ୟୁଲ ଏରିଆର ଦଳିତ ଓ ଅନ୍ୟାନ୍ୟ ବର୍ଗର ଲୋକେ ଜଣେ ଆଦିବାସୀ ବର୍ଗର ମୁଖ୍ୟମନ୍ତ୍ରୀ ପାଇ ଖୁସି ହୋଇଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ସ୍ୱାର୍ଥ, ସ୍ୱାଭିମାନ, ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ବସବାସ ପ୍ରତି ଅଧିକ ଧ୍ୟାନ ଦେବେ ବୋଲି ସେମାନେ ଆଶା କରିଥିଲେ। କିନ୍ତୁ ଆଜି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ରାଷ୍ଟ୍ରପତି ବି ଆଦିବାସୀ ହୋଇଥିଲେ ମଧ୍ୟ ଓଡ଼ିଶାର ଆଦିବାସୀ ଓ ଦଳିତ ଲୋକଙ୍କର ସ୍ୱାର୍ଥ ସମ୍ପତ୍ତି ଓ ସ୍ୱାଭିମାନ ଭୂଲୁଣ୍ଠିତ ହେଉଛନ୍ତି। ସିଜିମାଳି ପାହାଡ଼ର ବକ୍ସାଇଟ୍ ଲୁଣ୍ଠନ ପାଇଁ ଉଦ୍ୟମ ଚାଲିଛି। ସିଜିମାଳିର ହଜାର ହଜାର ଆଦିବାସୀଙ୍କ ସାତ ପୁରୁଷର ବାସସ୍ଥାନ, ଜୀବିକା ଓ ସ୍ୱାଭିମାନ ମଧ୍ୟ ବିପଦରେ ପଡ଼ିଛି। ଯୁବ କଂଗ୍ରେସ ସବୁବେଳେ ଆଦିବାସୀ, ଦଳିତ ବର୍ଗର ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ସଂଗ୍ରାମ ଜାରି ରଖିଆସିଛି। ସିଜିମାଳି ଓ କୁଟ୍ରୁମାଳି ଆଦିବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯୁବ କଂଗ୍ରେସ ସେମାନଙ୍କ ସହ ପ୍ରତିଟି ପରିସ୍ଥିତିରେ ସାଥୀରେ ରହିବ ବୋଲି ନିଷ୍ପତ୍ତି ନେଇଥିବା ଶ୍ରୀ ପାତ୍ର କହିଛନ୍ତି। ଏଥିସହ ଆସନ୍ତା ୨୨ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଯୁବ କଂଗ୍ରେସ ପକ୍ଷରୁ ସିଜିମାଳିରେ ଘରକୁ ଘର ବୁଲି ପଦଯାତ୍ରା କରାଯିବ। ଏହି ପଦଯାତ୍ରାରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ ମନୀଷ ଶର୍ମାଙ୍କ ସମେତ ବହୁ ଅଖିଳ ଭାରତୀୟ ଯୁବ କଂଗ୍ରେସ ନେତା ଯୋଗ ଦେବେ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।



ଏହାଛଡ଼ା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଛନ୍ତି ଯେ ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁଯାୟୀ ଖଣି ଖନନ ନିମନ୍ତେ ଗ୍ରାମସଭା ବାଧ୍ୟତାମୂଳକ। ଜଙ୍ଗଲ ଅଧିକାର ଆଇନ ୨୦୦୬ ମଧ୍ୟ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସରକାର ଓ ସେଠାକାର ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ସମସ୍ତେ କହୁଛନ୍ତି ଯେ ଗ୍ରାମସଭା ଠିକ୍ ଭାବେ ହୋଇଛି। ମାତ୍ର ସିଜିମାଳିର ଅଧିବାସୀମାନେ କିଛି ନାବାଳିକ ଓ ମୃତ ଲୋକଙ୍କର ଦସ୍ତଖତ କରାଯାଇଛି। ତେଣୁ ଏଥିରୁ ସ୍ପଷ୍ଟ ଯେ ଆଦିବାସୀଙ୍କ ସ୍ୱରକୁ ରାଜ୍ୟ ସରକାର ଚାପି ଦେଉଛନ୍ତି। ସିଜିମାଳିରେ ସରକାର ଜଙ୍ଗଲ ଅଧିକାର ଆଇନକୁ ଉଲ୍ଲଂଘନ କରିଛନ୍ତି। ସୁତରାଂ ମୋହନ ସରକାର ଆଦିବାସୀମାନଙ୍କୁ ବିସ୍ଥାପିତ କରି ଖଣି ଖନନକୁ ପ୍ରୋତ୍ସାହନ ଦେଉଥିବା ବେଳେ ଯୁବ କଂଗ୍ରେସ ଏହାକୁ ବିରୋଧ କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଗୋପନ ମାର୍ଥା ଓ ଜାଭେଦ ଅଖ୍ତର ମଧ୍ୟ ଉପସ୍ଥିତ ଥିଲେ।

## ସୁରକ୍ଷା କାର୍ଯ୍ୟ ପାଇଁ ଟ୍ରେନ ସେବା ବାତିଲ

**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରବିବାର କେତେକ ଯାତ୍ରୀବାହୀ ଟ୍ରେନ ସେବାକୁ ଅସ୍ଥାୟୀ ରୂପେ ବାତିଲ କରାଯାଇଛି। ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା, ସୁରକ୍ଷା ବୃଦ୍ଧି କରିବା ଓ ବଢ଼ୁଥିବା ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ ଚଳାଚଳକୁ ସୁଗମ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକାରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଆଧୁନିକୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଉଛି। ଏଥିପାଇଁ ଭୁବନେଶ୍ୱର- ବ୍ରହ୍ମପୁର- ଭୁବନେଶ୍ୱର ମେମୁ ପାସେଞ୍ଜର, କଟକ- ପାରାଦୀପ- କଟକ ପାସେଞ୍ଜର, କଟକ- ପାରାଦୀପ- କଟକ ମେମୁ ପାସେଞ୍ଜର, କଟକ- ଭଦ୍ରକ- କଟକ ମେମୁ ପାସେଞ୍ଜର ଟ୍ରେନକୁ ଅସ୍ଥାୟୀ ଭାବେ ବାତିଲ କରାଯାଇଛି। ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନଗୁଡ଼ିକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି।




**ସମ୍ବିତ ପାତ୍ରଙ୍କୁ ରାଜ୍ୟ କଂଗ୍ରେସର ଟାର୍ଗେଟ**

## ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ଖର୍ଚ୍ଚ ବିବରଣୀ ଦେବାକୁ ଆହ୍ୱାନ




**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ବିଜେପି ସରକାର ବିରୋଧରେ ଜନତାଙ୍କ ଆକ୍ରୋଶ ବୃଦ୍ଧି ପାଉଥିବା ଦେଖି ଜନତାଙ୍କୁ ଭୁଆଁ ବୁଲାଇବାକୁ ପୁରୀ ସାଂସଦ ସମ୍ବିତ ପାତ୍ର ରାହୁଲ ଗାନ୍ଧିଙ୍କ ବିଦେଶ ଗସ୍ତ ବିବରଣୀ ଗଣମାଧ୍ୟମ ଆଗରେ ଉପସ୍ଥାପନ କରିଛନ୍ତି। ଆଜି କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବିତଙ୍କୁ ସମାଲୋଚନା କରିଛି ଦଳ। ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ ଅଭିଯୋଗ କରିଥିଲେ ଯେ ପବିତ୍ର ପୁରୀ ମାଟିର ସାଂସଦଠାରୁ ଏଭଳି କୁଭାଷା ଓ ବ୍ୟବହାର ଅତ୍ୟନ୍ତ ଲଜ୍ଜାଜନକ ଓ ନିନ୍ଦନୀୟ। ରାହୁଲ ଗାନ୍ଧିଙ୍କ ବିଦେଶ ଗସ୍ତ ବିବରଣୀ ଦେବା ଆଗରୁ ଜନତାଙ୍କ ଟ୍ୟାକ୍ସ ପଇସାରେ ଗସ୍ତ କରିଥିବା ପ୍ରଧାନମନ୍ତ୍ରୀଙ୍କ ଯାତ୍ରା ଓ ଖର୍ଚ୍ଚ ବିବରଣୀ ପ୍ରଦାନ କରିଥିଲେ ଉଚିତ ହୋଇଥାନ୍ତା ବୋଲି ସେ କହିଥିଲେ। ପୁରୀ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ବିଶ୍ୱ ଭୂଷଣ ଦାସ ସାଂସଦ ସମ୍ବିତ ପାତ୍ରଙ୍କ ବ୍ୟବହାର ଅକ୍ଷମଣୀୟ ଓ ଏହାକୁ ପୁରୀ ଜିଲ୍ଲାରେ ବିରୋଧ କରାଯିବ ବୋଲି କହିଥିଲେ । ସେହିପରି ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର କହିଥିଲେ ଯେ ବିଜେପିର ଅସ୍ତିତ୍ୱ ନାହିଁ। ଦେଶରେ ବୈଦେଶିକ ନୀତି ବିଫଳ, ଅର୍ଥନୀତି ପାତାଳମୁଖୀ ଓ ନିଟ ପ୍ରଶ୍ନପତ୍ର ପ୍ରଘଟ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ନଜର ହଟେଇବା ପାଇଁ ଏକ ନାଟକ ଯାହାକି ବିଜେପିର ଅଭ୍ୟାସଗତ ରୋଗ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବିଦେଶ ଗସ୍ତର ହିସାବ ଦେଲା ବେଳେ ଦେଶର ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷରେ ୯୬ ଥର ବିଦେଶର ହିସାବ ମାଗିଛନ୍ତି। କୁହାଳିଆ ପୁରୀ ସାଂସଦ ଉଠାଦୋକାନୀ ସମସ୍ୟା, ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଚୋରି, ସ୍ୱର୍ଗଦ୍ୱାରରେ ଅବ୍ୟବସ୍ଥା, ପୁରୀ ମେଡିକାଲରେ ବର୍ଣ୍ଣ ୟୁନିଟ ଏସବୁ ସମସ୍ୟାରେ ମୁହଁ ଲୁଚେଇ ବୁଲୁଛନ୍ତି। ଅଥଚ ଉତ୍ସବ, ମେଳା ମେଳଣ ବୁଲାରେ ପୁରୀ କୁହାଳିଆ ସାଂସଦ ସବୁ ସମୟରେ ବ୍ୟସ୍ତ ରୁହନ୍ତି।

# ରାଜଧାନୀରୁ ଏକ-ତୃତୀୟାଂଶ ସହରୀ ବର୍ଜ୍ୟ



**ଭୁବନେଶ୍ୱର,୧୬।୫:** ରାଜ୍ୟର ସମସ୍ତ ପୌରାଞ୍ଚଳରୁ ଯେତିକି କଠିନ ବର୍ଜ୍ୟ ବାହାରୁଛି, ତା'ର ଏକ- ତୃତୀୟାଂଶ କେବଳ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ବାହାରୁଛି। ଏହା ପଛକୁ କଟକ ମହାନଗର ନିଗମ (ସିଏମ୍‌ସି) ରହିଥିବା ବେଳେ ତୃତୀୟ ସ୍ଥାନରେ ସମ୍ବଲପୁର ରହିଛି।

ସରକାରୀ ସ୍ତରରେ ହୋଇଥିବା ଆକଳନ ଅନୁଯାୟୀ, ରାଜ୍ୟର ୧୧୫ଟି ଦୈନିକ ୨୫୩୭ ଟନ୍ କଠିନ ବର୍ଜ୍ୟ ବାହାରୁଥିବା ବେଳେ କେବଳ ଭୁବନେଶ୍ୱର ସହରରୁ ବାହାରୁଛି ୮୨୦ ଟନ୍। ଏହି କଠିନ ବର୍ଜ୍ୟ ମଧ୍ୟରେ ପ୍ଲାଷ୍ଟିକ ଓ ପଲିଥିନ୍ ଜରିମୁଣା ବିପୁଳ ପରିମାଣରେ ରହୁଛି। ସେହିଭଳି କଟକ ମହାନଗର ନିଗମରୁ ଦୈନିକ ୩୦୦ ମେଟ୍ରିକ ଟନ୍ ବର୍ଜ୍ୟ ବାହାରୁଥିବାବେଳେ ସମ୍ବଲପୁରରୁ ୧୯୬ ଟନ୍, ଗଞ୍ଜାମରୁ ୧୨୬ ଟନ୍, ରାଉରକେଲାରୁ ୧୨୦ ଟନ୍ ବର୍ଜ୍ୟ ବାହାରୁଛି।

ରାଜଧାନୀରୁ ବାହାରୁଥିବା ଏହି ବର୍ଜ୍ୟ ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବିଏମ୍‌ସି ଏବେ ଘରକୁ ଘର ବୁଲି ବର୍ଜ୍ୟ ସଂଗ୍ରହ କରୁଥିବା ବେଳେ ରାସ୍ତାଘାଟରୁ ମଧ୍ୟ ବର୍ଜ୍ୟ ଉଠାଉଛି। ଘରକୁ ଘର ବୁଲି ସଂଗୃହୀତ ବର୍ଜ୍ୟ ମଧ୍ୟରେ ପ୍ଲାଷ୍ଟିକ୍‌ର ପରିମାଣର ଦିନକୁ ଦିନ ବୃଦ୍ଧି ପାଉଥିବା ସଂଗ୍ରହକାରୀମାନେ ମତ ଦେଉଛନ୍ତି। ଏହାକୁ ଏବେ ବିଘଟନ କରିବା ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ରାଜ୍ୟରେ ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗିଥିବାବେଳେ ଏହାକୁ ପ୍ରାୟତଃ କେହି ମାନୁ ନାହାନ୍ତି। ରାଜ୍ୟ ବାହାରୁ ଦୈନିକ ଟନ୍ ଟନ୍ ଜରିମୁଣା ଓଡିଶାକୁ ଆସୁଥିବାବେଳେ ଏହାର ସିଂହଭାଗ ଭୁବନେଶ୍ୱର, କଟକ ଭଳି ସହରରେ ବ୍ୟବହାର ହେଉଛି। ମଝିରେ ମଝିରେ କର୍ତ୍ତୃପକ୍ଷ ଧର୍ମକୁ ଆଖିଠାର ମାରିବା ଭଳି ଚଢ଼ାଉ କରି କିଛି ଜରିମୁଣା ଜବତ କରୁଥିଲେ ମଧ୍ୟ ତାହା ଏକକ ପ୍ଲାଷ୍ଟିକ ବ୍ୟବହାରକୁ ରୋକିପାରୁ ନାହିଁ। କେବଳ ଜରି ମୁଣା ନୁହେଁ, ଗୁଟ୍‌ଖା ଜରି, ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଜରି ପରିମାଣ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି।

ସେହିଭଳି ରାଜଧାନୀରୁ ସଂଗ୍ରହ ହେଉଥିବା ବିପୁଳ ପରିମାଣର ବର୍ଜ୍ୟକୁ କେଉଁଠାରେ ପକାଯିବ ତାହା ମଧ୍ୟ ଜଟିଳ ସ୍ଥିତି ସୃଷ୍ଟି କରୁଛି। ସୈନିକସ୍କୁଲ ନିକଟରେ ଥିବା ଅଳିଆଗଦାକୁ ନେଇ ନାନା ବିବାଦ ଦେଖାଦେବା ପରେ କର୍ତ୍ତୃପକ୍ଷ ଏବେ ଏହାର ସ୍ଥାନ ପରିବର୍ତ୍ତନ କରିଛନ୍ତି। ତେବେ ଜନବସତି ଆଖପାଖରେ ଅଳିଆ ପକାଇବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ରାଜ୍ୟ ସରକାର ଯେତିକି କଠିନ ବର୍ଜ୍ୟର ହିସାବ ରଖୁଛନ୍ତି ବାସ୍ତବରେ ତାହାଠାରୁ ଢେର ଅଧିକ ପରିମାଣର ବର୍ଜ୍ୟ ବାହାରୁଥିବା ପରିବେଶବିତ୍‌ମାନେ ଆକଳନ କରୁଛନ୍ତି।

କେବଳ କଠିନ ବର୍ଜ୍ୟ ନୁହେଁ, ରାଜ୍ୟର ସମସ୍ତ ସହରାଞ୍ଚଳରୁ ଦୈନିକ ପ୍ରାୟ ୮୦୦ ନିୟୁତ ଲିଟର ବର୍ଜ୍ୟଜଳ ବାହାରୁଥିବା କର୍ତ୍ତୃପକ୍ଷ ଆକଳନ କରୁଛନ୍ତି। ଏଥିରେ ମଧ୍ୟ ରାଜଧାନୀର ବଡ ଯୋଗଦାନ ରହିଛି। ସମସ୍ତ ବର୍ଜ୍ୟ ଜଳକୁ ବିଶୋଧନ କରିବା ସମ୍ଭବପର ହେଉନଥିବାରୁ ସହର ନିକଟରେ ଥିବା ଜଳ ଉତ୍ସଗୁଡିକରେ ଏହି ବର୍ଜ୍ୟଜଳ ମିଶୁଛି। ରାଜଧାନୀରୁ ବାହାରୁଥିବା ବର୍ଜ୍ୟଜଳ ଗଙ୍ଗୁଆ, ଦୟା ବାଟ ଦେଇ ଚିଲିକା ହ୍ରଦକୁ ବିଷାକ୍ତ କରୁଥିବା ନେଇ ଅଭିଯୋଗ ଆସିବାରେ ଲାଗିଛି। ତେଣୁ ସହରାଞ୍ଚଳରୁ ବାହାରୁଥିବା ଉଭୟ କଠିନ ଓ ତରଳ ବର୍ଜ୍ୟକୁ ହ୍ରାସ କରାଯିବା ସହ ସେଗୁଡ଼ିକର ଠିକଣା ଭାବେ ବିଘଟନ ନ କରାନଗଲେ ଆଗାମୀ ଦିନରେ ଏହା ଗୁରୁତର ପରିବେଶଗତ ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। (ତଥ୍ୟ)

## ହାଡ଼ପା ହତ୍ୟାକାଣ୍ଡ ଘଟଣାରେ ୩ ଗିରଫ

**ରାୟଗଡ଼ା,୧୬।୫(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ହାଡ଼ପା ନିଖିଲ ହତ୍ୟାକାଣ୍ଡରେ ଆଜି ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରାୟଗଡ଼ା ପୁଲିସ୍ ପକ୍ଷରୁ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ବିହାର ମଦନପୁର ଅଞ୍ଚଳରୁ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ଉମେଶ ହିଆଲ, ରାଜ ସିମିଲି ଓ ଅକ୍ଷୟ ସାମଲ। ଏଥିସହ ଏହି ହତ୍ୟାକାଣ୍ଡରେ ସାମିଲ୍ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ରାୟଗଡ଼ା ଏସପି ସ୍ୱାତୀ ଏସ୍. କୁମାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ହତ୍ୟାକାଣ୍ଡରେ ଏକାଧିକ ଅପରାଧି ସାମିଲ ଥିବା ବେଳେ ସେମାନଙ୍କୁ ଗିରଫ କରିବା ସକାଶେ ପୁଲିସ ରାଜ୍ୟ ତଥା ରାଜ୍ୟ ବାହାରେ ଜାଲ ବିଛାଇଛି। ଏଥିପାଇଁ ମୋଟ ୬ଟି ଟିମ୍ ଗଠନ କରାଯାଇଛି। ଗତ ୯ ତାରିଖ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ଏହା ପୂର୍ବ ଶତ୍ରୁତାଜନିତ ବୋଲି ଜଣାପଡ଼ିଛି। ରାୟଗଡ଼ାରେ ଘଟିଥିବା ଗ୍ୟାଙ୍ଗ ୱାରରେ ନିଖିଲ ହାଡ଼ପାଙ୍କୁ ହତ୍ୟା କରାଯିବା ପରେ ଏହି ହତ୍ୟାକାଣ୍ଡ ସହ ଜଡ଼ିତ ଅପରାଧୀମାନଙ୍କୁ ଚିହ୍ନଟ କରାଯାଇସାରିଥିଲା।

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

**ସମ୍ପାଦକୀୟ**



# ନେହରୁଙ୍କ ରେକର୍ଡ ଭାଙ୍ଗିବେ ମୋଦି

ଭାରତର ରାଜନୈତିକ ଇତିହାସରେ ପଣ୍ଡିତ ଜବାହରଲାଲ ନେହରୁ ଏକ ପ୍ରତିଷ୍ଠିତ ନାମ। ସ୍ୱାଧୀନତା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ସେ ପ୍ରାୟ ୧୭ ବର୍ଷ ୨୮୬ ଦିନ ଦେଶର ନେତୃତ୍ୱ ନେଇଥିଲେ। ତିନି ଥର ଲଗାତାର ନିର୍ବାଚନ ଜୟ ତାଙ୍କର ଏକ ବିରଳ ରେକର୍ଡ। କିନ୍ତୁ ଆଜି ଏହି ରେକର୍ଡକୁ କେବଳ ସ୍ପର୍ଶ କରି ନୁହେଁ, ଅନେକ କ୍ଷେତ୍ରରେ ଅତିକ୍ରମ କରୁଛନ୍ତି ନରେନ୍ଦ୍ର ଦାମୋଦରଦାସ ମୋଦି। ତାଙ୍କର ନେତୃତ୍ୱରେ ଭାରତ ବିକାଶର ନୂତନ ଯୁଗ ପ୍ରବେଶ କରିଛି। ଏହା କେବଳ ରାଜନୈତିକ ସଫଳତା ନୁହେଁ, ଦେଶର ଆତ୍ମବିଶ୍ୱାସ ଏବଂ ବିଶ୍ୱମଞ୍ଚରେ ପ୍ରତିଷ୍ଠାର କାହାଣୀ।



୨୦୧୪ ରେ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେବା ପରେ ମୋଦି ଲଗାତାର ତୃତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ନେହରୁଙ୍କ ପରେ ଏହା କରିଥିବା ସେ ପ୍ରଥମ ନେତା। କିନ୍ତୁ ତୁଳନା କରିବାକୁ ଗଲେ କେବଳ କାର୍ଯ୍ୟକାଳ ନୁହେଁ, ଉନ୍ନୟନର ଗତି ଦେଖିବା ଦରକାର। ନେହରୁଙ୍କ ଯୁଗରେ ଭାରତ ସ୍ୱାଧୀନତାର ପରେ ଆଧାର ନିର୍ମାଣ କରୁଥିଲା ସମ୍ବିଧାନ, ଉଦ୍ୟୋଗ, ବିଜ୍ଞାନ ପ୍ରତିଷ୍ଠାନ ଯଥା ଆଇଆଇଟି, ଆଇଆଇଏମ୍‌ଏସ୍ ଆଦି ସେହି ସମୟରେ ଦେଶ ଦାରିଦ୍ର୍ୟ, ଅନ୍ନସଙ୍କଟ ଏବଂ ବିଭାଜନର କ୍ଷତ ସହିଥିଲା। ମୋଦୀଙ୍କ ଯୁଗରେ ଭାରତ ସେହି ଆଧାର ଉପରେ ଏକ ବିଶ୍ୱଶକ୍ତି ହେବାର ସ୍ୱପ୍ନ ଦେଖୁଛି।

ଅର୍ଥନୈତିକ କ୍ଷେତ୍ରରେ ମୋଦିଙ୍କ ସଫଳତା ଅନନ୍ୟ। ଜିଏସ୍ଟି ଭାରତର ସବୁଠାରୁ ବଡ଼ କର ସୁଧାର। ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ଯୋଗୁଁ ଲକ୍ଷ ଲକ୍ଷ କୋଟି ଟଙ୍କା ଲିକେଜ ରୋକା ହୋଇଛି। ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଦେଶକୁ କ୍ୟାସ୍‌ଲେସ୍ ଅର୍ଥନୀତିର ଅଗ୍ରଣୀ କରିଛି। ଆତ୍ମନିର୍ଭର ଭାରତ ଅଭିଯାନ ମାଧ୍ୟମରେ ଉତ୍ପାଦନ, ରପ୍ତାନି ଏବଂ ପ୍ରଯୁକ୍ତି କ୍ଷେତ୍ରରେ ବିପ୍ଳବ ଆଣିଛି। କୋଭିଡ୍ ମହାମାରୀ ସମୟରେ ଦେଶର ଟିକା ଉତ୍ପାଦନ ଏବଂ ବଣ୍ଟନ ବିଶ୍ୱକୁ ଆଶ୍ୱାସ ଦେଇଥିଲା। ନେହରୁଙ୍କ ସମୟରେ ଭାରତ ଭାରୀ ଉଦ୍ୟୋଗ ଗଢ଼ିଥିଲା, କିନ୍ତୁ ମୋଦୀଙ୍କ ଯୁଗରେ ଷ୍ଟାର୍ଟଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଯୋଗୁଁ ଯୁବକମାନେ ଉଦ୍ୟୋଗୀ ହେଉଛନ୍ତି।

ଭିତ୍ତି ଉନ୍ନୟନରେ ମୋଦି ସରକାରର ରେକର୍ଡ ଅଭୂତପୂର୍ବ। ଲକ୍ଷ ଲକ୍ଷ କିଲୋମିଟର ରାସ୍ତା, ହାଇୱେ, ଏୟାରପୋର୍ଟ, ରେଳ ଲାଇନ୍ ଏବଂ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ ହୋଇଛି। ଜନ୍ ଧନ ଯୋଜନା ଯୋଗୁଁ କୋଟି କୋଟି ଗରିବ ଲୋକ ବ୍ୟାଙ୍କିଙ୍ଗ ସେବା ପାଇଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ଦେଶର ସ୍ୱଚ୍ଛତା ଚେତନା ବଢ଼ାଇଛି। ଉଜ୍ଜ୍ୱଳା ଯୋଜନା ମହିଳାଙ୍କୁ ଏଲ୍‌ପିଜି ସଂଯୋଗ ପ୍ରଦାନ କରି ତାଙ୍କର ସଶକ୍ତିକରଣ କରିଛି। ଆୟୁଷ୍ମାନ ଭାରତ ଯୋଗୁଁ ଗରିବଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ମିଳିଛି। ଏହି ସମସ୍ତ ଯୋଜନା ଲୋକଙ୍କ ଦ୍ୱାରକୁ ପହଞ୍ଚିଛି, ଯାହା ନେହରୁ ଯୁଗର ଟପ୍ ଡାଉନ ମଡେଲ ଠାରୁ ଭିନ୍ନ। ବିଦେଶ ନୀତିରେ ମୋଦିଙ୍କ ଦୃଷ୍ଟିକୋଣ ସ୍ପଷ୍ଟ ଏବଂ ଗତିଶୀଳ। ନେହରୁଙ୍କ ଅଣସମ୍ପୃକ୍ତ ନୀତି ସେତେବେଳେ ଉପଯୁକ୍ତ ଥିଲା, କିନ୍ତୁ ଆଜିର ବିଶ୍ୱରେ ଭାରତ କ୍ୱାଡ୍, ଆଇଟୁଆଇ, ବ୍ରିଆରଆଇଏସ୍ ପରି ମଞ୍ଚରେ ସକ୍ରିୟ ଭୂମିକା ଗ୍ରହଣ କରୁଛି। ଯୋଗ, ଆୟୁର୍ବେଦ ଏବଂ ଭାରତୀୟ ସଂସ୍କୃତିର ପ୍ରଚାର ବିଶ୍ୱକୁ ପ୍ରଭାବିତ କରୁଛି। ଚନ୍ଦ୍ରଯାନ ଏବଂ ମାର୍ସ ମିଶନ ଭାରତର ବୈଜ୍ଞାନିକ ପ୍ରଗତିର ପ୍ରତୀକ।

ସାମାଜିକ ନ୍ୟାୟ ଏବଂ ରାମ ମନ୍ଦିର ନିର୍ମାଣ ପରି ସାଂସ୍କୃତିକ ପୁନରୁତ୍ଥାନ ମୋଦିଙ୍କ ନେତୃତ୍ୱର ଆଉ ଏକ ଦିଗ। ଏହା କେବଳ ରାଜନୀତି ନୁହେଁ, ଭାରତୀୟତାର ପୁନଃପ୍ରତିଷ୍ଠା। ନେହରୁଙ୍କ ସମୟରେ ଧର୍ମନିରପେକ୍ଷତାର ନାମରେ ଅନେକ ସମଝୋତା ହୋଇଥିଲା, ଯାହା ଆଜି ସମାଧାନ ହେଉଛି। ଅବଶ୍ୟ, ସମାଲୋଚନା ମଧ୍ୟ ଅଛି। ବେକାରୀ, ମୂଲ୍ୟବୃଦ୍ଧି ଏବଂ କୃଷି ସଙ୍କଟ ପରି ପ୍ରଶ୍ନ ଉଠେ। କିନ୍ତୁ ମୋଦିଙ୍କ ସରକାର ଏହି ସମସ୍ୟାଗୁଡ଼ିକୁ ସ୍ୱୀକାର କରି ସମାଧାନର ପଥ ଖୋଜୁଛି। ମୋଦିଙ୍କ ନେତୃତ୍ୱ ଲୋକପ୍ରିୟତା ଏବଂ ଡିଜିଟାଲ ସଂଯୋଗର ଯୁଗର ପ୍ରତିଫଳନ। ଏକ ସାଧାରଣ ପରିବାରରୁ ଉଠି ଆସି ଦେଶର ସର୍ବୋଚ୍ଚ ପଦକୁ ପହଞ୍ଚିବା ତାଙ୍କର କାହାଣୀ ଲକ୍ଷ ଲକ୍ଷ ଯୁବକଙ୍କୁ ପ୍ରେରଣା ଦେଉଛି। ନେହରୁଙ୍କ ବ୍ୟକ୍ତିତ୍ୱ ମଧ୍ୟ ଆକର୍ଷକ ଥିଲା, କିନ୍ତୁ ଆଜିର ଭାରତ ଗତିଶୀଳ, ଡିଜିଟାଲ୍ ଏବଂ ଆତ୍ମନିର୍ଭର।

ମୋଦ ନେହରୁଙ୍କ ରେକର୍ଡ ଭାଙ୍ଗିବେ କି ନାହିଁ ସମୟ କହିବ। କିନ୍ତୁ ଉନ୍ନୟନ, ଆତ୍ମବିଶ୍ୱାସ ଏବଂ ବିଶ୍ୱଗୌରବରେ ସେ ଇତିହାସ ସୃଷ୍ଟି କରୁଛନ୍ତି। ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଏବଂ ଶୀଘ୍ର ତୃତୀୟ ହେବାର ପଥରେ। ଏହି ଯାତ୍ରା ଜାରି ରହିଲେ ନେହରୁଙ୍କ ରେକର୍ଡ କେବଳ ସଂଖ୍ୟା ହୋଇ ରହିଯିବ, ଆଉ ମୋଦିଙ୍କ ଅବଦାନ ଦେଶର ଆତ୍ମାକୁ ସ୍ପର୍ଶ କରିବ।

# ହାତୀ ନେ, ଘୋଡ଼ା ନେ, ମୋ ପେଁକାଳୀ ବଜେଇଦେ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ହଁ, ଆଜ୍ଞା ଆୱାଜ ଡିବି ଡିବି ନୁହେଁ, ନୀରବ ବଡ଼ ଇଙ୍ଗିତ ରବ ହୀନ ରାଜ ଆୱାଜ। ଯୁଦ୍ଧ ବଜାରରେ ମହରଗ, ବିଦେଶୀ ଦୃଶ୍ୟ, ଯାହା ଏ ଦେଶ ଜନତାଙ୍କ ନିତ୍ୟ ଚଳଣୀୟରେ ଓତପ୍ରୋତ ଜଡ଼ିତ, ବିଶେଷ କରି ଧନାଢ୍ୟ ଲୋକେ ଚାହିବି ନା ଅଚଳ। ଭାରତରେ ଗାଡ଼ି କୋଟି ଏକକରେ ଗଣତି ଦ୍ୱିଚକ୍ର, ତ୍ରିଚକ୍ର, ଚତୁଃଚକ୍ର ଯନ୍ତ୍ର ଯାନ, ଏ ତେଲ ବିନା ଚାଲିବା କେବେ ସମ୍ଭବ ନୁହେଁ। ସାଇକେଲ, ସାଇକେଲ ରିକ୍ସା, ଘୋଡାଟଣା ଗାଡ଼ି, ବଦଳ ଟଣାଗାଡ଼ି, ମନୁଷ୍ୟ ଟଣା ଗାଡ଼ି ଏ ସମୟରେ ବିଲୁପ୍ତ। ଏହା ପୂର୍ବ ସବାରୀ ପାଲିକି ତାମଯାନ ଦୋଳା ଯାହା ସମ୍ଭ୍ରାନ୍ତର ଚିହ୍ନ ଘୋଷକ ତାହା ଇତିହାସ ବନିଯାଇଛି। ହାତୀ ପାଇଁ ଗଜପତି, ଘୋଡ଼ା ପାଇଁ ଅଶ୍ୱପତି ରାଜା ଏ ଦେଶରେ ନାମକରା ଥିଲା ତାହା ବି ଏବେ ଇତିହାସ, ପୁରାଣରେ ପାଠ୍ୟ ବିଷୟ। ରାଜାଙ୍କ ରାଜମୁକୁଟରୁ ପରିଚୟ, ଅପେରା ପାର୍ଟିର ରାଜାଭିନୟକାରୀ ଉପରିଧାନରୁ ଜଣା ପଡ଼େ ଏହା ନକଲି ହେଲେ ବି ସତ୍ୟ ରାଜାମାନେ ଅସଲି ମୁକୁଟ ପରିଧାନ କରିବା ସହ ଗମନାଗମନ ପାଇଁ ପୂର୍ବ ବର୍ଣ୍ଣିତ ଯାନର ଗ୍ରସ୍ତ କରୁଥିଲେ। କିନ୍ତୁ ରାଜପଦ ଆମଦେଶରେ ବିଲୁପ୍ତ ହେଲା କରଦ ରାଜ ଅନେକ ସ୍ଥିତିବାନ ଭୂମିଅଧିକାରୀ ଏକ ଏକ ରାଜା ହୋଇଗଲେ, ପୁଣି ଭୋଟ ଦେବା ଅଧିକାରୀ ଯୋଗୁଁ ପାଞ୍ଚ ବର୍ଷରେ ଥରେ ଯେ ରାଜ କରିବେ ସେ ହାତ ଯୋଡ଼ି ଭିକ୍ଷା ପାଇଁ ତାଙ୍କ ଦ୍ୱାରସ୍ଥ ହେଉଛନ୍ତି, ଏପରିସ୍ଥଳେ ଏ ଦେଶରେ ସମସ୍ତ ସ୍ଥାୟୀ ପ୍ରଜା ବି ରାଜା, ଏହାଙ୍କର ରାଜଚିହ୍ନ ରାଜସିକରେ ଯାନ ପ୍ରଥମ ଚିହ୍ନ।

ଭାରତର ପ୍ରଥମ କାର ନିର୍ମାତା ବିର୍ଲା କମ୍ପାନୀ, ସେ ବର୍ତ୍ତମାନ ପଶ୍ଚିମବଙ୍ଗର ଏକ କରଦ ରାଜ୍ୟ ଉତ୍ତର ପଡ଼ା ରାଜଙ୍କ ଗାଡ଼ି ସଜଡ଼ା ଗ୍ୟାରେଜରୁ ଭୂମି ନେଇ ହିନ୍ଦୁସ୍ତାନ ମଟର କାରଖାନା କଲେ ଯହିଁରୁ ଲୋକପ୍ରିୟ ଆମ୍ବାସାଡ଼ାର କାର ଅସଂଖ୍ୟ ଭାରତର ଧନୀ ଲୋକ କ୍ରୟ କରି ଚଲାଇଲେ, ଏଇଠୁ ଆରମ୍ଭ ଯାନ କିଣା ଆଉ ଯାନ ପ୍ରସ୍ତୁତି କାରଖାନା, ମାରୁତି କାରଖାନା ଏକ ମଟର ସଜଡ଼ା ଗ୍ୟାରେଜରୁ ହିଁ ଆରମ୍ଭ, ଦେଖ କେତେ ମାରୁତି ଏବେ ରାସ୍ତାରେ ଦୌଡ଼ୁଛି ଏହିପରି ହିଁ ଚକ୍ର ଯାନର ଅଜା ସାଇକେଲ ଯେଉଁଥିରେ ତେଲର ଆବଶ୍ୟକତା ନଥିଲା, ପାଦରେ ଚାଲିବା ରଣପାରେ ଯିବାରେ ତେଲ ଆବଶ୍ୟକ ତ ବିଲକୁଲ ନାହିଁ କିନ୍ତୁ ଯେତେ ଦୂରାନ୍ତ ଯାତ୍ରା, ସୌଖିନ ଯାତ୍ରା ଆବଶ୍ୟକ, ସେତେ ଯନ୍ତ୍ର ଯାନଖୋଜା, ଆଉ ସେ ପାଇଁ ତେଲ ଦରକାର, ତେଲରେ ପେଟ୍ରୋଲ ମୋବିଲିଆଦି ପ୍ରଧାନ। ଆମଦେଶର ଲୋକଙ୍କ ଚାହିଦା ଦୃଷ୍ଟେ ଦେଶ ଭିତରେ ଉତ୍ପାଦନ ସମୁଦ୍ରକୁ ଶଙ୍ଖେ, ଏ ପାଇଁ ଦେଶ ପରାଶ୍ରୟୀ, ଦ୍ରବ୍ୟ ବଦଳରେ ଦ୍ରବ୍ୟ, ବଣିକ ବୁଦ୍ଧିରେ କପଟ ପଶିଲା ପ୍ରତିଦେଶ ପ୍ରଶାସନ ଏପରି କାଞ୍ଚନ କଲେ ଯହିଁରେ ଶୋଷଣ ପ୍ରକ୍ରିୟା ଚାହିଦା ସ୍ୱଦେଶ ଉତ୍ପାଦିତ ଉପରେ ଲଗାଇଲେ, ପଥମେ ଏକ ଦେଶକୁ ସାହାଯ୍ୟର ହାତ ବଢ଼ାଇ ରାସ୍ତା ଲମ୍ବାଚଉଡା କରିବା ସହ ଲୋକଙ୍କୁ ଯାନବାହାନକୁ ପ୍ରଲୋଭିତ କରାଇଲେ ଯାନ କାରଖାନା ଖୋଲାଇବା ପାଇଁ କିଛି ପୁଞ୍ଜିପତିଙ୍କୁ ଅର୍ଥ ଯୋଗାଇଲେ ସୁନ୍ଦର ସୁନ୍ଦର ଯାନ ପ୍ରସ୍ତୁତ ହୋଇ ବଜାରକୁ ଆସିବାରୁ ଲୋକେ କିଣିବାକୁ ମାନସ କଲେ।

ଶୂନ୍ୟ ସୁଧରେ କିସ୍ତିରେ ଲୋକେ ଗାଡ଼ିର ଅଧିକାରୀ ହୋଇଗଲେ, ବଢ଼ିଲା ବଢ଼ିଲା, କାର୍ଯ୍ୟବିସ୍ତାର ବ୍ୟାପକ ହୋଇଗଲା, ତେଲ ଯୋଗାଣ ନିତ୍ୟ ବଢ଼ି ବଢ଼ି ଚାଲିଲା। ଏଇଠି ତେଲ ପାଇଁ ଯୁଦ୍ଧର ସୂତ୍ରପାତ, ତେଲ ନହେଲେ କୌଣସି ଦେଶରେ ସେନାଙ୍କ ଯୁଦ୍ଧ ସମସ୍ୟା ହେବ ଯେତେ ବଡ଼ ସେନାଥାନ୍ତୁ ପରିବହନ ପାଇଁ ତେଲ ନଥିଲେ ନାଁ ଟ୍ୟାଙ୍କ ଚାଲିବ ନାଁ ଉଡାଜାହାଜ ଚାଲିବ ନାଁ ସମୁଦ୍ରରେ ପାଣି ଯାହାଜ ଚାଲିବ ନାଁ ସେନାଙ୍କ ପରିବହନ ଯାନ ଚାଲିବ, ସେନା ପୋଲିସ ସବୁ ଦେଶର ବଳ, ଏପାଇଁ ତାଙ୍କୁ ଫୋର୍ସ କୁହାଯାଉଛି। ଏବେ ତେଲ ଯୋଗାଣ ସଂସ୍ଥା ଯେକୌଣସି ବଳବାନ ବୋଲାଇବା ଦେଶକୁ ବଳହୀନ କରାଇ ପାରିବା ଶକ୍ତି ଉଦ୍ରେକ ହୋଇଗଲା। ଆମ ଦେଶରେ ଭୋଜନ ପାଇଁ ରୋଷେଇ ଶାଳରେ ରନ୍ଧନ ଗ୍ୟାସ ଘରେ ଘରେ ଏହା ବି ସେହି ପରାଶ୍ରୟୀ, ଗ୍ୟାସ ଏପରି ନିଶା ଲଗାଇଲା ଲୋକଙ୍କ କାଠିକୁଟା କାଠ ଜାଳ ବା କୋଇଲା ଚୁଲି ନାହିଁ କିରୋସିନ ଜାଳେଣୀ ପାଇଁ ପରାଶ୍ରୟୀ। ଲୋକଙ୍କ ଭୋଜନ କ୍ରିୟାରେ ସମସ୍ୟା ଆସିଲାଣି। ଚାଷକ୍ଷେତ୍ରରେ ଆଉ ସେ ବଳଦ ହଳ ନାହିଁ, ଯେଉଁ ଟ୍ରାକ୍ଟର ପାୱାରଟିଲର ଚାଷ କ୍ଷେତ୍ରରେ ସହାୟକ କଳ ବଳଦ ସେ ଯଉଁ ତେଲ ଆବଶ୍ୟକ କରୁଛନ୍ତି ସେ ଦେଶୀ ଦ୍ରବ୍ୟ ନୁହେଁ ତାହା ପରାଶ୍ରୟ ଦ୍ରବ୍ୟ, ଲେମଜା ଚାଷକ୍ଷେତ୍ରରେ ଚିନ୍ତା ମାଡ଼ି ଆସୁଛି। ଡିଜେଲ ଚଳିତ ରେଳ ଇଞ୍ଜିନ ବହୁ ମାଲଗାଡ଼ି ଟାଣିବାରେ ନିତ୍ୟ ଲାଗୁଛି ପରାଶ୍ରୟୀ ତେଲ ଏହାକୁ ବାଧାଦେଲେ ପରିଣାମ ଭୟାବହ ଦିଗକୁ ଯିବ, ଟ୍ରକ ବସ ନଚଳିଲେ କି ଅବସ୍ଥା ଭାବି ହେବହେଉନାହିଁ, କାନ ମୋଡ଼ି ବଶ୍ୟତା ସ୍ୱୀକାର ଦିଗ ଖୋଲିଗଲାଣି ହାତୀ ନେ ଘୋଡ଼ା ଦେ ମୋ ପେଁକାଳୀ ବଜେଇ ଦେ ସ୍ତରରେ ସମୟ ପହଞ୍ଚି ଗଲାଣି।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ**

**ମୋବାଇଲ୍:୯୪୩୭୧୦୩୧୨୫୩**

# ଭୋଜଶାଳା ଉପରେ ଭୋପାଳ ହାଇକୋର୍ଟଙ୍କ ଐତିହାସିକ ନିଷ୍ପତ୍ତି



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଭାରତ ଅନେକ ଧର୍ମ, ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟର ଏକ ବିଶାଳ ସଙ୍ଗମସ୍ଥଳ। ଏଠାରେ ପ୍ରତ୍ୟେକ ଧାର୍ମିକ ସ୍ଥଳ କେବଳ ପୂଜାର କେନ୍ଦ୍ର ନୁହେଁ ବରଂ ଐତିହାସିକ ଏବଂ ସାମ୍ପ୍ରଦାୟିକ ମହତ୍ତ୍ୱର ପ୍ରତୀକ ମଧ୍ୟ। ଏହି ପରିପ୍ରେକ୍ଷୀରେ, ମଧ୍ୟପ୍ରଦେଶର ଧାର ଜିଲ୍ଲାର "ଭୋଜଶାଳା" ଦୀର୍ଘ ସମୟ ଧରି ବିତର୍କ ଏବଂ ବିବାଦର କେନ୍ଦ୍ରବିନ୍ଦୁ ହୋଇ ରହିଛି। ହିନ୍ଦୁମାନେ ଏହାକୁ ଦେବୀ ସରସ୍ୱତୀଙ୍କ ପ୍ରତି ସମର୍ପିତ ଏକ ପ୍ରାଚୀନ ମନ୍ଦିର ବୋଲି ମାନିଥାନ୍ତି, ଯେତେବେଳେ କିଛି ମୁସଲମାନ ଏହାକୁ କମଲ ମୌଲା ମସଜିଦ ଭାବରେ ଦେଖନ୍ତି। ଏହି ବିବାଦ ଦୀର୍ଘ ସମୟ ଧରି କୋର୍ଟରେ ଚାଲିଥିଲା । ଶେଷରେ, ଭୋପାଳ ହାଇକୋର୍ଟର ଐତିହାସିକ ରାୟ ଅନୁସାରେ ଏହା ହିନ୍ଦୁ ମନ୍ଦିର ଭାବେ ଘୋଷାଣ କରିବା ସହିତ ହିନ୍ଦୁ ଧର୍ମ ଅନୁସାରେ ପୂଜା କରିବାକୁ ଅନୁମତି ଦେଇଛନ୍ତି ଓ ମୁସଲମାନ ମାନେ ଏଠି ଆଉ ନମାଜ ପାଠ କରିପାରିବେ ନାହିଁ ବୋଲି ରାୟ ଦେଇଛନ୍ତି ଯାହା ଦେଶରେ ଧାର୍ମିକ ଏବଂ ଐତିହାସିକ ବିତର୍କକୁ ଏକ ନୂତନ ଦିଗ ଦେଇଛି। ଅବଶ୍ୟ ଏହାକୁ ମୁସଲିମ ସମୁଦାୟ ଲୋକ ଉଚ୍ଚନ୍ୟାୟାଳୟର ଏହି ରାୟ କୁ ଚ୍ୟାଲେଞ୍ଜ କରି ସର୍ବୋଚ ନ୍ୟାୟାଳୟ ଯିବାକୁ କହିଛନ୍ତି ତଥାପି ଏହି ନିଷ୍ପତ୍ତି କେବଳ ଏକ ଧାର୍ମିକ ସ୍ଥଳକୁ ନେଇ ନୁହେଁ, ବରଂ ଭାରତର ଐତିହ୍ୟ ସୁରକ୍ଷା, ନ୍ୟାୟ ବ୍ୟବସ୍ଥା ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳତାର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଭାବରେ ନିଆଯାଇପାରେ । ଭୋଜଶାଳା ହେଉଛି ମଧ୍ୟପ୍ରଦେଶର ଧାର ସହରରେ ଅବସ୍ଥିତ ଏକ ପ୍ରାଚୀନ କୋଠା। ଏହା ପରମାର ରାଜବଂଶର ପ୍ରସିଦ୍ଧ ରାଜା ଭୋଜଙ୍କ ନାମରେ ନାମିତ। ରାଜା ଭୋଜ ଜ୍ଞାନ, କଳା, ସାହିତ୍ୟ ଏବଂ ଶିକ୍ଷାର ଜଣେ ମହାନ ପୃଷ୍ଠପୋଷକ ଥିଲେ। ଐତିହାସିକମାନଙ୍କ ମତରେ, ପ୍ରାଚୀନ କାଳରେ ଭୋଜଶାଳା ସଂସ୍କୃତ ଶିକ୍ଷା ଏବଂ ଦେବୀ ସରସ୍ୱତୀଙ୍କ ପୂଜାର ଏକ ପ୍ରମୁଖ କେନ୍ଦ୍ର ଥିଲା। ଏଠାରେ ଛାତ୍ରମାନେ ଶାସ୍ତ୍ର, ବ୍ୟାକରଣ, ସାହିତ୍ୟ ଏବଂ ଦର୍ଶନ ଅଧ୍ୟୟନ କରୁଥିଲେ। ଭୋଜଶାଳାକୁ ଭାରତର ପ୍ରାଚୀନ ଶିକ୍ଷା ପରମ୍ପରାର ଏକ ପ୍ରମୁଖ ଉଦାହରଣ ଭାବରେ ବିବେଚନା କରାଯାଏ। ପରେ ମୋଗଲ ତଥା ମୁସଲିମ ଶାସନର ଆଗମନ ପରେ, ଏହି ସ୍ଥାନର କିଛି ଅଂଶ ଇସଲାମିକ ସ୍ଥାପତ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲା। କମଲ ମୌଲାଙ୍କ ନାମରେ ମସଜିଦ୍ ନିର୍ମାଣ ପରେ, ଏହି ସ୍ଥାନ ଉଭୟ ସମ୍ପ୍ରଦାୟ ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଗଲା ଓ ଏହିଠାରୁ ଦ୍ୱନ୍ଦ୍ୱ ଆରମ୍ଭ ହୋଇଥିଲା।

ଭୋଜଶାଳା ବିବାଦର ମୁଖ୍ୟ ପ୍ରଶ୍ନ ଥିଲା ଏହା ମନ୍ଦିର ନା ମସଜିଦ। ହିନ୍ଦୁ ସମ୍ପ୍ରଦାୟ ଏହାକୁ ଦେବୀ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମନ୍ଦିର ବୋଲି ଦାବି କରିଥିଲେ ଏବଂ ସେଠାରେ ପୂଜା କରିବାର ଅଧିକାର ଥିଲା। ଅନ୍ୟପକ୍ଷରେ, ମୁସଲିମ ସମ୍ପ୍ରଦାୟ ଏହାକୁ କମଲ ମୌଲା ମସଜିଦ ଭାବରେ ଦେଖୁଥିଲେ ଏବଂ ପ୍ରାର୍ଥନା କରିବାର ଅଧିକାର ଦାବି କରିଥିଲେ। ଏହି ବିବାଦ ବ୍ରିଟିଶ ଶାସନ ସମୟରେ ଆରମ୍ଭ ହୋଇଥିଲା। ସ୍ୱାଧୀନତା ପରେ ମଧ୍ୟ ଏହା ରାଜନୈତିକ ଏବଂ ସାମ୍ପ୍ରଦାୟିକ ବିତର୍କର ବିଷୟ ହୋଇ ରହିଥିଲା। ପ୍ରଶାସନ ମଙ୍ଗଳବାର ଦିନ ହିନ୍ଦୁ ଏବଂ ଶୁକ୍ରବାର ଦିନ ମୁସଲମାନମାନଙ୍କ ପାଇଁ ପୂଜା କରିବାର ବ୍ୟବସ୍ଥା କରିଥିଲା, କିନ୍ତୁ ସ୍ଥାୟୀ ସମାଧାନ ହୋଇପାରିନଥିଲା। ଭୋଜଶାଳା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ASI) ଅଧୀନରେ ଅଛି। ASI ଏହାକୁ ଏକ ସଂରକ୍ଷିତ ସ୍ମାରକୀ ଘୋଷଣା କରିଛି। ପ୍ରତ୍ନତତ୍ତ୍ୱବିତ୍ମାନେ ଏହାର ସ୍ତମ୍ଭ, ପଥର ଶିଳାଲେଖ, ମୂର୍ତ୍ତି ଏବଂ ସ୍ଥାପତ୍ୟ ଶୈଳୀ ଅଧ୍ୟୟନ କରିଥିଲେ। ଅନେକ ଅଞ୍ଚଳରେ ହିନ୍ଦୁ ମନ୍ଦିର ସ୍ଥାପତ୍ୟର ଚିହ୍ନ ମିଳିଛି। କିଛି ପଥର ଶିଳାଲେଖ ସଂସ୍କୃତରେ ଥିଲା, ଯାହା ଏହାର ପ୍ରାଚୀନ ହିନ୍ଦୁ ସଂଯୋଗକୁ ସୂଚାଇ ଦେଉଛି। ଅନ୍ୟପକ୍ଷରେ, ମୁସଲିମ ପକ୍ଷ ମଧ୍ୟ ଯୁକ୍ତି ଦେଇଥିଲା ଯେ ଏହା ଦୀର୍ଘ ସମୟ ଧରି ଏକ ମସଜିଦ ଭାବରେ ବ୍ୟବହୃତ ହୋଇଆସୁଛି। ଏହି ସମସ୍ତ ପ୍ରମାଣ ଏବଂ ଦାବି କୋର୍ଟରେ ଉପସ୍ଥାପିତ ହୋଇଥିଲା। ଭୋଜଶାଳା କେବଳ ଏକ ବିବାଦିତ ସ୍ଥାନ ନୁହେଁ। ଏହା ଭାରତର ପ୍ରାଚୀନ ଶିକ୍ଷା, କଳା ଏବଂ ସଂସ୍କୃତି ପରମ୍ପରାର ପ୍ରତୀକ। ରାଜା ଭୋଜଙ୍କ ରାଜତ୍ୱ କାଳରେ, ଭାରତରେ ଜ୍ଞାନ ଏବଂ ସାହିତ୍ୟ ସମୃଦ୍ଧ ହୋଇଥିଲା। ଭୋଜଶାଳା ସେହି ଗୌରବମୟ ଇତିହାସର ସ୍ମାରକୀ। ଏହି ସ୍ଥାନ ଆମକୁ ଏହା ମଧ୍ୟ ଶିକ୍ଷା ଦିଏ ଯେ ଇତିହାସକୁ ବିବାଦ ମାଧ୍ୟମରେ ନୁହେଁ, ଗବେଷଣା ଏବଂ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଉଚିତ। ଭୋଜଶାଳା ପ୍ରସଙ୍ଗର ଚୂଡ଼ାନ୍ତ ସମାଧାନ ଏପର୍ଯ୍ୟନ୍ତ ହୋଇପାରିନାହିଁ। ସର୍ଭେ ରିପୋର୍ଟ, ପ୍ରମାଣ ଏବଂ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ବହୁତ କିଛି ନିର୍ଭର କରେ।

ଭୋଜଶାଳା ବିବାଦ ସମ୍ପର୍କରେ ଅନେକ ଆବେଦନ ଦାଖଲ କରାଯାଇଥିଲା। ମୁଖ୍ୟ ଦାବି ଥିଲା ସ୍ଥାନର ପ୍ରକୃତ ସ୍ୱରୂପ ନିର୍ଣ୍ଣୟ କରିବା। ହିନ୍ଦୁ ସଂଗଠନଗୁଡ଼ିକ ଏକ ବୈଜ୍ଞାନିକ ସର୍ଭେ ଦାବି କରିଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ ଖନନ ଏବଂ ସର୍ଭେ ପ୍ରକୃତ ଇତିହାସ ପ୍ରକାଶ କରିବ। ଏହା ପରେ, ଭୋପାଳ ହାଇକୋର୍ଟ ASIକୁ ଏକ ବୈଜ୍ଞାନିକ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ଐତିହାସିକ ପଦକ୍ଷେପ ଥିଲା, କାରଣ ଏହା ଧାର୍ମିକ ଭାବନା ଅପେକ୍ଷା ପ୍ରମାଣ ଏବଂ ଇତିହାସକୁ ପ୍ରାଥମିକତା ଦେଇଥିଲା। ଭୋପାଳ ହାଇକୋର୍ଟର ନିଷ୍ପତ୍ତି ଐତିହାସିକ କାରଣ କୋର୍ଟ ସ୍ପଷ୍ଟ କରିଥିଲେ ଯେ ନିଷ୍ପତ୍ତି ସତ୍ୟ ଏବଂ ପ୍ରମାଣ ଉପରେ ଆଧାରିତ ହେବା ଉଚିତ, ଯେପରି ରାୟରେ ଉଲ୍ଲେଖ କରାଯାଇଛି। କୋର୍ଟ ASIକୁ ଏକ ବୈଜ୍ଞାନିକ ସର୍ଭେ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ସର୍ଭେରେ GPR (ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର), ଖନନ ଏବଂ ସ୍ଥାପତ୍ୟ ବିଶ୍ଳେଷଣ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କୋର୍ଟ କହିଥିଲେ ଯେ ଏହା ଏକ ସମ୍ବେଦନଶୀଳ ବିଷୟ, ତେଣୁ ଶାନ୍ତି ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଏହି ନିଷ୍ପତ୍ତିର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ଥିଲା ଐତିହାସିକ ସତ୍ୟକୁ ଉନ୍ମୋଚନ କରିବା ପାଇଁ ଏହାର ପ୍ରୟାସ, ବୈଜ୍ଞାନିକ ପଦ୍ଧତି ଉପରେ ଗୁରୁତ୍ୱ, ଉଭୟ ସମ୍ପ୍ରଦାୟର ଭାବନା ପ୍ରତି ସମ୍ମାନ ଏବଂ ଆଇନ ଏବଂ ସମ୍ବିଧାନକୁ ପ୍ରାଥମିକତା। ଏହି ନିଷ୍ପତ୍ତି ଦେଶର ଅନ୍ୟାନ୍ୟ ଦୀର୍ଘକାଳୀନ ସ୍ଥାପତ୍ୟ ବିବାଦ ପାଇଁ ପ୍ରଭାବ ପକାଇପାରେ। ଏହା ଦର୍ଶାଇଥିଲା ଯେ ଐତିହାସିକ ସ୍ଥଳଗୁଡ଼ିକର ପ୍ରାମାଣିକତା ନିର୍ଣ୍ଣୟ ପାଇଁ ବୈଜ୍ଞାନିକ ଅଧ୍ୟୟନ ଅତ୍ୟାବଶ୍ୟକ। ଏହି ନିଷ୍ପତ୍ତି ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ନିରପେକ୍ଷତାକୁ ଉଜ୍ଜ୍ୱଳ କରିଥିଲା। କୋର୍ଟ କୌଣସି ଧର୍ମକୁ ସମର୍ଥନ କରିନଥିଲେ ଏବଂ ପ୍ରମାଣକୁ ପ୍ରାଥମିକତା ଦେଇଥିଲେ। ଏହି ନିଷ୍ପତ୍ତି ଦେଶବ୍ୟାପୀ ବିତର୍କ ସୃଷ୍ଟି କରିଥିଲା। କେତେକ ଏହାକୁ ଐତିହାସିକ ସତ୍ୟର ବିଜୟ ଭାବରେ ପ୍ରଶଂସା କରିଥିଲେ ମଧ୍ୟ ଅନେକ ଏହାକୁ ସାମ୍ପ୍ରଦାୟିକ ଭାବନା ସହିତ ଯୋଡିଥିଲେ। ତେଣୁ ଶାନ୍ତି ବଜାୟ ରଖିବା ପାଇଁ ସରକାର ଏବଂ ପ୍ରଶାସନ ବିଶେଷ ପଦକ୍ଷେପ ନେଇଥିଲେ। ବିଭିନ୍ନ ରାଜନୈତିକ ଦଳ ମଧ୍ୟ ଭୋଜଶାଳା ମାମଲା ଉପରେ ସେମାନଙ୍କର ମତ ପ୍ରକାଶ କରିଛନ୍ତି । କିଛି ପକ୍ଷ ଏହାକୁ ସଂସ୍କୃତି ଏବଂ ଐତିହ୍ୟର ପୁନରୁଦ୍ଧାର ଭାବରେ ବର୍ଣ୍ଣନା କରିଛନ୍ତି । ଅନ୍ୟମାନେ ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭାରତରେ ଧାର୍ମିକ ସ୍ଥଳ ଉପରେ ଦ୍ୱନ୍ଦ୍ୱ ସର୍ବଦା ରାଜନୈତିକ ଆଲୋଚନାର ଏକ ଅଂଶ। ତେଣୁ ଭୋଜଶାଳା ମାମଲା ଏଥିରୁ ବାଦ୍ ଯିବ ବା କିପରି। ଭୋଜଶାଳା ଭାରତର ଗୌରବମୟ ଇତିହାସର ଏକ ଅଂଶ। ଏହା ଆମକୁ ଆମର ସଂସ୍କୃତି, ଜ୍ଞାନ ପରମ୍ପରା ଏବଂ ଐତିହ୍ୟର ମନେ ପକାଇ ଦିଏ। ଏହା ବ୍ୟତୀତ, ଏହି ମାମଲା ଆମକୁ ଏହା ମଧ୍ୟ ଶିଖାଏ ଯେ ଏକତା, ଶାନ୍ତି ଏବଂ ସହଯୋଗ ହେଉଛି ଏକମାତ୍ର ଉପାୟ ଯାହା ଦ୍ୱାରା ଏକ ଦେଶ ପ୍ରଗତି କରିପାରିବ। ଭୋପାଳ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଭବିଷ୍ୟତରେ ଭାରତରେ ଐତିହାସିକ ଏବଂ ଧାର୍ମିକ ବିବାଦର ସମାଧାନ ପାଇଁ ଏକ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରିପାରିବ ବୋଲି ଆଶା କରାଯାଏ ।

**ଅରଙ୍ଗାବାଦ, ବରୀ, ଯାଜପୁର**

**ମୋବାଇଲ୍:୮୨୪୯୫୦୨୭୭୬**

# କେବଳ ସ୍ୱାମୀଙ୍କ ପାଇଁ ଦିନଟିଏ

**ସନ୍ତୋଷ କୁମାର ଦାଶ**



ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ବାର ମାସରେ ତେର ପର୍ବ ପାଳିତ ହୋଇଆସୁଛି। ତା ମଧ୍ୟରୁ ସାବିତ୍ରୀ ଅମାବାସ୍ୟା ଅନ୍ୟତମ। ଏହି ପର୍ବ ଟି ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ କେବଳ ସ୍ୱାମୀ ମାନଙ୍କ ପାଇଁ ତାଙ୍କ ପତ୍ନୀ ମାନେ ପାଳନ କରିଥାନ୍ତି। ସଧବା ନାରୀ ମାନେ ନିଜ ସ୍ୱାମୀ ଙ୍କ ଦୀର୍ଘାୟୁ କାମନା କରି ଏହି ଓଷା/ବ୍ରତ କୁ ଭକ୍ତି ଓ ନିଷ୍ଠାର ସହିତ ପାଳନ କରିଥାନ୍ତି। ସଧବା ମହିଳା ମାନେ ପ୍ରାତଃ ରୁ ଶୁଦ୍ଧପୂତ ଭାବେ ସ୍ନାନ କରି ସାରି ନୂଆବସ୍ତ୍ର ପରିଧାନ କରି ଉପବାସ କରିଥାନ୍ତି। ବିଭିନ୍ନ ଫଳ ମୂଳ କୁ ଗ୍ରାମ ଦେବତୀ ଙ୍କ ପାଖରେ ଭୋଗ ଲାଗି କରି ସାରିବା ପରେ ଘର କୁ ଆସି ନିଜ ନିଜ ସ୍ୱାମୀ ମାନଙ୍କୁ ପ୍ରଣାମ କରିଥାନ୍ତି। ଦିନ ସାରା ଭୋଗ ଲାଗି ହୋଇଥିବା ଫଳ ମୂଳ ଆହାର ଗ୍ରହଣ କରିଥାନ୍ତି। ମହିଳା ମାନେ ଯେଉଁ ନବ ବସ୍ତ୍ର ପରିଧାନ କରିଥାନ୍ତି ଓ ଦେବ ଦେବୀ ଙ୍କ ପାଖରେ ଯେଉଁ ଫଳ ମୂଳ ଭୋଗ ଲାଗି କରିଥାନ୍ତି ସେ ସବୁ ନିଜ ବାପା ଙ୍କ ଘରୁ ଆସିବା ପରମ୍ପରା ରହିଛି। ସ୍ୱାମୀ ମାନେ ମଧ୍ୟ ସେ ଦିନ ନିଜ ପତ୍ନୀ ମାନଙ୍କୁ ନୂଆ ଶାଢ଼ୀ ଉପହାର ପ୍ରଦାନ କରିଥାନ୍ତି। ଏହି ଓଷା/ ବ୍ରତ ଟି ପତି ଓ ପତ୍ନୀ ଙ୍କ ପ୍ରେମ ସମ୍ପର୍କ କୁ ମଜଭୁତ କରିଥାଏ। ସାବିତ୍ରୀ ବ୍ରତ ପାଳନ ସମ୍ପର୍କ ରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ସାବିତ୍ରୀ ବ୍ରତ ପୁସ୍ତିକାରେ ବର୍ଣ୍ଣିତ ହୋଇଛି ଯେ, ଅଶ୍ୱପତି ନାମକ ଜଣେ ରାଜା ଙ୍କ ର ସାବିତ୍ରୀ ନାମକ ଏକ କନ୍ୟା ଥିଲେ। ସେ ଶାଲ୍ୱ ଦେଶ ରୁ ନିର୍ବାସିତ ଦୃଷ୍ଟିହୀନ ରାଜା ଦ୍ୟୁମତସେନ ଙ୍କ ପୁତ୍ର ସତ୍ୟବାନ ଙ୍କୁ ମନେ ମନେ ଭଲପାଇ ବିବାହ କରିବାକୁ ସ୍ଥିର କରିଥିଲେ। ଦେବର୍ଷି ନାରଦ ଙ୍କୁ ରାଜା ଅଶ୍ୱପତି ସାକ୍ଷାତ ସମୟ ରେ ଏ ସମ୍ପର୍କ ରେ ଜଣାଇବା ପରେ ଦେବର୍ଷି ନାରଦ ଯୋଗ ବଳରେ ଜାଣି ପାରିଥିଲେ ଯେ ବିବାହ ର ଏକ ବର୍ଷ ପରେ ସତ୍ୟବାନ ମୃତ୍ୟୁ ବରଣ କରିବେ। ସେ ଏ ବିଷୟ ରେ ରାଜା ଅଶ୍ୱପତି ଙ୍କୁ ଅବଗତ କରିଥିଲେ। ବିବାହ ର ଏକ ବର୍ଷ ପରେ ବିଧବା ହେବେ ଜାଣି ମଧ୍ୟ ସାବିତ୍ରୀ ସତ୍ୟବାନ ଙ୍କୁ ବିବାହ କରିବାକୁ ଜିଦ ଧରି ବିବାହ କରିଥିଲେ। ଏଇ ଜ୍ୟେଷ୍ଠ ମାସ ର ଅମାବାସ୍ୟା ଦିନ ସାବିତ୍ରୀ ସତ୍ୟବାନ ଙ୍କ ବିବାହ ର ଏକ ବର୍ଷ ପୂରଣ ହୋଇଥିଲା। ସେ ଦିନ ସାବିତ୍ରୀ ଉପବାସ ବ୍ରତ ପାଳନ କରି ସ୍ୱାମୀ ଙ୍କ ପାଖେ ପାଖେ ରହିଥିଲେ। ମୃତ୍ୟୁ ସମୟ ଉପନୀତ ହେବା ଜାଣି ସତ୍ୟବାନ ନିଜ ପତ୍ନୀ ସାବିତ୍ରୀ ଙ୍କ କୋଳରେ ଶୋଇ ପଡ଼ି ପ୍ରାଣ ତ୍ୟାଗ କଲେ। ସତ୍ୟବାନ ଙ୍କ ମୃତ୍ୟୁ ପରେ ଯମରାଜ ସେଠାରେ ପହଞ୍ଚିଥିଲେ ସତ୍ୟବାନ ଙ୍କ ଆତ୍ମା କୁ ନେଇ ଯିବା ପାଇଁ। ସାବିତ୍ରୀ ନିଜର ଉପବାସ ବ୍ରତ, ସତୀତ୍ୱ ଓ ପତି ଭକ୍ତି ର ପରାକାଷ୍ଠା ପ୍ରଦର୍ଶନ କରି ଦୃଢ଼ ଯୁକ୍ତି ଉପସ୍ଥାପନା କରି ଯମରାଜ ଙ୍କ ହୃଦୟ ଜିତି ପାରିଥିଲେ। ମୃତ୍ୟୁ ର ଦେବତା ଯମରାଜ ସାବିତ୍ରୀ ଙ୍କ ଭକ୍ତି, ନିଷ୍ଠା ଓ ପତି ଭକ୍ତି ରେ ସନ୍ତୁଷ୍ଟ ହୋଇ ସାବିତ୍ରୀ ଙ୍କୁ ଆଶ୍ରିବାଦ ପ୍ରଦାନ କରି ଥିଲେ। ଯମରାଜ ଙ୍କ ଆଶ୍ରିବାଦ ଫଳରେ ସତ୍ୟବାନ ପୁନଃ ଜୀବନ ପ୍ରାପ୍ତ ହୋଇଥିଲେ। ସାବିତ୍ରୀ ସେ ଦିନ ମହାସତୀ ର ଆଖ୍ୟା ପାଇବା ସହିତ ସତ ସନ୍ତାନ ର ଜନନୀ ହୋଇ ପାରିଥିଲେ। ତାଙ୍କ ଶଶୁର ରାଜା ଦ୍ୟୁମତସେନ ନିଜ ଦୃଷ୍ଟି ଶକ୍ତି ଓ ରାଜ୍ୟ ଫେରି ପାଇଥିଲେ। ଏ ସବୁ ସମ୍ଭବ ହୋଇଥିଲା ସାବିତ୍ରୀ ଙ୍କ କଠୋର ସାଧନା ଓ ସତୀତ୍ୱ ଯୋଗୁଁ।



ସେ ନିଜ ଭକ୍ତି, ନିଷ୍ଠା, ପତି ପ୍ରେମ ପାଇଁ ମୃତ୍ୟୁ ର ଦେବତା ଯମରାଜ ଙ୍କୁ ପ୍ରୀତ କରି ମୃତ୍ୟୁ କୁ ଜୟ କରି ପାରି ଥିଲେ। ଏହି କିମ୍ବଦନ୍ତୀ କୁ ଆଖି ଆଗରେ ରଖି ସଧବା ନାରୀମାନେ ନିଜ ନିଜ ସ୍ୱାମୀ ଙ୍କୁ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରି ଆସୁଛନ୍ତି। ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ସାବିତ୍ରୀ ବ୍ରତ ସ୍ୱତନ୍ତ୍ର ପର୍ବ ଭାବେ ପରିଗଣିତ ହୋଇ ଆସିଛି। ଆମ ଓଡ଼ିଆ ପରିବାର ରେ ଏହି ପର୍ବ କୁ ନେଇ ସୁନ୍ଦର ନିୟମ ରହିଛି। ବିବାହ ପରେ ଝିଅ ଟିଏ ବୋହୁ ହୋଇଥାଏ। ନବବଧୂ ପାଇଁ ପ୍ରଥମ ସାବିତ୍ରୀ ଓଷା/ବ୍ରତ ସ୍ୱତନ୍ତ୍ର ହୋଇଥାଏ। ନବବଧୂ ଟି ଯଦି ଏହି ସମୟରେ ବାପ ଘରେ ଥାଏ ତେବେ ଶାଶୁ ଘରୁ ତାଙ୍କ ପାଇଁ ନବବସ୍ତ୍ର, ଫଳ ମୂଳ, ସିନ୍ଦୂର, ହଳଦୀ ଓ ଶଙ୍ଖା ,ଭାର ଆକାର ରେ ପଠା ଯାଇଥାଏ। ଆଉ ଯଦି ନବବଧୂ ଟି ଶାଶୁ ଘରେ ଥାଏ ତେବେ ବାପ ଘର ପକ୍ଷରୁ ନିଜ ଝିଅ ପାଇଁ ଏହି ସବୁ ସାମଗ୍ରୀ ଶାଶୁ ଘରକୁ ପଠା ଯାଇଥାଏ। ଏହା ଦ୍ୱାରା ପିତୃ ଘର ଓ ଶାଶୁ ଘର ମଧ୍ୟରେ ସୁସମ୍ପର୍କ, ନିବିଡ଼ ସମ୍ପର୍କ ଗଢ଼ି ଉଠି ଥାଏ। ରାଜ୍ୟ ର ବିଭିନ୍ନ ମନ୍ଦିର ରେ ପାଶ୍ୱ ଦେବତା ଭାବେ ସାବିତ୍ରୀ ସତ୍ୟବାନ ଙ୍କ ମୂର୍ତ୍ତୀ ପୂଜା ପାଉଥିବା ଦେଖିବାକୁ ମିଳେ। ସାବିତ୍ରୀ ଅମାବାସ୍ୟା ଦିନ ବ୍ରତଧାରୀ ମହିଳା ମାନେ ମନ୍ଦିର ମାନଙ୍କ ରେ ପହଞ୍ଚି ଏହି ମୂର୍ତ୍ତୀ ଙ୍କୁ ପୂଜା କରି ନିଜ ନିଜ ସ୍ୱାମୀ ମାନଙ୍କ ଦୀର୍ଘାୟୁ କାମନା କରିଥାନ୍ତି। ଆଉ କିଛି ସ୍ଥାନ ରେ ଦେବ ଦେବୀ ପୀଠ ମାନଙ୍କ ରେ ଶିଳପୁଆ ରେ ସିନ୍ଦୂର, ହଳଦୀ ଚନ୍ଦନ ଲାଗି କରି ସାବିତ୍ରୀ ଙ୍କ ପ୍ରତୀକ ଭାବେ ସ୍ଥାପନା କରି ସଧବା ମହିଳା ମାନେ ପୂଜା କରିଥାନ୍ତି। ସାବିତ୍ରୀ ବ୍ରତ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ଏକ ସ୍ୱତନ୍ତ୍ର ପର୍ବ ଭାବେ ପାଳିତ ହୋଇ ଆସୁଛି କାହିଁ କେତେ କାଳରୁ।

**ତୁଳସୀପୁର, ପୁରୀ**

**ମୋବାଇଲ୍:୯୪୩୯୩୭୬୧୮୮**

# ନିଜର ମୌଳିକତା ଭୁଲନ୍ତିନି ଭାରତୀୟ

**ଭାରତୀୟ-ଡାଏସପୁରାକୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ**

**ଅଲିମ୍ପିକ୍ସ ଆୟୋଜନ ସହ ଭାରତର ରହିଛି ୪ ବଡ଼ ଆକାଂକ୍ଷା**

**ଭାରତୀୟମାନେ ଯେଉଁଠି ରହନ୍ତି, ସକାରାତ୍ମକ ଅବଦାନ ଦିଅନ୍ତି**





ନେଦରଲ୍ୟାଣ୍ଡସରେ ନରେନ୍ଦ୍ର ମୋଦି

ଆମଷ୍ଟରଡାମ, ୧୬।୫:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ୬ଦିନିଆ ପଞ୍ଚରାଷ୍ଟ୍ରୀୟ ବିଦେଶଗସ୍ତରେ ଯାଇ ଶନିବାର ନେଦରଲାଣ୍ଡରେ ପହଞ୍ଚିଛନ୍ତି। ନେଦରଲାଣ୍ଡରେ ତାଙ୍କର ଦୁଇଦିନିଆ କାର୍ଯ୍ୟକ୍ରମ ରହିଛି। ଶନିବାର ନେଦରଲାଣ୍ଡରେ ଥିବା ପ୍ରବାସୀ ଭାରତୀୟ ସମୁଦାୟ (ଡାଏସପୁରା)କୁ ସମ୍ବୋଧିତ କରିଛନ୍ତି। ହେଗଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉଦବୋଧନ ନେଇ ମୋଦି କହିଛନ୍ତି ଯେ, ଭାରତୀୟମାନେ ଦେଶ ଛାଡ଼ି ବିଦେଶରେ ରହିପାରନ୍ତି ସତ; ମାତ୍ର ସେମାନେ ସେମାନଙ୍କ ମୂଳଭାବ ଓ ମୌଳିକତାକୁ ଭୁଲନ୍ତି ନାହିଁ। ସେମାନେ ଯେଉଁ ଦେଶରେ ବି ରୁହନ୍ତୁ, ସେହିଦେଶକୁ ସେମାନଙ୍କର ସକାରାତ୍ମକ ଅବଦାନ ଦେବାରେ ଅବହେଳା କରନ୍ତିନାହିଁ।

ନେଦରଲାଣ୍ଡ ଗସ୍ତ ଅବସରରେ ମୋଦି କହିଛନ୍ତି ଯେ, ଭାରତର ମହତ୍ତ୍ୱାକାଂକ୍ଷାର କୌଣସି ସୀମା ନାହିଁ। ଏହି ଅବସରରେ ସେ ଭାରତର ଚାରିଗୋଟି ବଡ଼ ଆକାଂକ୍ଷା ବିଷୟରେ ସୂଚନା ଦେଇଛନ୍ତି। ହେଗରେ ଭାରତୀୟ ଡାଏସପୁରାକୁ ସମ୍ବୋଧିତ କରି ମୋଦି କହିଛନ୍ତି ଯେ, ଭାରତ ଅଲିମ୍ପିକ୍ସ ଆୟୋଜନ କରିବାକୁ ଯୋଜନା ରଖିଛି। ଏଥିସହ, ଏକ ବିଶ୍ୱସ୍ତରୀୟ ଉତ୍ପାଦନ ଏବଂ ସବୁଜ ଶକ୍ତି କେନ୍ଦ୍ର ହେବା ଏହାର ଅନ୍ୟ ଦୁଇ ଲକ୍ଷ୍ୟ। ସେହିଭଳି ଭାରତକୁ ବିଶ୍ୱର ଆର୍ଥିକ ଅଭିବୃଦ୍ଧିର ଏକ ଇଞ୍ଜିନ ଭାବରେ ରୂପାନ୍ତରିତ କରିବା ଏହି ମହାନ ଆକାଂକ୍ଷାର ଅଂଶ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଭାରତ ଏବଂ ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ମଜଭୁତ କରିବା ପାଇଁ ଭାରତୀୟ ସମ୍ପ୍ରଦାୟର ଅବଦାନ ବିଷୟରେ ଆଲୋକପାତ କରିବା ସହିତ ସେମାନଙ୍କୁ ପ୍ରଶଂସା କରିଛନ୍ତି। ମୋଦି କହିଛନ୍ତି ଯେ, ଯେତେବେଳେ ମୁଁ ନେଦରଲ୍ୟାଣ୍ଡର ନେତୃତ୍ୱଙ୍କ ସହ କଥାବାର୍ତ୍ତା କରୁଥିଲି, ସେମାନେ ପ୍ରବାସୀ ଭାରତୀୟଙ୍କୁ ପ୍ରଶଂସା କରୁଥିଲେ। ଡଚ୍ ସମାଜ ଏବଂ ଅର୍ଥନୀତିରେ ପ୍ରବାସୀ ଭାରତୀୟଙ୍କ ଅବଦାନ ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବିତ ବୋଲି ସେ କହିଥିଲେ।

୨୦୧୪ ଲୋକସଭା ନିର୍ବାଚନ ଫଳାଫଳକୁ ମନେ ପକାଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଲକ୍ଷ ଲକ୍ଷ ଭାରତୀୟଙ୍କର ତାଙ୍କ ଉପରେ ଥିବା ବିଶ୍ୱାସ ତାଙ୍କୁ ପ୍ରେରଣା ଦେଉଛି। ବାର ବର୍ଷ ପୂର୍ବେ ଆଜିର ଦିନ ଅର୍ଥାତ୍ ୨୦୧୪ ମସିହା ମେ' ୧୬ ତାରିଖରେ ଭାରତ ବହୁ ଦଶନ୍ଧି ପରେ ପୂର୍ଣ୍ଣ ବହୁମତ ପାଇ ବିଜେପି ନେତୃତ୍ୱରେ ଏକ ସ୍ଥିର ସରକାର ଗଢ଼ିଥିଲା। କୋଟି କୋଟି ଭାରତୀୟଙ୍କ ବିଶ୍ୱାସ ତାଙ୍କୁ ଅଟକିବାକୁ କିମ୍ବା ଥକ୍କା ଅନୁଭବ କରିବାକୁ ଦେଇନାହାନ୍ତି ବୋଲି ପିଏମ ମୋଦି କହିଛନ୍ତି।

ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉଭୟ ଦେଶର ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ଆଗକୁ ନେବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତାଙ୍କର ଏହି ଗସ୍ତ ସେମିକଣ୍ଡକ୍ଟର, ଜଳ ପରିଚାଳନ ଏବଂ ସ୍ୱଚ୍ଛଶକ୍ତି ଭଳି କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବାର ସୁଯୋଗ ପ୍ରଦାନ କରିବ ବୋଲି ସେ କହିଛନ୍ତି। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଡଚ୍ ପ୍ରଧାନମନ୍ତ୍ରୀ ରବ ଜେଟେନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ସହ ରାଜା ୱିଲେମ-ଆଲେକଜାଣ୍ଡାର ଏବଂ ରାଣୀ ମ୍ୟାକ୍ସିମାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

### ବିଦେଶ ଯାତ୍ରାରେ ସେସ୍ ଲାଗୁ ଚର୍ଚ୍ଚାକୁ ଖଣ୍ଡନ

ନୂଆଦିଲ୍ଲୀ,୧୬।୫:ବିଦେଶ ଯାତ୍ରା ଉପରେ ଭାରତ ସରକାର ଟିକସ-ସେସ୍ ଲାଗୁ କରିବାକୁ ବିଚାର କରୁଛନ୍ତି ବୋଲି ପ୍ରକାଶିତ ଖବରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖଣ୍ଡନ କରିଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏଥିରେ କାଣିଚାଏ ସତ ନାହିଁ ବୋଲି ମୋଦି ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ମୋଦି ଲେଖିଛନ୍ତି। ମୋଦି କହିଛନ୍ତି ଯେ, ବିଦେଶ ଯାତ୍ରା ଉପରେ ଏଭଳି କଟକଣା ଲଗାଯିବାର ପ୍ରଶ୍ନ ଉଠୁନାହିଁ। ଆମେ ଆମ ଲୋକଙ୍କ ପାଇଁ ବ୍ୟବସାୟରେ ସୁଗମତା (ଇଜି ଅଫ୍ ଡୁଇଂ ବିଜିନେସ) ଓ ଜୀବନଧାରଣ ସହଜତା (ଇଜି ଅଫ୍ ଲିଭିଂ) ଉନ୍ନତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଅଛୁ। ସିଏନବିସି-ଟିଭି-ଏଇଟିନ୍‌ରେ ପ୍ରକାଶିତ ଏକ ଖବରରେ କୁହାଯାଇଥିଲା ଯେ, ବିଦେଶଯାତ୍ରା ଉପରେ ସେସ୍, ଟ୍ୟାକ୍ସ କିମ୍ବା ସରଚାର୍ଜ ଲଗାଇବାକୁ କେନ୍ଦ୍ର ସରକାରଙ୍କ ଏକ ଉଚ୍ଚସ୍ତରୀୟ ଅଧିକାରୀ କମିଟି ବିଚାର ବିମର୍ଷ କରୁଛନ୍ତି। ଏହା ଉପରେ ପିଏମ ମୋଦି ନିଜର 'ଏକ୍ସ' ଆକାଉଣ୍ଟରେ ତୁରନ୍ତ ପ୍ରତିକ୍ରିୟା ଜଣାଇବା ସହିତ ଏଥିରେ କାଣିଚାଏ ବି ସତ୍ୟତା ନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ। ସୂଚନାଯୋଗ୍ୟ ଯେ, ମୋଦିଙ୍କଠାରୁ ପ୍ରତିକ୍ରିୟା ମିଳିବାର କିଛି ସମୟ ମଧ୍ୟରେ ସିଏନବିସି-ଟିଭି-ଏଇଟିନ୍ ତା'ର ଖବରଟିକୁ ପ୍ରତ୍ୟାହାର କରିନେବା ସହିତ କ୍ଷମା ପ୍ରାର୍ଥନା କରିଛି।

ସୂଚନାଯୋଗ୍ୟ ଯେ, ପ୍ରବାସୀ ଭାରତୀୟ ସମୁଦାୟ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଭବ୍ୟ ସ୍ୱାଗତ ଅଭ୍ୟର୍ଥନା ନିମନ୍ତେ ହେଗରେ କଥକ, ଭାରତନାଟ୍ୟମ୍, କୁଚିପୁଡ଼ି, ମୋହିନୀଅଟ୍ଟମ୍ ଏବଂ ଗରବା ଭଳି ଭାରତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## କେନ୍ଦ୍ର କ୍ୟାବିନେଟ୍‌ରେ ଅଦଳବଦଳ ଚର୍ଚ୍ଚା

ନୂଆଦିଲ୍ଲୀ,୧୬।୫: ପଶ୍ଚିମବଙ୍ଗ ଓ ଆସାମ ବିଧାନସଭା ନିର୍ବାଚନରେ ମିଳିଥିବା ବଡ ଧରଣର ବିଜୟ ପରେ ଏବେ ବିଜେପି ଭିତରେ ଓ କେନ୍ଦ୍ର ସରକାରରେ ଏକ ବଡ଼ ଧରଣର ଅଦଳବଦଳ ହୋଇପାରେ। ନୂତନ ନିଯୁକ୍ତ ହୋଇଥିବା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀଙ୍କ ଦ୍ୱାରା



ଗ୍ରହଣ କରାଯାଇଥିବା ନୂଆ ଟିମ୍‌ର ଘୋଷଣା ପରେ ସରକାରରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିପାରେ। କେନ୍ଦ୍ରରେ ନିଜ ଦମରେ ବହୁମତ ପରେ ବିଜେପି ସହଯୋଗୀଙ୍କୁ ବିଶେଷ ଭାବରେ ଜନତା ଦଳ (ୟୁନାଇଟେଡ) ଓ ତେଲଗୁ ଦେଶମ ପାର୍ଟି (ଟିଡିପି)ର ସମର୍ଥନରେ ସରକାର ଗଠନ କରିଥିଲା। ତେବେ ସୂତ୍ରର ସୂଚନା ଅନୁସାରେ, ବିଜେପି ଏପର୍ଯ୍ୟନ୍ତ ରାଷ୍ଟ୍ରୀୟ ଜନତାନ୍ତ୍ରିକ ମେଣ୍ଟରେ ନିଜର ସହଯୋଗୀ ଦଳ ସହିତ ଅତିରିକ୍ତ ପଦର ସମ୍ଭାବନାକୁ ନେଇ କୌଣସି ଔପଚାରିକ ଚର୍ଚ୍ଚା ଆରମ୍ଭ ହୋଇନାହି।

୨୦୨୪ ଜୁନ୍ ୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲଗାତାର ତୃତୀୟ ଶପଥ ଗ୍ରହଣ ପରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ବହୁବିସ୍ତାର କିମ୍ବା ଅଦଳବଦଳ ହୋଇନାହିଁ। ତେଣୁ ଏଥର ବଡ଼ ପରିବର୍ତ୍ତନର ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ୨୧ ମଇ ୨୦୨୬ ରେ ହେବାକୁ ଥିବା ମନ୍ତ୍ରୀପରିଷଦ ବୈଠକ ଏହି ଚର୍ଚ୍ଚାକୁ ଆହୁରି ବଢାଇ ଦେଇଛି। ବିଜେପି ନେତାଙ୍କ ଅନୁସାରେ ଏହି ସଂଗଠନାତ୍ମକ ପରିବର୍ତ୍ତନକୁ ଆଗାମୀ ରଣନୀତି ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉଛି। ଦଳ ଏହା ଜରିଆରେ ୨୦୨୭ ବିଧାନସଭା ନିର୍ବାଚନ, ରାଷ୍ଟ୍ରପତି ନିର୍ବାଚନ ଓ ୨୦୨୯ ଲୋକସଭା ନିର୍ବାଚନର ମୂଳଦୁଆ ତିଆରି କରୁଛି। ସମ୍ଭାବନା ରହିଛି ଯେ, କିଛି ବରିଷ୍ଠ ନେତା, ଯେଉଁମାନେ କି ବର୍ତ୍ତମାନ କେନ୍ଦ୍ରମନ୍ତ୍ରୀ ରହିଛନ୍ତି କିମ୍ବା ପ୍ରଦେଶ ଅଧ୍ୟକ୍ଷ ଭଳି ପ୍ରମୁଖ ପଦରେ ଅଛନ୍ତି ତାଙ୍କୁ ସଂଗଠନକୁ ମଜବୁତ କରିବା ପାଇଁ ରାଷ୍ଟ୍ରୀୟ ଟିମ୍‌କୁ ଅଣାଯାଇପାରେ। ଆଗାମୀ ବର୍ଷ ଉତ୍ତର ପ୍ରଦେଶ ଓ ପଞ୍ଜାବ ଭଳି ରାଜ୍ୟରେ ହେବାର ଅଛି, ଏଥିପାଇଁ ମଜବୁତ ନେତୃତ୍ୱ ଓ ସଠିକ ଯୋଜନାର ଦରକାର ରହିଛି। ବିଜେପି ୨୦୨୭ ରେ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ମଣିପୁର, ପଞ୍ଜାବ, ହିମାଚଳ ପ୍ରଦେଶ ଓ ଗୁଜରାଟରେ ନିର୍ବାଚନ ମୁକାବିଲାର ସାମନା କରିବ। ଏଥିରେ ୫ ରାଜ୍ୟରେ ବିଜେପି ପୂର୍ବରୁ କ୍ଷମତାରେ ରହିଛି। ପାର୍ଟି ଆଗାମୀ ଦଶକ ପାଇଁ ଯୋଜନା ତିଆରି କରିଛି, ତେଣୁ ଯୁବ ନେତା, ମହିଳା ଓ କିଛି ପେଶାଦାରଙ୍କୁ ସ୍ଥାନ ଦିଆଯିବ।

## ଯିଏ ଯାଉଛନ୍ତି ସେମାନଙ୍କୁ ଯିବାକୁ ଦିଅ: ମମତା

ନୂଆଦିଲ୍ଲୀ,୧୬।୫: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ କ୍ଷମତା ହରାଇବା ଏବଂ ବର୍ଷ ବର୍ଷ ଧରି ସବୁଠାରୁ ବଡ଼ ନିର୍ବାଚନୀ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ, ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀ ଏବେ ସଂଗଠନର ପୁନର୍ଗଠନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। କୋଲକାତାସ୍ଥିତ



ତାଙ୍କ କାଲିଘାଟ ବାସଭବନରେ, ମମତା ବାନାର୍ଜୀ ସମସ୍ତ ପ୍ରତିଦ୍ୱନ୍ଦ୍ୱୀ ଦଳୀୟ ପ୍ରାର୍ଥୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି। ଦଳର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ପରାଜୟ ପରେ ଦଳ ଭିତରେ ଆଭ୍ୟନ୍ତରୀଣ କନ୍ଦଳ ଏବଂ ନେତାମାନେ ଦଳ ପରିବର୍ତ୍ତନ କରିବା ନେଇ କଳ୍ପନାଜଳ୍ପନା ମଧ୍ୟରେ, ମମତା ବାନାର୍ଜୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯେଉଁମାନେ ଦଳ ଛାଡିବାକୁ ଚାହାଁନ୍ତି ସେମାନେ ଏହା କରିବାକୁ ମୁକ୍ତ। ମୁଁ ଦଳକୁ ଆଉ ଥରେ ଛିଡା କରିବି ବୋଲି କହିଛନ୍ତି ଟିଏମସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ମମତା କହିଛନ୍ତି ଯେ, ଯେଉଁମାନେ ଅନ୍ୟ ଦଳକୁ ଯାଉଛନ୍ତି, ସେମାନଙ୍କୁ ଯିବାକୁ ଦିଅ। ମୁଁ ଦଳକୁ ପୁନର୍ବାର ତିଆରି କରିବି। ଯେଉଁମାନେ ମୋ ସହିତ ତ ଅଛନ୍ତି ସେମାନଙ୍କୁ ମୁଁ କ୍ଷତିଗ୍ରସ୍ତ ଦଳୀୟ କାର୍ଯ୍ୟାଳୟଗୁଡ଼ିକୁ ମରାମତି କରିବାକୁ, ରଙ୍ଗ କରିବାକୁ ଏବଂ ପୁଣି ଥରେ ଖୋଲିବାକୁ ଅନୁରୋଧ କରୁଛି। ଆବଶ୍ୟକ ହେଲେ, ମୁଁ ନିଜେ ସେହି କାର୍ଯ୍ୟାଳୟଗୁଡ଼ିକୁ ରଙ୍ଗ କରିବି। ତୃଣମୂଳ କଂଗ୍ରେସ କେବେ ମୁଣ୍ଡ ନୁଆଁଇବ ନାହିଁ। ମୁଁ ଜାଣେ ଯେ ଅନେକ ଲୋକ ଅନ୍ୟ ଦଳକୁ ଯିବେ। ସେମାନଙ୍କର କିଛି ବାଧ୍ୟବାଧ୍ୟକତା ଥାଇପାରେ। ଏ ବିଷୟରେ ମୋର କିଛି କହିବାର ନାହିଁ। ଯିଏ ଯିବାକୁ ଚାହୁଁଛି ସେ ଯାଇପାରିବେ। ମୁଁ କାହାକୁ ବଳପୂର୍ବକ ଅଟକାଇବାରେ ବିଶ୍ୱାସ କରେନାହିଁ। "ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ବାହାରିବା ପରେ ମମତା ବାନାର୍ଜୀ ପୂର୍ବରୁ କହିଥିଲେ, ଦଳରେ କାହାକୁ ବଳପୂର୍ବକ ରଖିବାରେ ବିଶ୍ୱାସ କରନ୍ତି ନାହିଁ।

## କଙ୍ଗୋରେ ଇବୋଲା, ୬୫ ମୃତ

ନୂଆଦିଲ୍ଲୀ, ୧୬।୫: ଆଫ୍ରିକାର କଙ୍ଗୋ ଦେଶରେ ପୁଣିଥରେ ଇବୋଲା ଭୂତାଣୁର ପ୍ରକୋପ ଆରମ୍ଭ ହୋଇଛି। ଆଫ୍ରିକାର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସଂଗଠନ 'ଆଫ୍ରିକା ସିଡିସି' ଶୁକ୍ରବାର ଦିନ ଏହା ନିଶ୍ଚିତ କରିଛି। ବର୍ତ୍ତମାନ ସୁଦ୍ଧା ୨୪୬ ଜଣ ସନ୍ଦିଗ୍ଧ ମାମଲା ସାମ୍ନାକୁ ଆସିଥିବା ବେଳେ ୬୫ ଜଣଙ୍କର



ମୃତ୍ୟୁ ଘଟିଛି। କଙ୍ଗୋରେ ଇବୋଲାର ଏହା ହେଉଛି ୧୭ ତମ ପ୍ରକୋପ। ଏହି ରୋଗ ଅତ୍ୟନ୍ତ ବିପଜ୍ଜନକ ଏବଂ ଖୁବ୍ ଶୀଘ୍ର ବ୍ୟାପିଥାଏ। ଏଥିସହିତ ପଡୋଶୀ ଦେଶ ୟୁଗାଣ୍ଡା ଏବଂ ଦକ୍ଷିଣ ସୁଦାନକୁ ମଧ୍ୟ ଏହା ବ୍ୟାପିବାର ଭୟ ରହିଛି। ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି।

ଇବୋଲା ଏକ ଅତ୍ୟନ୍ତ ବିପଜ୍ଜନକ ଭୂତାଣୁଜନିତ ରୋଗ। ଏହି ରୋଗ ବିରଳ ହେଲେ ମଧ୍ୟ ଗମ୍ଭୀର ଏବଂ ପ୍ରାୟତଃ ପ୍ରାଣଘାତୀ ହୋଇଥାଏ। ଏହା ଜଣେ ମଣିଷ ଠାରୁ ଅନ୍ୟ ଜଣକୁ ଶରୀରର ତରଳ ପଦାର୍ଥ ଯଥା ରକ୍ତ, ବାନ୍ତି କିମ୍ବା ବୀର୍ଯ୍ୟ ସଂସ୍ପର୍ଶରେ ଆସିବା ଦ୍ୱାରା ବ୍ୟାପି ଥାଏ। ଏପର୍ଯ୍ୟନ୍ତ ଏହାର କୌଣସି ସଠିକ୍ ଚିକିତ୍ସା ବାହାରି ନାହିଁ, କିନ୍ତୁ ଏହାର ଟିକା ଉପଲବ୍ଧ ଅଛି।

ଏହି ସଂକ୍ରମଣ କଙ୍ଗୋର ଇଟୁରୀ ପ୍ରଦେଶରେ ବ୍ୟାପିଛି, ଯାହା ଦେଶର ପୂର୍ବ ଭାଗରେ ଥିବା ଏକ ଅତି ଦୁର୍ଗମ ଅଞ୍ଚଳ। ଏହା ରାଜଧାନୀ କିନସାସା ଠାରୁ ୧୦୦୦ କିଲୋମିଟରରୁ ଅଧିକ ଦୂରରେ ଅବସ୍ଥିତ। ଆଫ୍ରିକା ସିଡିସି ସୂଚନା ଦେଇଛି ଯେ ମୁଖ୍ୟତଃ ମୋଙ୍ଗୱାଲୁ ଏବଂ ରଖାମ୍ପାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକାଂଶ ମାମଲା ଏବଂ ମୃତ୍ୟୁ ଘଟିଛି। ୨୦ଟି ନମୁନା ମଧ୍ୟରୁ ୧୩ଟିରେ ଇବୋଲା ଭୂତାଣୁ ଥିବା ନିଶ୍ଚିତ ହୋଇଛି। ଇଟୁରୀର ରାଜଧାନୀ ବୁନିଆରେ ମଧ୍ୟ କିଛି ସନ୍ଦିଗ୍ଧ ମାମଲା ମିଳିଛି, ଯାହାର ଯାଞ୍ଚ ଜାରି ରହିଛି।

## ଭୂମିକମ୍ପରେ ଥରିଲା ଉତ୍ତର ଜାପାନ

ମିୟାଗୀ, ୧୬।୫: ଜାପାନ ପାଣିପାଗ ବିଜ୍ଞାନ ଏଜେନ୍ସୀ (ଜେଏମଏ) ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଉତ୍ତର ଜାପାନରେ ୬.୩ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଫଳରେ ତୋହକୁ କ୍ଷେତ୍ରର ଏକ ବିସ୍ତୃତ ଅଞ୍ଚଳ ଦୋହଲି ଯାଇଛି। ଅଧିକାରୀମାନେ କହିଛନ୍ତି ଯେ ସୁନାମୀ ବିପଦ ନାହିଁ। ସେହିପରି ଭୂମିକମ୍ପ ଯୋଗୁ କୌଣସିଠାରେ ସେପରି ବଡ଼ ଧରଣର କ୍ଷୟକ୍ଷତି ଅଥବା ମୃତାହତ ଖବର ଆସି ନାହିଁ। ସ୍ଥାନୀୟ ସମୟ ଅନୁସାରେ ରାତି ୮ଟା ୨୨ ମିନିଟ୍ ରେ ମିୟାଗୀ ପ୍ରାନ୍ତ ଉପକୂଳରୁ ୫୦ କିଲୋମିଟର ଦୂରରେ ଭୂମିକମ୍ପର ଉତ୍ପତ୍ତି ହୋଇଥିଲା।ଏହି ଭୂମିକମ୍ପର ପ୍ରଭାବ ଟୋମେ, ଓସାକୀ ଏବଂ ଇସିନୋମାକୀ ସହରରେ ମଧ୍ୟ ଅନୁଭୂତ ହୋଇଛି। ତେବେ ଏଠାରେ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫ରୁ ବି କମ୍ ଥିବାର କୁହାଯାଇଛି।

**ଅସରପା ମନ୍ତବ୍ୟ ନେଇ ସିଜେଆଇଙ୍କ ସ୍ପଷ୍ଟୀକରଣ**

## ଗଣମାଧ୍ୟମରେ ଭୁଲ ବ୍ୟାଖ୍ୟା କରାଯାଇଛି

ନୂଆଦିଲ୍ଲୀ, ୧୫।୫: ବେରୋଜଗାର ଯୁବକମାନଙ୍କୁ ଅସରପା ସହିତ ତୁଳନା କରି ଶୁକ୍ରବାର ନିଜେ ବିବାଦ ଭିତରକୁ ଟାଣି ହୋଇଯାଇଥିବା ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଦିନକପରେ ତାଙ୍କ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ଶନିବାର ସୂର୍ଯ୍ୟ କାନ୍ତ କହିଛନ୍ତି ଯେ, ଯୁବକମାନେ ମୋତେ ଯଥେଷ୍ଟ ସମ୍ମାନ ଦିଅନ୍ତି। ମୋର ମଧ୍ୟ ସେମାନଙ୍କ ପ୍ରତି ବେଶ୍ ଆସ୍ଥା ରହିଛି। ବିକଶିତ ଭାରତର ସେମାନେ ହେଉଛନ୍ତି ଗୋଟିଏ ଗୋଟିଏ ସ୍ତମ୍ଭ। ତେବେ ଶୁକ୍ରବାର ସେ ଦେଇଥିବା ମନ୍ତବ୍ୟକୁ ଭୁଲ ବ୍ୟାଖ୍ୟା କରାଯାଇଛି ବୋଲି ସୂର୍ଯ୍ୟ କାନ୍ତ ଶନିବାର କହିଛନ୍ତି। ସୂର୍ଯ୍ୟ କାନ୍ତ କହିଛନ୍ତି ଯେ, ସେ ଦେଶରେ ବେରୋଜଗାର ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ ସେକଥା କହି ନଥିଲେ। ଯେଉଁମାନେ ନକଲି ଡିଗ୍ରି ନେଇ ଆଇନ ବ୍ୟବସାୟ ଭଳି ଗୁରୁତ୍ୱପୂର୍ଣ୍ଣ ବୃତ୍ତି ଭିତରକୁ ପ୍ରବେଶ କରୁଛନ୍ତି ସେ ସେଇମାନଙ୍କୁ ଲକ୍ଷ୍ୟକରି ଏକଥା କହିଥିଲେ।



ସୂଚନାଯୋଗ୍ୟ ଯେ, ନକଲି ଡିଗ୍ରିଧାରୀ ଆଇନଜୀବି (ଓକିଲ)ଙ୍କ ସଂଖ୍ୟା ବଢ଼ିବାକୁ ନେଇ ବିଚାରପତି ସୂର୍ଯ୍ୟ କାନ୍ତ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଦେଶରେ ଅନେକ ପରଜୀବୀ (ପାରାସାଇଟିସ୍) ରହିଛନ୍ତି ଯେଉଁମାନେ ସେମାନଙ୍କର ଶେଷ ଆଶ୍ରୟ ଭାବରେ ନ୍ୟାୟ ବ୍ୟବସ୍ଥା ତଥ୍ୟ ଅନ୍ୟ ବୃତ୍ତିକୁ ଟାର୍ଗେଟ୍ କରୁଛନ୍ତି। ଅସଲି ଡିଗ୍ରିଧାରୀ ଆଇନଜୀବୀମାନେ ସେମାନଙ୍କ ଭିତରେ ନିଜକୁ ସାମିଲ କରିବା ଉଚିତ ନୁହେଁ। ସେ ତାଙ୍କ ମନ୍ତବ୍ୟରେ 'ବେରୋଜଗାର ଯୁବକ' ଓ 'ଅସରପା' ଭଳି ଦୁଇଟି ଶବ୍ଦ ପ୍ରୟୋଗ କରିଥିଲେ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବିବାଦ ସୃଷ୍ଟି କରିଥିଲା।

ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏହା ଉପରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ଗଣମାଧ୍ୟମର ଗୋଟିଏ ବର୍ଗ ତାଙ୍କର ଟିପ୍ପଣୀକୁ ଭୁଲ ଭାବରେ ଉପସ୍ଥାପନ କରିବା ସହିତ ସେ ଦେଶର ଯୁବପିଢ଼ିଙ୍କୁ ଅସରପା ସହିତ ତୁଳନା କରିଛନ୍ତି ବୋଲି ପ୍ରଚାର କରିଛନ୍ତି। ଶୁକ୍ରବାର ଏକ ଭିତ୍ତିହୀନ ମାମଲାର ଶୁଣାଣୀ କରିବା ବେଳେ ତାଙ୍କର ଏକ ହାଲୁକା ଫୁଲ୍‌କା କଥାକୁ କିଭଳି ଗଣମାଧ୍ୟମର କିଛି ନିର୍ଦ୍ଦିଷ୍ଟବର୍ଗ ବିକୃତ କରିଛନ୍ତି ଏକଥା ଜାଣିବା ପରେ ତାଙ୍କୁ କଷ୍ଟ ହୋଇଥିବା ସେ ଜଣାଇଛନ୍ତି। ନଗଲି ଏବଂ ବକୱାସ୍ ଡିଗ୍ରି ଧରି ଅନେକ ଲୋକ ଆଇନଗତ ବ୍ୟବସାୟକୁ ପଶି ଆସୁଛନ୍ତି। କେବଳ ଆଇନଗତ ବ୍ୟବସାୟକୁ ନୁହେଁ, ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟ ସ୍ଥାନରେ ମଧ୍ୟରେ ସେମାନଙ୍କର ପ୍ରବେଶ ରହିଛି। ସେହିସବୁ ବୃତ୍ତିରେ ସେମାନଙ୍କର କୌଣସି ଭୂମିକା ରହୁନାହିଁ। ତେଣୁ ମୁଁ ସେମାନଙ୍କୁ ସମାଲୋଚନା କରି 'ପାରାସାଇଟିସ୍' ବୋଲି କହିଥିଲି। ମୋ କଥାକୁ କଦର୍ଥ କରି ମୁଁ ଦେଶର ଯୁବକମାନଙ୍କୁ ଅସରପା କହିଛି ବୋଲି ପ୍ରଚାର କରିବା ନିହାତି ବିଭ୍ରାନ୍ତିକର ଓ କପୋଳକଳ୍ପିତ।

ସୂଚନାଯୋଗ୍ୟ ଯେ, ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ବରିଷ୍ଠ ଓକିଲ ପଦବୀ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେତୁ ଦିଲ୍ଲୀ ହାଇକୋର୍ଟ ବିରୋଧରେ ଅବମାନନା ମାମଲା ରୁଜୁ କରିବାକୁ ଓକିଲ ସଞ୍ଜୟ ଦୁବେଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନର ଶୁଣାଣି କରୁଥିବା ବେଳେ ସିଜେଆଇ ଏହି ମନ୍ତବ୍ୟ ଦେଇଥିଲେ, ଯାହା ତାଙ୍କୁ ବିବାଦ ଭିତରକୁ ଟାଣି ନେଇଥିଲା।

## ନିଟ୍ ପେପର ଲିକ୍, ବାୟୋଲଜି ଅଧ୍ୟାପିକା ଗିରଫ

ନୂଆଦିଲ୍ଲୀ, ୧୬।୫: ନିଟ ପେପର ଲିକ୍ ମାମଲାରେ ସିବିଆଇ ଦ୍ୱିତୀୟ ମାଷ୍ଟରମାଇଣ୍ଡକୁ ମଧ୍ୟ ଗିରଫ କରିଛି। ମନୀଷା ଗୁରୁନାଥ ମାନ୍ଧାରେ ନାମ୍ନୀ ଏହି ଅଭିଯୁକ୍ତ ଜଣେ ମହିଳା ଓ ବାୟୋଲଜିର ଅଧ୍ୟାପିକା। ସୂଚନା ମୁତାବିକ, ମନୀଷା ମାନ୍ଧାରେ ଏନଟିଏର ପେପର ସେଟିଂ କମିଟିର ସଦସ୍ୟ ରହି ସାରିଛନ୍ତି। ଗୋଟିଏ ଦିନ ପୂର୍ବରୁ ସିବିଆଇ ଅବସରପ୍ରାପ୍ତ କେମିଷ୍ଟ୍ରୀ ଟିଚର ପିଭି କୁଲକର୍ଣ୍ଣୀଙ୍କୁ ଗିରଫ କରିଥିଲା। ତଦନ୍ତକାରୀମାନେ ତାଙ୍କୁ ମାଷ୍ଟରମାଇଣ୍ଡ ଓ ନିଟ୍ ପେପର ଲିକ୍ ଗ୍ୟାଙ୍ଗର ମୁଖିଆ କହିଥିଲେ।

ସିବିଆଇ ଶନିବାର ଏହି ବିଷୟରେ ଏକ ବିବୃତ୍ତି ଜାରି କରିଛି। ବିବୃତ୍ତି ମୁତାବିକ , ମନୀଷା ଗୁରୁନାଥ ମାନ୍ଧାରେଙ୍କୁ ଏକ ଗୁରୁତର ଯାଞ୍ଚ ପରେ ଗିରଫ କରାଯାଇଛି। ନିଟ୍ ୟୁଜି ୨୦୨୬ ପରୀକ୍ଷାର ପ୍ରକ୍ରିୟାରେ ସାମିଲ ଥିଲେ। ମନୀଷାଙ୍କୁ ଏନଟିଏ ଜଣେ ଏକ୍ସପର୍ଟ ଭାବେ ସାମିଲ କରିଥିଲା। ସିବିଆଇ କହିଛି ଯେ,ତାଙ୍କ ପାଖରେ ବଟନି ଓ ଜୁଲଜିର ପ୍ରଶ୍ନର ପୂରା ଆକ୍ସେସ ଥିଲା। ମନୀଷାଙ୍କ ଭୂମିକା ବିଷୟରେ ବିସ୍ତୃତରେ ଦର୍ଶାଇ ସିବିଆଇ କହିଛି ଅପ୍ରେଲ ୨୦୨୬ରେ ମନ୍ଧାରେ ,ପୁଣେର ମନୀଷା ବାଘମାରେଙ୍କ ମାଧ୍ୟମରେ ସମ୍ଭାବିତ ନିଟ୍ ପରୀକ୍ଷା ପ୍ରାର୍ଥୀଙ୍କୁ ଏକତ୍ର କରିଥିଲେ।



ଏହାପରେ ଏହି ଛାତ୍ରଛାତ୍ରୀଙ୍କ ପାଇଁ ନିଜର ପୁଣେ ନିବାସରେ କୋଚିଂ କ୍ଲାସେସ୍ ଆରମ୍ଭ କରିଥିଲେ।

ଏହି କୋଚିଂ କ୍ଲାସ ବେଳେ ମନ୍ଧାରେ ବଟନି ଓ ଜୁଲଜି ବିଷୟରେ ବିଭିନ୍ନ ପ୍ରଶ୍ନ ଲିକ୍ କରି ଥିଲେ। ଏହାସହ ଏହା ବିଷୟରେ ବିସ୍ତୃତରେ ମଧ୍ୟ ବୁଝାଇ ଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଏହି ପ୍ରଶ୍ନ ଗୁଡ଼ିକୁ ନିଜର ନୋଟବୁକରେ ଲେଖିବା ଓ ବହିରେ ଚିହ୍ନଟ କରିବାକୁ ମଧ୍ୟ କହିଥିଲେ। ଏବେ ମନ୍ଧାରେଙ୍କୁ ଆହୁରି ପଚରାପଚରି ପାଇଁ ଦିଲ୍ଲୀ ନିଆ ଯିବ। ଏଥିରୁ ଅଧିକାଂଶ ପ୍ରଶ୍ନ ତିନି ମେ'ରେ ଆୟୋଜିତ ନିଟ୍ ୟୁଜି ୨୦୨୬ ପରୀକ୍ଷାର ବାସ୍ତବିକ ପ୍ରଶ୍ନ ପତ୍ର ସହ ସମାନ ଥିଲା। କହି ରଖୁଛି କି , ମନୀଷା ଏକ ବ୍ୟୁଟି ପାର୍ଲର ଚଲାନ୍ତି ଏବଂ ତାଙ୍କୁ ୧୪ ମେ'ରେ ଗିରଫ କରାଯାଇ ସାରିଛି।

ସିବିଆଇ ଯାଞ୍ଚରେ ଅନ୍ତର୍ଭୁକ୍ତ ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଏନଟିଏରୁ ଦୁଇଟି ସେଟ୍ ପ୍ରଶ୍ନ ପତ୍ର ଲିକ୍ ହୋଇ ଥିଲା। ଏଥିରୁ ଗୋଟିଏ ହାତ ଲେଖା ଓ ଅନ୍ୟଟି ଟାଇପ୍ କରାଯାଇ ଥିଲା। ଏହା ପଛରେ କୁଲକର୍ଣ୍ଣୀ ଓ ମନ୍ଧାରେ ଥିଲେ। ଅଧିକାରୀମାନେ କହିଛନ୍ତି , ପ୍ରଶ୍ନ ପତ୍ର ପ୍ରସ୍ତୁତ କରୁଥିବା ପୂରା କମିଟି ଓ ଏନଟିଏର ଅନ୍ୟ ବରିଷ୍ଠ ଅଧିକାରୀ ଯାଞ୍ଚର ପରିସରରେ ଅଛନ୍ତି। ଆଗାମୀ ଦିନରେ ଆହୁରି ଅଧିକ ଗିରଫ ହୋଇ ପାରନ୍ତି।

## ବଢ଼ିଲା ଇସ୍ରାଏଲ-ଲେବାନନ୍ ଯୁଦ୍ଧବିରତି

ନୂଆଦିଲ୍ଲୀ,୧୬।୫: ଉତ୍ତେଜନା ସତ୍ତ୍ୱେ ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଯୁଦ୍ଧବିରତି ବଢ଼ିଛି। ଦୁଇ ଦେଶ ମଧ୍ୟରେ ୪୫ ଦିନିଆ ଅସ୍ତ୍ରବିରତି ଉପରେ ସହମତି ହୋଇଛି । ଆଲୋନଚା ମଧ୍ୟସ୍ଥତା କରିବା ପରେ ଆମେରିକା ବୈଦେଶିକ ମନ୍ତ୍ରୀ ଏ ବାବଦରେ ସୂଚନା ଦେଇଛନ୍ତି। ୱାଶିଂଟନ ଡିସିରେ ଆଉ ଏକ ପର୍ଯ୍ୟାୟ ଆଲୋଚନା ପରେ ଇସ୍ରାଏଲ ଏବଂ ଲେବାନନ ୪୫ ଦିନ ପାଇଁ ସେମାନଙ୍କର ଅସ୍ତ୍ରବିରତି ବୃଦ୍ଧି କରିବାକୁ ରାଜି ହୋଇଛନ୍ତି।



ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ଟମି ପିଗଟ୍ କହିଛନ୍ତି ଯେ, ଏହା ଦୁଇଟି ଫଳପ୍ରଦ ଦିନର ଆଲୋଚନା ପରେ ହୋଇଛି ଏବଂ ଏହା ପରେ ଜୁନ୍ ୨-୩ ତାରିଖରେ ଆହୁରି ଆଲୋଚନା ହେବ।

ଯୁଦ୍ଧବିରତି ୪୫ ଦିନ ପାଇଁ ବୃଦ୍ଧି କରିବାକୁ ରାଜି- ଇସ୍ରାଏଲ ଏବଂ ଲେବାନନର ହିଜବୋଲା ଆତଙ୍କବାଦୀ ଗୋଷ୍ଠୀ ମଧ୍ୟରେ ଥିବା ଅସ୍ଥିର ଶାନ୍ତି ଚୁକ୍ତିନାମା ରବିବାର ଶେଷ ହେବାକୁ ଯାଉଛି। ପିଗଟ୍ ସୋସିଆଲ ମିଡିଆରେ କହିଛନ୍ତ କି, "ଆମେ ଆଶା କରୁଛୁ ଯେ ଏହି ଆଲୋଚନା ଦୁଇ ଦେଶ ମଧ୍ୟରେ ସ୍ଥାୟୀ ଶାନ୍ତି, ପରସ୍ପରର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ପୂର୍ଣ୍ଣ ସ୍ୱୀକୃତି ଏବଂ ସେମାନଙ୍କର ସହଭାଗୀ ସୀମାରେ ପ୍ରକୃତ ସୁରକ୍ଷା ପ୍ରତିଷ୍ଠା କରିବ ।" ରିପୋର୍ଟ ଅନୁସାରେ, ଆମେରିକାର ବୈଦେଶିକ ବିଭାଗ ଶୁକ୍ରବାର ରିପୋର୍ଟ କରିଛି ଯେ, ଇସ୍ରାଏଲୀ ଆକ୍ରମଣ ମଧ୍ୟରେ ଇସ୍ରାଏଲ ଏବଂ ଲେବାନନ ଆଉ ୪୫ ଦିନ ପାଇଁ ଯୁଦ୍ଧବିରତି ବୃଦ୍ଧି କରିବାକୁ ରାଜି ହୋଇଛନ୍ତି । ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ଟମି ପିଗଟ୍ ଶୁକ୍ରବାର ୱାଶିଂଟନରେ ଅନୁଷ୍ଠିତ ଶାନ୍ତି ଆଲୋଚନାକୁ ସଫଳ ବୋଲି ବର୍ଣ୍ଣନା କହି ଜୋର ଦେଇଛନ୍ତି କି ଏବଂ ଜୁନ୍ ୨ ଏବଂ ୩ ରେ ଆଲୋଚନା ଜାରି ରହିବ ।

## ମେ-ଜୁଲାଇରେ ୮୨% ଏଲ୍-ନିନୋ ବିପର୍ଯ୍ୟୟ ଆଶଙ୍କା

ନୂଆଦିଲ୍ଲୀ,୧୬।୫: ୨୦୨୬ ଅତ୍ୟନ୍ତ ଶକ୍ତିଶାଳୀ ଏଲ୍-ନିନୋ ଘଟଣାର ବର୍ଷ ହେବ ବୋଲି ବୈଜ୍ଞାନିକମାନେ ବିଶ୍ୱବାସୀଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ତର୍ଜାତୀୟ ଜଳବାୟୁ ମଡେଲ ଓ ଆମେରିକାର ନୋଆ ଭଳି ପ୍ରମୁଖ ଜଳବାୟୁ ସଂଗଠନ ସ୍ପଷ୍ଟ କରିଛି, ଚଳିତ ମେ'-ଜୁଲାଇ ସୁଦ୍ଧା ଏଲ୍-ନିନୋ ବିପର୍ଯ୍ୟୟ ଘଟିବାର ୮୨ ପ୍ରତିଶତ ଆଶଙ୍କା ରହିଛି। ଏହା ୧୮୭୭ର ଭୟାନକ ଏଲ୍-ନିନୋଠୁ ମଧ୍ୟ ଅଧିକ ବିନାଶକାରୀ ହୋଇପାରେ ବୋଲି କିଛି ବୈଜ୍ଞାନିକ ପୂର୍ବାନୁମାନ କରୁଛନ୍ତି। ଏହି ଘଟଣାର ପ୍ରଭାବ କେବଳ ସମୁଦ୍ର ଉପରେ ନୁହେଁ, ବିଶ୍ୱ ଜଳବାୟୁ, କୃଷି, ଜଳ ଓ ଅର୍ଥବ୍ୟବସ୍ଥା ଉପରେ ପଡ଼ିବ। ବ୍ରାଜିଲ, ପେରୁ ଓ ଆଖପାଖ ଅଞ୍ଚଳରେ ଭୀଷଣ ବର୍ଷା ଓ ବନ୍ୟା ଆଶଙ୍କା ରହିଥିବା କୁହାଯାଇଛି। ଅଷ୍ଟ୍ରେଲିଆ ଓ ଇଣ୍ଡୋନେସିଆରେ ମରୁଡ଼ି ଓ ଜଙ୍ଗଲ ନିଆଁ ବଢ଼ିପାରେ। ଦକ୍ଷିଣ ଆଫ୍ରିକାକୁ ରହିଛି ମରୁଡ଼ି ଓ ଦୁର୍ଭିକ୍ଷର ବିପଦ। ଶୀତଦିନେ ଦକ୍ଷିଣ ଆମେରିକାରେ ଅଧିକ ବର୍ଷା ଏବଂ ଉତ୍ତରରେ ଗରମ ଆଶଙ୍କା ଅଛି। ଆଟ୍‌ଲାଣ୍ଟିକ୍ ମହାସାଗରରେ ବାତ୍ୟା ଆଶଙ୍କା କମିବାକୁ ଥିବା ବେଳେ ପ୍ରଶାନ୍ତ ମହାସାଗରରେ ଏହା ବଢ଼ିବାର ସମ୍ଭାବନା ସୃଷ୍ଟି କରିଛି।

**ଭାରତରେ ପଡ଼ିପାରେ ଭୀଷଣ ଅକାଳ**



ଭାରତରେ ଏଲ୍-ନିନୋର ସର୍ବାଧିକ ପ୍ରଭାବ ମୌସୁମୀ ଉପରେ ପଡ଼ିଥାଏ। ଶକ୍ତିଶାଳୀ ଏଲ୍-ନିନୋ ସମୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଦୁର୍ବଳ ହୋଇଯାଏ। ଫଳରେ ଦେଶର ଅନେକ ସ୍ଥାନରେ ବର୍ଷା କମ୍ ହୁଏ। ଖାସ୍‌କରି ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ବିହାରରେ ବିଜୁଳି ଘଟଣା ବଢ଼ିବାର ଆଶଙ୍କା ରହିଛି। ଏହିସବୁ ରାଜ୍ୟ ପୂର୍ବରୁ ଏଲ୍-ନିନୋ ପ୍ରଭାବିତ କ୍ଷେତ୍ର ଭାବେ ବିବେଚିତ। କୃଷି ଉପରେ ସର୍ବାଧିକ ପ୍ରଭାବ ପଡ଼ିବ। ଚାଉଳ, ଗହମ, ଡାଲି ଓ ଅନ୍ୟ ଫସଲ ଉତ୍ପାଦନ କମିବ। ଦକ୍ଷିଣ- ପୂର୍ବ ଏସିଆ ଓ ଭାରତରେ ମୌସୁମୀ ଦୁର୍ବଳ ହେବା ଦ୍ୱାରା ମରୁଡ଼ି ଆଶଙ୍କା ବଢ଼ିଯିବ। ଚାଷୀଙ୍କୁ ଜଳାଭାବ, ଉତ୍ତାପ ବୃଦ୍ଧି ଓ ଫସଲ ହାନିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଚାଉଳ ଓ ପାମ୍ ତେଲ ଉତ୍ପାଦନ ହ୍ରାସ ଯୋଗୁ ଖାଦ୍ୟ ମୂଲ୍ୟ ବଢ଼ିପାରେ।

### ସବୁଠୁ ଭୟଙ୍କର ଏଲ୍-ନିନୋ

୧୮୭୭ର ଏଲ୍-ନିନୋକୁ ଏପର୍ଯ୍ୟନ୍ତର ସବୁଠୁ ବିନାଶକାରୀ ବିବେଚନା କରାଯାଏ। ସେତେବେଳେ ଭାରତ, ଚୀନ୍, ବ୍ରାଜିଲ ଓ ଆଫ୍ରିକା ଆଦି ବହୁ ସ୍ଥାନରେ ଭୟଙ୍କର ମରୁଡ଼ି ପଡ଼ିଥିଲା। ବିପୁଳ ଫସଲ ନଷ୍ଟ ହୋଇଥିଲା। ଭାରତରେ ଅକାଳ ପଡ଼ିଥିଲା। ଲକ୍ଷାଧିକ ଲୋକ ଦୁର୍ଭିକ୍ଷରେ ପ୍ରାଣ ହରାଇଥିଲେ। ୧୯୮୨-୮୩, ୧୯୯୭-୯୮ ଓ ୨୦୧୫-୧୬ର ଏଲ୍-ନିନୋ ମଧ୍ୟ ଅତ୍ୟନ୍ତ ଶକ୍ତିଶାଳୀ ଥିଲା। ୨୦୨୩-୨୪ର ଏଲ୍- ନିନୋ ମଧ୍ୟ ମରୁଡ଼ି, ବନ୍ୟା ଓ ରେକର୍ଡ ଗରମ ପାଇଁ ଦାୟୀ ହୋଇଥିଲା। ୨୦୨୬ର ଏଲ୍-ନିନୋ ଯଦି ସୁପର୍ ଶ୍ରେଣୀରେ ପହଞ୍ଚେ, ତେବେ ପୂର୍ବର ସମସ୍ତ ଏଲ୍-ନିନୋ ଘଟଣାଠୁ ଅଧିକ ପ୍ରଭାବଶାଳୀ ହୋଇପାରେ, କାରଣ ବିଶ୍ୱ ଏବେ ପୂର୍ବାପେକ୍ଷା ଅଧିକ ଉଷ୍ଣ ହୋଇଛି।

# ଅକ୍ଟୋବର ୨ରୁ କଳିଙ୍ଗ କପ୍ କ୍ରିକେଟ

● ଭୂମିକା ବ୍ରାଣ୍ଡ ଆମ୍ବାସାଡର
● ମୋଟ ପୁରସ୍କାର ରାଶି ୧୫ ଲକ୍ଷ ଟଙ୍କା
● ଭାଗ ନେବେ ୧୬ ଦଳ

ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ): ଗୋପବନ୍ଧୁ ଯୁବ ପକ୍ଷରୁ କଳିଙ୍ଗ କପ୍ କ୍ରିକେଟ୍‌ର ପଞ୍ଚମ ସଂସ୍କରଣ ଆସନ୍ତା ଅକ୍ଟୋବର ୨ ତାରିଖରୁ ଆରମ୍ଭ ହେବ। ୧୬ଟି ଦଳ ଟୁର୍ଣ୍ଣାମେଣ୍ଟରେ ସାମିଲ ହେବେ ଓ ଓଲିଉଡ ଅଭିନେତ୍ରୀ ଭୂମିକା ଦାଶ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତି ହୋଇଛନ୍ତି ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ



ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅକ୍ଟୋବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିରେ ମୋଟ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସବୁଥର ପରି ଏଥର ଭୁବନେଶ୍ୱର ଗୋପବନ୍ଧୁ ପଡ଼ିଆ ପରିବର୍ତ୍ତେ ଜଟଣୀ ରେଳବାଇ ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟର ସବୁ ମ୍ୟାଚ୍ ଖେଳାଯିବ। ୪ଟି ଗ୍ରୁପରେ ୧୬ଟି ଦଳ ବିଭକ୍ତ ହେବେ। ପଞ୍ଚମ ସଂସ୍କରଣକୁ ଚଳିତ ବର୍ଷ ବଡ଼ ଧରଣର ଆୟୋଜନ କରାଯିବା ସହ ବିନା କୌଣସି ଏଣ୍ଟ୍ରି ଫି'ରେ ଦଳଗୁଡ଼ିକ ଅଂଶଗ୍ରହଣ କରିପାରିବେ। ଚାମ୍ପିଅନ ଦଳକୁ ୫ ଲକ୍ଷ, ରନର୍ସ ଅପ୍ ଦଳକୁ ୩ ଲକ୍ଷ ଓ ଶୃଙ୍ଖଳିତ ଦଳକୁ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ। ଟେନିସ୍ ବଲରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡ଼ିକ ଲିଗ୍ ପର୍ଯ୍ୟାୟରେ ୧୦ ଓଭର ଓ ସେମିଫାଇନାଲ ଓ ଫାଇନାଲ ୧୫ ଓଭର ବିଶିଷ୍ଟ ହେବ। ସବୁ ମ୍ୟାଚ୍‌ରେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ଶ୍ରେଷ୍ଠ ବ୍ୟାଟରଙ୍କୁ ୧୦ ହଜାର, ଶ୍ରେଷ୍ଠ ବୋଲରଙ୍କୁ ୫ ହଜାର ଓ ମ୍ୟାନ ଅଫ ଦ ମ୍ୟାଚ ବିଜେତାଙ୍କୁ ଟିଭିଏସ ଗାଡ଼ି ପୁରସ୍କାର ଦିଆଯିବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେବୀପ୍ରସାଦ ଜେନା (ଧୋନି), ଏସକେ ଏମଡି ସୋହିନୀ, ସତ୍ୟ ନାରାୟଣ ସେଠୀ ଓ ସମାଜସେବୀ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ।

ଏନ୍‌ଆଇବିଏମ୍‌ର ସମାବର୍ତ୍ତନ ଉତ୍ସବରେ ଡ. ପିକେ ମିଶ୍ର

# ଆର୍ଥିକ କାର୍ଯ୍ୟକଳାପ ଓ ନାଗରିକଙ୍କ କଲ୍ୟାଣ ପାଇଁ ଋଣ ଗୁରୁତ୍ୱପୂର୍ଣ୍ଣ

## ଜନ ଧନ ଓ ଆଧାର ଭଳି ମୌଳିକ ଉପାଦାନରୁ ବହୁମୁଖୀ ଯୋଜନା ହୋଇଛି

ନୂଆଦିଲ୍ଲୀ, ୧୬।୫ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପିକେ ମିଶ୍ର ଆଜି ମହାରାଷ୍ଟ୍ରର ପୁଣେଠାରେ ଜାତୀୟ ବ୍ୟାଙ୍କ ପରିଚାଳନା ପ୍ରତିଷ୍ଠାନ (ଏନଆଇବିଏମ)ର ବିଂଶତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇଛନ୍ତି। ଏହି ଅବସରରେ ସେ କହିଥିଲେ ଯେ ପାରମ୍ପରିକ ବ୍ୟାଙ୍କିଙ୍ଗ କେବଳ ସଞ୍ଚୟ ସଂଗ୍ରହ କରିବା ଉପରେ ଧ୍ୟାନକେନ୍ଦ୍ରିତ କରୁଥିବା ବେଳେ ସମସାମୟିକ ଦୃଶ୍ୟପଟ୍ଟ ଜାତୀୟ ସୁଯୋଗ ଉପରେ ବ୍ୟାପକ ଧ୍ୟାନ ଦାବି କରେ। ପାରମ୍ପରିକ ଅର୍ଥନୀତି ବିଷୟରେ ମତ ରଖି ଡକ୍ଟର ମିଶ୍ର କହିଥିଲେ ଯେ ଐତିହାସିକ ଦୃଷ୍ଟିରୁ ବିତ୍ତୀୟ ବ୍ୟାପାର ପ୍ରଚ୍ଛଦପଟରେ ରହି ଏକ ନୀରବ ସହାୟକ



ଭୂମିକା ନିର୍ବାହ କରିଥିଲା। ବାସ୍ତବ ଅର୍ଥ ବ୍ୟବସ୍ଥା ଓ ବିତ୍ତୀୟ ବ୍ୟାପାର ମଧ୍ୟରେ ସମ୍ପର୍କକୁ ଭଲ ଭାବରେ ବୁଝି ହୋଇ ନ ଥିଲା। ପ୍ରାୟତଃ କମ୍ ସୁବିଧାପ୍ରାପ୍ତ ଲୋକଙ୍କୁ ଆନୁଷ୍ଠାନିକ ସଂସ୍ଥାଗତ ସହାୟତାରୁ ବାଦ ଦିଆଯାଉଥିଲା। ଏହି ବିକୃତ ଋଣ ଉପଲବ୍ଧତା ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ସେ ଦୃଢ଼ ଭାବେ କହିଥିଲେ। ଋଣ ହେଉଛି ଆର୍ଥିକ କାର୍ଯ୍ୟକଳାପ, ଜୀବିକା ସୃଷ୍ଟି ଓ ନାଗରିକଙ୍କ କଲ୍ୟାଣର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ସେ କହିଥିଲେ। ଡିଜିଟାଲ୍ ପରିଚୟ ଓ ମୋବାଇଲ୍ ସଂଯୋଗ ସହ ବିତ୍ତୀୟ ବ୍ୟାପାରକୁ ସମନ୍ୱିତ କରିବା ଦ୍ୱାରା ଦୀର୍ଘକାଳୀନ ପ୍ରତିବନ୍ଧକଗୁଡ଼ିକୁ ଦୂର କରାଯାଇଛି। ଜନଧନ, ଆଧାର ଓ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଢାଞ୍ଚା ଦ୍ୱାରା ୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ସ୍ଥାନାନ୍ତର ହୋଇଛି ଓ ବ୍ୟବସ୍ଥାଗତ ପ୍ରଶାସନରେ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇପାରିଛି। ସେ ଏହି ଉପକରଣଗୁଡ଼ିକୁ ଆର୍ଥିକ ପରିଚୟ ପାଇଁ ଏକ ମୌଳିକ ସେତୁ ବୋଲି ସେ କହିଥିଲେ।

# ଭାରତରେ ପ୍ରଥମଥର ଜବତ ହେଲା 'ଜିହାଦୀ ଡ୍ରଗ୍ସ'

ନୂଆଦିଲ୍ଲୀ,୧୬।୫: ଭାରତର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପ୍ରଥମଥର ପାଇଁ 'କେପ୍ଟାଗନ୍' ଡ୍ରଗ୍ସ ଜବତ କରିଛନ୍ତି। ଶନିବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୂଚନା ଦେଇଛନ୍ତି ଯେ, ଏନ୍‌ସିବି 'ଅପରେସନ୍ ରେଜପିଲ୍' ଅନ୍ତର୍ଗତ ୧୮୨ କୋଟି ଟଙ୍କାର ବିପୁଳ ପରିମାଣର 'କେପ୍ଟାଗନ୍' ଡ୍ରଗ୍ସ ଜବତ କରିଛି।



ଏହା ଆତଙ୍କବାଦୀ ନେଟୱର୍କ ଭିତରେ ଜିହାଦୀ ଡ୍ରଗ୍ସ ଭାବରେ ପରିଚିତ। କେନ୍ଦ୍ର ଗୃହମନ୍ତ୍ରୀ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ମଧ୍ୟପ୍ରାଚ୍ୟକୁ ଯାଉଥିବା ଡ୍ରଗ୍ସ ଚାଲାଣର ପର୍ଦ୍ଦାଫାସ ଓ ଜଣେ ବିଦେଶୀ ନାଗରିକଙ୍କୁ ଗିରଫ କରିବା ଡ୍ରଗ୍ସ ବିରୋଧରେ ଶୂନ୍ୟ ସହନଶୀଳତା ପ୍ରତି ଆମର ପ୍ରତିବଦ୍ଧତାର ଉଦାହରଣ। ଭାରତ ଭିତରକୁ ଆସୁଥିବା କିମ୍ବା ଭାରତ ଦେଇ ଅନ୍ୟ ଦେଶକୁ ଯାଉଥିବା ପ୍ରତ୍ୟେକ ଡ୍ରଗ୍ସ ଅର୍ଡର ଜବତ କରାଯିବ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଏନ୍‌ସିବିକୁ ପ୍ରଶଂସା କରିଛନ୍ତି। ଆନ୍ତର୍ଜାତିକ ଡ୍ରଗ୍ସ ଚୋରା ଚାଲାଣକାରୀ ମହମ୍ମଦ ସଲିମ୍ ଡୋଲାକୁ ତୁର୍କୀରୁ ଫେରାଇ ଆଣିବା ଏନ୍‌ସିବି ପାଇଁ ବଡ଼ ସଫଳତା ହୋଇଛି।

ସୂଚନାଯୋଗ୍ୟ ଯେ, ଭାରତର ଗୁଇନ୍ଦା ତଥ୍ୟ ଓ ଇଣ୍ଟରପୋଲ ରେଡ୍ କର୍ଣ୍ଣର ନୋଟିସ ଆଧାରରେ ଏପ୍ରିଲ ୨୫ରେ ୫୮ ବର୍ଷୀୟ ଡୋଲାକୁ ତୁର୍କୀ ଗୁଇନ୍ଦା ସଂସ୍ଥା ଅଟକ ରଖିଥିଲା। ଅପରେସନ୍ ଗ୍ଲୋବାଲ ହଣ୍ଟ ଅନ୍ତର୍ଗତ ଡୋଲାକୁ ଭାରତ ଅଣାଯିବା ପରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା। ଡୋଲା ଆଠ ବର୍ଷ ପୂର୍ବେ ଭାରତରୁ ଖସି ସଂଯୁକ୍ତ ଆରବ ଏମିରେଟ୍ସ ଚାଲି ଯାଇଥିଲା। ୨୦୨୪ରେ ଇସ୍ତାନବୁଲ୍‌କୁ ଛୁଟି କାଟିବାକୁ ଯାଇଥିବାବେଳେ ସେ ତୁର୍କୀରେ ଧରାପଡ଼ିଥିଲା। ଗତବର୍ଷ ଡୋଲାର ପୁଅକୁ ୟୁଏଇରୁ ପ୍ରତ୍ୟାର୍ପଣ କରି ଅଣାଯାଇଥିଲା।

# ଅଭିଷେକଙ୍କ ବିରୋଧରେ ଏଫ୍‌ଆଇଆର୍



କୋଲକାତା,୧୬।୫(ସଂଚାର ବ୍ୟୁରୋ): ନିର୍ଦ୍ଦିଷ୍ଟ ଅଭିଯୋଗ ଆଧାରରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ୨୦୨୬ ମସିହା ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣାର ପରଦିନ ମେ' ୫ ତାରିଖରେ ରାଜୀବ ସରକାର ନାମକ ଜଣେ ବ୍ୟକ୍ତି ବାଗୁଇଆଟି ଥାନାରେ ଅଭିଷେକଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ଦିନ ନିର୍ବାଚନ ସମୟରେ ବିଭିନ୍ନ ସ୍ଥାନରେ ତାଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତେଜନାମୂଳକ ମନ୍ତବ୍ୟ ସମ୍ପର୍କରେ ଅଭିଯୋଗର ଜବାବରେ ବିଧାନନଗର ସାଇବର କ୍ରାଇମ୍ ଥାନାର ପୁଲିସ ଏହି ଏଫ୍‌ଆଇଆର୍ ରୁଜୁ କରିଛି। ସୂତ୍ର ଅନୁଯାୟୀ ଅଭିଷେକଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଦିଆଯାଇଥିବା ଭାଷଣର ଭିଡିଓ କ୍ଲିପ୍ ଉପସ୍ଥାପନ କରି ଅଭିଯୋଗକୁ ପ୍ରମାଣିତ କରାଯାଇଛି। ଏହି ଅଭିଯୋଗ ଆଧାରରେ ପୁଲିସ ଆଇନର ପାଞ୍ଚଟି ନିର୍ଦ୍ଦିଷ୍ଟ ଧାରା ଅନୁଯାୟୀ ମାମଲା ରୁଜୁ କରିଛି। ସାମ୍ପ୍ରଦାୟିକ ହିଂସାକୁ ଉସକାଇବା, ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସଦଭାବନା ଭଙ୍ଗ କରି ଘୃଣା ପ୍ରସାର କରିବା, ହତ୍ୟା ଧମକ ଦେବା, ମିଥ୍ୟା ଏବଂ ଭ୍ରାମକ ବୟାନ ଦେବା ଏବଂ ଗୁଜବ ପ୍ରଚାର କରିବା ଭଳି ବିଭିନ୍ନ ଅଭିଯୋଗ ସହିତ ପୁଲିସ ଅଭିଷେକଙ୍କ ବିରୋଧରେ ଏହି ମାମଲା ଆରମ୍ଭ କରିଛି।

## ଓଟ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

କୋଲକାତା,୧୬।୫(ସଂଚାର ବ୍ୟୁରୋ): ମନ୍ଦିର ବଜାରରେ ଏକ ଓଟ ବୋଝେଇ ଟ୍ରକ ଜବତ କରାଯାଇଛି। ଗାଡିଟି ମଧ୍ୟପ୍ରଦେଶରୁ ଆସିଥିଲା। ଗାଡ଼ିରୁ ମୋଟ ୧୮ଟି ଓଟକୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ମନ୍ଦିରବଜାର ଥାନାର ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ପୁଲିସ ଜଣାଇଛି ଯେ ଓଟଗୁଡ଼ିକୁ ଅସ୍ୱାସ୍ଥ୍ୟକର ଅବସ୍ଥାରେ ବିକ୍ରୟ ପାଇଁ ନିଆ ଯାଉଥିଲା। ସେମାନଙ୍କ ମୁହଁ ବନ୍ଧା ହୋଇଥିଲା। ଅଭିଯୁକ୍ତମାନେ ଉତ୍ତର ପ୍ରଦେଶର ବାସିନ୍ଦା। ଗିରଫ ବ୍ୟକ୍ତି ରୋହିତ କୁମାର ଓ ଅଂଶୁଲ ଯାଦବ ବୋଲି ଚିହ୍ନଟ କରାଯାଇଛି। ପଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ଏବଂ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ବର୍ତ୍ତମାନ ଓଟଗୁଡ଼ିକୁ ବିକ୍ରୟ ପାଇଁ କେଉଁ ସ୍ଥାନକୁ ନିଆଯାଉଥିଲା ତାହା ଜାଣିବାକୁ ଚେଷ୍ଟା କରୁଛନ୍ତି।

## ତୃଣମୂଳ ପଞ୍ଚାୟତ ସଭାପତି ଗିରଫ

କୋଲକାତା,୧୬।୫(ସଂଚାର ବ୍ୟୁରୋ): ଶୁକ୍ରବାର ବିଳମ୍ବିତ ରାତିରେ କ୍ୟାନିଂ ଥାନାର ପୁଲିସ କ୍ୟାନିଂ ୧ ନମ୍ବର ବ୍ଲକର ପଞ୍ଚାୟତ ସମିତିର ସଭାପତି ଉତ୍ତମ ଦାସଙ୍କୁ ଗିରଫ କରିଛି। ଉତ୍ତମ ଏହି ଅଞ୍ଚଳରେ ଜଣେ ପ୍ରଭାବଶାଳୀ ତୃଣମୂଳ ନେତା ଭାବରେ ପରିଚିତ। ତାଙ୍କ ବିରୁଦ୍ଧରେ ଅନେକ ଅଭିଯୋଗ ଥିଲା। ଜାଣିବାକୁ ମିଳିଛି ଯେ ଏକାଧିକ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ଉତ୍ତମ ଦାସଙ୍କ ଗିରଫଦାରୀକୁ ନେଇ ନାଟକୀୟ ଘଟଣାକ୍ରମ ଘଟିଥିଲା। ଶୁକ୍ରବାର ରାତିରେ ସ୍ଥାନୀୟ ଥାନାର ପୁଲିସ ଏକ ବଡ଼ କେନ୍ଦ୍ରୀୟ ବାହିନୀ ସହିତ ମିଠାଖାଲିସ୍ଥିତ ଶ୍ରୀ ଉତ୍ତମଙ୍କ ବାସଭବନରେ ଚଢାଉ କରିଥିଲା।

## ଚୋର ସନ୍ଦେହରେ ଯୁବକକୁ ମାଡ଼

କୋଲକାତା,୧୬।୫ (ସଂଚାର ବ୍ୟୁରୋ): ଚୋରି ସନ୍ଦେହରେ ଶନିବାର ସକାଳେ ବୋଲପୁରର ତତଲପୁର କଲୋନି ଅଞ୍ଚଳରେ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ଶନିବାର ସକାଳେ କଲୋନି ଅଞ୍ଚଳର ଏକ ଘରୁ ଜଣେ ଅଜଣା ଯୁବକ ବାହାରକୁ ଆସୁଥିବାର ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଲୋକମାନେ ପାଟି କରିବାରୁ ଯୁବକ ଜଣକ ଦଉଡ଼ି ପଳାଇବାକୁ ଚେଷ୍ଟା କରିଥିଲା। ଲୋକମାନେ ପିଛା କରି ସନ୍ଦିଗ୍ଧ ଯୁବକଙ୍କୁ କାବୁ କରିନେବା ସହ ସେ ଚୋର ବୋଲି ସନ୍ଦେହ କରି ତାକୁ ଗୋଟିଏ ଗଛରେ ବାନ୍ଧି ପିଟିଥିଲେ। ପୁଲିସ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇଛି।

# ବରିଷ୍ଠ ପ୍ରଶାସକ କରୁଣାକର ପଟ୍ଟନାୟକଙ୍କ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ): ସ୍ଥାନୀୟ ଭାରତୀୟ ବିଦ୍ୟା ଭବନଠାରେ ବରିଷ୍ଠ ପ୍ରଶାସକ କରୁଣାକର ପଟ୍ଟନାୟକଙ୍କ ଲିଖିତ ପୁସ୍ତକ ଉନ୍ମୋଚିତ ହୋଇଛି। ଗତ ୧୦ ତାରିଖରେ ତାଙ୍କ ଦ୍ୱାରା ଲିଖିତ 'ଇମର୍ଜିଂ ପାରାଡିମ୍‌ସ ଅଫ୍ ଡିଷ୍ଟ୍ରିକ୍ଟ ଆଡମିନିଷ୍ଟ୍ରେସନ୍ ଇନ୍ ଇଣ୍ଡିଆ' ପୁସ୍ତକ ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ମୁଖ୍ୟ ବକ୍ତା ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଅବସରପ୍ରାପ୍ତ ରାଜ୍ୟ ନିର୍ବାଚନ କମିଶନର ସଞ୍ଜୀବ ଚନ୍ଦ୍ର ହୋତାଙ୍କ ଉପସ୍ଥିତିରେ ପୁସ୍ତକଟି ଉନ୍ମୋଚିତ ହୋଇଛି। ସଞ୍ଜୀବ ଚନ୍ଦ୍ର ହୋତା ବିସ୍ତୃତ ଭାବେ ପୁସ୍ତକଟିର ସମୀକ୍ଷା କରିଥିବା ବେଳେ ଶେଷରେ ଡକ୍ଟର ଅଶ୍ୱିନୀ କୁମାର ତିୱାରୀ ଧନ୍ୟବାଦ ଦେଇଥିଲେ।

# ଇ-ପତ୍ରିକା ସୂର୍ଯ୍ୟପ୍ରଭା ଲୋକାର୍ପିତ

କୋଲକାତା,୧୬।୫(ସଂଚାର ବ୍ୟୁରୋ): ଶୁକ୍ରବାର ସନ୍ଧ୍ୟାରେ ମାସିକ ଇ- ପତ୍ରିକା 'ସୂର୍ଯ୍ୟପ୍ରଭା'ର ଦ୍ୱିତୀୟ ବର୍ଷ ଷଷ୍ଠ ସଂଖ୍ୟା ଲୋକାର୍ପିତ ହୋଇଯାଇଛି। ଶ୍ରୀ ଶ୍ରୀ ଜଗନ୍ନାଥ ବନ୍ଦନା ସହିତ ବାମନ ଚନ୍ଦ୍ର ଦୀକ୍ଷିତ ସଭାର ଶୁଭାରମ୍ଭ କରିଥିଲେ। ଦେଶରେ ଉତ୍ପନ୍ନ ହେଇଥିବା ତୈଳ ସଙ୍କଟ ଉପରେ ମୈତ୍ରେୟୀ କାମିଲା, କାଶୀନାଥ ପଣ୍ଡା, ଅରୁଣ ମହାପାତ୍ର, ଅନଙ୍ଗ ଭୂଷଣ ମହାନ୍ତି ଏବଂ ସୁବ୍ରତ ରଥ ପ୍ରାରମ୍ଭିକ ପର୍ଯ୍ୟାୟରେ ଆଲୋକପାତ କରିଥିଲେ। କବି ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ବହୁ କବି, କବୟିତ୍ରୀ ଏବଂ ସାହିତ୍ୟକାର ସଭାରେ ଯୋଗ ଦେଇଥିଲେ। କବି ଅରୁଣ କୁମାର ମହାପାତ୍ର, ହେମନ୍ତ ବରାଇ, କାଶୀନାଥ ପଣ୍ଡା, ପ୍ରଭାତ କୁମାର ଆଚାର୍ଯ୍ୟ, ଶିଶିର କୁମାର କର, ଜୁମର ନାଥ ପାତ୍ର, ସୁବ୍ରତ କୁମାର ରଥ, ଡଃ ବାମନ ଚନ୍ଦ୍ର ଦୀକ୍ଷିତ ଏବଂ ବିଶିଷ୍ଟ କବୟିତ୍ରୀ କଲ୍ପନା ମିଶ୍ର, ମୈତ୍ରେୟୀ କମିଲା, ମଧୁସ୍ମିତା ମହାପାତ୍ର, ସୁବାସିନୀ ଦାଶ, ଜୟନ୍ତୀ ନାୟକ, ପୁଷ୍ପାଞ୍ଜଳି ପତ୍ରି, ସିଂତୁ ମହଲା, ଶୁଭାଗିନୀ ସିଂହ, ଚନ୍ଦ୍ରା ମିଶ୍ର, ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ରଶ୍ମିପ୍ରଭା ରଣସିଂହ, ପଦ୍ମାବତୀ ମିଶ୍ର, ପ୍ରଜ୍ଞା ପାରମିତା ଆଦି ସ୍ୱରଚିତ କବିତା ପାଠ କରିଥିଲେ।

# ବେଆଇନ ଗୋରୁ ଚାଲାଣ ପଣ୍ଡ



କୋଲକାତା,୧୬।୫(ସଂଚାର ବ୍ୟୁରୋ): ବିଧାୟିକା ରେଖା ପାତ୍ର ଏକ ବେଆଇନ ଗୋରୁ ଚାଲାଣ ଉଦ୍ୟମକୁ ପଣ୍ଡ କରିଛନ୍ତି। ସ୍ଥାନୀୟ ସୂତ୍ର ଅନୁଯାୟୀ, କିଛି ବ୍ୟକ୍ତି ବେଆଇନ ଭାବରେ ଗୋରୁ ପରିବହନ କରୁଥିଲେ। ସୂଚନା ପାଇ ହିଙ୍ଗଲଗଞ୍ଜ ବିଧାୟିକା ରେଖା ପାତ୍ର ତୁରନ୍ତ ସେହି ଅଞ୍ଚଳରେ ପହଞ୍ଚି ଗୋରୁଗୁଡ଼ିକୁ ଗାଡ଼ିରୁ ଉଦ୍ଧାର କରିଥିଲେ। ବିଧାୟିକା କହିଛନ୍ତି ଯେ ଗାଡ଼ିରୁ ଅନେକ ବାଛୁରୀ ଉଦ୍ଧାର କରାଯାଇଛି। ଗୋରୁଗୁଡ଼ିକୁ ବେଆଇନ ବିକ୍ରୟ ଉଦ୍ଦେଶ୍ୟରେ ନିଆଯାଉଥିଲା।

# ବସ୍ତି ଉଚ୍ଛେଦ ନୋଟିସ୍ ଉପରେ କୋର୍ଟଙ୍କ ରହିତାଦେଶ

କୋଲକାତା,୧୬।୫(ସଂଚାର ବ୍ୟୁରୋ): କୋଲକାତା ହାଇକୋର୍ଟ ବ୍ରେସ୍ ବ୍ରିଜ୍ ରେଳ ଷ୍ଟେସନ୍ ପରିସରରେ ଥିବା ବସ୍ତି ସମ୍ବନ୍ଧୀୟ ଉଚ୍ଛେଦ ନୋଟିସ୍ ଉପରେ ଏକ ଅନ୍ତର୍ବର୍ତ୍ତୀ ସ୍ଥଗିତାଦେଶ ଜାରି କରିଛନ୍ତି। ବିଚାରପତି ହିରଣ୍ମୟ



ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଏହି ସ୍ଥଗିତାଦେଶ ମେ ୨୦ ତାରିଖ ପର୍ଯ୍ୟନ୍ତ ବା କୋର୍ଟ ଦ୍ୱାରା ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଶୁକ୍ରବାର ଏହି ଅଞ୍ଚଳରେ ରହୁଥିବା ପ୍ରାୟ ୬ ହଜାର ବସ୍ତି ବାସିନ୍ଦାଙ୍କ ଦ୍ୱାରା ଦାଏର ଏକ ଆବେଦନର ଶୁଣାଣି କରି ବିଚାରପତି ହିରଣ୍ମୟ ଭଟ୍ଟାଚାର୍ଯ୍ୟ ଆହୁରି କହିଥିଲେ ଯେ, ଆବେଦନକାରୀଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରାସଙ୍ଗିକ ଆଇନ ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରାଯାଇଛି କି ନାହିଁ ତାହା ଯାଞ୍ଚ କରାଯିବା ଆବଶ୍ୟକ। ପୂର୍ବ ରେଳବାଇ ଦ୍ୱାରା ମେ ୯ ତାରିଖରେ ଜାରି କରାଯାଇଥିବା ଏକ ବିଜ୍ଞପ୍ତି ବିବାଦ ସୃଷ୍ଟି କରିଥିଲା। ଫଳସ୍ୱରୂପ, ଏହି ଉଚ୍ଛେଦ ନୋଟିସ୍‌କୁ ଚ୍ୟାଲେଞ୍ଜ କରି ଏକ ମାମଲା ଦାୟର କରାଯାଇଥିଲା। ଆବେଦନକାରୀମାନେ ଅଭିଯୋଗ କରିଥିଲେ ଯେ କର୍ତ୍ତୃପକ୍ଷ ପବ୍ଲିକ୍ ପ୍ରୋମିସେସ୍ ଆଇନ, ୧୯୭୧ ଅନୁଯାୟୀ ନିର୍ଦ୍ଧାରିତ ବାଧ୍ୟତାମୂଳକ ପ୍ରକ୍ରିୟା ପାଳନ ନକରି ଏକ ଗଣ ଉଚ୍ଛେଦ ଅଭିଯାନ ଚଳାଇବାକୁ ଚେଷ୍ଟା କରୁଛନ୍ତି। ଏହି ମାମଲା ପରିପ୍ରେକ୍ଷୀରେ ହାଇକୋର୍ଟ ଅନ୍ତର୍ବର୍ତ୍ତୀ ସ୍ଥଗିତାଦେଶ ଜାରି କରିଛନ୍ତି।

# ହାଇକୋର୍ଟ ଗ୍ରୀଷ୍ମାବକାଶ, ମାସେ ଛୁଟି



କଟକ,୧୬।୫: ଗ୍ରୀଷ୍ମାବକାଶ ପାଇଁ ଓଡିଶା ହାଇକୋର୍ଟର ଅଦାଲତି କାର୍ଯ୍ୟ ପ୍ରାୟ ମାସେ ବନ୍ଦ ରହିବ। ତେବେ ଏହି ଛୁଟି ଭିତରେ କେତେକ ବିଚାରପତିଙ୍କ କୋର୍ଟ ଖୋଲା ରଖାଯାଇ ଜରୁରୀ ମାମଲାର ଶୁଣାଣି ହେବ। ଚଳିତ ସପ୍ତାହର ଶୁକ୍ରବାର ପରଠାରୁ ହାଇକୋର୍ଟର ନିୟମିତ ବେଞ୍ଚଗୁଡିକ ପ୍ରାୟ ମାସେ ଧରି ବନ୍ଦ ରହିବ। ଶେଷ କାର୍ଯ୍ୟକାରୀ ଦିବସ ମଇ ୨୨ତାରିଖ ଥିବାବେଳେ ହାଇକୋର୍ଟ କ୍ୟାଲେଣ୍ଡର ମୁତାବକ ଜୁନ୍ ୨୨ ତାରିଖରେ ଗ୍ରୀଷ୍ମାବକାଶ ପରେ ପୁଣି ନିୟମିତ କୋର୍ଟ କାର୍ଯ୍ୟ ଚାଲିବ।

ତେବେ ଗ୍ରୀଷ୍ମାବକାଶ ସମୟରେ କେଉଁ କେଉଁ ଦିନ କେଉଁ କେଉଁ ବିଚାରପତି କେଉଁ ସମୟରେ ଶୁଣାଣି କରିବେ ସେ ସଂକ୍ରାନ୍ତରେ ହାଇକୋର୍ଟ ରେଜେଷ୍ଟ୍ରି ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ହାଇକୋର୍ଟର ନିୟମିତ ବେଞ୍ଚଗୁଡିକ ଗ୍ରୀଷ୍ମାବକାଶ ପାଇଁ ବନ୍ଦ ରହୁଥିଲେ ମଧ୍ୟ ହାଇକୋର୍ଟର ରେଜେଷ୍ଟ୍ରି ତଥା ଦପ୍ତରଗୁଡ଼ିକ କିନ୍ତୁ ସବୁ କାର୍ଯ୍ୟ ଦିବସରେ ଖୋଲା ରହିବ।

ଏହି ସମୟରେ ସମ୍ପୃକ୍ତ ପକ୍ଷଙ୍କ ପକ୍ଷରୁ ନୂଆ ମାମଲା ରୁଜୁ ସହ ପୁରୁଣା ମାମଲାଗୁଡ଼ିକରେ ଆବଶ୍ୟକ କାଗଜପତ୍ର ଓ ସତ୍ୟପାଠ ଆଦି ରେଜିଷ୍ଟ୍ରିରେ ଦାଖଲ କରାଯାଇପାରିବ। ତୈଳ ସଙ୍କଟଜନିତ ସମସ୍ୟା ଲାଗି ରହିଥିବା ବେଳେ ଗ୍ରୀଷ୍ମାବକାଶ ଯୋଗୁଁ ନିୟମିତ ଅଦାଲତ କାମ ବନ୍ଦ ରହୁଥିବାରୁ ଏହା ଓକିଲମାନଙ୍କୁ ବହୁ ପରିମାଣରେ ଆଶ୍ୱସ୍ତି ଦେବ। ତେବେ ଓଡ଼ିଶା ହାଇକୋର୍ଟରେ ଭର୍ଚୁଆଲ କୋର୍ଟ ଚାଲୁଥିବାରୁ କୋର୍ଟ ଦିବସଗୁଡ଼ିକରେ ବିଶେଷ କିଛି ଅସୁବିଧା ହେଉନାହିଁ।

ବରିଷ୍ଠ ଆଇନ୍‌ଜୀବୀମାନେ କହୁଛନ୍ତି ଯେ ଏହି ମାସେ ବ୍ୟାପି ଛୁଟି ସମୟରେ ଅନେକ ବିଚାରପତି ସେମାନେ ସଂରକ୍ଷିତ ରଖିଥିବା ରାୟ ସାଧାରଣତଃ ଚୂଡ଼ାନ୍ତ କରିଥାନ୍ତି। ଗ୍ରୀଷ୍ମାବକାଶ ଛୁଟି ଲମ୍ବା ଜଣାପଡୁଥିଲେ ମଧ୍ୟ ବସ୍ତୁତଃ ଏହି ସମୟରେ ଅନେକ ବିଚାରପତି ରାୟ ପ୍ରସ୍ତୁତି କାମରେ ବ୍ୟସ୍ତ ରହନ୍ତି। ହାଇକୋର୍ଟ ସହ ସୁପ୍ରିମକୋର୍ଟରେ ମଧ୍ୟ ଲମ୍ବା ଗ୍ରୀଷ୍ମାବକାଶ ହୋଇଥାଏ। ଏହାଛଡ଼ା ନିମ୍ନ ଅଦାଲତଗୁଡ଼ିକରେ ବି କିଛିଦିନ ପାଇଁ ଗ୍ରୀଷ୍ମାବକାଶ ଚାଲେ। ପ୍ରାକ୍ ସ୍ୱାଧୀନତା କାଳରେ ଗ୍ରୀଷ୍ମାବକାଶ ଅଧିକ ଲମ୍ବା ରହୁଥିଲା। ସେତେବେଳେ କୋର୍ଟଗୁଡ଼ିକରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ନ ଥିଲା। ଇଂଲଣ୍ଡରୁ ଆସି ଯେଉଁମାନେ ଭାରତରେ ବିଚାରପତି କାର୍ଯ୍ୟ ତୁଲାଉଥିଲେ ସେମାନେ ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରେ କୋର୍ଟ ଗାଉନ୍ ଆଦି ପିନ୍ଧି କାମ କରିବା ସମ୍ଭବପର ହେଉ ନ ଥିଲା। ତେଣୁ ଲମ୍ବା ଗ୍ରୀଷ୍ମାବକାଶରୁ ଫାଇଦା ଉଠାଇ ଅନେକ ବିଦେଶୀ ବିଚାରପତି ନିଜ ଦେଶକୁ ଫେରିଯାଉଥିଲେ।

ସ୍ୱାଧୀନୋତ୍ତୋର ଭାରତବର୍ଷରେ ସୁପ୍ରିମକୋର୍ଟ ପ୍ରତିଷ୍ଠା କରାଯିବା ସହ ହାଇକୋର୍ଟମାନଙ୍କର ସଂଖ୍ୟା ବଢ଼ିଛି। ବର୍ଷକୁ ବର୍ଷ ମାମଲାର ଚାପ ମଧ୍ୟ ବଢ଼ି ଚାଲିଥିବା ବେଳେ ବିଚାରପତିମାନଙ୍କ ଅନୁମୋଦିତ ପଦବୀରୁ ଅନେକ ବର୍ଷ ବର୍ଷ ଧରି ଖାଲି ପଡୁଛି। ମାମଲା ସଂଖ୍ୟା ବୃଦ୍ଧିର ଏହା ଅନ୍ୟତମ କାରଣ ହୋଇଥିଲେ ମଧ୍ୟ ଏସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଓଡ଼ିଶା ହାଇକୋର୍ଟରେ କିନ୍ତୁ ମାମଲା ଫଏସଲା ହାର ଅନ୍ୟ ବହୁ ରାଜ୍ୟ ତୁଳନାରେ ସନ୍ତୋଷଜନକ ରହିଛି। ଏଠାରେ ଉଲ୍ଲେଖନୀୟ ଯେ ଓଡ଼ିଶା ହାଇକୋର୍ଟ ପାଇଁ ୩୩ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବା ବେଳେ ଏଥିରୁ ଏବେ ପାଖାପାଖି ଅଧା ପଦବୀ ଖାଲି ପଡ଼ିଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶିଳାନ୍ୟାସରେ ସାମିଲ...

ଓଡ଼ିଶାରେ କ୍ଲିନ୍ ଏନର୍ଜି, ଇଲେକ୍ଟ୍ରୋନିକ୍ସ ଓ ଆଧୁନିକ ମୋଟର ଗାଡ଼ି ନିର୍ମାଣ ପାଇଁ ମୌଳିକ ଧାତୁ ଯୋଗାଇ ଦେବାରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୬ ସମୃଦ୍ଧ ଓଡ଼ିଶା ପରିକଳ୍ପନାକୁ ସାକାର କରିବାରେ ଓଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପରିବେଶ ସୁରକ୍ଷା, ସୁରକ୍ଷିତ ଖଣି ପରିଚାଳନା ଓ ଖଣି ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ଓଏମ୍‌ସି ନିରନ୍ତର ଉଦ୍ୟମ ଜାରି ରଖିଛି। ସିଏସଆର୍ ପଦକ୍ଷେପ ମାଧ୍ୟମରେ ଖଣି ଅଞ୍ଚଳଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମହିଳା ସଶକ୍ତିକରଣ, କ୍ରୀଡ଼ା, ଭିତ୍ତିଭୂମି ବିକାଶ ଦିଗରେ ଅନେକ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳରେ ସକାରାତ୍ମକ ପରିବର୍ତ୍ତନ ଆଣିଛି। ମେସିନ୍ ସହ ସ୍ଥାନୀୟ ବାସିନ୍ଦାଙ୍କୁ ଖଣି କ୍ଷେତ୍ରରେ ଅଧିକ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଗମକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କର ଜୀବନଜୀବିକା ଆହୁରି ସୁଦୃଢ଼ ହେବ ବୋଲି ସେ ମତ ଦେଇଥିଲେ।

ବେସରକାରୀ ମାଇନ୍ସ ଶତପ୍ରତିଶତ ମେସିନ୍‌ରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ସେହି ଖଣି ବିସ୍ଥାପିତ ଲୋକଙ୍କୁ ଭୁଲି ଯାଉଛନ୍ତି। ସେହି ଲୋକମାନେ ତାଙ୍କ ଘର ମାଟି ତଳେ ଆଉ ଗାଁ ତଳେ ଅଛି ଖଣିଜ ସମ୍ପଦ ସେମାନେ ତାକୁ ପ୍ରଦାନ କରୁଛନ୍ତି। ତେଣୁ ତାଙ୍କ ଆର୍ଥିକ ବିକାଶକୁ ଆମକୁ ଧ୍ୟାନ ଦେବାର ଆବଶ୍ୟକତା ଅଛି। ଖଣି ଅଞ୍ଚଳରେ ଲୋକଙ୍କ କରୁଣ କାହାଣୀ ମୁଁ ଦେଖିଛି। ଆଜି ବି ସେମାନଙ୍କ ଅବସ୍ଥା ପରିବର୍ତ୍ତନ ହୋଇନାହିଁ। ବିଭାଗ ଏ ଦିଗରେ ଚିନ୍ତା କରିବାର ଆବଶ୍ୟକତା ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଳିଆପାଣିଠାରେ ନବନିର୍ମିତ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ, ଖଣି ଅଞ୍ଚଳବାସୀଙ୍କ ପାଇଁ ୮ଟି ଅତ୍ୟାଧୁନିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସ, ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଓ-ସ୍ୱାସ୍ଥ୍ୟ ନାମକ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏଥିସହ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ରିଜିଅନକୁ ପୁରସ୍କୃତ କରିଥିଲେ।

## ବିଦ୍ୟାବିଦ୍ୟାଳୟରେ...

ଏହା ବିଶ୍ୱବିଦ୍ୟାଳୟର ଖର୍ଚ୍ଚକାଟ କରିବା ସହ ଦାୟିତ୍ୱସମ୍ପନ୍ନ ପ୍ରଶାସନକୁ ସୁନିଶ୍ଚିତ କରିବ। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ପ୍ରଶାସନିକ ଖର୍ଚ୍ଚ କମାଇବାକୁ ସୌର ଶକ୍ତି କିମ୍ବା ଅନ୍ୟ ସବୁଜ ଶକ୍ତିର ବ୍ୟବହାର କରାଯିବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି। ଇନ୍ଧନ ସୁରକ୍ଷା, ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନଯାପନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର, କର୍ମଶାଳା, ସଚେତନତା ଶିବିର ଆଦିର ଆୟୋଜନା କରିବା ସହ କ୍ୟାମ୍ପସରେ ଦୈନନ୍ଦିନ ଇନ୍ଧନ, ପାଣି, ବିଦ୍ୟୁତ ବ୍ୟବହାରକୁ ନିୟନ୍ତ୍ରିତ କରିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଶିକ୍ଷାର୍ଥୀମାନେ ଭବିଷ୍ୟତରେ ଏକ ସୁରକ୍ଷିତ ଓ ସଶକ୍ତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇପାରିବେ। ତେଣୁ ଏଦିଗରେ ଶିକ୍ଷାର୍ଥୀଙ୍କୁ ସଚେତନ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ଚିଠି ଲେଖିଛନ୍ତି।

## ଭିଡ଼ କମିଛି...

ବନ୍ଦ ହୋଇଯାଇଛି। କେଉଁଠି ଖରା ଓ ଲମ୍ବା ଲାଇନ ଦେଖି ଲୋକେ ଫେରୁଛନ୍ତି ତ କେଉଁଠି ଟାଙ୍କିରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଛି। ଗଞ୍ଜାମ ଜିଲ୍ଲାର ଭଞ୍ଜନଗରର ଏକ ପେଟ୍ରୋଲ ଟାଙ୍କି ସମ୍ମୁଖ ରାସ୍ତା ଅବରୋଧ ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ କର୍ମଚାରୀ ଓ ଗ୍ରାହକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଓ ଉତ୍ତେଜନା ଦେଖି ତେଲ ଦେବା ବନ୍ଦ କରିଦେଇଥିଲେ ମାଲିକ। ସେପଟେ ସମ୍ବଲପୁରରେ ତେଲ ମିଳୁ ନ ଥିବାରୁ ବହୁ ଅଟୋ ଚାଳକ ଗାଡ଼ି ଗଡ଼ାଉ ନାହାଁନ୍ତି। ରାଉରକେଲାରେ ମଧ୍ୟ ଡିଜେଲ ନ ଥିବାରୁ ରାସ୍ତାରୁ ଅଳିଆ ଉଠୁନଥିବା ଅଭିଯୋଗ ହେଉଛି।

ସେପଟେ ସୋମବାର ସନ୍ଧ୍ୟା ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବ ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ସମ୍ପାଦକ ସଞ୍ଜୟ ଲାଠ ସୂଚନା ଦେଇଛନ୍ତି। ସ୍ଥିତିରେ ସୁଧାର ପାଇଁ ରବିବାର ବି ଡିପୋ ଖୋଲା ରଖିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ରହିଛି ବୋଲି ଆଇଓସିଏଲ ସିଜିଏମ କମଲ ସିଲ୍ କହିଛନ୍ତି। ଦୁଇ ଦିନ ଅତ୍ୟଧିକ ବିକ୍ରି ପାଇଁ ସମସ୍ୟା ଦେଖାଦେଇଥିଲା। କିନ୍ତୁ ଏବେ ସମାଧାନ ପାଇଁ ବ୍ୟବସ୍ଥା ହୋଇଛି। ସବୁ ଜାଗାରେ ଷ୍ଟକ୍ ରଖିବାକୁ ଆଗକୁ ବ୍ୟବସ୍ଥା କରାଯିବ। ଲୋକଙ୍କୁ ଅନୁରୋଧ ଧାଡ଼ିରେ ନ ରୁହନ୍ତୁ। ଯଦି କୌଣସି ଟାଙ୍କିରେ ଘଣ୍ଟେ ଦୁଇ ଘଣ୍ଟା ସମୟ ଲାଗୁଛି, ପାଖ ଟାଙ୍କିରେ ସେମାନେ ତେଲ ପକାନ୍ତୁ। ସକାଳ ୬ରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଟାଙ୍କି ଖୋଲା ରହୁଛି। ଓଡ଼ିଶାରେ ମୋଟ୍ ୨୮୦୦ ଟାଙ୍କି ଥିବା ବେଳେ ସେମଧ୍ୟରୁ ୮୦ଟା ପୂର୍ବରୁ ବିଭିନ୍ନ କାରଣରୁ ବନ୍ଦ ହୋଇଥିଲା। ଯେଉଁ ପେଟ୍ରୋଲ ପମ୍ପ୍‌ରେ ତେଲ ନାହିଁ, ସେଠିକି ତୁରନ୍ତ ତେଲ ପହଞ୍ଚାଇବାକୁ ବ୍ୟବସ୍ଥା କରୁଛୁ ବୋଲି ସେ କହିଛନ୍ତି।

ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍ ସମ୍ପାଦକ କହିଛନ୍ତି ଯେ ଅହେତୁକ ବିକ୍ରି ବୃଦ୍ଧି ଏବେ ଆବଶ୍ୟକ ପରିମାଣର ତେଲ ନ ପହଞ୍ଚିବା କାରଣରୁ ଲୋକେ ଭାବିଲେ ତେଲ ସରିଗଲା। ଯେତିକି ମିଳିବା କଥା ତାହା ମିଳିପାରିଲାନି। ଆସନ୍ତାକାଲି ମଧ୍ୟ ତୈଳ ଡିପୋ ଅପରେଟ୍ ପାଇଁ ଅନୁରୋଧ କରାଯାଇଛି। ସୋମବାର ସୁଦ୍ଧା ସ୍ୱାଭାବିକ ସ୍ଥିତିରେ ସୁଧାର ଆସିଯିବ। କଳାବଜାରୀଙ୍କୁ ପ୍ରୋତ୍ସାହନ ନ ଦେବାକୁ ଡିଲର ସଂଘ ଓ ତୈଳ କମ୍ପାନୀ ପକ୍ଷରୁ ଡିଲରମାନଙ୍କୁ ତାଗିଦ କରାଯାଇଛି।

## ନବମ ଓ ଦଶମରେ...

ଭାଷା ପରୀକ୍ଷା ଦେବା ମଧ୍ୟ ଛାତ୍ରଛାତ୍ରୀଙ୍କ ସକାଶେ ବାଧ୍ୟତାମୂଳକ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ତୃତୀୟ ଭାଷା ଭାବେ ଆଞ୍ଚଳିକ ଭାଷା ତାଲିକାରେ 'ଓଡ଼ିଆ' ସହ ମୋଟ ୧୯ଟି ଭାଷାକୁ ସ୍ଥାନ ଦିଆଯାଇଛି। ଯେଉଁ ଛାତ୍ରଛାତ୍ରୀମାନେ ବିଦେଶୀ ଭାଷା (ଫ୍ରେଞ୍ଚ, ଜର୍ମାନୀ ଆଦି) ପଢିବାକୁ ଚାହିଁବେ, ସେମାନେ ୩ୟ ଭାଷାକୁ ଚୟନ କରିପାରିବେ। ଏଥିସହ ଛାତ୍ରଛାତ୍ରୀ ଚାହିଁଲେ ଚତୁର୍ଥ ଭାଷା ମଧ୍ୟ ପଢ଼ିପାରିବେ।

## ସରକାରୀ ଉଦ୍ୟୋଗରେ...

ବସିଥିବା ଶାସକ ଦଳର ନେତାମାନେ ହତାଶ ହେବାରେ ଲାଗିଛନ୍ତି। ଗୋଟିଏ ପଟେ ସରକାର ଖର୍ଚ୍ଚକାଟ କରିବା ପାଇଁ ନାନା ଉପାୟ ଗ୍ରହଣ କରୁଥିବା ବେଳେ ସରକାରୀ ଉଦ୍ୟୋଗରେ ନିଯୁକ୍ତି ଦେଇ ଆଉ ରାଜକୋଷ ଉପରେ ଆର୍ଥିକ ଚାପ ପକାଇବେ ନାହିଁ। କାରଣ ସରକାରୀ ଉଦ୍ୟୋଗରେ ରାଜନୈତିକ ନିଯୁକ୍ତି ହେଲେ ସେମାନଙ୍କ ପାଇଁ ମୋଟା ଅଙ୍କର ବେତନ ସାଙ୍ଗକୁ ଗାଡ଼ି ଓ କର୍ମଚାରୀ ମୁତୟନ କରିବାକୁ ପଡ଼ିବ। ଏହା ସାଙ୍ଗକୁ ଦାପ୍ତରିକ ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ତେଣୁ ସରକାର କେବେହେଲେ ବର୍ତ୍ତମାନ ସ୍ଥିତିରେ ଏଭଳି ନିଯୁକ୍ତି କରି ସମାଲୋଚିତ ହେବାକୁ ଚାହିଁବେ ନାହିଁ।

ଅନ୍ୟପକ୍ଷରେ ଯେଉଁସବୁ ସରକାରୀ ଉଦ୍ୟୋଗରେ ଆବଶ୍ୟକ ନ ଥାଇ ଅଧିକ କର୍ମଚାରୀ ନିଯୁକ୍ତି ହୋଇଛନ୍ତି, ସେମାନଙ୍କ ମଧ୍ୟରେ ବି କୋକୁଆ ଭୟ ସୃଷ୍ଟି ହୋଇଛି। କାରଣ ଖର୍ଚ୍ଚକାଟ୍ ଖଣ୍ଡା ସେମାନଙ୍କ ମୁଣ୍ଡରେ ପଡ଼ିବ ବୋଲି ଆଶଙ୍କା କଲେଣି। ଏଥିସହ କେତେକ ଉଦ୍ୟୋଗରେ ମାଳ ମାଳ ଗାଡି ମଧ୍ୟ ଭଡ଼ାରେ ଆଣି ବାବୁମାନେ ଚଢୁଛନ୍ତି। ସେଥିରେ ବି ସରକାର କଟକଣା ଲଗାଇବାର ସମ୍ଭାବନା ଥିବା ଆଲୋଚନା ହେଉଛି।

# ନିର୍ମାଣାଧୀନ ଲଜ୍ କାମ ବେଳେ ଅଘଟଣ, କାନ୍ଥ ପଡ଼ି ଶ୍ରମିକଙ୍କ ମୃତ୍ୟୁ



ପୁରୀ,୧୬।୫: ନିର୍ମାଣାଧୀନ ଲଜ୍‌ରେ କାନ୍ଥ ପଡି ଶ୍ରମିକଙ୍କ ମୃତ୍ୟୁ। ପୁରୀ ଚକ୍ରତୀର୍ଥ ରୋଡ୍‌ରେ ଘଟିଛି ଅଭାବନୀୟ ଘଟଣା। ନିର୍ମାଣାଧୀନ ଲଜ୍‌ରେ କାନ୍ଥ ପଡି ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି । ମୃତ ଶ୍ରମିକ ଜଗତସିଂହପୁର ଅଞ୍ଚଳର ପପୁ ବୋଲି ଜଣାପଡିଛି । ପୁରୀ ଚକ୍ରତୀର୍ଥ ରୋଡ୍ ନିକଟରେ ଥିବା ଦୁର୍ଗା ଲଜ୍‌ରେ ଶ୍ରମିକ ମାନେ କାମ କରୁଥିଲେ। ନିର୍ମାଣଧୀନ ଲଜ୍ କାମ ଚାଲିଥିବା ବେଳେ କାନ୍ଥ ପଡିଯାଇଥିଲା । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ମୃତ ଶ୍ରମିକଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଛନ୍ତି । ଘଟଣାସ୍ଥଳରେ ସମୁଦ୍ର କୂଳ ଥାନା ପୋଲିସର ତଦନ୍ତ ଆରମ୍ଭ । ପୁରୀ ଚକ୍ରତୀର୍ଥ ରୋଡ୍‌ରେ ଅଭାବନୀୟ ଘଟଣା । ନିର୍ମାଣାଧୀନ ଲଜ୍‌ର କାନ୍ଥ ଭୁଶୁଡ଼ି ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଖବର ପାଇ ଘଟଣାସ୍ଥଳରେ ତୁରନ୍ତ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଶ୍ରମିକଙ୍କୁ ଉଦ୍ଧାର କରି ପୁରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ସେପଟେ ସମୁଦ୍ର କୂଳ ଥାନା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ଶ୍ରମିକ ଜଣକ ଜଗତସିଂହପୁର ଅଞ୍ଚଳର ପପୁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଘଟଣାକୁ ନେଇ ଚକ୍ରତୀର୍ଥ ରୋଡ୍‌ରେ ଭୟର ବାତାବରଣ ଖେଳିଯାଇଛି ।

## କନ୍ଧମାଳ ଜିଲ୍ଲା ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ଫୁଲବାଣୀ,୧୬।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କନ୍ଧମାଳ ଜିଲ୍ଲା ଟପର ହୋଇଥିବା ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ର ଅଭିଷେକ ମହାପାତ୍ରଙ୍କୁ ଏମବିଡି ଗ୍ରୁପ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବୌଦ୍ଧିକ ମଣ୍ଡପରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମବିଡି ପବ୍ଲିକେସନ ପକ୍ଷରୁ ସଂସ୍ଥାର ଗଞ୍ଜାମ, ଗଜପତି ଓ କନ୍ଧମାଳର ମାର୍କେଟିଙ୍ଗ ମ୍ୟାନେଜର ନିହାର ରଞ୍ଜନ ପଣ୍ଡା ଅଭିଷେକଙ୍କ ସମେତ ତାଙ୍କ ପିତା ଆଇନଜୀବୀ ପ୍ରଦୀପ ମହାପାତ୍ର, ମାତା ଆରତୀ ପଣ୍ଡା ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଟି. ଶିବ ଶଙ୍କର ପାତ୍ର, ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ନିଜ ପ୍ରତିକ୍ରିୟାରେ ଅଭିଷେକ ଏହି ସଫଳତାର ଶ୍ରେୟ ଗୁରୁଜୀ ଗୁରୁମା ଓ ପିତାମାତାଙ୍କୁ ଦେବା ସହ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଜନସେବା କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଆଚାର୍ଯ୍ୟ ଓ ଆଚାର୍ଯ୍ୟାମାନେ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

## ସୌମ୍ୟ ରଞ୍ଜନ ବୋରିଗୁମ୍ମା ବ୍ଲକ ଟପ୍ପର



**ବୋରିଗୁମ୍ମା,୧୬।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ (ଏନଏମଏମଏସ) ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି ପରୀକ୍ଷା ଫଳ ଆଜି ସଂଧ୍ୟାରେ ପ୍ରକାଶ ପାଇଛି । ଏଥିରେ କୋରାପୁଟ ଜିଲ୍ଲାରେ ବୋରିଗୁମ୍ମା ସଦର ଦାସିରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସୌମ୍ୟ ରଞ୍ଜନ ପ୍ରଧାନ ବୋରିଗୁମ୍ମା ବ୍ଲକରେ ଟପ୍ପର ହୋଇଥିବା ବେଳେ ଜିଲ୍ଲାର ତୃତୀୟ ଟପ୍ପର ଭାବେ ରହିଥିବା ଜଣାପଡିଛି। ସେ ବୋରିଗୁମ୍ମା ବାସିନ୍ଦା ହୋଇଥିବା ବେଳେ ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ବ୍ଲକ ଟପ୍ପର ଛାତ୍ର ସୌମ୍ୟ ରଞ୍ଜନଙ୍କ ପିତା ସନ୍ତୋଷ କୁମାର ପ୍ରଧାନ ବୋରିଗୁମ୍ମା ବ୍ଲକ ଟିପିଏସଓଡିଏଲର ଲାଇନମ୍ୟାନ ଏବଂ ମାତା ସିଲି ପ୍ରଧାନ ଗୃହଣୀ ଭାବେ କାର୍ଯ୍ୟରତ ଅଛନ୍ତି। ବୋରିଗୁମ୍ମା ବ୍ଲକରେ ସମୁଦାୟ ୬ ଜଣ ଛାତ୍ରଛାତ୍ରୀ ପାସ କରିଥିବାବେଳେ ତନ୍ମଧ୍ୟରୁ ବୋରିଗୁମ୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩, କୁମୁଲି ସରକାରୀ ହାଇସ୍କୁଲର ୨ ଜଣ ପାସ କରିଥିବା ଜଣାପଡିଛି। ଏହି ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ ବାବଦରେ ବାର୍ଷିକ ୧୨୦୦ ହଜାର ଟଙ୍କା ଏବଂ ଚାରିବର୍ଷ ପାଇଁ ସମୁଦାୟ ୪୮,୦୦୦ ଟଙ୍କା ମିଳିବ ବୋଲି ସରକାରଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଘରଲୋକଙ୍କ ଅନୁପସ୍ଥିତିରେ କଳାକନା ବୁଲାଇଲେ ଦୁର୍ବୃତ୍ତ

## ସୁନା ଅଳଙ୍କାର ସହ ୪୦ ହଜାର ଟଙ୍କା ଲୁଟ୍ ଅଭିଯୋଗ



**ନୀଳଗିରି,୧୬।୫ (ସଂଚାର ବ୍ୟୁରୋ):** ପରିବାର ଲୋକଙ୍କ ଅନୁପସ୍ଥିରେ କଳା କନା ବୁଲେଇଲେ ଦୁର୍ବୃତ୍ତ। ତେବେ ଗତକାଲି ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ନୀଳଗିରି ଏନଏସି ୭ ନମ୍ବର ୱାର୍ଡ ବାଲିଗୋହିରି ବସଷ୍ଟାଣ୍ଡ ନିକଟବର୍ତ୍ତୀ ସାଇରାମ କଲୋନୀରେ ଘରକରି ରହୁଥିବା ପରମାନନ୍ଦ ସାହୁଙ୍କ ଘରେ କଳାକନା ବୁଲେଇଛନ୍ତି। ପରମାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ ଗତକାଲି ଚିକିତ୍ସା ପାଇଁ ଘରେ ତାଲା ପକାଇ କଟକ ବଡ ମେଡିକାଲକୁ ଯାଇ ଫେରି ନଥିଲେ। ପରିବାରରେ କୌଣସି ସଦସ୍ୟ ନଥିବା ବେଳେ ତାଙ୍କ ପୁତ୍ର କାହ୍ନୁ ଚରଣ ସାହୁ (୨୨) ସୁନ୍ଦରଗଡ଼ରେ ବିଏସସି ନର୍ସିଙ୍ଗ ପଢୁଥିବା ବେଳେ ଆଜି ସକାଳେ ଘରେ ପହଞ୍ଚି ଗ୍ରିଲ ଭଙ୍ଗା ଯାଇଥିବା ଓ ଘରର ଚାବି ଭର୍ଙ୍ଗି ଘରେ ଥିବା ଗଡ଼ରେଜ ଭଙ୍ଗାଯାଇ ସୁନା ଅଳଙ୍କାର ଯାହାର ମୂଲ୍ୟ ଆନୁମାନିକ ୧୦ ଲକ୍ଷ ଟଙ୍କା ହେବ ଓ ନଗଦ ୪୦ ହଜାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ବାପା ଓ ମାଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ନୀଳଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗଡ଼ରେଜ ଭଙ୍ଗା ଯାଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ମଧ୍ୟାହ୍ନ ୧ ଘଟିକା ସମୟରେ ବାଲେଶ୍ୱର ସାଇଣ୍ଟିଫିକ ଟିମ ଏସଓ ସାଲୁ ଟୁଡୁ ଆସି ତଦନ୍ତ କରି ଅପରାହ୍ନ ୨,୩୦ରେ ଫେରିଥିବା ବେଳେ ଦୁର୍ବୃତ୍ତଙ୍କ ଦୁଇ ଗୋଟି ଫିଙ୍ଗର ପ୍ରିଣ୍ଟ ପାଇଥିବା ସୂଚନା ଦେଇଛନ୍ତି। ଏନେଇ ନୀଳଗିରି ଥାନା ପକ୍ଷରୁ ୨୧୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରିପଦା,୧୬।୫ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବଡଦୁନ୍ଦୁ ଗ୍ରାମ ନିକଟରେ ଏକ ଗଛରେ ଝୁଲନ୍ତା ଯୁବକର ମୃତଦେହକୁ ବହଳଦା ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ରାଇରଙ୍ଗପୁର, ଇଚିଣ୍ଡା ଗ୍ରାମର ରେହମାତ ହୁସେନ (୩୮), ପିତା ସେକ ସୁଲତାନ। ସୂଚନା ଯୋଗ୍ୟ ରେହମାତ ହୁସେନ ବଡଦୁନ୍ଦୁ ଗ୍ରାମରୁ ବିବାହ କରିଥିବାବେଳେ ସେ ଶ୍ୱଶୁର ଘରେ ହିଁ ରହି ଆସୁଥିଲେ। ତେବେ ସେ ରୋଜଗାର ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଦାଦନ ଖଟିବାକୁ ସୁଦୂର ମୁମ୍ବାଇର ପୁଣେ ସହରକୁ ଯାଇଥିଲେ ଗତକାଲି ସେ ଘରକୁ ଫେରିଥିଲେ। ହେଲେ ଆଜି ସକାଳରୁ ବଡଦୁନ୍ଦୁ ଗ୍ରାମରୁ ରେଡମ ପଟକୁ ଯାଇଥିବା ରାସ୍ତା କଡର ଏକ ଗଛରେ ବେକରେ ଝୁଲନ୍ତା ଅବସ୍ଥାରେ ଲୋକେ ଦେଖି ବହଳଦା ଥାନାକୁ ଖବର ଦେଇଥିଲେ। ଖବର ପାଇ ବହଳଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଯୁବକକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ।

ହିଞ୍ଜିଳିରେ ତେଲ ଯନ୍ତ୍ରଣା

# ଟାଣ ଖରାରେ ସିଝୁଛନ୍ତି ଚାଳକ



**ହିଞ୍ଜିଳିକାଟୁ,୧୬।୫ (ସଂଚାର ବ୍ୟୁରୋ):** ଟାଙ୍କି କେଉଁଟି ଖୋଲା ଅଛି ? କେଉଁଠି ତେଲ ଦେବା ଆରମ୍ଭ ହେଲାଣି କି? ଥରକେ କେତେଟଙ୍କାର ତେଲ ଦିଆଯାଉଛି ନା ଗାଡ଼ି ଟାଙ୍କି ଭର୍ତ୍ତି କରାଯାଉଛି ? ଏଭଳି ଅନେକ ପ୍ରଶ୍ନ ନେଇ ହିଞ୍ଜିଳିକାଟୁ ଅଞ୍ଚଳର ଲୋକେ ପେଟ୍ରୋଲ ଓ ଡିଜେଲ୍ ପାଇଁ ଦିନସାରା ସଂଘର୍ଷ କରୁଥିବାର ଚିତ୍ର ନଜରକୁ ଆସିଛି | ହିଞ୍ଜିଳିକାଟୁ ନିକଟସ୍ଥରେ ୩ଟି ପେଟ୍ରୋଲ ପମ୍ପ ରହିଥିବା ବେଳେ ୨ଟା ପମ୍ପରେ ତେଲ ନଥିବା ନେଇ ବନ୍ଦ ରହିଥିବା ଯୋଗୁଁ ଗୋଟିଏ ପମ୍ପ ଖୋଲାରହିଛି | ତେବେ ଆଜି ସକାଳୁ ସେଇ ଗୋଟିଏ ଟାଙ୍କି ଖୋଲିବା ମାତ୍ରେ ଲମ୍ବା ଧାଡ଼ିରେ ଦୁଇଚକିଆ ଓ ଚାରିଚକିଆ ଯାନ ଠିଆ ହୋଇଥିବା ଦୃଶ୍ୟ ପରିଲକ୍ଷିତ ହୋଇଥିଲା। ଏଭଳିସ୍ଥିତିରେ ଭିଡ଼ ନିୟନ୍ତ୍ରଣ ପାଇଁ ପେଟ୍ରୋଲ ପମ୍ପରେ ପୋଲିସ କର୍ମଚାରୀଙ୍କୁ ମୃତୟନ କରାଯାଇଥିବା ଦେଖିବାକୁ ମିଳିଥିଲା |

ଗୋଟିଏ ପଟେ ତୈଳ ଅଭାବକୁ ନେଇ କଳା ବଜାରୀ ଅଭିଯୋଗ ଉଠୁଥିବା ବେଳେ, ଅନ୍ୟପଟେ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି | ଅନେକ ଲୋକ ଦୈନନ୍ଦିନ କାମ ପାଇଁ ଯାତାୟାତ କରିପାରୁନଥିବା ବେଳେ କର୍ମଚାରୀ ଓ ବ୍ୟବସାୟୀମାନେ ମଧ୍ୟ ଅସୁବିଧାରେ ପଡ଼ିଛନ୍ତି | ଜରୁରୀ କାର୍ଯ୍ୟ ପାଇଁ ହଟାତ ବାହାରିଲେ ତେଲ ମିଳୁନି ଲୋକ କରିବେ କଣ କି ସଂକଟରେ ପଡିଛି ମଣିଷ ଚିନ୍ତାରେ ଦିନ କାଟୁଛନ୍ତି। ତେଲ ସଙ୍କଟ ଯୋଗୁଁ ବ୍ୟବସାୟ ବି ମାନ୍ଦା ହେବାରେ ଲାଗିଲାଣି। ଲୋକ ବଜାରକୁ ଆସିବାକୁ ପଛଘୁଞ୍ଚା ଦେଉଛନ୍ତି।

ସେପଟେ ଖାଦ୍ୟ ଯୋଗାଣ ବିଭାଗର ମନ୍ତ୍ରୀ କହୁଛନ୍ତି, ତେଲ ଅଭାବ ନାହିଁ ଓ ତୈଳ କମ୍ପାନି ବି ସମାନ କଥା ଦୋହରାଉଛନ୍ତି। ତଥାପି କାହିଁକି ସାରା ଓଡ଼ିଶାର ଲୋକ ନିଜର ସବୁ କାମଧନ୍ଦା ଛାଡ଼ି ଦୁଇ ଦିନ ହେଲା ପେଟ୍ରୋଲ ପମ୍ପରେ ଭିଡ଼ ଲଗାଇଛନ୍ତି ତାକୁ ନେଇ ବଡପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଭଳି ସ୍ଥିତି କାହିଁକି ଉପୁଜିଛି ତାହାର ଉତ୍ତରଦାୟିତ୍ୱ ନେବାକୁ କେହି ପ୍ରସ୍ତୁତ ନୁହନ୍ତି। ସମସ୍ତେ ସଫେଇ ଦେଇ ଚୁପ୍ ହୋଇ ବସି ଯାଇଛନ୍ତି। ସେପଟେ ଲୋକଙ୍କ ଯନ୍ତ୍ରଣା ବଢ଼ିଚାଲିଛି। ତେବେ ଆଜି ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ସାଧାରଣ ସଂପାଦକ ସଞ୍ଜୟ ଲାଠ କହିଛନ୍ତି ପେଟ୍ରୋଲ୍, ଡିଜେଲ୍ ପାଇଁ କେହି ଆତଙ୍କିତ ହୁଅନ୍ତୁ ନାହିଁ। ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ତେଲ ମହଜୁଦ ଅଛି। ଆସନ୍ତା ସୋମବାର ସଂଧ୍ୟା ସୁଦ୍ଧା ରାଜ୍ୟବ୍ୟାପି ପେଟ୍ରୋଲ୍ ସ୍ଥିତି ସ୍ୱାଭାବିକ ହୋଇଯିବ |

## ସୋଆରେ ପୁରାତନ ଲେଖା ସମ୍ପାଦନା ସମ୍ପର୍କିତ କର୍ମଶାଳା ଆରମ୍ଭ



**ଭୁବନେଶ୍ୱର,୧୬।୫ (ସଂଚାର ବ୍ୟୁରୋ):** ପୁରାତନ ପୋଥିର ଗନ୍ତାଘର ଭାରତରେ ଏହି ଅମୂଲ୍ୟ ସମ୍ପତ୍ତି ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ବିଶିଷ୍ଟ ଶିଳାଲେଖ ବିଶାରଦ ଓ ପ୍ରାଚୀନ ଲିପି ଗବେଷକ ଡକ୍ଟର ସୁବ୍ରତ କୁମାର ଆଚାର୍ଯ୍ୟ କହିଛନ୍ତି। ଶିକ୍ଷା ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସେଂଟର ଫର ପ୍ରୋପାଗେସନ୍, ପ୍ରିଜରଭେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆନ (ପ୍ରାଚୀନ) ଦ୍ୱାରା ଶୁକ୍ରବାର ଆୟୋଜିତ ଏକ ସପ୍ତାହ ବ୍ୟାପୀ ଲେଖା ସମ୍ପାଦନା କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ଆଚାର୍ଯ୍ୟ ଏହା କହିଛନ୍ତି।

ଡକ୍ଟର ଆଚାର୍ଯ୍ୟ କହିଥିଲେ ଯେ ଭାରତର ଅସରନ୍ତି ସାହିତ୍ୟ ଭଣ୍ଡାର ବିଶେଷ ଭାବେ ସଂସ୍କୃତରେ ଲିଖିତ ପୋଥି ଗୁଡ଼ିକ ଉପରେ ଗବେଷଣା ହେବା ଆବଶ୍ୟକ। ଦେଶରେ ଉପଲବ୍ଧ ଏହି ସାହିତ୍ୟ ନିଧିର ମାତ୍ର ୨୦ ପ୍ରତିଶତର ଏପର୍ଯ୍ୟନ୍ତ ସମ୍ପାଦନା ହୋଇପାରିଛି ବୋଲି ସେ କହିଥିଲେ।

ଏହି କର୍ମଶାଳାରେ ୪୧ ଜଣ ଗବେଷକ ଯୋଗ ଦେଇଛନ୍ତି। ସେମାନଙ୍କୁ ପ୍ରାଚୀନର ୪ ଜଣ ବିଶେଷଜ୍ଞ ପ୍ରଫେସର ଜଗନ୍ନାଥ ଦାସ, ପ୍ରଫେସର ଗୌରାଙ୍ଗ ଚରଣ ଦାସ, ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଯୋଗ ଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଫେସର ଗୌରାଙ୍ଗ ଚରଣ ଦାସ ବକ୍ତବ୍ୟ ରଖି ପ୍ରାଚୀନ ଦ୍ୱାରା ଦ୍ୱିତୀୟ ଥର ପାଇଁ ଏପରି ଲେଖା ସମ୍ପାଦନା ଉପରେ କର୍ମଶାଳା ଆୟୋଜିତ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମରେ ଡକ୍ଟର ନିହାର ରଞ୍ଜନ ମିଶ୍ର, ଆସୋସିଏଟ୍ ପ୍ରଫେସର ଜୀବନ କୁମାର ପଣ୍ଡା, ବିଭୂତି ପ୍ରସାଦ ସାହୁ ଏବଂ ସମ୍ବିତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ତେଲ ଅଭାବରୁ ଗଡ଼ିଲାନି ସଫେଇ ଗାଡ଼ି



**ଯାଜପୁର ରୋଡ଼,୧୬।୫ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ତେଲ ସଂକଟ ଦେଖାଦେଇଥିବା ବେଳେ ତାହାର ପ୍ରଭାବ ଆଜି ବ୍ୟାସନଗର ପୌର ପରିଷଦର ସ୍ୱଚ୍ଛତା ସଫେଇ ଗାଡ଼ି ଗୁଡ଼ିକ ଉପରେ ପଡିଅଛି। ଏହି ପୌର ପରିଷଦରେ ରହିଥିବା ୨୬ ଗୋଟି ୱାର୍ଡର ଗଳିକନ୍ଦିରୁ ଅଳିଆ, ଆବର୍ଜନା ଆଣୁଥିବା ଏବଂ ସହରକୁ ସ୍ୱଚ୍ଛତା ଯୋଗାଉଥିବା ଗାଡ଼ି ଗୁଡ଼ିକ ଆଜି ସକାଳେ ପେଟ୍ରୋଲ ଓ ଡିଜେଲ ପମ୍ପରେ ତେଲର ଅଭାବ ଯୋଗୁଁ ବ୍ୟାସନଗର ପୌର କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଦିର୍ଘସମୟ ଧରି ଠିଆ ହୋଇ ରହିଥିଲା। ୱାର୍ଡ ମାନଙ୍କୁ ଅଳିଆ ଆବର୍ଜନା ସଂଗ୍ରହ କରିବା ପାଇଁ ଏହି ଗାଡି ଗୁଡିକ ଯାଇନପାରିଥିବା ଦେଖିବାକୁ ମିଳିଥିଲା। ଫଳରେ ଯାହାକୁ ନେଇ ଏବେ ଏଥିପାଇଁ ବିଭିନ୍ନ ମହଲରେ ନିନ୍ଦା ପ୍ରକଟ କରାଯିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସହରରେ ଥିବା ୩ଗୋଟି ପେଟ୍ରୋଲ ଡିଜେଲ ପମ୍ପ ଉପରେ କଡ଼ା ନଜର ରଖୁନଥିବା ଯୋଗୁଁ ଏଭଳି ଅଭାବନୀୟ ପରିସ୍ଥିତି ଏଠାରେ ଘଟୁଥିବା ନେଇ ଚର୍ଚ୍ଚା ଚାଲିଛି।

ତେଣୁ ବ୍ୟାସନଗର ସହରର ମର୍ଯ୍ୟାଦା ପରିଚୟ ଆମ ସ୍ୱଚ୍ଛତା'କୁ ବଜାୟ ରଖୁଥିବା ସ୍ୱଚ୍ଛତା ସଫେଇ ଗାଡ଼ି ଗୁଡ଼ିକ କିପରି ପ୍ରତେକ ଦିନ ତେଲ ପାଇବେ ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଉଛି।

# ରାସ୍ତା ନିର୍ମାଣ କାମକୁ ନେଇ ବଢୁଛି ଅସନ୍ତୋଷ

ରାସ୍ତାର ଉଭୟ ପାର୍ଶ୍ୱରେ ମୁଠେ ମୁଠେ ମରମ ପକାଇ ଠିକାଦାର ଛୁ'

ରାସ୍ତାର ଗୁଣମାନ ଓ ସ୍ଥାୟିତ୍ୱକୁ ନେଇ ସନ୍ଦେହ



**ଆନନ୍ଦପୁର,୧୬।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକର ଓରାଳି ଠାରୁ ଶାଳଣିଆଁ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ରାସ୍ତା ନିର୍ମାଣ କାମକୁ ନେଇ ବଢୁଛି ଅସନ୍ତୋଷ। ନିର୍ମାଣ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ରାସ୍ତା କାମରେ ବ୍ୟାପକ ଅନିୟମିତତା ହୋଇଥିବା ଚର୍ଚ୍ଚା ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ କେବଳ ମୁଠେ ମୁଠେ ମରମ ପକାଇ କାମ ସାରିଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ମଧ୍ୟ ହେଉଛି। କିଛି ସ୍ଥାନରେ ରାସ୍ତା ସମତୁଲ ନଥିବାରୁ ଉଚ୍ଚ ଖାଲ ସୃଷ୍ଟି ହୋଇଛି। ଫଳରେ ସାଇକେଲ ଓ ବାଇକ ଆରୋହୀମାନେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଶେଷ କରି ରାତି ସମୟରେ ଯାତାୟାତ କରିବା ବେଳେ ଲୋକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ର ବାଙ୍କ ମାନଙ୍କ ରେ ସ୍କିଡ୍ ନିୟନ୍ତ୍ରଣ ପାଇଁ ଉଭୟ ପାର୍ଶ୍ୱରେ ଲାଗିଥିବା ଖୁଣ୍ଟି ଗୁଡ଼ିକ କାମ ନସରଣୁ ଭାଙ୍ଗି ନଷ୍ଟ ହୋଇ ଯାଇଛି। ତେବେ ବର୍ତ୍ତମାନ ରାସ୍ତାର ଗୁଣମାନ ଓ ସ୍ଥାୟିତ୍ୱକୁ ନେଇ ମଧ୍ୟ ଉଠିଛି ବଡ଼ ପ୍ରଶ୍ନ।

କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ଯଦି ଏଭଳି ନିମ୍ନମାନର କାମ ହୁଏ, ତେବେ ସରକାରୀ ଅର୍ଥ କାହା ପାଇଁ ବ୍ୟୟ ହେଉଛି ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। କେନ୍ଦୁଝର ଜିଲ୍ଲାପାଳ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ସ୍ଥାନୀୟ ଲୋକେ।

## ସ୍ୱାମୀଙ୍କ ଶୁଭ ମନାସୀ ମହିଳା ପାଳିଲେ ସାବିତ୍ରୀ ବ୍ରତ



**ବାଲିଆପାଳ,୧୬।୫ (ସଂଚାର ବ୍ୟୁରୋ):** ସାବିତ୍ରୀ ବ୍ରତ କେବଳ ଗୋଟିଏ ପୌରାଣିକ ଗାଥା ନୁହଁ,ଏହା ପ୍ରତ୍ୟେକ ସଧବା ନାରୀ ମନରେ ଅଦୃଶ୍ୟ ଶକ୍ତିର ପ୍ରତୀକ। ଏହି ଦିନ ସ୍ତ୍ରୀମାନେ ଉପବାସରେ ସ୍ୱାମୀଙ୍କର ଶୁଭ ମନାସି ଥାନ୍ତି। ବାଲିଆପାଳ ବ୍ଲକରେ ବିଭିନ୍ନ ଦେବାଳୟରେ ସଧବା ନାରୀମାନେ ବେଶ ଧୁମଧାମରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଖଗଡାପାଳର ଶ୍ରଦ୍ଧାକ୍ଷେତ୍ର, ଲଙ୍ଗଳେଶ୍ୱର ହରପାର୍ବତୀ ଶୈବପୀଠ, ପାରୁଳିଆ ରାଧା କୃଷ୍ଣ ମନ୍ଦିର, କେଶୁଡିହା ଲକ୍ଷ୍ମୀ ନାରାୟଣ, ମାନ୍ଧାତା ଭକ୍ତି କ୍ଷେତ୍ର, ରାଇପୁର ରାଧାକୃଷ୍ଣ ମନ୍ଦିର ପ୍ରମୁଖ ଦେବାଳୟ ମାନଙ୍କରେ ସଧବା ନାରୀମାନେ ନୂଆ ଶାଢ଼ୀ, ନାଲି ଶଙ୍ଖା, ସିନ୍ଦୂର ଅଳତା ଓ ଭୋଗଡଲା ଧରି ସ୍ୱାମୀଙ୍କର ଶୁଭ ମନାସି ଦୀର୍ଘାୟୁ କାମନା କରି ପୂଜା ଅର୍ଚ୍ଚନା କରିଥିଲେ । ସେହିପରି ବିଭିନ୍ନ ସ୍ଥାନରେ ଘରେ ମଧ୍ୟ ଏକତ୍ର ହୋଇ ସାବିତ୍ରୀ ବ୍ରତ ପାଳନ କରିଛନ୍ତି ମହିଳା ମାନେ।

## କ୍ୟାପିଟାଲ ଇଞ୍ଜିନିୟରିଂ କଲେଜରେ 'କ୍ୟାପକ୍ରେଷ୍ଟ-୨୦୨୬' ଅନୁଷ୍ଠିତ



**ଖୋରଧା,୧୬।୫ (ସଂଚାର ବ୍ୟୁରୋ):** ଖୋରଧା ନିକଟବର୍ତ୍ତି ମହତାପଲ୍ଲା ଠାରେ ଅବସ୍ଥିତ କ୍ୟାପିଟାଲ ଇଞ୍ଜିନିୟରିଂ କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମ 'କ୍ୟାପକ୍ରେଷ୍ଟ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ମହୋତ୍ସବ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ବିଷୟଗୁଡ଼ିକରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। କଲେଜର ଅଧ୍ୟକ୍ଷ ଡକ୍ଟର ଚିନ୍ମୟ ରଞ୍ଜନ ପଟ୍ଟନାୟକ ତାଙ୍କ ସ୍ୱାଗତ ଭାଷଣରେ ଶିକ୍ଷାଗତ ଏବଂ ସହ-ପାଠ୍ୟକ୍ରମ ସଫଳତା ଉପରେ ଆଲୋକପାତ କରିବା କରିଥିଲେ।

ନିର୍ଦ୍ଦେଶକ, ସିଇସି ଡକ୍ଟର ସୌମ୍ୟ ଦର୍ଶନ ମହାନ୍ତି ତାଙ୍କ ବକ୍ତବ୍ୟରେ ବିଗତ ବର୍ଷର ସଫଳତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା, ମହାନଦୀ କୋଲଫିଲ୍ଡ ଲିମିଟେଡର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ତାଙ୍କ ପ୍ରେରଣାଦାୟକ ଭାଷଣରେ ଇଞ୍ଜିନିୟରିଂ କିପରି ପ୍ରତିବନ୍ଧକ ବିଜ୍ଞାନକୁ ବାସ୍ତବତାରେ ପରିଣତ କରେ ତାହା ସାମାଜିକ ପ୍ରଗତିକୁ ଆଗେଇ ନେବା, ଆଧୁନିକ ଭିତ୍ତିଭୂମି ନିର୍ମାଣ କରିବା ଏବଂ ବିଶ୍ୱ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଉପରେ ଆଲୋକପାତ କରିଥିଲେ।

ମୁଖ୍ୟ ଅତିଥି ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଏବଂ ପ୍ରସିଦ୍ଧ ସ୍ନାୟୁ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ମହାପାତ୍ର ତାଙ୍କ ଭାଷଣରେ ଅତ୍ୟାଧୁନିକ ଚିକିତ୍ସା ପ୍ରଯୁକ୍ତିବିଦ୍ୟାକୁ କରୁଣାପୂର୍ଣ୍ଣ, ରୋଗୀ-ପ୍ରଥମେ ଯତ୍ନ ସହିତ ସନ୍ତୁଳିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ସ୍ନାତକ ଇଞ୍ଜିନିୟର ମାନଙ୍କୁ ଡିଗ୍ରୀ ପ୍ରମାଣପତ୍ର ସହିତ ସମ୍ମାନିତ କରିଥିଲେ ଏବଂ ସିଇସିର ବାର୍ଷିକ ପତ୍ରିକା "ଦି କ୍ୟାପିଟାଲ କ୍ରେସେଣ୍ଟ ୨୦୨୬"କୁ ଉନ୍ମୋଚନ କରିଥିଲେ। ଏଥିସହିତ କ୍ରୀଡ଼ା କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଯୋଡ଼ାରେ ଡିଜେଲ୍ ଓ ପେଟ୍ରୋଲ ଅଭାବ

# ତେଲ ଅଭାବରୁ ଖଣି ଅଞ୍ଚଳ ଅସ୍ତବ୍ୟସ୍ତ



**ଯୋଡ଼ା,୧୬।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଯୋଡ଼ା ଅଞ୍ଚଳ ରାଜ୍ୟର ଏକ ପ୍ରମୁଖ ଖଣି ଖାଦାନ କ୍ଷେତ୍ର ଭାବେ ପରିଚିତ। ଏଠାରୁ ପ୍ରତିବର୍ଷ ସରକାର ବିପୁଳ ପରିମାଣର ରାଜସ୍ୱ ଆଦାୟ କରୁଥିବା ବେଳେ ହଜାର ହଜାର ପରିବାରର ଜୀବିକା ମଧ୍ୟ ଖଣି ଶିଳ୍ପ ଉପରେ ନିର୍ଭର କରିଛି। ଖଣି ଖନନ, ଉତ୍ତୋଳନ ଓ ପରିବହନ କାର୍ଯ୍ୟ ସଚଳ ରଖିବା ପାଇଁ ଭାରୀ ଯନ୍ତ୍ରପାତି, ହାଇୱା, ଡମ୍ପର ଓ ବିଭିନ୍ନ ପ୍ରକାରର ଯାନବାହନ ନିୟୋଜିତ ହୋଇଥାଏ । ଏହି ସମସ୍ତ ଯାନ ଓ ଯନ୍ତ୍ରପାତି ପାଇଁ ଡିଜେଲ୍ ଓ ପେଟ୍ରୋଲ ଅତ୍ୟାବଶ୍ୟକ ଅଟେ ।

କିନ୍ତୁ ଗତ କିଛି ଦିନ ଧରି ଦେଶବ୍ୟାପୀ ତେଲ ଯୋଗାଣରେ ସମସ୍ୟା ଦେଖାଦେବାରୁ ଯୋଡ଼ା ସହ ସମଗ୍ର ଖଣି ଅଞ୍ଚଳରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଅଞ୍ଚଳରେ ଅନେକ ପେଟ୍ରୋଲ ପମ୍ପ ଥିବା ସତ୍ତ୍ୱେ ଡିଜେଲ୍ ଓ ପେଟ୍ରୋଲ ଅଭାବ ଯୋଗୁଁ ବିଭିନ୍ନ ପମ୍ପରେ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। କେତେକ ପମ୍ପରେ ସୀମିତ ପରିମାଣରେ ତେଲ ଯୋଗାଣ ହେଉଥିବା ବେଳେ ଗ୍ରାହକମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ କେତେକ ପମ୍ପରେ ତେଲ ଗଚ୍ଛିତ ରଖି ପରେ ଦର ବୃଦ୍ଧି ହେଲେ ଅଧିକ ଦାମରେ ବିକ୍ରି କରାଯାଉଛି। ଗତକାଲି ଡିଜେଲ୍ ଦର ୯୪.୨୬ ଟଙ୍କା ଥିବା ବେଳେ ଆଜି ୩.୧୧ ଟଙ୍କା ବୃଦ୍ଧି ପାଇ ୯୭.୩୭ ଟଙ୍କାକୁ ପହଞ୍ଚିଥିବାରୁ ଗାଡ଼ି ମାଲିକ ଓ ଚାଳକମାନଙ୍କ ଚିନ୍ତା ଆହୁରି ବଢ଼ିଛି ।

ଏହାର ସିଧାସଳଖ ପ୍ରଭାବ ଖଣି ପରିବହନ ବ୍ୟବସ୍ଥା ଉପରେ ପଡୁଛି। ଅନେକ ଟ୍ରାନ୍ସପୋର୍ଟ କମ୍ପାନୀ ଓ ଗାଡ଼ି ମାଲିକମାନେ ଗାଡ଼ି ଚଳାଚଳ କିପରି ସଚଳ ରଖିବେ ଏବଂ ବ୍ୟାଙ୍କ କିସ୍ତି କିପରି ପରିଶୋଧ କରିବେ, ସେନେଇ ଦୁଶ୍ଚିନ୍ତାରେ ପଡ଼ିଛନ୍ତି। ଖଣି ଅଞ୍ଚଳରେ ପ୍ରତିଦିନ ହଜାର ହଜାର ଟନ୍ ଖଣିଜ ପରିବହନ ହେଉଥିବା ବେଳେ ଇନ୍ଧନ ସଂକଟ ଯୋଗୁଁ ପରିବହନ କାର୍ଯ୍ୟ ଧୀର ହୋଇପଡ଼ିଛି । ଏହି ପରିସ୍ଥିତି ଦୀର୍ଘସ୍ଥାୟୀ ହେଲେ ଖଣି ଶିଳ୍ପ, ବ୍ୟବସାୟ ଓ ସରକାରୀ ରାଜସ୍ୱ ଆଦାୟ ଉପରେ ମଧ୍ୟ ପ୍ରଭାବ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଉଛି।

ସ୍ଥାନୀୟ ଲୋକ, ଗାଡ଼ି ଚାଳକ ଓ ଟ୍ରାନ୍ସପୋର୍ଟରମାନେ ଶୀଘ୍ର ସମସ୍ୟାର ସମାଧାନ କରି ଡିଜେଲ୍ ଓ ପେଟ୍ରୋଲ ଯୋଗାଣ ସୁନିଶ୍ଚିତ କରିବାକୁ ସରକାର ଓ ତେଲ କମ୍ପାନୀଙ୍କ ନିକଟରେ ଦାବି କରିଛନ୍ତି ।

# ବଢୁଛି ଲୋକସଂଖ୍ୟା, ବଢୁନି ସରକାରୀ କଲ୍ୟାଣୀ ମଣ୍ଡପ

ଘରୋଇ ମଣ୍ଡପରେ ଆର୍ଥିକ ଶୋଷଣର ଶିକାର ଅଞ୍ଚଳବାସୀ

ପ୍ରଶାସନ ଉଦାସୀନତା ସହ ସମସ୍ୟା ସାଜିଛି ସ୍ଥାନାଭାବ

**କାକଟପୁର/ଅସ୍ତରଙ୍ଗ,୧୬।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଞ୍ଚଳରେ ଆବଶ୍ୟକ ମୁତାବକ ସରକାରୀ କଲ୍ୟାଣୀ ମଣ୍ଡପ ନାହିଁ। ଫଳରେ ବିବାହ, ବ୍ରତ ସମେତ ବିଭିନ୍ନ କାର୍ଯ୍ୟ ପାଇଁ ଅଞ୍ଚଳବାସୀ କାକଟପୁର ସମେତ ବ୍ଲକ ଅଂଚଳରେ ଥିବା ଘରୋଇ କଲ୍ୟାଣୀ ମଣ୍ଡପ ଉପରେ ନିର୍ଭର କରୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ କଲ୍ୟାଣୀ ମଣ୍ଡପ କର୍ତ୍ତୃପକ୍ଷ ମନଇଚ୍ଛା ଭଡା ନିର୍ଦ୍ଧାରଣ କରୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି।

ପୁରୀ ଜିଲ୍ଲା କାକଟପୁର ଅଞ୍ଚଳ ସହ ବ୍ଲକର ବିଭିନ୍ନ ପଂଚାୟତରେ କଳେବର ବୃଦ୍ଧି ପାଇଛି। ସେହି ତୁଳନାରେ ଲୋକସଂଖ୍ୟା ମଧ୍ୟ ବଢ଼ିଛି। ମାତ୍ର ସ୍ଥାନୀୟ ଅଞ୍ଚଳବାସୀ ବିବାହ, ବ୍ରତ ତଥା ଅନ୍ୟାନ୍ୟ କର୍ମ କାର୍ଯ୍ୟ ପାଇଁ ବ୍ଲକ ତରଫରୁ ବିଭିନ୍ନ ପଂଚାୟତରେ ଆବଶ୍ୟକ ମୁତାବକ କଲ୍ୟାଣୀ ମଣ୍ଡପ ନାହିଁ। ଫଳରେ ଏହି ସବୁ କାମ ପାଇଁ ସେମାନେ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ ସେମାନେ କାକଟପୁର ସହ ଆଖପାଖ ଅଂଚଳରେ ଥିବା ବିଭିନ୍ନ ଘରୋଇ କଲ୍ୟାଣୀ ମଣ୍ଡପ ଉପରେ ନିର୍ଭର କରୁଛନ୍ତି। ସେଠାରେ ଭଡାଧାର୍ଯ୍ୟ ଲୋକ ଦେଖି ନିର୍ଣ୍ଣୟ କରିବା ସହ ସମୟ ସୁଯୋଗ ଦେଖି ନିଆଯାଉଛି। ଯାହା ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ ପରିବାର ପକ୍ଷେ ବହନ କରିବା କଷ୍ଟକର ପାଲଟିଛି। କୌଣସି ବିକଳ୍ପ ନଥିବାରୁ ସେମାନେ ବାଧ୍ୟ ହୋଇ ବିଭିନ୍ନ କାର୍ଯ୍ୟ ପାଇଁ ଘରୋଇ କଲ୍ୟାଣୀ ମଣ୍ଡପ ଉପରେ ନିର୍ଭର କରୁଛନ୍ତି। ପରୋକ୍ଷରେ ଆର୍ଥିକ ଶୋଷଣ ଶିକାର ହେଉଛନ୍ତି।

ବର୍ତ୍ତମାନ ପରିସ୍ଥିତିରେ କାକଟପୁର ବ୍ଲକ ପ୍ରଶାସନ ପକ୍ଷରୁ ଅତିକମ୍‌ରେ ୧୬ଗୋଟି ପଞ୍ଚାୟତ ପାଇଁ ୮ରୁ ଊର୍ଦ୍ଧ୍ୱ ବଡ଼ କଲ୍ୟାଣୀ ମଣ୍ଡପ ଆବଶ୍ୟକତା ଅଛି। ଏହି ସବୁ କଲ୍ୟାଣୀ ମଣ୍ଡପ ନିର୍ମାଣ ହେଲେ ସାଧାରଣ ଲୋକେ ଅଳ୍ପ ଟଙ୍କାରେ ନିଜର ବିଭିନ୍ନ କର୍ମକାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରି ପାରିବେ ବୋଲି କହିଛନ୍ତି କାକଟପୁର ବ୍ଲକ ଅଞ୍ଚଳ ସମାଜ ସେବୀ ଶିବ ମୁଦୁଲି। ଜିଲ୍ଲା ପ୍ରଶାସନ ରାଜକୋଷ ମଧ୍ୟ ବୃଦ୍ଧି ହେବ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କେହି ଗୁରୁତ୍ୱ ଦେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

କାକଟପୁର ବ୍ଲକ ଅଂଚଳରେ ବିଭିନ୍ନ ପଂଚାୟତରେ ଆବଶ୍ୟକ କଲ୍ୟାଣୀ ମଣ୍ଡପ କାହିଁକି ନିର୍ମାଣ କରାଯାଉନି, ଏ ନେଇ ବିଡ଼ିଓ ନାରାୟଣ ଦୀକ୍ଷିତି କହିଛନ୍ତି କିଛି ପଞ୍ଚାୟତରେ ନିର୍ମାଣ ଚାଲିଥିବା ବେଳେ ଅନେକ ସ୍ଥାନରେ ଏଥିପାଇଁ ସ୍ଥାନାଭାବକୁ ଦାୟୀ କରିଥିଲେ। ଯେଉଁଠି ସରକାରୀ ଜାଗା ଅଛି; ତାହା ଏବେ ଜବର ଦଖଲ ଅଧୀନରେ। କଲ୍ୟାଣୀ ମଣ୍ଡପ ପାଇଁ ଆବଶ୍ୟକ ଜାଗା ମିଳିଲେ ଏହା ନିର୍ମାଣ କରିବାରେ କିଛି ସମସ୍ୟା ନାହିଁ ବୋଲି କହିଥିଲେ।

## ଶୁଖୁଆ ଉତ୍ପାଦନରେ ଆଧୁନିକତା ଆଣିବ ଦକ୍ଷିନ ଫାଉଣ୍ଡେସନ



**ଛତ୍ରପୁର,୧୬।୫ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ୍ ପାଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ପୋଡ଼ମପେଟା କମ୍ୟୁନିଟି ସେଣ୍ଟରରେ 'ଦକ୍ଷିଣ ଫାଉଣ୍ଡେସନ'ର ସହଯୋଗରେ ଏକ ଶୁଖୁଆ ଉତ୍ପାଦକ ଗୋଷ୍ଠୀ ଗଠନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୋଡ଼ମପେଟା ଓ ଗୋଖରକୁଦା ଗ୍ରାମର ବହୁ ସଂଖ୍ୟକ ମତ୍ସ୍ୟଜୀବୀ ମହିଳା ଓ ଶୁଖୁଆ ବ୍ୟବସାୟୀମାନେ ଯୋଗଦେଇଥିଲେ।

ସଭାର ମୂଳ ଉଦ୍ଦେଶ୍ୟ ଥିଲା କ୍ଷୁଦ୍ର ଶୁଖୁଆ ଉତ୍ପାଦକମାନଙ୍କୁ ଏକତ୍ର କରି ଏକ ସୁଦୃଢ଼ ସଂଗଠନ ଗଠନ କରିବା, ଯାହା ମାଧ୍ୟମରେ ସେମାନଙ୍କ ଜୀବିକାର ଉନ୍ନତି ଓ ବଜାର ସଂଯୋଗକୁ ଅଧିକ ସକ୍ରିୟ କରାଯାଇପାରିବ।

ବିଶେଷ କରି ମହିଳା ଉଦ୍ୟୋଗୀମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସମୂହ ଭିତ୍ତିକ କାର୍ଯ୍ୟ, ସଞ୍ଚୟ ଓ ସହଯୋଗର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା।

ଏହି ପ୍ରୟାସ ଦ୍ୱାରା ଶୁଖୁଆ ଉତ୍ପାଦନରେ ଆଧୁନିକତା ଆସିବା ସହ ସିଧାସଳଖ ବଜାର ସୁବିଧା ମିଳିବ ବୋଲି ଆଶା କରାଯାଉଛି।

ଉକ୍ତ ସଭାରେ ମହାଶକ୍ତି ଫାଉଣ୍ଡେସନ ନିର୍ଦ୍ଦେଶକ ମୋହନ ବଳିୟାର ସିଂହ, କେ. ଆଲେୟା, ମତ୍ସ୍ୟ ବିଭାଗ ଅଧିକାରୀ ଗୀତାରାଣୀ ବେହେରା, ରାଜେଶ୍ୱରୀ, ପାଲିବନ୍ଧ ସରପଞ୍ଚ ସଂଯୁକ୍ତ ପ୍ରଧାନ, ସିଏଚ୍ ଚେନେୟା, କେଦାର, ସିଏଚ୍ ସତିଗା, ମଙ୍ଗରାଜ ପଣ୍ଡା, ବନ୍ଦନା ପ୍ରଧାନ, କୁନି ଜେନା, ମାଗାଦା ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ଜନ୍ମବାର୍ଷିକୀ ସମାରୋହରେ ରାଜ୍ୟପାଳ

# ମାନବିକ ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ ସଙ୍ଗୀତ

ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ): ସଙ୍ଗୀତ ଭାଷା, ଧର୍ମ, ଅଞ୍ଚଳ ଓ ପିଢ଼ିର ସୀମା ଅତିକ୍ରମ କରି ହୃଦୟକୁ ଏକତ୍ର କରିବାରେ, ମନକୁ ସୁସ୍ଥ କରିବାରେ ଓ ମାନବିକ ମୂଲ୍ୟବୋଧକୁ ସୁଦୃଢ଼ କରିବାରେ ଅନନ୍ୟ କ୍ଷମତା ରଖେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଓଡ଼ିଶୀ ସଙ୍ଗୀତ ଜଗତର କିମ୍ବଦନ୍ତୀ ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ୧୦୩ତମ ଜନ୍ମବାର୍ଷିକୀ ଓ ପ୍ରତିଷ୍ଠାନର ୩୪ତମ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ସମାରୋହରେ ଉଦବୋଧନ ଦେଇ ପଣ୍ଡିତ ବାଳକୃଷ୍ଣ ଦାଶଙ୍କୁ 'କାଳଜୟୀ ପ୍ରତିଷ୍ଠାନ' ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି ଯେ ତାଙ୍କର ଅବଦାନ ଓଡ଼ିଶାର ସାଂସ୍କୃତିକ ଆତ୍ମାକୁ ସମୃଦ୍ଧ କରିଛି ଓ ପରମ୍ପରାଗତ ଭାବେ କଳାକାର



ଓ ସଙ୍ଗୀତପ୍ରେମୀଙ୍କୁ ପ୍ରେରଣା ଯୋଗାଉଛି। ଏହି ସଙ୍ଗୀତଜ୍ଞ ଓ ଗାୟକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଜ୍ୟପାଳ କହିଛନ୍ତି ଯେ ପଣ୍ଡିତ ବାଳକୃଷ୍ଣ ଦାଶ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ, ଭକ୍ତି ରଚନା, ଛାନ୍ଦ, ଚମ୍ପୂ, ଲୋକସଙ୍ଗୀତ ଓ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଛନ୍ତି। ସେ ଓଡ଼ିଶୀ ସଙ୍ଗୀତକୁ ଏକ ଜୀବନ୍ତ ଓ ସୁସଂଗଠିତ ଶାସ୍ତ୍ରୀୟ ପରମ୍ପରାରେ ପରିଣତ କରି ରାଜ୍ୟର ସୀମା ବାହାରକୁ ଓଡ଼ିଶାର ସମୃଦ୍ଧ ସଙ୍ଗୀତ ଐତିହ୍ୟକୁ ନେଇଯାଇଛନ୍ତି। ବାଳକୃଷ୍ଣ ଦାଶ ଶାସ୍ତ୍ରୀୟ ସଙ୍ଗୀତର ଗଭୀରତା ସହ ଭାବନାତ୍ମକ ସୁଗମତାକୁ ସମନ୍ୱୟ କରି ଓଡ଼ିଶୀ ସଙ୍ଗୀତକୁ ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ କରାଇଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଗୁରୁ ଭାବେ ସେ ଅନେକ ପିଢ଼ିର ସଙ୍ଗୀତକାରଙ୍କୁ ସୃଷ୍ଟି କରିଛନ୍ତି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସମ୍ମାନ ବିଜେତା ଡ଼. ସୋନାଲ ମାନସିଂହଙ୍କୁ ୨୦୨୬ ପାଇଁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମୃତି ପୁରସ୍କାର' ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିତ୍ୱଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ସମାରୋହରେ ଜାତୀୟ ମାନବ ଅଧିକାର ଆୟୋଗ ସଦସ୍ୟ ଜଷ୍ଟିସ୍ ଡଃ ବି.ଆର.ଷଡ଼ଙ୍ଗୀ, ଓଏସ୍ଏସ୍ଏସ୍‌ସିର ଅଧ୍ୟକ୍ଷ ଡଃ ଲଳିତ ଦାସ, ନାଲ୍‌କୋର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଆଶୁତୋଷ ରଥ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସମ୍ମାନ ବିଜେତା ଡ. ସୋନାଲ ମାନସିଂହ ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ପ୍ରତି ଅବଦାନର ଆଲୋଚନା କରିଥିଲେ। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ୍ ସଭାପତି ମନୋରଞ୍ଜନ ପାଣିଗ୍ରାହୀ ସ୍ୱାଗତ ଭାଷଣ, ସମ୍ପାଦକ ଗୁରୁ ରାମହରି ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ରୀମନ୍ଦିର ଉତ୍ତରଦ୍ୱାରରେ ପହଞ୍ଚିଲା ନୂଆ କବାଟ

### ବ୍ୟବହୃତ ହୋଇଛି ୩ କ୍ୱିଣ୍ଟାଲ ପିତ୍ତଳ

ପୁରୀ,୧୬।୫(ସଂଚାର ବ୍ୟୁରୋ): ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ବଡ଼ ଧରଣର ପରିବର୍ତ୍ତନ ହେବ। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଉତ୍ତରଦ୍ୱାରରେ ଲାଗିବ ନୂଆ କବାଟ। ଇତିମଧ୍ୟରେ ଏହି କବାଟଟି ଦକ୍ଷିଣ ଦ୍ୱାରରେ ପହଞ୍ଚିଯାଇଛି। ହସ୍ତୀ ଦ୍ୱାର ତଥା ଉତ୍ତର ଦ୍ୱାର ଗୁମୁଟରେ ଲାଗିବ ଏହି ନୂଆ ପିତ୍ତଳରେ ଆଚ୍ଛାଦିତ ବର୍ମାଟିକ କାଠରୁ ପ୍ରସ୍ତୁତ କବାଟ। ଏହି କବାଟଟି ବେଶ୍ ଆକର୍ଷଣୀୟ ଦେଖାଯାଉଛି। ଉକ୍ତ ଦ୍ୱାରର ଲମ୍ବ ୧୩ ଫୁଟ ୬ ଇଞ୍ଚ ରହିଥିବା ବେଳେ ଚଉଡ଼ା ଫ୍ରେମ୍ ୪୨ ଇଞ୍ଚ ୩ ପାଆ, ଦ୍ୱାରର ପଛପଟ ପଟାର ଲମ୍ବ ୧୩ ଫୁଟ ୧୦ ଇଞ୍ଚ୍ ଓ ଚଉଡ଼ା ୪୮ ଇଞ୍ଚ୍ ରହିଛି। ଏହି କବାଟରେ ପାଖାପାଖି ୩ କ୍ୱିଣ୍ଟାଲ ଓଜନର



ପିତ୍ତଳ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳିଛି। ଏହି ଦ୍ୱାର କଟକ ନିକଟସ୍ଥ ତାରପୁର ବରତି ଗାଁରେ ପ୍ରସ୍ତୁତ କରାଯାଇଛି। କାରିଗର ପ୍ରମୋଦ ଓଝାଙ୍କ ସହ ସହଯୋଗୀମାନେ ମିଶି ଦୀର୍ଘ ତିନି ମାସ ଧରି ଉକ୍ତ କବାଟର ନିର୍ମାଣ କରିଛନ୍ତି। ଆଜି ନୂଆ କବାଟ ଉତ୍ତର ଦ୍ୱାରଠାରେ ପହଞ୍ଚିବା ପରେ ଏହାକୁ ଲଗାଯିବା ସକାଶେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ଶ୍ରୀ ଓଝା ଆଶା ରଖିଛନ୍ତି।

### ଯୋଗାଣ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ାଉ

# ୫୦୫ ଲିଟର ଡିଜେଲ ଜବତ



ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ): ରାଜ୍ୟରେ ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ଅବୈଧ ଭାବେ ମହଜୁଦ କରି କଳାବଜାରୀ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ଅଧିକାରୀ, ଭୁବନେଶ୍ୱର ସହକାରୀ ଯୋଗାଣ ଅଧିକାରୀ, ବାଲିଅନ୍ତା ଓ ବାଲିପାଟଣା ଯୋଗାଣ ନିରୀକ୍ଷକଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏଥିପାଇଁ ଗଠିତ ଏକ ଦଳ ଭୁବନେଶ୍ୱର ଉପକଣ୍ଠର ବିଭିନ୍ନ ପେଟ୍ରୋଲ ପମ୍ପ ଓ ଅବୈଧ ସ୍ଥାନରେ ଥିବା ପେଟ୍ରୋଲ ଓ ଡିଜେଲ ଗଚ୍ଛିତ କେନ୍ଦ୍ରମାନଙ୍କରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ନିରଞ୍ଜନ ନାୟକ, ବୁଲୁ ପ୍ରଧାନ, ପୂରଣ ପ୍ରଧାନ, ସୁଶାନ୍ତ କୁମାର ଚୌଧୁରୀ, ତପନ କୁମାର ସାହୁ ଓ ଅଜୟ ସାହୁଙ୍କଠାରୁ ୫୦୫ ଲିଟର ଅବୈଧ ଭାବେ ଗଚ୍ଛିତ ଡିଜେଲ ଜବତ କରାଯାଇଥିଲା। ସେମାନଙ୍କ ପାଖରେ କୌଣସି ବିତରକ ଲାଇସେନ୍ସ କିମ୍ବା ଅଗ୍ନିଶମ ବିଭାଗର ସାର୍ଟିଫିକେଟ୍ ନ ଥିଲା। ଜନଗହଳି ପୂର୍ଣ୍ଣ ସ୍ଥାନରେ ଲାଭଖୋର ମନୋବୃତ୍ତି ରଖି ଲିଟର ପିଛା ୧୪୦ ଟଙ୍କା ଦରରେ ତେଲ ବିକ୍ରି କରୁଥିଲେ। ଏଥିସହ ସେମାନେ ବ୍ୟବହାର କରୁଥିବା ପଳା ଓ କାହାଳୀ ଆଦି ମଧ୍ୟ ଜବତ କରାଯାଇଛି। ଚଢ଼ାଉ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ସହାୟକ ଯୋଗାଣ ଅଧିକାରୀ ସୁନୀତା ବେହେରା, ବାଲିଅନ୍ତା ଯୋଗାଣ ନିରୀକ୍ଷକ ଅଳକାରାଣୀ ମଲ୍ଲିକ ଓ ବାଲିପାଟଣା ଯୋଗାଣ ନିରୀକ୍ଷକ ନେତ୍ରାନନ୍ଦ ବେହେରା ଉପସ୍ଥିତ ଥିଲେ।

# ସସ୍ମିତ ହତ୍ୟାକାଣ୍ଡରେ ଲାଲୁ ଯାଦବ ଗିରଫ

ଜଗତସିଂହପୁର,୧୬।୫(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ସଦର ଥାନା କାଠିଆପଡ଼ା ଗାଁର ସସ୍ମିତା ଦାସ ହତ୍ୟାକାଣ୍ଡ ଘଟଣାରେ ଜଗତସିଂହପୁର ପୁଲିସ ସୁପାରି କିଲର ଲଲୁ କୁମାର ଓରଫ ଲାଲୁ ଯାଦବକୁ ବିହାରର କଇମୁଡରୁ ଗିରଫ କରିଛି। ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭିଯୁକ୍ତର ଡାକ୍ତରୀ ମାଇନା କରାଯାଇଥିବା ସହ ଅପରାହ୍ନରେ ତାକୁ କୋର୍ଟ ଚାଲାଣ କରାଯିବ। ଏହି ବାବଦରେ ଜଗତସିଂହପୁର ଏସ୍‌ପି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ କାଠିଆପଡ଼ା ଗାଁର ସସ୍ମିତା ଦାସଙ୍କର ଅନ୍ୟତ୍ର ନିର୍ବନ୍ଧ ହେବା ପରେ ଗତ ଏପ୍ରିଲ ୨୦ ତାରିଖ ତଥା ନିର୍ବନ୍ଧ ପରଦିନ ସସ୍ମିତାଙ୍କୁ ତାଙ୍କର ପୂର୍ବତନ ପ୍ରେମିକ ସୂର୍ଯ୍ୟକାନ୍ତ ସ୍ୱାଇଁ ଘର ପାଖ ମୁଗ ବିଲକୁ ଡାକିଥିଲେ। ସୁପାରି କିଲର ସହ ମିଶି ଅତି ନିର୍ମମ ଭାବରେ



- ବିହାରରୁ ଗିରଫ ହେଲା ସୁପାରି କିଲର୍
- ପ୍ରେମିକକୁ ଧୋକା ଦେଇ ଅନ୍ୟତ୍ର ନିର୍ବନ୍ଧ କରିଥିଲେ ପ୍ରେମିକା

ତାଙ୍କୁ ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ଉଭୟ ଫେରାର ହୋଇଯାଇଥିବା ବେଳେ ଜାମସେଦପୁରରୁ ହତ୍ୟାକାରୀ ପ୍ରେମିକ ସୂର୍ଯ୍ୟକାନ୍ତ ସ୍ୱାଇଁକୁ ଦୁଇ ଦିନ ମଧ୍ୟରେ ଗିରଫ କରିଥିଲା ପୁଲିସ। ମାତ୍ର ସୁପାରି କିଲର ଲାଲୁ କୌଶଳ କ୍ରମେ ଫେରାର ହୋଇଯାଇଥିଲା। କିନ୍ତୁ ଜଗତସିଂହପୁର ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବିହାର ଜାମସେଦପୁରଠାରେ ପହଞ୍ଚି ଧରିବା ପାଇଁ ଉଦ୍ୟମ କରିଥିଲେ। ଶେଷରେ ତାଙ୍କୁ କାଇମୁଦରୁ ଗିରଫ କରିଛି ପୁଲିସ।

ପ୍ରେମିକ ସୂର୍ଯ୍ୟକାନ୍ତ ଓ ସୁପାରି କିଲର ଲାଲୁ ଗୋଟିଏ ଅଟୋଓ୍ୱାକ୍ସ ସଂସ୍ଥାରେ କାମ କରନ୍ତି। ସୂର୍ଯ୍ୟକାନ୍ତ ପ୍ରେମିକାଠାରୁ ଧୋକା ପାଇବା ଯୋଗୁଁ ପ୍ରେମିକା ସସ୍ମିତାଙ୍କୁ ହତ୍ୟା କରିବା ପାଇଁ ଲାଲୁକୁ ଦୁଇ ଲକ୍ଷ ଟଙ୍କାର ସୁପାରି ଦେବାକୁ ଡିଲ୍ ହେବା ସହ ଏ ବାବଦରେ ୨୦ ହଜାର ଆଡଭାନ୍ସ ଦେଇଥିଲା। ଥରେ ଉଦ୍ୟମ କରି ବିଫଳ ହେବା ପରେ ଗତ ୨୦ ତାରିଖରେ ଲାଲୁ ପ୍ରେମିକା ସସ୍ମିତାଙ୍କୁ ହତ୍ୟା କରିବାରେ ସଫଳ ହୋଇଥିଲା। ଆଜି ଲାଲୁକୁ ପୁଲିସ୍ ଗିରଫ କରିବା ସହ ତା' ନିକଟରୁ ଗୋଟିଏ ହ୍ୟୁଣ୍ଡାଇ କାର୍, ଗୋଟିଏ ମୋବାଇଲ, ଏଟିଏମ୍ କାର୍ଡ, ଆଧାର କାର୍ଡ ଆଦି ଜବତ କରିଛି।

# ଆଜି ଓଡ଼ିଶା ଆସିବେ ନୀତିନ

ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ): ବିଜେପିର ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଆସନ୍ତାକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ନୀତିନ ନବୀନ। ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ସାଧାରଣ ଯାତ୍ରୀବାହୀ ବିମାନରେ ଆସନ୍ତାକାଲି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସାମ୍ପ୍ରତିକ ବିଶ୍ୱ ତୈଳ ସଂକଟ ଦୃଷ୍ଟିକୋଣରୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ନିରାଡ଼ମ୍ବର ଭାବେ ରାଷ୍ଟ୍ରୀୟ ସଭାପତିଙ୍କୁ ସ୍ୱାଗତ କରାଯିବ। ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀଙ୍କ ସମେତ ଶୀର୍ଷ ନେତୃବୃନ୍ଦ ରାଷ୍ଟ୍ରୀୟ ସଭାପତିଙ୍କୁ ବିମାନବନ୍ଦରରେ ସ୍ୱାଗତ ଜଣାଇବେ ବୋଲି ଆଜି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି।

ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା 'ରାଜ୍ୟ କୋର୍ କମିଟି' ବୈଠକରେ ନବୀନ ଯୋଗଦେବେ। ଏହା ପରେ ସେ ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥିତ ଆଇଆଇଟି ନିକଟସ୍ଥ ଏସିଆନ ଇନଷ୍ଟିଚ୍ୟୁଟ ଅଫ ଫିଜିକାଲ ହେଲ୍‌ଥ (ଏଆଇପିଏଚ୍) ବିଶ୍ୱବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଶିବିରକୁ ଉଦଘାଟନ କରିବେ। ଏହାପରେ ସେ



- ଦାୟିତ୍ୱ ନେବା ପରେ ପ୍ରଥମ ଓଡ଼ିଶା ଗସ୍ତ
- ରାଜ୍ୟ କୋର୍ କମିଟି ବୈଠକରେ ଯୋଗଦେବେ
- ରାଜ୍ୟ ପଦାଧିକାରୀ ଓ ମନ୍ତ୍ରୀ ପରିଷଦକୁ ଦେବେ ମନ୍ତ୍ର

ପୁରୀ ଗସ୍ତ କରି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ସେବନ କରିବେ ବୋଲି ଶ୍ରୀ ରାୟ କହିଛନ୍ତି। ରାଷ୍ଟ୍ରୀୟ ସଭାପତି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟଠାରେ ହେବାକୁ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି ବୈଠକ ଓ ମନ୍ତ୍ରୀ ପରିଷଦ ବୈଠକରେ ଯୋଗଦେଇ ସମସ୍ତଙ୍କ ସହ ଭେଟଘାଟ କରି ଚର୍ଚ୍ଚା ଓ ଆଲୋଚନା କରିବେ। ସନ୍ଧ୍ୟାରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

# ଓଲଟିଲା ପିକଅପ ଭ୍ୟାନ୍, ୨୭ ଶ୍ରମିକ ଗୁରୁତର

ବାସୁଦେବପୁର, ୧୬।୫ (ସଂଚାର ବ୍ୟୁରୋ): ପିକଅପ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ୨୭ରୁ ଅଧିକ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଭଦ୍ରକ ଜିଲ୍ଲା ବାସୁଦେବପୁର ରାସ୍ତାର ବେକମୁଡି ଛକ ନିକଟରେ ଘଟିଛି ଏହି ଦୁର୍ଘଟଣା। ଭାରସାମ୍ୟ ହରାଇ ଭ୍ୟାନ୍‌ଟି ନୟନଯୋଡ଼ିକୁ ଖସିପଡ଼ିବା ପରେ ଖବର ପାଇ ସେଠାରେ ତୁରନ୍ତ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଗୁରୁତର ଭାବେ ଆହତ ହୋଇଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିଛି। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ଭଦ୍ରକରୁ ବାସୁଦେବପୁର ଅଭିମୁଖେ ଶ୍ରମିକ ଓ ମିକ୍ସଚର ମେସିନ ନେଇ ଆସୁଥିବା ସମୟରେ ଉକ୍ତ ଭ୍ୟାନ୍‌ଟି ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ତେବେ ସରକାର ମାଲବାହୀ ଗାଡ଼ିରେ କୌଣସି ଯାତ୍ରୀଙ୍କ ପରିବହନ ଉପରେ କଟକଣା ଲଗାଇଥିଲେ ହେଁ ଉକ୍ତ ପିକ୍‌ଅପ୍ ଭ୍ୟାନ୍ ଚାଳକ ଏହାକୁ ମାନି ନଥିବାରୁ ଆଜି ଏପରି ଏକ ଦୁର୍ଘଟଣା ଘଟିଛି। ତେଣୁ ଉକ୍ତ ଭ୍ୟାନ୍‌ର ଡ୍ରାଇଭର୍ ଓ ମାଲିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି ହେଉଛି।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ଢେଙ୍କାନାଳ,୧୬।୫(ସଂଚାର ବ୍ୟୁରୋ): ଢେଙ୍କାନାଳ ଟାଉନ୍ ଥାନା ପୁଲିସ୍ ଆଜି ସକାଳୁ ମହିଷାପାଟ ଛକଠାରେ ଚଢ଼ାଉ କରି ପାଖାପାଖି ୪.୪୨ ମିଲିଗ୍ରାମର ବ୍ରାଉନସୁଗର ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ପାଖରୁ ଏକ ମୋବାଇଲ୍ ଫୋନ୍ ଓ ନଗଦ ୪୯ ହଜାର ଟଙ୍କା ଜବତ କରାଯାଇଛି।




ମିଳିଥିବା ସୂଚନାନୁସାରେ, ଟାଉନ୍ ଥାନା ଆଇଆଇସି ଧିରେନ୍ କୁମାର ବେହେରା ସହରରେ ଉକ୍ତ ଯୁବକ ଜଣଙ୍କ ବ୍ରାଉନସୁଗର ବିକ୍ରି କରୁଥିବା ନେଇ ନିର୍ଭରଯୋଗ୍ୟ ସୂତ୍ରରୁ ଜାଣିବାକୁ ପାଇଥିଲେ। ଏହି ସୂଚନାକୁ ଭିତ୍ତି କରି ଆଜି ସକାଳୁ ପୁଲିସ୍ ମହିଷାପାଟ ଛକ ନିକଟରେ ଚଢ଼ାଉ କରିଥିଲା। ତେବେ ପୁଲିସ୍‌କୁ ଦେଖି ଉକ୍ତ ଯୁବକ ଜଣଙ୍କ ଖସିଯିବାକୁ ଉଦ୍ୟମ କରୁଥିଲେ ହେଁ ଧରାପଡ଼ିଥିଲା। ତାଙ୍କ ପାଖରୁ ପୁଲିସ୍ ଏକ କଳା ରଙ୍ଗର ବ୍ୟାଗ୍ ଜବତ କରିଥିଲା, ଯେଉଁଥିରେ ୪.୪୨ମିଲିଗ୍ରାମ ଓଜନର ବ୍ରାଉନସୁଗାର ଓ ଗୋଟିଏ ଆଣ୍ଡ୍ରଏଡ୍ ମୋବାଇଲ୍ ରହିଥିଲା। ଗିରଫ ହୋଇଥିବା ଯୁବକ ଜଣଙ୍କ ହେଲେ ବାଙ୍କୁଆଳ ଅଞ୍ଚଳର ବ୍ରହ୍ମାନନ୍ଦ ସାହୁ (୫୫)। ଏ ସଂକ୍ରାନ୍ତରେ ଢେଙ୍କାନାଳ ଏସ୍‌ଡିପିଓ କହିଛନ୍ତି ଯେ ଅଭିଯୁକ୍ତ ଜଣଙ୍କ ଆଖପାଖ ଅଞ୍ଚଳରେ ବ୍ରାଉନ୍‌ସୁଗର୍ ଖୁଚୁରା ଭାବେ ବିକ୍ରି କରୁଥିଲା। ତା'ର ମୋବାଇଲ୍‌ରୁ ସେ କେଉଁଠୁ ମାଲ୍ ଆଣୁଛି ଓ କାହାକୁ ଯୋଗାଉଥିଲା, ସେ ନେଇ ଜାଣିବା ସକାଶେ ତଦନ୍ତ ଜାରି ରହିଛି। ଏହି ବ୍ୟବସାୟ ସହ ଆହୁରି କିଛି ଲୋକ ଜଡ଼ିତ ଥିବା ସନ୍ଦେହ କରାଯାଉଛି। ଏନ୍‌ଡିପିଏସ୍ ଆଇନ୍‌ରେ ଟାଉନ୍ ଥାନାରେ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଛି। ପୁଲିସ୍ ତାକୁ ରିମାଣ୍ଡ ନେବା ସକାଶେ ଆବେଦନ ମଧ୍ୟ କରିଥିବା ଜଣାପଡ଼ିଛି।

# ବାଘଛାଲ ଜବତ: ୩ ଗିରଫ

ବ୍ରହ୍ମପୁର,୧୬।୫(ସଂଚାର ବ୍ୟୁରୋ): ଧନାବଡ଼ା ଆଙ୍କୁଳି ଅଞ୍ଚଳରେ ବାଘଛାଲ ବିକ୍ରି ସମୟରେ ବ୍ରହ୍ମପୁର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କଠାରୁ ପୁଲିସ୍ ଗୋଟିଏ ବାଘଛାଲ, ୨ଟି ବୋମା, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ୍ ଓ ଗୋଟିଏ ଛୁରୀ ଜବତ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ



ରାମଗିରି ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାନୁସାରେ, ଗତକାଲି ଅପରାହ୍ନରେ ଧନାବଡ଼ା ଆଙ୍କୁଳି ଅଞ୍ଚଳରେ କେତେକ ଲୋକ ବାଘଛାଲ ଚାଲାଣ ପାଇଁ ଉଦ୍ୟମ କରୁଥିବା ଜରଡ଼ା ଥାନା କୌଣସି ସୂତ୍ରରୁ ସୂଚନା ପାଇଥିଲା। ଏହାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ପୁଲିସକୁ ଦେଖି ବଣ ଜଙ୍ଗଲ ଭିତରେ ୪ ଜଣ ଲୋକ ଦୌଡ଼ି ପଳାଇଯିବାକୁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କ ପିଛା କରିଥିଲା। ତେବେ ଅଭିଯୁକ୍ତମାନେ ପୁଲିସକୁ ଧକ୍କା ମାରି ଖସିଯିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକ ସହ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲା। ଚଢ଼ାଉ ସମୟରେ ଅଭିଯୁକ୍ତମାନଙ୍କ ଠାରୁ ଝୋଟରେ ନିର୍ମିତ ଏକ ବ୍ୟାଗ ପୁଲିସ ଜବତ କରିଥିଲା। ଉକ୍ତ ବ୍ୟାଗ୍‌ରେ ଏକ ବାଘଛାଲ ସହ ୨ଟି ବୋମା ରହିଥିଲା। ଏହାଛଡ଼ା ପୁଲିସକୁ ଅନ୍ୟ କେତେକ ଆପତ୍ତିଜନକ ସାମଗ୍ରୀ ମଧ୍ୟ ମିଳିଥିଲା। ବାଘଛାଲକୁ ଅଭିଯୁକ୍ତମାନେ ବିକ୍ରି କରିବାକୁ ରଖିଥିଲେ।

### ଖବର ପ୍ରକାଶ ପରେ ଖଣି ବିଭାଗ ସକ୍ରିୟ

# ଚଢ଼ାଉ କରି ଜବତ କଲା ଲକ୍ଷ ଲକ୍ଷ ଟଙ୍କାର ପଥର



ସଂଚାର ପ୍ରଭାବ

ଆନନ୍ଦପୁର,୧୬।୫(ସଂଚାର ବ୍ୟୁରୋ): କଣ୍ଟିପାଳ ତେରଘରିଆରେ ଖଣି ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଲକ୍ଷ ଲକ୍ଷ ଟଙ୍କାର ପଥର ଜବତ କରାଯିବା ପରେ ଠିକାଦାରଙ୍କ ହୋସ ଉଡ଼ିଯାଇଛି। 'ସଂଚାର'ରେ ଏ ସଂକ୍ରାନ୍ତ ଖବର ପ୍ରସାରଣ ପରେ ହଠାତ୍ ଖଣି ବିଭାଗ ସକ୍ରିୟ ହୋଇଛି। ଚଢ଼ାଉ ସମୟରେ ସମ୍ପୃକ୍ତ ଠିକାଦାର ଜଣଙ୍କ ଉକ୍ତ ପଥରର ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ତେବେ ଏଥିପାଇଁ ସେ ସମୟ ମାଗିଥିବାରୁ କୌଣସି ପ୍ରକାର ଖେଳ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିନାହିଁ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କଣ୍ଟିପାଳ ତେରଘରିଆଠାରେ ନିର୍ମାଣ ହେଉଥିବା ପୋଲ କାର୍ଯ୍ୟକୁ ନେଇ ଆରମ୍ଭରୁ ବିବାଦ ଲାଗି ରହିଛି। କାମ ଅତି ନିମ୍ନ ମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଥିବା ବେଳେ ପୋଲ ନିକଟରେ ଲକ୍ଷ ଲକ୍ଷ ଟଙ୍କାର ପଥର ଗଚ୍ଛିତ ରହିଥିବା ନେଇ ଗତ ୨ ତାରିଖରେ 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପଥର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ପଥରର କାଗଜପତ୍ର ତୁରନ୍ତ ଦେଖାଇ ପାରି ନ ଥିବାରୁ ଏଥିସକାଶେ ଠିକାଦାର ସମୟ ମାଗିଥିବା ଖଣି ଅଧିକାରୀ ତାରିଣୀ ସିଂ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ସବୁ କାଗଜପତ୍ର ଠିକ୍ ଥିଲା, ତେବେ ଚଢ଼ାଉ ସମୟରେ କାହିଁକି ଠିକାଦାର ଦେଖାଇଲେ ନାହିଁ? ସମୟ ନେବା ପଛର ଅସଲ ରହସ୍ୟ କ'ଣ? ସମୟ ନେଇ ସେ କୌଣସି ପ୍ରକାର ଜାଲିଆତି କରିବାର ସୁଯୋଗ ଖୋଜୁଛନ୍ତି କି? ଏସବୁ ପ୍ରଶ୍ନକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନିମ୍ନମାନର ପୋଲ କାର୍ଯ୍ୟ ଓ ଗଚ୍ଛିତ ପଥର ମାମଲାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**ଠିକାଦାର ସମୟ ମାଗିବା ପଛରେ ଉଦ୍ଦେଶ୍ୟ କ'ଣ?**

### ବାପା-ମା'ଙ୍କୁ ଅଣଦେଖା କରୁଥିଲେ, ପରିଣାମ ଭୋଗିଲେ

# ପୁଅ-ବୋହୂଙ୍କୁ ଘରୁ ବିଦାକଲା ପୁଲିସ

ପୁରୀ,୧୬।୫(ସଂଚାର ବ୍ୟୁରୋ): ପରିଣତ ବୟସରେ ବୃଦ୍ଧ ବାପା-ମା'ଙ୍କ ସାହାରା ସାଜିବା ବଦଳରେ ନିର୍ଯାତନା ଦେଲେ, ତା'ର କିଭଳି ପରଣତି ଭୋଗିବାକୁ ହୁଏ, ତା'ର ଉଦାହରଣ ଦେଖିବାକୁ ମିଳିଛି ପୁରୀ ସହରରେ। ପୁରୀ ଉପଜିଲ୍ଲାପାଳଙ୍କ କୋର୍ଟ ୩ ବର୍ଷ ତଳର ଏକ ମାମଲାର ବିଚାର କରି ପୁଅ-ବୋହୂଙ୍କୁ ଘରୁ ବାହାର କରି ବୃଦ୍ଧ ବାପା ଓ ମା'ଙ୍କୁ ନ୍ୟାୟ ଦେଇଛନ୍ତି। ପୁଅ-ବୋହୂ ସାହାରା ଦେବା ବଦଳରେ ମାଡ଼ ଦେଉଥିଲେ। ମାଡ଼, ଗାଳି ଆଉ ଅପମାନ। ଶେଷରେ ନ୍ୟାୟାଳୟରେ ବୃଦ୍ଧ ବାପା-ମା'ଙ୍କ ଅଭିଯୋଗରେ ଘରୁ ବିଦା ହୋଇଛନ୍ତି ପୁଅ-ବୋହୂ। ପୁରୀ ସହର ନରେନ୍ଦ୍ରକୋଣ ଅଞ୍ଚଳର ଦୟାନିଧି ଓ ପ୍ରମିଳା ବେହେରା ନ୍ୟାୟ ପାଇଛନ୍ତି। କୁମ୍ଭାରପଡ଼ା ଥାନା ବାୟାବାବା ମଠ ଲେନ୍‌ସ୍ଥିତ ଘରେ ଦୁଇ ପୁଅ, ବୋହୂ ଓ ନାତି ସହ ରହୁଥିଲେ ଦୟାନିଧି ଓ ପ୍ରମିଳା। କିନ୍ତୁ ପୁଅ ବୋହୂ ସେମାନଙ୍କୁ



ଅବହେଳା କରୁଥିଲେ। ପଡ଼ୋଶୀ ମଧ୍ୟସ୍ଥତା କରିଥିଲେ ମଧ୍ୟ ତା' ଫଳହୀନ ରହିଥିଲା। ଶେଷରେ ବୃଦ୍ଧ ଦମ୍ପତି ନ୍ୟାୟ ପାଇଁ ପୁରୀ ଉପଜିଲ୍ଲାପାଳଙ୍କ ପାଖରେ ପହଞ୍ଚିଲେ। ବିଚାର କରି ଶେଷରେ ବୃଦ୍ଧ ବାପା-ମା'ଙ୍କୁ ନ୍ୟାୟ ଦେଇଛନ୍ତି ଉପଜିଲ୍ଲାପାଳ। ପୁଅବୋହୂଙ୍କୁ ଘର ଛାଡ଼ି ତୁରନ୍ତ ଚାଲିଯିବାକୁ ନିର୍ଦ୍ଦେଶ ପରେ ମାଜିଷ୍ଟ୍ରେଟ୍ ଓ ପୁଲିସ ଉପସ୍ଥିତିରେ ଘର ଖାଲି କରିଛି ଜିଲ୍ଲା ପ୍ରଶାସନ। ବଡ଼ଦାଣ୍ଡରେ ଚପଲ ବିକ୍ରି କରି ପରିବାର ଚଳାଇବା ସହ ୮୩ ବର୍ଷୀୟ ଦୟାନିଧି ଘର ତିଆରି କରିଥିଲେ। ବଡ଼ ପୁଅକୁ ଯୁକ୍ତ ଦୁଇ ଆଉ ସାନ ପୁଅକୁ ମାଟ୍ରିକ ପାଠ ପଢ଼ାଇଥିଲେ। ବଡ଼ ପୁଅ ବାହା ହେବା ପରେ ଏବେ ନାତି ବି ରୋଜଗାର କରୁଛି। କିନ୍ତୁ ବୁଢ଼ା ବୟସରେ ସେଇ ଘରେ ମିଳିଲାନି ସମ୍ମାନ। ଅଭିଯୋଗ ଅନୁସାରେ ବୋହୂ ରୀତିମତ ଖାଇବାକୁ ନ ଦେବା ଓ ପୁଅ ଓ ନାତିର ମାଡ଼ ଗାଳି ଥିଲା ନିତିଦିନିଆ ଘଟଣା। ୨୦୨୩ରେ ପୁରୀ ଉପଜିଲ୍ଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ ଦୟାନିଧି ଓ ପ୍ରମିଳା। କୋର୍ଟ ଦୁଇ ପୁଅଙ୍କୁ ଚେତାବନୀ ସହ ଭରଣପୋଷଣ ପାଇଁ ମାସିକ ୨ ହଜାର ଟଙ୍କା ଲେଖାଏଁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କିଛି ମାସ ପରେ ପୁନର୍ବାର ସେମାନେ ଅବହେଳାର ଶିକାର ହେବାରୁ ୨୦୨୫ରେ ଅଭିଯୋଗ କରିଥିଲେ। ଏହାର ବିଚାର କରି ଗତ ଫେବ୍ରୁଆରୀ ୭ରେ ପୁଅ-ବୋହୂଙ୍କୁ ଘରୁ ବାହାର କରିବାକୁ ଉପଜିଲ୍ଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ତରଭୁଜ ପାଲଟିଲା ବିଷ!

# ପରିବାରର ୫ ଅସୁସ୍ଥ, ଜଣେ ମୃତ

ପଟ୍ଟାମୁଣ୍ଡାଇ,୧୬।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଡିହାପଡା ପଞ୍ଚାୟତ କୁପୁଣି ଗାଁରେ ଏକ ଅଭାବନୀୟ ଦୁଃଖଦ ଘଟଣା ଘଟିଛି। ତରଭୁଜ ଖାଇ ଗୋଟିଏ ପରିବାରର ୫ ଜଣ ଅସୁସ୍ଥ ହୋଇ ପଡ଼ିଥିବା ଜଣାପଡିଛି। ତରୁଭୁଜ ଖାଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ୧୩ ବର୍ଷର ନାବାଳକଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅସୁସ୍ଥ ଥିବା ଅନ୍ୟ ୪ ଜଣ ଚିକିତ୍ସିତ ହେଉଛନ୍ତି। ବିଷାକ୍ତ ତରଭୁଜ ଖାଇ ଏପରି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

ମିଳିଥିବା ଖବର ଅନୁଯାୟୀ, କୁପୁଣି ଗାଁର ଅନନ୍ତ ସେନାପତି (୫୯) ଓ ତାଙ୍କ ପୁତ୍ର ପଞ୍ଚାନନ ସେନାପତି (୪୨),



ବୋହୂ ଚାରୁଲତା (୩୫), ସାନ ପୁଅ ବବୁ ବାହନ (୩୧), ନାତି ସ୍ୱାଧୀନ (୧୨) ଆଦି ପରିବାର ସଦସ୍ୟ ଗତକାଲି ଅପରାହ୍ନରେ ତରଭୁଜ ଖାଇଥିଲେ। ତେବେ ତରଭୁଜ ଖାଇବା ସାରିବା ପରେ ସେମାନେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ପରେ ସେମାନଙ୍କର ବାନ୍ତି ଓ ପତଳା ଝାଡ଼ା ବି ହୋଇଥିଲା। ଏହି ପରିବାରର ଅନନ୍ତ, ପଞ୍ଚାନନ, ବବୁ ବାହନ ଓ ସ୍ୱାଧୀନ ପ୍ରମୁଖ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା। ମାତ୍ର ସେଠାରେ ଥିବା ଡାକ୍ତର ନାବାଳକ ସ୍ୱାଧୀନ ସେନାପତିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାକାର ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାଧୀନ ହେଉଛି ପଞ୍ଚାନନ ସେନାପତିଙ୍କ ଏକମାତ୍ର ପୁଅ। ତେଣୁ ଏହି ଘଟଣା କୁପୁଣି ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ତରୁଭୁଜ ଖାଇ ଅସୁସ୍ଥ ହୋଇପଡ଼ିଥିବା ଅନନ୍ତ ସେନାପତିଙ୍କ ପରିବାରର ଅନନ୍ତଙ୍କ ବ୍ୟତୀତ ପଞ୍ଚାନନ, ବବୁ ବାହନ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ତେବେ ଏହି ଅଭାବନୀୟ ଘଟଣା ତରଭୁଜ ଯୋଗୁଁ ଘଟିଛି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ସଂଚାର SANCHAR
ରବିବାର ୧୭ ମେ ୨୦୨୬
BUSINESS

## ମେ ୧୬ରେ ଜମାଟୋ-ସ୍ୱିଗି ଡେଲିଭରି ଠପ୍

# ଇନ୍ଧନ ଦରବୃଦ୍ଧି ବିରୋଧରେ ଗିଗ୍ ୱାର୍କର କରିବେ ହରତାଳ



ନୂଆଦିଲ୍ଲୀ, ୧୬।୫: ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ପ୍ରଭାବ ଏବେ ଆପ୍ ଆଧାରିତ ଡେଲିଭରୀ ଓ କ୍ୟାବ୍ ସେବା ଉପରେ ପଡିଛି। ଇନ୍ଧନ ମୂଲ୍ୟ ବୃଦ୍ଧି ବିରୋଧରେ ଗିଗ୍ ଏବଂ ପ୍ଲାଟଫର୍ମ ସର୍ଭିସ ୱର୍କର ୟନିୟନ (ଜିଆଇପିଏସଡବ୍ଲ୍ୟୁ) ସାରା ଦେଶରେ ବିଶାଳ ପ୍ରଦର୍ଶନ ଘୋଷଣା କରିଛି। ୟୁନିୟନ ଅନୁସାରେ ୧୬ ମେ ଶନିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଗିଗ୍ ୱାର୍କର୍ସ ଆପ୍ ବନ୍ଦ କରି ବିରୋଧ ପ୍ରଦର୍ଶନ କରିବେ। ୟୁନିୟନର କହିବା କଥା ହେଉଛି ପେଟ୍ରୋଲ ଓ ଡିଜେଲ ମହଙ୍ଗା ହେବା ଯୋଗୁ ସବୁଠୁ ଅଧିକ ପ୍ରଭାବ ଡେଲିଭରୀ ବୟ ଓ କ୍ୟାବ୍ ଡ୍ରାଇଭରଙ୍କ ଉପରେ ପଡିଛି।

ସ୍ୱିଗୀ, ଜମାଟୋ, ବ୍ଲିଙ୍କିଟ୍, ଜେପ୍ଟୋ, ଓଲା, ଉବେର ଓ ରାପିଡୋ ଭଳି କମ୍ପାନୀଙ୍କ ଲାଗି କାମ କରୁଥିବା ଲକ୍ଷଲକ୍ଷ ୱାର୍କର ସେମାନଙ୍କ ଗୁଜୁରାଣ ପାଇଁ ବାଇକ୍ ଓ ସ୍କୁଟର ଉପରେ ନିର୍ଭର କରନ୍ତି। ଏଣୁ ଇନ୍ଧନ ମୂଲ୍ୟବୃଦ୍ଧି ସେମାନଙ୍କ ସଞ୍ଚୟ କ୍ଷମତା ହ୍ରାସ କରିଛି। ଏଣୁ ୟୁନିୟନ କମ୍ପାନୀଙ୍କ ନିକଟରେ ଗିଗ୍ ୱାର୍କର୍ସଙ୍କ ଲାଗି ପ୍ରତି କିଲୋମିଟର ସର୍ଭିସ ଦର ୨୦ ଟଙ୍କା କରିବାକୁ ଦାବି କରିଛି। ସେମାନଙ୍କ କହିବା କଥା ହେଉଛି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବଢ଼ିବାମାତ୍ରେ ସେମାନଙ୍କ ଖର୍ଚ୍ଚ ବଢ଼ି ଯାଇଛି, ହେଲେ କମ୍ପାନୀ ଡେଲିଭରୀ ଚାର୍ଜ ଅଥବା ପ୍ରତି କିଲୋମିଟର ଦର ବଢ଼ାଉ ନାହାନ୍ତି।

ଜିଆଇପିଏସଡବ୍ଲ୍ୟୁ ସଭାପତି ସୀମା ସିଂହ କହିଛନ୍ତି ଯେ ଭୀଷଣ ଗ୍ରୀଷ୍ମରେ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରୁଥିବା ଡେଲିଭରୀ ୱାର୍କସ ପ୍ରଥମରୁ ଚାପରେ ଅଛନ୍ତି, ଏଥିରେ ଏବେ ଇନ୍ଧନ ମହଙ୍ଗା ହେବା ସେମାନଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ସିଂହ ଚେତାବନୀ ଦେଇଛନ୍ତି ଯେ ଯଦି କମ୍ପାନୀମାନେ ପେମେଣ୍ଟ ବଢ଼ାଇବାର ନିଷ୍ପତ୍ତି ନନିଅନ୍ତି ତେବେ ଆନ୍ଦୋଳନକୁ ଗୁରୁତର କରାଯିବ। ୟୁନିୟନର ନ୍ୟାସନାଲ କୋ-ଅର୍ଡିନେଟର ନିର୍ମଳ ଗୋରାନାଙ୍କ ଅନୁସାରେ ଦେଶରେ ପାଖାପାଖି ୧କୋଟି ୨୦ଲକ୍ଷ ଗିଗ୍ ୱାର୍କର ଓ ପ୍ଲାଟଫର୍ମ ୱାର୍କର କାମ କରୁଛନ୍ତି।

ଏମାନଙ୍କ ମଧ୍ୟରେ ଫୁଡ, ଗ୍ରୋସରୀ ଡେଲିଭରୀ, ଲଜିଷ୍ଟିକ୍ସ ଓ କ୍ୟାବ୍ ସେବାରେ ଏମାନେ କାମ କରିଆସୁଛନ୍ତି। ଏଥିରେ ଇନ୍ଧନ ମୂଲ୍ୟ ବୃଦ୍ଧିର ସିଧା ପ୍ରଭାବ ଏପରି ୱାର୍କରଙ୍କ ଆୟ ଉପରେ ପଡୁଛି। କାରଣ ପେଟ୍ରୋଲ, ଗାଡି ସର୍ଭିସ ଓ ଅନ୍ୟ ଖର୍ଚ୍ଚ ସେମାନଙ୍କ ପକେଟରୁ ଖର୍ଚ୍ଚ କରୁଛନ୍ତି। ୟୁନିୟନ ସରକାରଙ୍କ ନିକଟରେ ଦାବି କରିଛି ଯେ ଏପ ଆଧାରିତ କମ୍ପାନୀଙ୍କୁ ପେମେଣ୍ଟ ବଢ଼ାଇବା ଲାଗି ଗାଇଡଲାଇନ ଜାରି କରନ୍ତୁ। ଏହା ଦ୍ୱାରା ଇନ୍ଧନ ମହଙ୍ଗା ହେବାର ସବୁ ବୋଝ ଯେପରି ୱାର୍କରଙ୍କ ଉପରେ ନ ପଡେ। ୟୁନିୟନ କହିଛି ଯେ ଶନିବାର ପ୍ରଦର୍ଶନ ଶାନ୍ତିପୂର୍ଣ୍ଣ ହେବ।

# ବିମାନ ଟିକଟ ଦରକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

ନୂଆଦିଲ୍ଲୀ, ୧୬।୫: ଦେଶରେ ବିମାନ ଟିକଟ ଦରରେ ଘଟିଥିବା ବୃଦ୍ଧିକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଯାତ୍ରୀମାନଙ୍କୁ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଓ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ ଯେ ସମାନ ରୁଟ ପାଇଁ ଗୋଟିଏ ଦିନରେ ଏକ ଏୟାରଲାଇନ୍‌ର ଟିକଟ ଦାମ୍ ୮୦୦୦ ଟଙ୍କା ରହୁଥିବା ବେଳେ ଆଉ କାହାର ୧୮ହଜାର ଟଙ୍କା ରହୁଛି।

ଟିକଟ ଦାମ୍‌ରେ ରହୁଥିବା ଏହି ତାରତମ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବିମାନ ଯାତ୍ରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଦରକାର ବୋଲି ସରକାରଙ୍କ ପାଇଁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଖଣ୍ଡପୀଠ କହିଥିଲେ।ବିମାନ ଟିକଟ ଦାମ୍‌ରେ ହେଉଥିବା ହଠାତ୍ ବୃଦ୍ଧିକୁ ବିରୋଧ କରି ସମାଜସେବୀ ଏସ୍ ଲକ୍ଷ୍ମୀନାରାୟଣ ଏକ ମାମଲା ରୁଜୁ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ଦେଶରେ ଏୟାରକ୍ରାଫ୍ଟ ନିୟମ ୧୯୩୭ ପ୍ରଚଳନରେ ଅଛି। କିନ୍ତୁ ତାହାର ଧାରାଗୁଡ଼ିକୁ ପାଳନ କରାଯାଉନାହିଁ। ଟିକଟ ଦରକୁ ନେଇ ଏୟାରଲାଇନ୍‌ଗୁଡ଼ିକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କୌଣସି ନିର୍ଦ୍ଦେଶ ଦେଉନାହିଁ। ଇତି ମଧ୍ୟରେ ସରକାର ୨୦୨୫ ଜାନୁଆରିରୁ ଭାରତୀୟ ବାୟୁଯାନ ଅଧିନିୟମ ଲାଗୁ କରିଛନ୍ତି। ଗତ ଏପ୍ରିଲ ୩୦ରେ ଏହି ମାମଲାର ଶୁଣାଣି ବେଳେ ସତ୍ୟପାଠ ଦାଖଲ କରି ନଥିବାରୁ କେନ୍ଦ୍ର ସରକାରଙ୍କ ଉପରେ କୋର୍ଟ ବିରକ୍ତ ହୋଇଥିଲେ। କାହିଁକି ସତ୍ୟପାଠ ଦାଖଲ କରାଗଲା ନାହିଁ ତାହାର କାରଣ ଜଣାଇବାକୁ ସରକାରଙ୍କୁ କୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣୀ ଜୁଲାଇ ୧୩ରେ ହେବ।



# ମାର୍କେଟକୁ ଆସିଲା ୪ଟି ସବୁଠୁ ଶସ୍ତା ଇଲେକ୍ଟ୍ରିକ କାର୍

ନୂଆଦିଲ୍ଲୀ, ୧୬।୫: ପେଟ୍ରୋଲ ଏବଂ ଡିଜେଲର ବୃଦ୍ଧି ଏବେ ଲୋକଙ୍କ ବଜେଟକୁ ବ୍ୟାହତ କରିବା ଆରମ୍ଭ କରିଛି। ଦୈନନ୍ଦିନ ଯାତ୍ରୀମାନଙ୍କ ପାଇଁ, ମାସିକ ଇନ୍ଧନ ଖର୍ଚ୍ଚ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି କାରଣରୁ ଏବେ ବହୁ ସଂଖ୍ୟକ ଲୋକ ଇଲେକ୍ଟ୍ରିକ କାର ଆଡକୁ ମୁହାଁଇଛନ୍ତି। କମ ଚାଳନ ଖର୍ଚ୍ଚ, ଗାଡ଼ି ଚାଳନା ସହଜ ଏବଂ ସରକାରୀ ସବସିଡି ଭଳି ବୈଶିଷ୍ଟ୍ୟଗୁଡ଼ିକ ଇଭିଗୁଡ଼ିକୁ ପୂର୍ବ ଅପେକ୍ଷା ଅଧିକ ଆକର୍ଷଣୀୟ କରିଛି। ଯଦି ଆପଣ ମଧ ଏକ ବଜେଟରେ ଏକ ଭଲ ଇଲେକ୍ଟ୍ରିକ କାର କିଣିବାକୁ ଯୋଜନା କରୁଛନ୍ତି, ତେବେ ଏହି ଚାରୋଟି ମଡେଲ ଆପଣଙ୍କ ପାଇଁ ଉତ୍କୃଷ୍ଟ ବିକଳ୍ପ ପ୍ରମାଣିତ ହୋଇପାରେ।

ଟାଟା ଟିଆଗୋ ଇଭି ଦେଶର ସବୁଠାରୁ ସୁଲଭ ଇଲେକ୍ଟ୍ରିକ କାର ମଧ୍ୟରେ ସ୍ଥାନ ପାଇଛି। ଏହା ଦୁଇଟି ବ୍ୟାଟେରୀ ପ୍ୟାକ ବିକଳ୍ପ ସହିତ ପ୍ରଦାନ କରାଯାଇଛି: ୧୯.୨ ଲଡଷ ଏବଂ ୨୪ ଲଡଷ। ପୂର୍ଣ୍ଣ ଚାର୍ଜରେ, ଏହା ପ୍ରାୟ ୨୫୦ ରୁ ୩୧୫ କିଲୋମିଟରର ଡ୍ରାଇଭିଂ ପରିସର ପ୍ରଦାନ କରେ। ଏହାର କମ୍ପାକ୍ଟ ଡିଜାଇନ ଭିଡ଼ ସହର ରାସ୍ତାରେ ଗାଡି ଚାଳନା ସହଜ କରିଥାଏ। ଏହାର ପ୍ରାରମ୍ଭିକ ଏକ୍ସ-ଶୋରୁମ ମୂଲ୍ୟ ୭.୯୯ ଲକ୍ଷ ରଖାଯାଇଛି।

ଏମଜି କମେଟ ଇଭି ବିଶେଷ ଭାବରେ ସହରାଞ୍ଚଳ ବ୍ୟବହାରକୁ ଦୃଷ୍ଟିରେ




ରଖି ଡିଜାଇନ କରାଯାଇଛି। ଏଥିରେ ୧୭.୩ କେଡବ୍ଲ୍ୟୁଏଚ ବ୍ୟାଟେରୀ ରହିଛି, ଯାହା ପ୍ରାୟ ୨୩୦ କିଲୋମିଟର ପରିସର ପ୍ରଦାନ କରେ। ଏହାର କମ୍ପାକ୍ଟ ଆକାରକୁ ପାର୍କିଂ ଏବଂ ସଂକୀର୍ଣ୍ଣ ରାସ୍ତା ଦେଇ ନାଭିଗେଟ କରିବା ପାଇଁ ଅତ୍ୟନ୍ତ ସୁବିଧାଜନକ ବୋଲି ବିବେଚନା କରାଯାଏ। ଏହାର ପ୍ରାରମ୍ଭିକ ମୂଲ୍ୟ ୭.୬୨ ଲକ୍ଷ। ଏହା ସହିତ, ବାସ (ବ୍ୟାଟେରୀ-ଆଜ-ଏ-ସର୍ଭିସ) ମଡେଲ ଅଧୀନରେ, ଏହାକୁ ୪.୯୯ ଲକ୍ଷ ଏବଂ ପ୍ରତି କିଲୋମିଟର ମୂଲ୍ୟ ୩.୨ ରେ କିଣାଯାଇପାରିବ।

କ୍ରିଟୋ ଏନ ଇସି୩ ଏକ ଇଲେକ୍ଟ୍ରିକ କାରରେ ପ୍ରିମିୟମ ଅନୁଭବ ଏବଂ ପ୍ରଚୁର କ୍ୟାବିନ ସ୍ଥାନ ଚାହୁଁଥିବା ଲୋକଙ୍କ ପାଇଁ ଏକ ଉତ୍କୃଷ୍ଟ ପସନ୍ଦ। ଏହା ୨୯.୨ କେଡବ୍ଲ୍ୟୁଏଚ ବ୍ୟାଟେରୀ ସହିତ ସଜ୍ଜିତ, ପ୍ରାୟ ୨୪୬ କିଲୋମିଟର ପରିସର ପ୍ରଦାନ କରେ। ଏହାର କ୍ୟାବିନ ଅସାଧାରଣ ଆରାମଦାୟକ, ଏହାକୁ ଦୈନନ୍ଦିନ ଅଫିସ ଯାତାୟାତ ପାଇଁ ଏକ ଆଦର୍ଶ ଯାନ କରିଥାଏ। ଏହାର ପ୍ରାରମ୍ଭିକ ଏକ୍ସ-ଶୋରୁମ ମୂଲ୍ୟ ୧୧.୯୯ ଲକ୍ଷ।

ଯଦି ଆପଣ ଏକ ଇଲେକ୍ଟ୍ରିକ କାର ଖୋଜୁଛନ୍ତି ଯାହା ଏକ ଏସୟୁଭି ପରି ସୌନ୍ଦର୍ଯ୍ୟ ସହିତ ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସକୁ ମିଶ୍ରଣ କରେ, ତେବେ ଟାଟା ପଞ୍ଚ ଇଭି ଏକ ଆକର୍ଷଣୀୟ ବିକଳ୍ପ ହୋଇପାରେ। ଏହା ଦୁଇଟି ବ୍ୟାଟେରୀ ପ୍ୟାକ ବିକଳ୍ପ ସହିତ ଉପଲବ୍ଧ: ୩୦ ଡବ୍ଲ୍ୟୁଏଚ ଏବଂ ୪୦ ଡବ୍ଲ୍ୟୁଏଚ। ଏହି କାର ୩୭୫ ରୁ ୪୬୮ କିଲୋମିଟର ପରିସର ପ୍ରଦାନ କରେ, ଯାହା ଏହି ସେଗମେଣ୍ଟରେ ବହୁତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଏହାର ପ୍ରାରମ୍ଭିକ ମୂଲ୍ୟ ୯.୬୯ ଲକ୍ଷ। ଏହି ସମୟରେ, ବାସ ମଡେଲକୁ ୬.୪୯ ଲକ୍ଷରେ କିଣାଯାଇପାରିବ, ଏବଂ ପ୍ରତି କିଲୋମିଟର ପାଇଁ ୨.୬ ମୂଲ୍ୟ ମଧ ମିଳିବ।

# ଭାରତରେ ୨୭ ଲକ୍ଷ କୋଟିର ବାଣିଜ୍ୟିକ ନିଅଣ୍ଟ

ଆଦିଲ୍ଲୀ,୧୬।୫: ଇରାନ-ଆମେରିକା ଯୁଦ୍ଧ ଯୋଗୁ ମଧ୍ୟପ୍ରାଚ୍ୟରେ ଜାରି ଅଶାନ୍ତି ଏବଂ ଅଶୋଧିତ ତୈଳର ବର୍ଦ୍ଧିତ ଦର ମଧ୍ୟରେ ଭାରତର ବାଣିଜ୍ୟ ନିଅଣ୍ଟ ଏପ୍ରିଲରେ ବଢ଼ି ୨୮.୩୮ ବିଲିୟନ ଡଲାର ବା ପାଖାପାଖି ୨୭ ଲକ୍ଷ କୋଟି ଟଙ୍କା ହୋଇଯାଇଛି। ବଜାର ଅନୁମାନଠାରୁ ଏହା ଅଧିକ। ମାର୍ଚ୍ଚର ୨୦.୬୭ ବିଲିୟନ ଡଲାରର ବାଣିଜ୍ୟ ନିଅଣ୍ଟ ତୁଳନାରେ ଏହା ଅନେକ ମାତ୍ରାରେ ଅଧିକ। ଅର୍ଥନୀତିଜ୍ଞମାନେ ଏପ୍ରିଲରେ ବାଣିଜ୍ୟ ନିଅଣ୍ଟ ୨୬.୫ ବିଲିୟନ ରହିବ ବୋଲି ଅନୁମାନ କରିଥିଲେ। ତେବେ ଆମଦାନି ବୃଦ୍ଧି ଯୋଗୁ ଏହା ଆଶାଠାରୁ ଅଧିକ ରହିଛି।

ସରକାରୀ ତଥ୍ୟ ଅନୁସାରେ, ଏପ୍ରିଲରେ ଭାରତର ମାଲ ରପ୍ତାନି ବୃଦ୍ଧି ପାଇ ୪୩.୫୬ ବିଲିୟନ ଡଲାର ହୋଇଯାଇଛି, ଯାହା ମାର୍ଚ୍ଚରେ ୩୮.୯୨ ବିଲିୟନ ଡଲାର ଥିଲା। ସେହିଭଳି ଆମଦାନି ୫୯.୫୯ ବିଲିୟନ ଡଲାରରୁ ବଢ଼ି ୭୧.୯୪ ବିଲିୟନ ଡଲାରରେ ପହଞ୍ଚିଯାଇଛି। ସେବା କ୍ଷେତ୍ର କିଛିଟା ଆଶ୍ୱସ୍ତି ଦେଇଛି। ଏପ୍ରିଲରେ ସେବା ରପ୍ତାନି ୩୭.୨୪ ବିଲିୟନ ଡଲାର ଏବଂ ଆମଦାନି ୧୬.୬୬ ବିଲିୟନ ରହିବାର ଅନୁମାନ ଅଛି। ଏହାଫଳରେ ମୋଟ ସାମଗ୍ରୀ ଏବଂ ସେବା ରପ୍ତାନି ୮୦.୮୦ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଏପ୍ରିଲରେ ମଧ୍ୟପ୍ରାଚ୍ୟରୁ ଭାରତକୁ ଆମଦାନି ବାର୍ଷିକ ଆଧାରରେ ୩୧.୬୪ଧ ଖସି ୧୦.୪୭ ବିଲିୟନ ଡଲାର ରହିଛି, ଯାହା ବର୍ଷେ ତଳେ ୧୫.୩୨ ବିଲିୟନ ଡଲାର ଥିଲା। ଏହାର କାରଣ ହେଉଛି ଭୂ-ରାଜନୈତିକ ଅସ୍ଥିରତା ଏବଂ ପ୍ରମୁଖ ସମୁଦ୍ର ମାର୍ଗରେ ପରିବହନ ଅବରୋଧ। ଭାରତ ଏହାର ଆବଶ୍ୟକତାର ୮୦ଧରୁ ଅଧିକ ଅଶୋଧିତ ତୈଳ ଏବଂ ପ୍ରାୟ ୬୦ଧ ରନ୍ଧନ ଗ୍ୟାସ ଆମଦାନି କରିଥାଏ।



ଏଥିମଧ୍ୟରୁ ମଧ୍ୟପ୍ରାଚ୍ୟର ଯୋଗଦାନ ବୃହତ୍। ଲମ୍ବା ସମୟ ଧରି ଚାଲିଥିବା ଇରାନ ଯୁଦ୍ଧ ଏବଂ ହୋର୍ମୁଜ ଜଳମାର୍ଗରେ ବାଧିତ ପରିବହନ ଯୋଗୁ ଅନ୍ତର୍ଜାତୀୟ ବଜାରରେ ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ୧୦୦ ଡଲାର ପାର୍ କରିଯାଇଛି। ଏବେ ଏହା ୧୦୮ ଡଲାର ଉପରେ ରହିଛି। ଉର୍ଜା ଝଟ୍କା କାରଣରୁ ଭାରତୀୟ ଟଙ୍କା ଏ ବର୍ଷ ଏସିଆର ସବୁଠୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଶୁକ୍ରବାର ଡଲାର ତୁଳନାରେ ଭାରତୀୟ ଟଙ୍କା ୯୬ ସ୍ତର ପାର କରିଯାଇଛି। ଫଳରେ ଆଗକୁ ଆମଦାନି ବିଲ୍ ବଢ଼ିବା ଆଶଙ୍କା ରହିଛି। ସରକାରୀ ତଥ୍ୟ ଅନୁସାରେ ଭାରତର ସର୍ବବୃହତ୍ ରପ୍ତାନି ସହଯୋଗୀ ରହିଛି ଆମେରିକା। ସେହିଭଳି ଆମଦାନିର ବଡ଼ ଉତ୍ସ ରହିଛି ଚୀନ।

# ଦୁଇଦିନ ପାଇଁ ଠପ୍ ହୋଇଯିବ ଏସବିଆଇ ବ୍ୟାଙ୍କ ସେବା

ନୂଆଦିଲ୍ଲୀ,୧୬।୫: ଦେଶର ସର୍ବୃବୃହତ ସରକାରୀ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ)ରେ କାର୍ଯ୍ୟରତ କର୍ମଚାରୀମାନେ ସେମାନଙ୍କର ଦାବି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଅଲ ଇଣ୍ଡିଆ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଷ୍ଟାଫ ଫେଡେରେସନ (ଏଆଇଏସବିଆଇଏସଏଫ) ମେ ମାସ ଶେଷ ପାଇଁ ଦୁଇ ଦିନିଆ ଦେଶବ୍ୟାପୀ ଧର୍ମଘଟ ଘୋଷଣା କରିଛି। ୟୁନିଅନ କହିଛି ଯେ ବ୍ୟାଙ୍କ ପରିଚାଳନା ସହିତ ବହୁ ଦିନ ଧରି ଆଲୋଚନା ଚାଲିଥିଲା, ତଥାପି କର୍ମଚାରୀମାନଙ୍କ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ହୋଇପାରି ନାହିଁ। ଫଳସ୍ୱରୂପ, ସାରା ଦେଶରେ ଏସବିଆଇ କର୍ମଚାରୀମାନେ ମେ ୨୫ ଏବଂ ୨୬ ତାରିଖରେ ଧର୍ମଘଟ କରିବେ। ୟୁନିଅନ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଯଦି ଏହି ଦିନଗୁଡ଼ିକ ମଧ୍ୟରୁ କୌଣସି ଏକ ସାଧାରଣ ଛୁଟି କିମ୍ବା ସାପ୍ତାହିକ ଛୁଟି ସହିତ ମେଳ ଖାଏ, ତେବେ ପ୍ରତିବାଦ କାର୍ଯ୍ୟ ମେ ୨୭ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ।

ଏଆଇଏସବିଆଇଏସଏଫ ବ୍ୟାଙ୍କ ପରିଚାଳନା ନିକଟରେ ମୋଟ ୧୬ଟି ପ୍ରମୁଖ ଦାବି ଉପସ୍ଥାପନ କରିଛି। ଏଥିମଧ୍ୟରୁ ପ୍ରମୁଖ ହେଉଛି ବ୍ୟାଙ୍କର ଶାଖାଗୁଡ଼ିକରେ ଗୁରୁତର କର୍ମଚାରୀ ଅଭାବର ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ୟୁନିଅନ ଅନୁଯାୟୀ, କିଛି ବର୍ଷ ଧରି "ମେସେଞ୍ଜର" ପଦବୀ ପାଇଁ କୌଣସି ନୂତନ ନିଯୁକ୍ତି ହୋଇନାହିଁ, ଯେତେବେଳେ କ୍ଲାରିକାଲ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ କ୍ରମାଗତ ଭାବରେ ହ୍ରାସ ପାଉଛି। ବିପରୀତ ଭାବରେ, ବ୍ୟାଙ୍କ ଶାଖା ମଧ୍ୟରେ କର୍ମଚାରୀଙ୍କ




ଉପରେ କାର୍ଯ୍ୟଭାର ଏବଂ ଚାପ ନିରନ୍ତର ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ, ସଂଘ ଅଭିଯୋଗ କରିଛି ଯେ ବିଭିନ୍ନ ନିୟମିତ କାର୍ଯ୍ୟ ପାଇଁ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଉଛି, ତଥାପି ସେମାନେ ପର୍ଯ୍ୟାପ୍ତ ଦରମା କିମ୍ବା ସୁବିଧା ପାଉନାହାଁନ୍ତି। କର୍ମଚାରୀମାନେ ଯୁକ୍ତି ଦେଇଛନ୍ତି ଯେ ଏହି ପରିସ୍ଥିତି ବ୍ୟାଙ୍କ ସେବାର ଗୁଣବତ୍ତା ଏବଂ କର୍ମଚାରୀଙ୍କ ସୁରକ୍ଷା ଏବଂ ସୁରକ୍ଷା ଉଭୟକୁ ବିପଦରେ ପକାଇଛି। ଏହା ଉଲ୍ଲେଖନୀୟ ଯେ ଏହି ଧର୍ମଘଟ ଶିଳ୍ପ ବିବାଦ ଆଇନ, ୧୯୪୭ର ବ୍ୟବସ୍ଥା ଅନୁଯାୟୀ ଡାକରା ଦିଆଯାଇଛି।

କର୍ମଚାରୀମାନେ ଦାବି କରିଛନ୍ତି ଯେ ସେମାନଙ୍କୁ ସେମାନଙ୍କର ପେନସନ ପାଣ୍ଠି ପରିଚାଳକମାନଙ୍କୁ ପରିବର୍ତ୍ତନ କରିବାର ସ୍ୱାଧୀନତାରୁ ବଞ୍ଚିତ କରାଯାଉଛି – ଏକ ପ୍ରତିବନ୍ଧକ ଯାହାକୁ ସେମାନେ ଅନ୍ୟାୟ ବୋଲି ଭାବନ୍ତି। ସେମାନେ ଦାବି କରିଛନ୍ତି ଯେ, ଜାତୀୟ ପେନସନ ବ୍ୟବସ୍ଥା ଅନୁଯାୟୀ, କର୍ମଚାରୀମାନଙ୍କୁ ସେମାନଙ୍କର ନିଜସ୍ୱ "ପେନସନ ପାଣ୍ଠି ପରିଚାଳକ" ବାଛିବାର ସ୍ୱାଧୀନତା ଦିଆଯାଉ। ଶାଖାଗୁଡ଼ିକରେ କର୍ମଚାରୀଙ୍କ ଘୋର ଅଭାବ ରହିଛି। "ମେସେଞ୍ଜର" ଭଳି ପଦବୀ ପାଇଁ ନିଯୁକ୍ତି ଗତ 30 ବର୍ଷ ଧରି ସ୍ଥଗିତ ରହିଛି। ଏହା ଫଳରେ କର୍ମଚାରୀଙ୍କ ଏକ ସମ୍ପୂର୍ଣ୍ଣ ବର୍ଗ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇଛି, ଏବଂ ସଂଘ ଦାବି କରୁଛି ଯେ ଏହି ପଦବୀ ପାଇଁ ନିଯୁକ୍ତି ତୁରନ୍ତ ପୁନଃ ଆରମ୍ଭ କରାଯାଉ।

ସଂଘର ଅଭିଯୋଗ ହେଉଛି ଯେ ବ୍ୟାଙ୍କ ସ୍ଥାୟୀ ନିଯୁକ୍ତି ସୃଷ୍ଟି କରିବା ବଦଳରେ ଆଉଟସୋର୍ସିଂକୁ ଅଧିକରୁ ଅଧିକ ଆଶ୍ରୟ ନେଉଛି, ଯାହା ଫଳରେ କର୍ମଚାରୀଙ୍କ ଚାକିରି ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ସେମାନେ ଏହି ପ୍ରଥା ବନ୍ଦ କରିବାକୁ ଦାବି କରୁଛନ୍ତି। କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ ଦ୍ୱାଦଶ ଦ୍ୱିପାକ୍ଷିକ ବୁଝାମଣା ଅନୁଯାୟୀ ୧୭% ଦରମା ବୃଦ୍ଧି ଉପରେ ସହମତ ହୋଇଥିଲା। ତଥାପି, ଏସବିଆଇ ଅଧିକାରୀମାନଙ୍କୁ 'ସ୍ୱତନ୍ତ୍ର ଦରମା' ଭତ୍ତା ପ୍ରଦାନ କରି, ସେମାନଙ୍କର ପ୍ରଭାବଶାଳୀ ବୃଦ୍ଧି ପ୍ରାୟ ୨୨% କୁ ବୃଦ୍ଧି ପାଇଛି, ଯେତେବେଳେ କର୍ମଚାରୀ କର୍ମଚାରୀମାନେ ୧୭% ମାର୍କରେ ଅଟକି ରହିଛନ୍ତି। ଏହି ଅସମାନତା କର୍ମଚାରୀମାନଙ୍କ ମଧ୍ୟରେ ବଢୁଥିବା ଅସମାନତାର ଭାବନାକୁ ପ୍ରୋତ୍ସାହିତ କରୁଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୦,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬, ୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନଶେ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୦,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୬, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୦୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୦,୨୪୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୯୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୦,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ପାଇଁ ଦେବାଳୟରେ ଭିଡ଼



**କାକଟପୁର/ଅସ୍ତରଙ୍ଗ,୧୬।୫ (ସଂଚାର ବ୍ୟୁରୋ)**: ହାତରେ ଭୋଗ ମନରେ ଉତ୍ସାହ । ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ଓ ଅଳତା ଧରି ଦେବାଳୟ ଆଗରେ ସଧବା ମହିଳାଙ୍କ ଭିଡ଼ । ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ସାବିତ୍ରୀ ପାଳୁଛନ୍ତି ମହିଳା । ହିନ୍ଦୁ ଶାସ୍ତ୍ର ପୌରାଣିକ କଥା ବସ୍ତୁ ଆଧାର ରେ ବିଭିନ୍ନ ମନ୍ଦିରରେ ପୂଜା କରି ମନାସୁଛନ୍ତି ସ୍ୱାମୀର ମଙ୍ଗଳ । ସ୍ୱାମୀର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଆୟୁଷ କାମନା କରି ଜ୍ୟେଷ୍ଠ ମାସ ଆମାବାସ୍ୟା ରେ ଏହି ବ୍ରତ ପାଳନ କରାଯାଇଥାଏ । ଆଜୀବନ ସଧବା ରହିବାକୁ ନାରୀ ମାନେ ସାବିତ୍ରୀ, ସତ୍ୟବାନ ଓ ଯମ ଦେବ ଙ୍କୁ ପୂଜା କରିଥାନ୍ତି। ଶନିବାର ପବିତ୍ର ସାବିତ୍ରୀ ଅମାବାସ୍ୟା ରେ ବ୍ରତଧାରୀ ମହିଳା ମାନେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମୁଦୁଗଲ ଗ୍ରାମର ସିଧେସ୍ୱର ମନ୍ଦିର ପରିସରରେ ଥିବା ସତ୍ୟବାନ ସାବିତ୍ରୀ ମନ୍ଦିର ରେ ସକାଳୁ ସକାଳୁ ମହିଳା ଙ୍କ ଭିଡ଼ ଜମିଛି ।ମନ୍ଦିର ପୂଜାର୍ଚ୍ଚନା କରିବା ସହ ଘରେ ସ୍ୱାମୀ ଙ୍କୁ ପୂଜା କରି ଦିନ ତମାମ ଫଳଆହାର କରି ସ୍ୱାମୀର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରିଛନ୍ତି ସାଧବା ମହିଳା । ଅନ୍ୟ ପଟେ ଅସ୍ତରଙ୍ଗ ବ୍ଲକ ଅଧୀନ ପଶ୍ଚିମେଶ୍ୱର, ଐଶାନେଶ୍ୱର, ଇଶାନେଶ୍ୱର, ଗ୍ରାମେଶ୍ୱର ଶହ ବିଭିନ୍ନ ଦେବାଳୟ ଶହ କାକଟପୁର ରେ ସୋମେଶ୍ୱର, ମା ମଙ୍ଗଳା ଙ୍କ ପୀଠରେ ମହିଳା ଭିଡ଼ ଦେଖିବାକୁ ମିଳିଥିଲା।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା



**ହିଞ୍ଜିଳିକାଟୁ,୧୬।୫ (ସଂଚାର ବ୍ୟୁରୋ)**: ହିଂଜିଳିକାଟୁ ସହର ସମେତ ଏହାର ଆଖପାଖ ଗ୍ରାମରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି । ଶଙ୍ଖା ବଜ୍ର ହେଉ, ସ୍ୱାମୀ ଦୀର୍ଘାୟୁ ହୁଅନ୍ତୁ ନେଇ ଏପରି ଢଙ୍ଗରେ ସ୍ୱାମୀଙ୍କ ମଙ୍ଗଳ ମନାସୀ ସ୍ତ୍ରୀ କରିଥିଲେ ସାବିତ୍ରୀ ବ୍ରତ । ନୂଆ ଶାଢ଼ୀ ଆଉ ଶଙ୍ଖା ଧରି କିଛି ସାବିତ୍ରୀ ଦେବାଳୟ ଯାଇ ପୂଜାର୍ଚ୍ଚନା କରିଥିବା ବେଳେ କିଏ ତୁଳସୀ ଚଉରା ନିକଟରେ ତ ଆଉ କିଏ ଘରେ ଦିଅଁ ଦେବତାଙ୍କ ନିକଟରେ ଶଂଖା, ସିନ୍ଦୁର ଓ ଶାଢ଼ୀ ସମର୍ପଣ କରି ବ୍ରତ ପାଳନ କରିଥିଲେ । ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଥିବା ବେଳେ ଘରଠାରୁ ମନ୍ଦିର ସବୁଠି ମନ୍ତ୍ରପାଠ ସହ ଶଙ୍ଖ ହୁଳୁହୁଳିରେ ପ୍ରକମ୍ପିତ ହେଇଥିଲା । ପ୍ରତି ବର୍ଷ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ସାବିତ୍ରୀ ବ୍ରତ ପାଳନ କରାଯାଏ । ପୁରାଣରେ ଅଛି, ସାବିତ୍ରୀ ଯମ ରାଜଙ୍କ ଠାରୁ ନିଜ ନିଷ୍ଠା ଓ ଭକ୍ତି ବଳରେ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ଆଉ ଏହି ବିଶ୍ୱାସକୁ ନେଇ ପ୍ରତି ଓଡ଼ିଆ ଘରେ ଏହି ବ୍ରତକୁ ସଧବା ସ୍ତ୍ରୀମାନେ ଏକ ପବିତ୍ର ବ୍ରତ କରିଆସିଛନ୍ତି । ଏହି ଅବସରରେ ନୂଆ ଶାଢ଼ୀ, ସିନ୍ଦୁର, ଶଙ୍ଖ, ଫଳ ଓ ପୂଜାସାମଗ୍ରୀ ହାତରେ ଧରି ସାବିତ୍ରୀ ମା'ଙ୍କ ପୂଜାର୍ଚ୍ଚନା କରିଛନ୍ତି ହିଞ୍ଜିଳିକାଟୁ ସହରର ମହିଳା ।

## ଅସ୍ଥାୟୀ ଯାତ୍ରା ମଣ୍ଡପରେ ସାବିତ୍ରୀ ବ୍ରତ ପାଳିଲେ ସହସ୍ରାଧିକ ମହିଳା



**ଫୁଲବାଣୀ,୧୬।୫ (ସଂଚାର ବ୍ୟୁରୋ)**: ଫୁଲବାଣୀ ଅସ୍ଥାୟୀ ଯାତ୍ରା ମଣ୍ଡପ ଆଗରେ ପୂଜା କଲେ ହଜାର ହଜାର ମହିଳା ସାବିତ୍ରୀ ଅମାବାସ୍ୟା। ମା ନାରାୟଣୀଙ୍କ ସମେତ ପଞ୍ଚ ଠାକୁରାଣୀ ବରାଳଦେବୀ, ବ୍ୟାଘ୍ର ଦେବୀ, ବ୍ରାହ୍ମଣୀ ଦେବୀ, ଗ୍ରାମଦେବୀ ଓ ମା ଦକ୍ଷିଣ କାଳୀଙ୍କ ଯାତ୍ରା ହେଉଛି ଦ୍ୱିବାର୍ଷିକ । ପ୍ରତି ଦୁଇ ବର୍ଷରେ ଥରେ ସମସ୍ତ ଦେବୀଙ୍କ ସମ୍ମୁଖରେ ସାବିତ୍ରୀ ଅମାବାସ୍ୟା କରିବା ଭାଗ୍ୟରେ ଥିଲେ ମିଳେ ବୋଲି ଆସୁଥିବା ମହିଳା ମାନେ କହନ୍ତି । ବିଶେଷ କରି ଯାତ୍ରା ପରିଚାଳନା କମିଟି ପକ୍ଷରୁ ମଧ୍ୟ ମା ମାନଙ୍କଙ୍କ ସୁବିଧା ନିମନ୍ତେ ମା ନାରାୟଣୀ ଠାକୁରାଣୀ ଙ୍କ ଯାତ୍ରା ଅକ୍ଷୟତୃତିଆରୁ ଆରମ୍ଭ ହୋଇଥିଲେ ମଧ୍ୟ ଅମାବାସ୍ୟା ପରେ ପ୍ରତ୍ୟାଗମନ ପାଇଁ ତାରିଖ ନିର୍ଦ୍ଧାରିତ କରାଯାଇଥାଏ।

ଜିଲ୍ଲାର ଫୁଲବାଣୀ ସହର ର ସମସ୍ତ ଓ୍ୱାର୍ଡ ସମେତ ବିଭିନ୍ନ ବ୍ଲକରୁ ସାନ ବଡ଼ ଧନୀ ଗରିବ ଛୋଟ ଜାତି, ବଡ଼ ଜାତି ସମସ୍ତେ ପୂଜା କରିବାକୁ ଆଗ୍ରହ ସହ ଆସନ୍ତି ଏଠାକୁ । ସକାଳ ୭ଟା ରୁ ଦିନ ୩ ଟା ପର୍ଯ୍ୟନ୍ତ ଭିଡ଼ ଜମୁଥିବାର ଦେଖିବାକୁ ମିଳିଥିଲା ।

# ମାହାଙ୍ଗାରେ ବଢୁଛି ଚୋରା ମଦ କାରବାର

## ମଦୁଆଙ୍କ ଉତ୍ପାତ ଯୋଗୁଁ ବୃଦ୍ଧି ପାଉଛି ଅସାମାଜିକ କାର୍ଯ୍ୟ

**ମାହାଙ୍ଗା,୧୬।୫ (ସଂଚାର ବ୍ୟୁରୋ)**: ସାରା ରାଜ୍ୟରେ ଏବେ ମଦ କାରବାର ଯୋଗୁଁ ଲୋକେମାନେ ମଦ ପିଇ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ କରୁଥିବାବେଳେ ବିଭିନ୍ନ ରୋଗରେ ପିଡିତ ହୋଇ ଅକାଳରେ ଜୀବନ ଯାଉଛି। ଯାହା ଫଳରେ ସେମାନଙ୍କ ଜୀବନ ନର୍କ ପାଲଟି ଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ଗହଳିଠାରୁ ଆରମ୍ଭ କରି ଛକ ବଜାର, ଚା ପାନ ଦୋକାନ୍, ପରିତକ୍ତ ସ୍ଥାନ ଏବଂ ମନ୍ଦିର ପରିସର ପାଲଟିଛି ସେମାନଙ୍କ ପାଇଁ ଆଡ୍ଡାସ୍ଥଳୀ।

ବିଶେଷ କରି ଜେଡରାତି ଦୋକନ, ପାନ ଦୋକାନ, ଚା ଦୋକାନ, ଷ୍ଟେସନାରୀ ଦୋକାନ, ହୋଟେଲ ଓ ଜଳଖିଆ ଦୋକାନରେ ଚୋରା ମଦ କାରବାର ହେଉଥିବା ଜଣାପଡ଼ିଛି। ଏପରିକି ବିଦ୍ୟାଳୟ ନିକଟ ହେଉ କି ମନ୍ଦିର ପରିସର ଏବଂ ଖେଳପଡ଼ିଆରେ ପ୍ରତ୍ୟୁଷରୁ ଆରମ୍ଭ କରି ରାତ୍ର ୧୧ଟା ପର୍ଯ୍ୟନ୍ତ ମଦୁଆଙ୍କ ଆସର ଜମୁଛି। ମୁଖ୍ୟତଃ ମନ୍ଦିର ଓ ବିଦ୍ୟାଳୟ ନିକଟରେ ଚୋରା ମଦ କାରବାର ହେଉଥିବାରୁ କୋମଳମତୀ ଛାତ୍ର ଛାତ୍ରୀଏବଂ ପୁରୁଷ ଓ ମହିଳା ଶ୍ରଦ୍ଧାଳୁମାନେ ଯାତାୟତରେ ନାନା ଅସୁବିଧା ଭୋଗୁଥିବାବେଳେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସୁଚନା ମୁତାବକ ତ୍ରିବେଣୀଶ୍ୱର ମନ୍ଦିର ନିକଟ, ଏରକଣା ଶ୍ୟାମସୁନ୍ଦର ମନ୍ଦିର ନିକଟ, ଏରକଣାହାଟ ବାସନ୍ତୀ ମନ୍ଦିର ନିକଟ, ପଣସପୁର ଇଶାଣେଶ୍ୱର ମନ୍ଦିର ନିକଟ, କଇଥା ଚମ୍ପାପୁର ବିଦ୍ୟାଳୟ ପଛପଟ, ଛେଦା, କୁସୁପୁର, ଗୁଣୁପୁର, କୋଳିଅଠା, ମଧୁପୁର, ମେରୀପୁର, ଜୟପୁର, ଲାପଟୁଆଁ ବରାହିପୁର, ମଉଦା, ହରିଭକ୍ତପୁର କୋଠି ଛକ, ଉମର ବ୍ୟାଙ୍କ ଛକ, ବାଲିଆଚକା, ଗୌଡଗୋପ, ନାରୀଜଙ୍ଗ, ଝାଡେଶ୍ୱରପୁର, ରାହାଣିଆ, ନୁର୍ତାଙ୍ଗ, ଯଁକୋଟୀ, ଛତ୍ରତୋଟା, ଗୌଡପଡ଼ା, ଓଷଙ୍ଗ ମେଳକ ଛକ, ଭୈରବ ପଡ଼ିଆ, ନାହାଙ୍ଗ, ଇତୁକୁରା, ହଳଦିଆ ହାଟ ଛକ, ନାଳିପଡ଼ିଆ, ପ୍ରହରାଜପୁର, କୁରୁଜଙ୍ଗା, ଅରିଲୋ ଆଦି ସ୍ଥାନମାନଙ୍କରେ ଦିନ ଦ୍ୱିପ୍ରହରରେ ଚୋରା ମଦ କାରବାର ହେଉଥିବା ଜଣାଯାଇଛି।

ମଦ୍ୟପମାନେ ଅତ୍ୟଧିକ ମଦ ପିଇ ନିଶାଶକ୍ତ ହୋଇ ପିଉଥିବା ବୋତଲକୁ ଭାଙ୍ଗି ପକାଉଥିବାରୁ ଜନସାଧାରଣମାନେ ଏହି ଭଙ୍ଗା କାଚରେ ଆହତ ହେଉଥିବା ନଜିର ରହିଛି। ସେହିପରି ମଦ ପିଉଥିବା ସ୍ଥାନଟି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଅଛି। ଦୀର୍ଘ ଦିନ ମାହାଙ୍ଗାର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗର ଜ୍ଞାତସାରରେ ଓ ଭିତରି ବୁଝାମଣା ହୋଇ ଚୋରା ମଦ କାରବାର ହେଉଥିବା ଅଭିଯୋଗ ହୋଇଛି। ସୂଚନା ଥାଉ କି ପୂର୍ବରୁ କଟକରେ ଅବକାରୀ ବିଭାଗ ଥାନା ଥିବା ବେଳେ ଏଭଳି ପ୍ରଚୁର ଚୋରା ମଦ କାରବାର ହେଉନଥିଲା। ବର୍ତ୍ତମାନ ନିଶ୍ଚିନ୍ତକୋଇଲି ଓ ସାଲେପୁରରେ ଅବକାରୀ ଥାନା ନିର୍ମାଣ ହୋଇଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ପଡୁନାହିଁ। ଅନେକ ସ୍ଥାନରେ ରାଜନୈତିକ ପ୍ରୋତ୍ସାହନରେ ଚୋରା ମଦ କାରବାର ହେଉଥିବା ଶୁଣିବାକୁ ମିଳୁଛି। ଅବକାରୀ ବିଭାଗର ଅଣଦେଖା ଓ ଖାମଖିଆଲୀ ନୀତି ଯୋଗୁଁ ଏହି ସ୍ଥାନମାନଙ୍କରେ ଚୋରା ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

ବିଶେଷ କରି ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ଧରାଯାଉଥିବାବେଳେ ସେମାନଙ୍କ ଠାରୁ ହାତ ଗୁଞ୍ଜା ନେଇ ଅଧିକ ପରିମାଣର ମଦ ଜବତ କରୁଥିବାବେଳେ ମାତ୍ର ଅଳ୍ପ ମଦ ଦେଖାଇ ବାହା ବାହା ନେଉଛନ୍ତି। ତେଣୁ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଏହି ସ୍ଥାନରେ ଚଢାଉ କରିବା ସହ ଚୋରା ମଦ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବୀ ହୋଇଛି। ଲାଇସେନ୍ସ ପ୍ରାପ୍ତ ମଦ ଦୋକାନମାନଙ୍କରେ ରେଟ ଚାଟ ମାରୁ ନଥିବା ବେଳେ ଏହି ବ୍ୟବସାୟୀର କର୍ମଚାରମାନେ ନମ୍ବର ବିହୀନ ଗାଡିରେ ଚୋର ମଦ ବ୍ୟବସାୟୀଙ୍କ ନିକଟରେ ଦିନ ଦ୍ୱିପ୍ରହରରେ ଯୋଗାଇ ଦେଉଥିଲେ ମଧ୍ୟ ପୋଲିସ କି ଅବକାରୀ ବିଭାଗ ସବୁ ଜାଣି ନୀରବଦ୍ରଷ୍ଟା ପାଲଟିବାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଅବକାରୀ ବିଭାଗ ହେଉ କି ପୋଲିସ ବିଭାଗ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ




**ବାରିପଦା,୧୬।୫ (ସଂଚାର ବ୍ୟୁରୋ)**: ଜିଲ୍ଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ମୟୂରଭଞ୍ଜ ପକ୍ଷରୁ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭି.ବି.ଡି.) ଡା. ବିଜୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ ।

ଏହି ଅବସରରେ ଡା. ଦାସ ଡେଙ୍ଗୁ ରୋଗର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଜ୍ୱର ସହିତ ହାତ, ଗଣ୍ଠି ଓ ଆଖି ବିନ୍ଧିବା, ଶରୀରରେ ଲାଲ ଦାଗ ଦେଖାଯିବା ଇତ୍ୟାଦି ଡେଙ୍ଗୁର ପ୍ରମୁଖ ଲକ୍ଷଣ । ଏହାର ନିୟନ୍ତ୍ରଣ ପାଇଁ ସଠିକ ସମୟରେ ରକ୍ତ ପରୀକ୍ଷା କରାଇବା, ନିୟମିତ ମଶାରୀ ବ୍ୟବହାର କରିବା, ଘର ଓ ଘର ଚାରିପାଖ ସଫା-ସୁତୁରା ରଖିବା, ପୂର୍ଣ୍ଣ ଶରୀର ଆବୃତ ହେବା ପରି ପୋଷାକ ପରିଧାନ କରିବା ଏବଂ ଘରେ ଘରେ ଜ୍ୱର ରୋଗୀଙ୍କ ଚିହ୍ନଟ କରି ସେମାନଙ୍କର ଡେଙ୍ଗୁ ପରୀକ୍ଷା କରାଇବା ଆବଶ୍ୟକ । ସେହିପରି ପଇଡ଼ ଖୋଳପା, ପୁରୁଣା ଟାୟାର ଓ ଅନ୍ୟାନ୍ୟ ପାତ୍ରରେ ପାଣି ଜମି ନ ରହିବା ପାଇଁ ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ନାୟକ କହିଥିଲେ ଯେ, ଡେଙ୍ଗୁ ରୋଗ ମାଈ ଏଡିସ ମଶା ଦ୍ୱାରା ସଂକ୍ରମିତ ହୁଏ । ତେଣୁ ଚା କପ, ପାଣି ଟାଙ୍କି, ଏୟାର କୁଲର, ଫୁଲ ଡାନି ଓ ଅନ୍ୟାନ୍ୟ ପାଣି ଜମିପାରୁଥିବା ସାମଗ୍ରୀକୁ ଅନ୍ତତଃ ୩ ରୁ ୪ ଦିନ ମଧ୍ୟରେ ଥରେ ସଫା କରିବା ଆବଶ୍ୟକ। ଜ୍ୱର ହେଲେ ତୁରନ୍ତ ରକ୍ତ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

ଏ.ଏନ୍.ଏମ୍.ଟି.ସି.ର ପ୍ରିନ୍ସିପାଲ ଭାରତୀ ଅନୁକ୍ଷା ଡେଙ୍ଗୁ ରୋଗର ଭୟାବହତା ଏବଂ ସମୂହ ସଚେତନତାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ଆଶା କର୍ମୀମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ଘରେ ଘରେ ଯାଇ ସଚେତନତା ସୃଷ୍ଟି କରିବା ସହ ଜ୍ୱର ହେଲାମାତ୍ରେ ସି.ବି.ସି. ପରୀକ୍ଷା ସହ ଆବଶ୍ୟକ ରକ୍ତ ପରୀକ୍ଷା କରାଇବା ଏବଂ ମଶାର ଉତ୍ପତ୍ତିସ୍ଥଳକୁ ନଷ୍ଟ କରିବା ଉପରେ ଗୁରୁତ୍ୱ ଦେବା ଦରକାର ।

କାର୍ଯ୍ୟକ୍ରମରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି, ଏଫ୍.ଏଲ୍.ଏ. ଗୋପବନ୍ଧୁ ଗିରି, ଫାଇଲେରିଆ ପରିଦର୍ଶକ ଦୁର୍ଗା ଦାସ ଓ ଅମୂଲ୍ୟ ଦାସ, ବାରିପଦା ସହରାଞ୍ଚଳର ସମସ୍ତ ଆଶା କର୍ମୀ, ସୁପେରିଅର୍ କ୍ଷେତ୍ର ଅଧିକାରୀ ବଳରାମ ବେହେରା ଏବଂ ଏ.ଏନ୍.ଏମ୍. ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ଉପସ୍ଥିତ ଥିଲେ ।

## ବାଳକୃଷ୍ଣ ଦାଶଙ୍କ ଜନ୍ମ ଜୟନ୍ତୀ ପାଳିତ



**ବାଲିଅନ୍ତା,୧୬।୫ (ସଂଚାର ବ୍ୟୁରୋ)**: ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ବାଳକୃଷ୍ଣ ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୧୦୩ ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏନେଇ ଆଜି ଅପରାହ୍ନରେ ବାଳକୃଷ୍ଣଙ୍କ ଏକ୍ରୁଡ଼ିଶାଳରୁ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା । ସଂସଦ କାର୍ଯ୍ୟକର୍ତ୍ତା ବୃନ୍ଦ ଘୋଡା, ହାତୀ, ଷଣ୍ଢ, ଘଣ୍ଟମର୍ଦ୍ଦଳ ଏବଂ ବାଣ ରୋଶଣି କରି ବାଳକାଟି ବଜାର ଅଟୋ ଷ୍ଟାଣ୍ଡ ନିକଟରେ ଥିବା ବାଳକୃଷ୍ଣ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେଠାରୁ ଶୋଭାଯାତ୍ରା ପୁଣି ବାହାରି କଲେଜ ପଡିଆ ନିକଟସ୍ଥ ସ୍ମୃତି ମଣ୍ଡପ ନିକଟରେ ପହଞ୍ଚିଥିଲା । ଏନେଇ ଆୟୋଜିତ ସଭାରେ ସ୍ମୃତି କମିଟି ସଭାପତି ଡ. ରଜନୀ ରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ । ଜିଲ୍ଲା ପରିଷଦ ସଭ୍ୟ କୁନମୁନ ଲେଙ୍କା, ପବିତ୍ର କୁମାର ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି, ଓଡିଶୀ ସଙ୍ଗୀତ ଗୁରୁ ଫକୀର ଚରଣ ଜେନାଙ୍କୁ ଚଳିତ ବର୍ଷର ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଗବେଷିକା ପୂଜାରାଣୀ ପାଣି, ଡ. ସୁଧାଂଶୁ ଦାଶ ବସନ୍ତ ଦାଶ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । କୋଷାଧ୍ୟକ୍ଷ ରାମ ମୋହନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ଟାଟା ପାୱାର ବିରୋଧରେ କଳା ବ୍ୟାଚ୍ ପରିଧାନ କରି ଆନ୍ଦୋଳନ କଲେ କର୍ମଚାରୀ




**ବୈଶିଙ୍ଗା,୧୬।୫ (ସଂଚାର ବ୍ୟୁରୋ)**: ଟାଟା ପାୱାରର କଷ୍ଟ କଟିଙ୍ଗ ନାମରେ ଶ୍ରମିକ ମାରଣା ନିତି ଅବଲମ୍ବନକୁ ବିରୋଧ କରି ଆଜି ପୂର୍ବାହ୍ନରେ କଳା ବ୍ୟାଚ୍ ପରିଧାନ ପୂର୍ବକ ଆନ୍ଦୋଳନ କଲେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର କର୍ମଚାରୀମାନେ। ଏହି ଆନ୍ଦୋଳନ ଦେଖିବାକୁ ମିଳୁଛି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ।

ଏହି ଟାଟା ପାୱାର ବିରୋଧରେ ତଳ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରି ଆପଣାଇ ଥିବା ଶ୍ରମିକ ମାରଣା ନିତିକୁ ଘୋର ନିନ୍ଦା କରିବା ସହ କଳା ବ୍ୟାଚ୍ ପରିଧାନ କରି ଆନ୍ଦୋଳନକୁ ଉହ୍ଲାଇଛନ୍ତି ମୟୂରଭଞ୍ଜର ଜିଲ୍ଲା ବୈଶିଙ୍ଗା ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନେ ଆଜି ପୂର୍ବାହ୍ନରେ କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଚ୍ ପରିଧାନ କରି ବିଭିନ୍ନ ନାରାବାଜି ଦେଇ ଆନ୍ଦୋଳନ କରିଥିଲେ। ଟାଟା ପାୱାରର ଏହି ନୀତିକୁ ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ସାରା ରାଜ୍ୟରେ ଭୟଙ୍କର ବିସ୍ଫୋରଣ ହେବ ବୋଲି ଚେତାବନୀ ଦେଲେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର କର୍ମଚାରୀ ।

## ବେତନଟୀ ରେଳ ପରାମର୍ଶଦାତା କମିଟିରେ ନୂତନ ସଦସ୍ୟ ନିଯୁକ୍ତି



**ବେତନଟୀ,୧୬।୫ (ସଂଚାର ବ୍ୟୁରୋ)**: ବେତନଟୀ ରେଳ ପରାମର୍ଶଦାତା କମିଟି (ଡି.ଆର. ଇଉ.ସି. ସି.) କୁ ବେତନଟୀର ଏସ୍.ଏସ. ମହୁଲିଆ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ରବୀନ୍ଦ୍ର ନାଥ ମିଶ୍ର ମନୋନୀତ ହୋଇଛନ୍ତି। ନିଯୁକ୍ତି ଦିବସଠାରୁ ଆଗାମୀ ଦୁଇବର୍ଷ କିମ୍ବା ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟ ସମୟ ରହିବ ବୋଲି ଜଣାଯାଇଛି। ସେ ବେତନଟୀରେ ରେଳ ଉନ୍ନତି ସମ୍ବନ୍ଧୀୟ ବିଭିନ୍ନ ବୈଠକ ମାନଙ୍କରେ ଯୋଗଦେବା ସହ ମୂଲ୍ୟବାନ ପରାମର୍ଶ ଦେବେ ବୋଲି ୬ ମଇ ୨୦୨୬ ରେ ଚିଠିଦ୍ୱାରା ଖଡ଼ଗପୁର ରେଲୱେ ବିଭାଗର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଜଣାଇଛନ୍ତି । ଉକ୍ତ ଚିଠି ଖଡ଼ଗପୁର ଦକ୍ଷିଣ ପୂର୍ବ ରେଳପଥର ଡି: ଆର.ଏମ.ଙ୍କ କାର୍ଯ୍ୟାଳୟରୁ ଜି-୨୫/୪୬ ନମ୍ବର କ୍ରମେ ଶ୍ରୀମିଶ୍ରଙ୍କର ହସ୍ତଗତ ହୋଇଥିବାର ଜଣାଯାଇଛି ।

ଏଥି ସହିତ ସେ ବେତନଟୀ ସିଭିଲ ସୋସାଇଟିର ଯୁଗ୍ମ ସାଧାରଣ ସଂପାଦକ, ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘରେ ଉପ- ସଭାପତି ଓ ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଂପାଦକ ଏବଂ ବେତନଟୀ କବି ସଂଗମ ଅନୁଷ୍ଠାନର ଉପଦେଷ୍ଟା, ରୋଟାରୀ କ୍ଲବ୍ ର ସଂପାଦକ ରୂପେ ଅଧୁନା କାର୍ଯ୍ୟରତ ଅଛନ୍ତି । ଏହି ସମସ୍ତ ସଂଗଠନ ତରଫରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି ।

## ଆଦର୍ଶ ଶିକ୍ଷକଙ୍କ ପରଲୋକରେ ସ୍ମୃତିସଭା



**କେନ୍ଦ୍ରାପଡ଼ା,୧୬।୫ (ସଂଚାର ବ୍ୟୁରୋ)**: ଅଦ୍ୟ ତା ମଇଁ ପନ୍ଦର ତାରିଖ ଶୁକ୍ରବାର ସନ୍ଧ୍ୟାରେ ରାମଚଣ୍ଡୀ ଶିକ୍ଷା ନିକେତନର ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ସ୍ୱର୍ଗତ ସର୍ବେଶ୍ୱର ନାୟକଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଅଛି। ବିରୂପା ନଦୀ କୂଳରେ ଅବସ୍ଥିତ ସିଦ୍ଧ ମହାପୁରୁଷ ବାରୁଣୀ ମଣ୍ଡପ ଠାରେ ମାଟ୍ରିକ ଏକାନବେ ବ୍ୟାଚ ଛାତ୍ର ମାନଙ୍କ ଉଦ୍ୟମରେ ସଭାର ଆୟୋଜନ କରାଯାଇଥିଲା। ସମାଜ ସେବି ସୁଧୀର ଭୂୟାଁଙ୍କ ଆବାହକ ତ୍ୱରେ ଅନେକ ପୁରାତନ ଛାତ୍ର ଯୋଗଦେଇ ସ୍ୱର୍ଗୀୟ ଶିକ୍ଷକ ଙ୍କ ବହୁମୁଖୀ ପ୍ରତିଭା ନିଷ୍ଠା ଏବଂ କର୍ତ୍ତବ୍ୟ ପରାୟଣ ତା ଉପରେ ଆଲୋଚନା କରିଥିଲେ. ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଙ୍କ ଉଦେଶ୍ୟ ରେ ଦୀପ ଦାନ ସହିତ ନିରବ ପ୍ରାର୍ଥନା କରାଯାଇ ଥିଲା. ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରଦ୍ୟୁମ୍ନ ରାଉତ ସମାଜ ସେବି ନିର୍ମଳ ମଲ୍ଲ ମନୋରଞ୍ଜନ ଗିରି ଶିକ୍ଷକ ଦନୁଜ ନାୟକ ପ୍ରମୁଖ ଛାତ୍ର ମାନେ ସଭା ପରି ଚାଳନା କରିଥିଲେ।

## କଳିଙ୍ଗ ବୈଶ୍ୟ ଯୁବକ ସେବା ସଙ୍ଘ ପକ୍ଷରୁ ଭୋଜନ ସେବା କାର୍ଯ୍ୟ




**ଫୁଲବାଣୀ,୧୬।୫ (ସଂଚାର ବ୍ୟୁରୋ)**: କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ କଳିଙ୍ଗ ବୈଶ୍ୟ ଯୁବକ ସେବା ସଙ୍ଘ(ପ୍ରଥମ) ପକ୍ଷରୁ ଭୋଜନ ସେବା କାର୍ଯ୍ୟ ଚଳିତ ସପ୍ତ ବିଂଶତମ ମା' ନାରାୟଣୀ ଠାକୁରାଣୀ ଯାତ୍ରା ଅବସରରେ ହଜାର ହଜାର ଭକ୍ତଙ୍କ ପାଇଁ ମୁଖ୍ୟ ରାସ୍ତାର ଷ୍ଟେଟବ୍ୟାଙ୍କ ନିକଟରେ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ଶହ ଶହ ଜନସାଧାରଣ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭୋଜନ କରୁଥିବାର ଦେଖିବାକୁ ମିଳିଥିଲା । ଯାତ୍ରା ଦେଖିବା କୁ ଆସୁଥିବା ଦର୍ଶକ ଯାତ୍ରା ଦେଖିବା, ମିନାବଜାର ବୁଲିବା ସହ ଭୋଜନ ବ୍ୟବସ୍ଥା ହୋଇଥିବାରୁ ସଙ୍ଘ କୁ ଆନ୍ତରିକ ସାଧୁବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୁବକ ସଙ୍ଘ ସମ୍ପାଦକ ଟି ଶିବ ଶଙ୍କର ପାତ୍ର,ସଭାପତି ଦିଲ୍ଲୀପ ମାଲୁ,ସଦସ୍ୟ ପ୍ରଭାତ ପାତ୍ର, ମଧୁସୂଦନ ପାତ୍ର,ଡି ସୁବାସ ଚନ୍ଦ୍ର ପାତ୍ର,ଟୁକୁନା ପାତ୍ର, ବିଶ୍ୱଜିତ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ ।

# ଟଙ୍କା ନେଇ ବାବୁ ପାର୍, ସାବିତ୍ରୀ ବ୍ରତରେ କାନ୍ଦୁଛନ୍ତି ମହିଳା



**ପାରାଦୀପ,୧୬।୫ (ସଂଚାର ବ୍ୟୁରୋ)**: ଆଜି ପବିତ୍ର ସାବିତ୍ରୀ ବ୍ରତ । ସଧବା ନାରୀ ତାର ସ୍ୱାମୀର ଦୀର୍ଘାୟୁ ମନାସି ବ୍ରତ ରଖେ ଓ ପୂଜା କରେ । କିନ୍ତୁ ଆଜି ଏହି ପବିତ୍ର ଦିନରେ କାନ୍ଦୁଛନ୍ତି ୪୬ ପରିବାରର ମହିଳା। ଆଖିରେ ଆଖିଏ ଲୁହ , ଛାତିରେ ଛାତିଏ କୋହ। ଟାଇଁଟାଇଁ ଖରାରେ ଦାଣ୍ଡରେ ଭଙ୍ଗା ଚଉରାକୁ ଧରି ସେମାନେ ପୂଜା କରୁଛନ୍ତି ସାବିତ୍ରୀ ବ୍ରତ। ଯମ ଦେବତାଙ୍କୁ ନୁହଁ ସେମାନେ ଡାକୁଛନ୍ତି ପ୍ରଶାସନକୁ। କହୁଛନ୍ତି ହେ ପ୍ରଶାସନ ମଣିଷକୁ କଣ ମଣିଷ ଏଭଳି କଷ୍ଟ ଦିଅନ୍ତି ।ଆସ ଦେଖିଯାଅ। ଆମେ କେତେ ଦୁଃଖରେ ଅଛୁ ଆଉ କିଭଳି ଯନ୍ତ୍ରଣାରେ ଛଟପଟ ହେଉଛୁ।

ଏଭଳି ଘଟଣା ଦେଖିବାକୁ ମିଳିଛି ପାରାଦୀପ ଉପକଣ୍ଠ ନୂଆଗଡ ପଂଚାୟତ ନୂଆଗଡ ଗ୍ରାମର ହନୁମାନ ପଡ଼ାରେ । ବାପଅଜା ଅମଳରୁ ଏହି ପଡ଼ାର ଗୋଚର ଜମିରେ କିଛି ଲୋକ ବସତି ସ୍ଥାପନ କରିଥିଲେ । ଆଉ ତାଙ୍କ ଦେଖାଦେଖି କିଛି ବାହାର ଲୋକ ଆସି ଏଠାରେ ଜୈନିକ ନେତାଙ୍କ ସରଣରେ ପଶିଲେ । ବାବୁ ତାଙ୍କର ଭୋଟର କାର୍ଡ କରାଇଦେଲେ ଆଉ ସୁବିଧା ଦେଖି ଗୋଚର ଜମିର କିଛିକିଛି ଜାଗା ତାଙ୍କୁ ବିକ୍ରି କରି ଦୁଇ ତିନି ଲକ୍ଷ ଟଙ୍କା ମଧ୍ୟ ନେଲେ । ବାବୁ କୁଆଡେ ବଡ ନେତା , ତାଙ୍କର ସମସ୍ତେ ଚିହ୍ନା । ସେଇ ଭରସାରେ ବାହାରୁ ଆସୁଥିବା ଲୋକ ଏଠାରେ ବାବୁଙ୍କ ଦୟାରେ ରହି ଘର କଲେ । ହେଲେ ଗୋଚର ଜମି ଥିବାରୁ ପ୍ରଶାସନର ଏଠାରେ ଦୃଷ୍ଟି ପଡିଲା । ନୋଟିସ ଦେଇ ପ୍ରଶାସନ ୪୬ ପରିବାରର ଘର ଭାଙ୍ଗିଲା । ଗତ ପାଞ୍ଚଦିନ ହେବ ସେହି ଭଙ୍ଗା ଜାଗାରେ ଲୋକମାନେ ଦିନ ରାତି ପଡି ରହିଛନ୍ତି । ଗୋଚର ଜମି ବିକି ଟଙ୍କା ନେଇ ପଳାଇଥିବା ବାବୁଙ୍କୁ ଯେତେ ଡାକିଲେ ବାବୁ ଆଉ ଆସୁନାହାନ୍ତି । ବିଚରା ଲୋକମାନେ ନିଜର ମୁଣ୍ଡ ଗୁଞ୍ଜିବାକୁ ଥିବା ଘର ଭାଙ୍ଗିଯିବାରୁ ଏବେ ସେଇଠାରେ ପଡି ରହିଛନ୍ତି ଆଉ କାନ୍ଦୁଛନ୍ତି ।

ନିଜର ପ୍ରତିବାଦ ଜଣାଇ ଆଜି ସମସ୍ତ ମହିଳା ଏକତ୍ରିତ ହୋଇ ଦାଣ୍ଡ ମଝିରେ ଗୋଟିଏ ଭଙ୍ଗା ଚଉରାକୁ ଆଣି ସାବିତ୍ରୀ ପୂଜା କରିଛନ୍ତି ଓ କାନ୍ଦି କାନ୍ଦି ଯମ ଦେବତାଙ୍କୁ ନୁହଁ ପ୍ରଶାସନକୁ ଗୁହାରି କରିଛନ୍ତି। ଆମେ ଏବେ ଯିବୁ କୁଆଡେ । ରହିବୁ କେଉଁଠି ଓ ଖାଇବୁ କଣ । ପ୍ରଶାସନ ଆସିଲା ଆମ ଘର ଭାଙ୍ଗିଦେଇ ଗଲା କିନ୍ତୁ ଆମକୁ ଥଇଥାନ କଲାନାହିଁ। ଟଙ୍କା ନେଇ ବାବୁ ଟଙ୍କା ବାଟରେ ପାର । ଏହି ୪୬ ପରିବାର ମଧ୍ୟରୁ କାହାର ଗୋଡ ଭାଙ୍ଗି ଯାଇଛି ତା କାହା ପୁଅ ମାନସିକ ବିକୃତ । କିଏ ରୋଗୀଣା ତା କିଏ ବିଧବା । ଏବେ ସାହା ବୋଲି ସେମାନଙ୍କ ପାଖରେ କେହି ନାହାନ୍ତି । ଖୋଲା ଆକାଶ ତଳେ ସେମାନେ ଶୋଉଚନ୍ତି ଆଉ ଦିନବେଳା ପ୍ରବଳ ଖରାରେ ସିଝୁଛନ୍ତି । ଅତି ଦୟନିଅ ଅବସ୍ଥାରେ ଏମାନେ ଗତ ପାଞ୍ଚଦିନ ହେବ ଏଠାରେ ପଡିଥିବା ବେଳେ ଗୋଚର ଜମିରେ ଏମାନଙ୍କୁ ଘର କରିବାକୁ ସାହସ ଦେଇଥିବା ବାବୁଙ୍କୁ ପ୍ରଶାସନ ଖୋଜିବା ଆବଶ୍ୟକତା ଅଛି ଓ ଏମାନଙ୍କୁ ଥଇଥାନ କରିବାର ଆବଶ୍ୟକତା ଅଛି ।

## ଭାଗବତ ଟୁଙ୍ଗିର ଗୃହ ପ୍ରତିଷ୍ଠା ଉତ୍ସବ



**ନୀଳଗିରି,୧୬।୫ (ସଂଚାର ବ୍ୟୁରୋ)**: ନୀଳଗିରି ଉପଖଣ୍ଡ ସ୍ଥିତ ଔପଦା ବ୍ଲକ୍ ଗୋପ ଶ୍ୟାମସୁନ୍ଦରପୁର ଭାଗବତଟୁଙ୍ଗୀର ନୂତନ ଗୃହପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଭାଗବତପ୍ରେମୀ ପୁରୁଷ ଓ ମହିଳା ଯୋଗଦାନକରି କଳସ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଗତ ୧୫ତାରିଖ ଶୁକ୍ରବାର ଠାରୁ ଭାଗବତପାରାୟଣ କାର୍ଯ୍ୟ ଆରମ୍ଭହୋଇ ଦୀର୍ଘ ୭ଦିନ ବ୍ୟାପି ଚାଲୁରହିବା ସହ ଆସନ୍ତା ତା ୨୧/୦୫/୨୬ ରିଖରେ ସମାପନ ହେବବୋଲି ସୂଚନା ଦେଇଛନ୍ତି।

ଏହି ପାରାୟଣ କାର୍ଯ୍ୟକ୍ରମକୁ ଗୋପ ଶ୍ୟାମସୁନ୍ଦରପୁର ଭାଗବତଟୁଙ୍ଗିର ପରିଚାଳନା ପରିଷଦ ର ସଭାପତି ଶ୍ରୀଯୁକ୍ତ ହରେକୃଷ୍ଣ ରାଉତ,ସମ୍ପାଦକ ସୁନୀଲ କୁମାର ବେହେରା, ଉପସଭାପତି ପଞ୍ଚାନନ ଦାସ, ସହସଂପାଦକ ଶ୍ରୀଧର ବେହେରା, କୋଷାଧକ୍ଷ ବସନ୍ତ କୁମାର ବେହେରା, ସଭ୍ୟ ମହେନ୍ଦ୍ର ପରିଡା , ସୁରେନ୍ଦ୍ର ପରିଡା, ଗୌରୀ ପରିଡା , ଭାରତୀ ଜେନା, ଇତିଶ୍ରୀ ପୃଷ୍ଟି ,ଶ୍ରୀ ଉମେଶ ପରିଡା , ବାଇଧର ବାଗ, ଦିବାକର ଦେଉରି, ରାଧାମଣୀ ବାଗ, ମାଳତୀ ଦାସ, ବାସନ୍ତୀ/ ସଭ୍ୟା ମାନେ ପରିଚାଳନା କରିଥିଲେ।





# ମୁଣ୍ଡ ପାଖରେ ମୋବାଇଲ୍ ଫୋନ୍ ରଖି ଶୋଇଲେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ଅନେକ ଲୋକ ସକାଳେ ମୁଣ୍ଡବିନ୍ଧା ଏବଂ ଆଖି ଯନ୍ତ୍ରଣା ଅନୁଭବ କରନ୍ତି। ଲୋକମାନେ ପ୍ରାୟତଃ ଭାବନ୍ତି ଯେ ଏହା ବିଳମ୍ବରେ ଶୋଇବା ଯୋଗୁଁ ହେଉଛି, କିନ୍ତୁ ଏଥିପାଇଁ ଆପଣଙ୍କ ମୋବାଇଲ୍ ଫୋନ୍ ଦାୟୀ ହୋଇପାରେ। ପ୍ରକୃତରେ, ଅଧିକାଂଶ ଲୋକ ମୋବାଇଲ୍ ଫୋନ୍ ନିଜ ତକିଆ ତଳେ କିମ୍ବା ମୁଣ୍ଡ ପାଖରେ ରଖି ଶୋଇପାରନ୍ତି। ମୋବାଇଲ୍ ଫୋନ୍‌ରେ କ୍ଷତିକାରକ ରେଡ଼ିଏସନ୍ ଥାଏ ଯାହା ନିରନ୍ତର ନିର୍ଗତ ହୁଏ। ଏହା ମସ୍ତିଷ୍କ ଉପରେ କ୍ଷତିକାରକ ପ୍ରଭାବ ପକାଏ। ତେବେ ଆସନ୍ତୁ ଫୋନ୍ ରେଡ଼ିଏସନର ସମ୍ଭାବ୍ୟ କ୍ଷତି ବିଷୟରେ ଜାଣିବା। ମୋବାଇଲ୍ ଫୋନ୍ ଦ୍ୱାରା ନିର୍ଗତ ନୀଳ ଆଲୋକ ନିଦ ଆଣିବା ହରମୋନ୍ ମେଲାଟୋନିନକୁ ବାଧା ଦେଇପାରେ। ମୋବାଇଲ୍ ଫୋନରୁ ବାହାରୁଥିବା ରେଡ଼ିଏସନ୍ ନିଦ ଗୁଣବତ୍ତା ଉପରେ ପ୍ରଭାବ ପକାଇପାରେ ଏବଂ ମୁଣ୍ଡବିନ୍ଧା ଏବଂ ଆଖିରେ ପ୍ରେସର ପକାଇଥାଏ। ଆପଣଙ୍କ ମୋବାଇଲ୍ ଫୋନ୍‌କୁ ଆପଣଙ୍କ ବିଛଣାଠାରୁ ଅତି କମରେ ତିନି ଫୁଟ ଦୂରରେ ରଖିବା ଉଚିତ। ଏହା ଦ୍ୱାରା ଆପଣ ନିଜକୁ କ୍ଷତିକାରକ ରେଡ଼ିଏସନରୁ ରକ୍ଷା କରିପାରିବେ। ମୋବାଇଲ୍ ଫୋନ୍ ସହିତ ଜଡିତ ରେଡିଓ ଫ୍ରିକ୍ୱେନ୍ସି ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ କ୍ଷେତ୍ରର ଶକ୍ତି ବହୁତ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅର୍ଥାତ 'ହୁ' କହିଛି ଯେ ଫୋନ୍‌ରୁ ବାହାରୁଥିବା ଆରଏଫ ରେଡ଼ିଏସନ୍ ମସ୍ତିଷ୍କ କ୍ୟାନ୍ସର ରୋଗର ଆଶଙ୍କା ବଢ଼ାଇପାରେ। ଯଦି ଆପଣ ଆପଣଙ୍କର ମୋବାଇଲ୍ ଫୋନ୍ ନିଶାକୁ ଦୂର କରିବାକୁ ଚାହାଁନ୍ତି, ତେବେ ରାତିରେ ଆପଣଙ୍କ ଫୋନ୍ ସାଇଲେଣ୍ଟ କରନ୍ତୁ। ଆଲାର୍ମ ପାଇଁ ଘଣ୍ଟା ବ୍ୟବହାର କରନ୍ତୁ। ଏହା ସହିତ, ଆପଣଙ୍କ ଫୋନ୍ ବ୍ୟବହାର କରିବା ପରିବର୍ତ୍ତେ ବହି ପଢ଼ିବା ଆରମ୍ଭ କରନ୍ତୁ। ବହି ପଢ଼ିବା ଏକ ଭଲ ଅଭ୍ୟାସ ଏବଂ ଏହା ଆପଣଙ୍କୁ ଠିକ୍ ସମୟରେ ଶୋଇବାରେ ସାହାଯ୍ୟ କରେ।



# ମୁହଁରେ ଲଗାନ୍ତୁ ଆଲମଣ୍ଡ ଫେସ୍ ପ୍ୟାକ୍

ଶୀତଦିନ ଆସିବା ମାତ୍ରେ ସ୍କିନ ବହୁତ ଡ୍ରାଏ ହୋଇଯାଏ। ଥଣ୍ଡା ପବନ ଯୋଗୁଁ ଏହି ସମୟରେ ମୁହଁ ଶୁଷ୍କ ହୋଇଯାଏ। ଯଦି ଆପଣ ମଧ୍ୟ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଆପଣ ଏଥିପାଇଁ ଆଲମଣ୍ଡ ବ୍ୟବହାର କରିପାରିବେ। ଡ୍ରାଏ ଫ୍ରୁଟସ୍ ମଧ୍ୟରେ ଆଲମଣ୍ଡକୁ ସବୁଠାରୁ ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆଲମଣ୍ଡ ତ୍ୱଚା ପାଇଁ ଯେତିକି ଲାଭଦାୟକ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭଦାୟକ। ଆଲମଣ୍ଡରେ ଭିଟାମିନ୍ 'ଇ' ଥାଏ, ଯାହା ତ୍ୱଚାକୁ ନରମ ଏବଂ ଚମକଦାର କରିଥାଏ। ତେଣୁ ଆପଣ ଆଲମଣ୍ଡକୁ କ୍ଷୀର ସହିତ ମିଶାଇ ମୁହଁରେ ଲଗାଯାଇପାରିବ। ଆଲମଣ୍ଡ ଏବଂ କ୍ଷୀରର ମିଶ୍ରଣ ମୁହଁରେ ଲଗାଇବା ଦ୍ୱାରା ବାର୍ଦ୍ଧକ୍ୟ, କୁଞ୍ଚନ ଏବଂ ଫାଇନ୍ ଲାଇନ୍ ହ୍ରାସ ପାଇଥାଏ। ଏହା କଳାଦାଗ ଏବଂ ହ୍ୱାଇଟ୍ ହେଡ୍ସକୁ ମଧ୍ୟ ହ୍ରାସ କରିପାରିବ। ତେବେ ଆସନ୍ତୁ ଜାଣିବା ଆଲମଣ୍ଡ ଏବଂ କ୍ଷୀରର ମିଶ୍ରଣ କେବେ ଏବଂ କେତେ ସମୟ ପାଇଁ ଲଗାଇବା ଉଚିତ ?

### କିପରି ତିଆରି କରିବେ ଆଲମଣ୍ଡ ଫେସ୍ ପ୍ୟାକ୍ ?

ମୁହଁରେ ଆଲମଣ୍ଡ ପ୍ୟାକ୍ ଲଗାଇବା ପାଇଁ, ପ୍ରଥମେ କିଛି ଆଲମଣ୍ଡକୁ ରାତିସାରା ପାଣିରେ ବୁଡ଼ାଇ ରଖନ୍ତୁ। ଯଦି ଆପଣ ଚାହାଁନ୍ତି, ତେବେ ଆଲମଣ୍ଡକୁ କିଛି ସମୟ ପାଇଁ ମଧ୍ୟ ଭିଜାଇପାରିବେ। ଏହାପରେ ଆଲମଣ୍ଡରେ କଞ୍ଚା କ୍ଷୀର ମିଶାନ୍ତୁ ଏବଂ ଉଭୟ ଜିନିଷକୁ ଏକ ରୋଲିଂ ବୋର୍ଡ କିମ୍ବା ଅନ୍ୟ କୌଣସି ସ୍ଥାନରେ ପେଶି ଏକ ଭଲ ପେଷ୍ଟ ତିଆରି କରନ୍ତୁ। ଏଥିରେ ୧ ଚାମଚ କ୍ଷୀର ମିଶାନ୍ତୁ। ଏବେ ଏହାକୁ ମୁହଁରେ ଲଗାନ୍ତୁ ଏବଂ ପ୍ରାୟ ଅଧ ଘଣ୍ଟା ପାଇଁ ଏପରି ଛାଡି ଦିଅନ୍ତୁ। ଯେତେବେଳେ ଏହା ସମ୍ପୂର୍ଣ୍ଣ ଶୁଖିଯିବ ପାଣିରେ ମୁହଁ ଧୋଇ ଦିଅନ୍ତୁ।

### ଆଲମଣ୍ଡ ଫେସ୍ ପ୍ୟାକର ଲାଭ

- ଡ୍ରାଏ ସ୍କିନ୍ ଥିବା ଲୋକମାନେ ନିଶ୍ଚିତ ଭାବରେ ଏହି ଆଲମଣ୍ଡ ଏବଂ କ୍ଷୀର ପ୍ୟାକ୍ ଲଗାଇବା ଉଚିତ। ଏହା ତ୍ୱଚାକୁ ନରମ କରିଥାଏ ଏବଂ ମୁହଁରେ ଚମକ ଆଣିଥାଏ।
- ଏହି ଆଲମଣ୍ଡ ଏବଂ କ୍ଷୀର ପ୍ୟାକ୍ ଦାଗ, କଳା ଦାଗ ଏବଂ କୁଞ୍ଚନକୁ କମ କରିବାରେ ସାହାଯ୍ୟ କରିବ।
- କଞ୍ଚା କ୍ଷୀର ଏବଂ ଆଲମଣ୍ଡର ମିଶ୍ରଣ ଲଗାଇବା ଦ୍ୱାରା ଆପଣଙ୍କ ତ୍ୱଚା ଉଜ୍ଜ୍ୱଳ ହେବା ସହ ବାର୍ଦ୍ଧକ୍ୟ ଲକ୍ଷଣକୁ ହ୍ରାସ କରିଥାଏ। ଯାହାଦ୍ୱାରା ଆପଣ ଅଧିକ ସମୟ ପାଇଁ ଯୁବା ଦେଖାଯିବେ।
- ତ୍ୱଚାରୁ କଳାଦାଗ କମାଇବା ପାଇଁ ଆଲମଣ୍ଡ ଏବଂ କଞ୍ଚା କ୍ଷୀର ଖୁବ ପ୍ରଭାବଶାଳୀ ହୋଇଥାଏ।

# ମୁହଁରେ ବ୍ରଣ ହେଉଛି କି ?



ବର୍ତ୍ତମାନ ପିଢ଼ିର ଲୋକମାନେ ସେମାନଙ୍କ ତ୍ୱଚାକୁ ନେଇ ବେଶୀ ସଚେତନ ରହୁଛନ୍ତି। ବିଶେଷ କରି ଝିଅମାନେ ଏଥିପ୍ରତି ବେଶୀ ଧ୍ୟାନ ଦେଉଛନ୍ତି। ସୁନ୍ଦର ତ୍ୱଚା ପାଇଁ ଅନେକ କିଛି ଉପାୟ ଆପଣାଉଛନ୍ତି। ଏଥିସହ ସୁନ୍ଦର ଚେହେରା ପାଇଁ ଅନେକ ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି । ଆଜିକାଲି ପ୍ରାୟତଃ ଲୋକଙ୍କ ତ୍ୱଚାରେ ବ୍ରଣ ହେବା ଖୁବ୍ ସାଧାରଣ କଥା ହୋଇଗଲାଣି। ବ୍ରଣ ଜନିତ ସମ୍ୟାରୁ ମୁକ୍ତି ପାଇବା ପାଇଁ ମଧ୍ୟ ଅଧିକାଂଶ ଲୋକେ ବହୁତ କିଛି ଦାମିକିଆ କ୍ରିମ୍ ବ୍ୟବହାର କରୁଛନ୍ତି। ଯାହା କିନ୍ତୁ ପରବର୍ତ୍ତୀ ସମୟରେ ତ୍ୱଚା ଉପରେ ଖରାପ ପ୍ରଭାବ ପକାଇଥାଏ। ସ୍କିନ କେୟାର ସହି ଏକ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ରହିଛି। ଯାହା ତ୍ୱଚାକୁ ସୁନ୍ଦର କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ଏମିତି କିଛି ଜିନିଷ ଅଛି ଯାହା କମ୍ ମୂଲ୍ୟରେ ଆପଣଙ୍କ ତ୍ୱଚାରେ ହୋଇଥିବା ବ୍ରଣ ସମସ୍ୟାକୁ ଦୂର କରିବ। ତେବେ ଆସନ୍ତୁ ସେମିତି କିଛି ଜିନିଷ ସମ୍ପର୍କରେ ଜାଣିବା। ଅଲିଭ୍ ଅଏଲ୍ ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ। ଯାହା ବ୍ରଣ ଜନିତ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ଲେମ୍ବୁ ରସ ଏସିଡିଟିକୁ ବାହାର କରିବା ସହ ସାଇଟ୍ରିକ୍ ଏସିଡି ଦ୍ୱାରା ଲିଭରକୁ ସଫା ରଖିଥାଏ। ଏଥିସହ ରକ୍ତକୁ ମଧ୍ୟ ସଫା ରଖିଥାଏ। ଯାହା ଦ୍ୱାରା ସହଜରେ ଆମ ଚେହେରାରେ ଚମକ ଆସିଥାଏ। ଆମ ତ୍ୱଚାରୁ ବ୍ରଣକୁ ଦୂର କରିବା ପାଇଁ ତରଭୁଜ ବେଶ୍ ଲାଭଦାୟକ ହୋଇଥାଏ। ଏଥିରେ ଭିଟାମିନ୍ ଏ, ବି ଏବଂ ସି ଭରପୁର ମାତ୍ରାରେ ରହିଥାଏ। ଯାହା ବ୍ରଣରୁ ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହ ଦାଗ ଦୂର କରିଥାଏ। କ୍ଷୀରରେ ଭିଟାମିନ୍ ଏ ରହିଛି। ଯାହା ଉଜ୍ଜ୍ୱଳ ତ୍ୱଚା ପାଇଁ ବିଶେଷ ଲାଭଦାୟକ ବୋଲି ପ୍ରମାଣିତ ହୋଇଛି।

ଷ୍ଟ୍ରବେରୀରେ ଭିଟାମିନ୍ ବି, ଆଣ୍ଟିଅକ୍ସିଡେଣ୍ଟ ଏବଂ ଫାଇବର ଭରପୂର ମାତ୍ରାରେ ରହିଛି। ଏହାର ସେବନ ତ୍ୱଚାକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ। ଦହିରେ ଆଣ୍ଟିଫଙ୍ଗଲ ଗୁଣ ଥିବାରୁ ତ୍ୱଚାକୁ ସଫା କରିବା ସହ ବ୍ରଣରୁ ରକ୍ଷା କରିଥାଏ ଏବଂ ଦାଗ ଦୂର କରିଥାଏ। ନିୟମିତ ଭାବେ ଅଖରୋଟ ଖାଇବା ଦ୍ୱାରା ତ୍ୱଚା ନରମ ହୋଇଥାଏ। ଅଖରୋଟର ତେଲରେ ମଧ୍ୱ ଲେନୋଲେଇକ ଏସିଡି ରହିଥାଏ। ଯାହା ତ୍ୱଚାରେ କୁଞ୍ଚନ ପଡିବାରୁ ରୋକିଥାଏ। ସେଓରେ ଅନେକ ପ୍ରୋଟିନ୍ ରହିଛି। ଯାହାକୁ ବ୍ରଣର ଶତ୍ରୁ ବୋଲି ବିବେଚନା କରାଯାଏ। ଆମ ଶରୀରରେ ପାଣିର ଆବଶ୍ୟକତା ଖୁବ୍ ଅଧିକ ରହିଛି। ପାଣି ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ହୋଇଥାଏ। କିନ୍ତୁ ଭଲ ତ୍ୱଚା ପାଇଁ ମଧ୍ୟ ଲାଭକାରୀ ହୋଇଥାଏ ପାଣି। ଠିକ୍ ପରିମାଣର ପାଣି ପିଇବା ଦ୍ୱାରା ତ୍ୱଚା ଜନିତ ସମସ୍ତ ସମସ୍ୟାରୁ ରକ୍ଷା କରିଥାଏ।

# ରାତିରେ ଭାତ ଖାଇଲେ ଓଜନ ବଢ଼ିବାର ସମ୍ଭାବନା ଥାଏ



ସୁସ୍ୱାସ୍ଥ୍ୟ ପାଇଁ ସୁସ୍ଥ ଖାଦ୍ୟ ଅତ୍ୟନ୍ତ ଜରୁରୀ। ଲୋକେ ରୁଟି, ପନିପରିବା, ଡାଲି ଏବଂ ଭାତ ଖାଇଥାନ୍ତି। ଭାତ ଅଧିକ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ସେହିପରି ରାତିରେ ଭାତ କାହିଁକି ଖାଇବା ଉଚିତ୍ ନୁହେଁ? ଏହା ଆୟୁର୍ବେଦରେ ଉଲ୍ଲେଖ କରାଯାଇଛି। ଆୟୁର୍ବେଦରେ ଭାତ ବିଷୟରେ ବିସ୍ତୃତ ବର୍ଣ୍ଣନା କରାଯାଇଛି। ଭାତକୁ ଥଣ୍ଡା ଏବଂ ନରମ ଭାବରେ ବିବେଚନା କରାଯାଇଛି। ପୁରୁଣା ଚାଉଳକୁ ହାଲୁକା ବୋଲି ବିବେଚନା କରାଯାଇଥାଏ। ଅପରପକ୍ଷରେ ନୂଆ ଚାଉଳରୁ ପ୍ରସ୍ତୁତ ଭାତ ଭାରୀ ଏବଂ ହଜମ କରିବା କଷ୍ଟକର ହୋଇଥାଏ। ରାତିରେ ଶରୀରର ହଜମ ଶକ୍ତି ଦୁର୍ବଳ ହୋଇଯାଏ। କାରଣ ରାତିରେ ସୂର୍ଯ୍ୟ ନଥାନ୍ତି। ଦିନ ବେଳେ ସୂର୍ଯ୍ୟ ଥିବାରୁ ଗରିଷ୍ଠ ଖାଦ୍ୟ ଖାଇଲେ ସହଜରେ ହଜମ ହୋଇଯାଇଥାଏ। ମାତ୍ର ରାତିରେ ଏହା ସମ୍ଭବ ହୋଇ ପାରି ନଥାଏ। ତେଣୁ ରାତିରେ ଭାତ ଖାଇବା ଦ୍ୱାରା ଏହା ହଜମ କରିବା କଷ୍ଟକର ହୋଇଥାଏ। ଯାହା ଫଳରେ ଗ୍ୟାସ, ବଦହଜମୀ ଏବଂ ଭାରୀପଣ ଅନୁଭବ ହୁଏ। ଭାତର ପୁଷ୍ଟିକର ମୂଲ୍ୟ ବିଷୟରେ କହିବାକୁ ଗଲେ, ଏଥିରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ। ଯଦିଓ ଏହା ଶକ୍ତି ପ୍ରଦାନ କରେ, କିନ୍ତୁ ରାତିରେ ମେଟାବୋଲିଜିମ୍ ଧୀର ହେବା ଯୋଗୁ ଶରୀର ଏହାକୁ ସମ୍ପୂର୍ଣ୍ଣ ଭାବରେ ହଜମ କରିପାରେ ନାହିଁ, ଯାହା ଫଳରେ ଗ୍ୟାସ୍, ପେଟ ଫୁଲିବା ଏବଂ ଏସିଡିଟି ଭଳି ସମସ୍ୟା ହୋଇଥାଏ। ଯଦି ରାତିରେ ଭାତ ଖାଇବା ପରେ ତୁରନ୍ତ ଶୋଇଗଲେ, ଉତ୍ପନ୍ନ ଶକ୍ତି ବ୍ୟବହାର ହୁଏ ନାହିଁ ଏବଂ ଏହା ଚର୍ବି ଭାବରେ ଶରୀରରେ ସଞ୍ଚିତ ହୋଇଥାଏ । ତେଣୁ, ଏହା ଦ୍ୱାରା ଶରୀରର ଓଜନ ବୃଦ୍ଧି ହୋଇଥାଏ। ତେଣୁ ରାତ୍ରୀ ଭୋଜନରୁ ଭାତକୁ ସମ୍ପୂର୍ଣ୍ଣ ଭାବରେ ବାଦ ଦେବା ଅନୁଚିତ। ରାତିରେ ହାଲୁକା ଖାଦ୍ୟ ଖାଇଲେ ଭଲ। ଉଦାହରଣ ସ୍ୱରୂପ, ମୁଗ ଡାଲି ଖିଚଡି, ଜିରା ଭାତ, କିମ୍ବା ପନିପରିବା ସହିତ ଭାତ ହଜମ କରିବା ସହଜ ଏବଂ ଏହା ଦ୍ୱାରା ଶରୀର ଭାରାକ୍ରାନ୍ତ ହୁଏ ନାହିଁ। ଯଦି ରାତିରେ ଭାତ ଖାଇବାକୁ ପଡୁଛି ତେବେ ଖାଇବା ପୂର୍ବରୁ ଉଷୁମ ପାଣି କିମ୍ବା ସୁପ୍ ପିଇଲେ; ଏହା ପାଚନ ଶକ୍ତିକୁ ସକ୍ରିୟ କରିଥାଏ। ରାତିରେ ଭାତ ପାଇଁ ବ୍ରାଉନ ରାଇସ୍ କିମ୍ବା ପୁରୁଣା ଚାଉଳ ବ୍ୟବହାର କରନ୍ତୁ। ଯେଉଁଥିରେ ଫାଇବର ଅଧିକ ଏବଂ ଷ୍ଟାର୍ଚ କମ୍ ଥାଏ। ଏହା ସହିତ ଖାଦ୍ୟରେ ଅଳ୍ପ ଗୁଆଘିଅ ମିଶାନ୍ତୁ। ଏହା ହଜମ କରିବାରେ ସାହାଯ୍ୟ କରେ ଏବଂ ଗ୍ୟାସକୁ ରୋକିଥାଏ। ଭାରି ଲାଗିବା ଏବଂ ଗ୍ୟାସକୁ ରୋକିବା ପାଇଁ ଖାଇବା ପରେ ୫-୧୦ ମିନିଟ୍ ଚାଲିବା ଉଚିତ୍। ଶରୀରକୁ ଭାତ ହଜମ କରିବା ପାଇଁ ସମୟ ଦେବା ଲାଗି ଶୋଇବା ପୂର୍ବରୁ ଅତି କମ୍‌ରେ ଦୁଇ ଘଣ୍ଟା ଖାଇବା ଆବଶ୍ୟକ।

# ଖରାଦିନେ ଡାର୍କ ଚକୋଲେଟ ଖାଇଲେ କେଶ ଡ୍ୟାମେଜରୁ ରକ୍ଷା ପାଇବେ



ଚକୋଲେଟ ଏକ ଏଭଳି ଜିନିଷ ଯାହା ସମସ୍ତଙ୍କୁ ଖୁବ୍ ପସନ୍ଦ। ଆଜିକାଲିକା ଯୁବ ପିଢ଼ିଙ୍କ ପାଇଁ ଚକୋଲେଟର ଚାହିଦା ବେଶ୍ ଅଧିକ ରହିଛି। ଅନେକ ଲୋକ ମଧ୍ୟ ନିଜ ଖାଇବା ଲିଷ୍ଟରେ ଚକୋଲେଟକୁ ଆଡ୍ କରିଥାନ୍ତି। ଯେଉଁମାନେ ଚକୋଲେଟକୁ ଭଲ ପାଆନ୍ତି ସେମାନେ ତାଙ୍କ ଘରେ ଏବଂ ପର୍ସରେ ଏହାକୁ କ୍ୟାରି କରିଥାନ୍ତି। ଯଦି ଆପାଣଙ୍କୁ ଡୋନଟ, ମିଠା, ମିଲ୍କ ଚକୋଲେଟ, ମିଲ୍କ କେକ କିମ୍ବା ଏପରି କୌଣସି ବି ମିଠା ଖାଇବାକୁ ଇଛା ହେଉଛି ତାହେଲେ ଆପଣ ଏହି ଚକୋଲେଟ ଖାଇଇପାରିବେ। ଚକୋଲେଟ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିଥାଏ। ଡାର୍କ ଚକୋଲେଟ ନାଁ ଶୁଣିବା ମାତ୍ରେ ପାଟିରେ ପାଣି ଆସିଯାଏ। ଏହା କେବଳ ପାଟିକୁ ସ୍ୱାଦ ଲାଗି ନଥାଏ। ବରଂ ଦେହ ପାଇଁ ମଧ୍ୟ ଲାଭପ୍ରଦ ହୋଇଥାଏ। କେଶକୁ ଘନ, ମଜବୁତ ଏବଂ ଲମ୍ବା କରିବାକୁ କିଏ ବା ନଚାହେଁ। ବିଶେଷ କରି ଝିଅମାନଙ୍କ କେଶ ସହିତ ଗୋଟିଏ ଅଲଗା ଭାବନା ଜଡିତ ହୋଇ ରହିଥାଏ। କେଶର ଅନେକ ଯତ୍ନ ନେଇଥାନ୍ତି। କେଶ କେମିତି ଭଲ ଏବଂ ସୁନ୍ଦର ରହିବ ସେନେଇ ଖୁବ୍ ସଚେତନ ଥାନ୍ତି ଝିଅମାନେ। ଆପଣଙ୍କ ଯଦି କେଶକୁ ନେଇ ସମସ୍ୟା ରହିଛି ତେବେ ଡାର୍କ ଚକୋଲେଟ ଖାଆନ୍ତୁ। ଆପଣ ହୁଏ ତ ଏହାକୁ ବିଶ୍ୱାସ କରିନପାରନ୍ତି। ଡାର୍କ ଚକୋଲେଟରେ ଆଣ୍ଟିଅକ୍ସିଡାଣ୍ଟ ଥାଏ ଯାହା କେଶ ପାଇଁ ବହୁତ ଲାଭଦାୟକ। ଫ୍ରି ରାଡିକାଲ୍ସ କାରଣରୁ କେଶ ଦୁର୍ବଳ ହୋଇଥାଏ। ଏହା ସହିତ କେଶକୁ ମଧ୍ୟ ଧଳା କରି ଦେଇଥାଏ।ଚକୋଲେଟ କିନ୍ତୁ କେଶର ଗ୍ରୋଥ୍ ପାଇଁ ଡାର୍କ ଚକୋଲେଟ୍ ବେଶ୍ ଉପଯୋଗୀ। ଝଡିବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଡାର୍କ ଚକୋଲେଟରେ ୭୦%କୋକୋ ଥାଏ। ଡାର୍କ ଚକୋଲେଟରେ ଏସିଡ ଏବଂ ଭିଟାମିନ ଭରପୂର ମାତ୍ରାରେ ରହିଥାଏ। ଯାହାକୁ କେଶ ପାଇଁ ଲାଭଦାୟୀ ବୋଲି ବିବେଚନା କରାଯାଏ। ଏହା ବ୍ୟତୀତ ମଶ୍ଚୁରାଇଜ ଏବଂ ଚମକ ଦେଇଥାଏ। ଏଥିରେ ଫ୍ଲାଭାନୋଲ୍ସ ମଧ୍ୟ ଥାଏ, ଯାହା କେଶ ବୃଦ୍ଧିରେ ସାହାଯ୍ୟ କରେ ଏବଂ ଆମ ଶରୀରରେ ରକ୍ତ ସଞ୍ଚାଳନକୁ ଉନ୍ନତ କରେ, ଯାହା ଦ୍ୱାରା ରକ୍ତଚାପ ହ୍ରାସ ପାଏ। ଡାର୍କ ଚକୋଲେଟରେ ଉଚିତ୍ ପରିମାଣର ପୋଷକ ତତ୍ତ୍ୱ ଥିବାରୁ କେଶ ପାଇଁ ଲାଭଦାୟକ ହୋଇଥାଏ। ଭଲ ଏବଂ ମଜବୁତ କେଶ ପାଇଁ ଆଇରନ, କପର, ମିନେରାଲ ଏବଂ ଜିଙ୍କସ ଥିବା ଆବଶ୍ୟକ। ଡାର୍କ ଚକୋଲେଟରେ ଥିବା ପୋଷକ ତତ୍ତ୍ୱ କେବଳ କେଶର ବୃଦ୍ଧି କରିନଥାଏ ବରଂ ସୂର୍ଯ୍ୟ କିରଣରୁ ମଧ୍ୟ ରକ୍ଷା କରିଥାଏ। ସୂର୍ଯ୍ୟର କ୍ଷତିକାରକ ୟୁଭି କିରଣରୁ ମଧ୍ୟ ମୁଣ୍ଡକୁ ସୁରକ୍ଷା ଦେଇଥାଏ। ଏହା ଯୋଗୁଁ ସୂର୍ଯ୍ୟ କିରଣ ଯୋଗୁଁ କେଶ ଶୀଘ୍ର କ୍ଷତିଗ୍ରସ୍ତ ହୁଏ ନାହିଁ କିମ୍ବା ଦୁର୍ବଳ ହୁଏ ନାହିଁ। ଏହା କେଶକୁ ମଜବୁତ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଆପଣ ଆପଣଙ୍କ ଖାଦ୍ୟ କିମ୍ବା କେଶ ଯତ୍ନରେ ଡାର୍କ ଚକୋଲେଟକୁ ସାମିଲ କରିପାରିବେ, ଏହା କେଶକୁ ସୁସ୍ଥ ରଖିବାର ଏକ ଭଲ ଉପାୟ। କିନ୍ତୁ ମନେରଖନ୍ତୁ ଯେ ଅଧିକ ଖାଇବା ଉଚିତ୍ ନୁହେଁ। ଭଲ ଫଳାଫଳ ପାଇଁ, ସନ୍ତୁଳିତ ଖାଦ୍ୟ ଗ୍ରହଣ କରନ୍ତୁ ଏବଂ ଆପଣଙ୍କ କେଶର ଉପଯୁକ୍ତ ଯତ୍ନ ମଧ୍ୟ ନିଅନ୍ତୁ।

# ଗୋଚର ଜମିରେ ବେଆଇନ ଆଡ଼ିବନ୍ଧ ନିର୍ମାଣ



**ଲୋଇସିଂହା, ୧୬ା୫ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ବୁର୍ଡା ମୌଜାର ଢୋଲମହୁଲ ଗୋଚର ଜମି ଉପରେ ଏବେ ଜମି ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ପଡିଛି। ବର୍ଷ ବର୍ଷ ଧରି ବ୍ୟବହୃତ ପ୍ରାକୃତିକ ନାଳ ଓ ଜଳସ୍ରୋତକୁ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ମାଟି ପକାଇ ବନ୍ଦ କରି ଦେଉଛନ୍ତି। ବର୍ତ୍ତମାନ ଢୋଲମହୁଲ ଗୋଚର ଜମିର ଉଦ୍‌ବୃତ୍ତ ବର୍ଷା ଜଳକୁ ଡାଇଭର୍ସନ ଉଦ୍ଦେଶ୍ୟରେ ବେଆଇନ ଭାବେ ମେଶିନ ଲଗାଇ ମାଟି ଆଡିବନ୍ଧ ନିର୍ମାଣ କରାଯାଉଛି। ଆଡିବନ୍ଧ ଜରିଆରେ ବର୍ଷା ଜଳ ସ୍ରୋତକୁ ଅବରୋଧ କରିବା ଦ୍ୱାରା ବୁର୍ଡା ଗ୍ରାମର ଚାଷଜମିକୁ ଆଉ ବର୍ଷା ଜଳ ମାଡି ପାରିବ ନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଏନେଇ ଚାଷୀମାନେ ନିକଟରେ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ସୁଫଳ ମିଳିପାରିନାହିଁ।ଏହାକୁ ନେଇ ବୁର୍ଡା ଗ୍ରାମର ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ପାର୍ଶ୍ୱ ମାଛ ଜାଆଁଳା କେନ୍ଦ୍ର ପଛପଟରୁ ନୂଆ ମେଡିକାଲ ଯାଏ ବିସ୍ତୀର୍ଣ୍ଣ ଗୋଚର ଜମି ରହିଛି। ଲୋଇସିଂହା ଓ ବୁର୍ଡା ଗ୍ରାମର ଗାଈଗୋରୁ ଏଠାରେ ବିଚରଣ କରିଥାନ୍ତି । ଗୋଚର ଜମି ଓ ଲାଇନଜୁରୀ (ପାରମ୍ପରିକ ପାଣିନାଳା) ମଝିରେ ବୁର୍ଡା ଗ୍ରାମର ଚାଷୀଙ୍କ ଚାଷ ଜମି ରହିଛି । ବର୍ଷା ଦିନରେ ଏହି ଗୋଚର ଜମିର ଉଦ୍‌ବୃତ୍ତ ବର୍ଷା ଜଳ ବୁର୍ଡା ଗ୍ରାମର ଚାଷଜମିକୁ ପ୍ରବେଶ କରିଥାଏ। ସେହି ବର୍ଷାଜଳକୁ ଚାଷୀମାନେ ଚାଷରେ ବିନିଯୋଗ କରି ଖରିଫ ଧାନ ଫସଲ ଅମଳ କରିଥାନ୍ତି। ଗୋଚର ଜମି ଜଳ ଲାଇନଜୁରୀରେ ପଡି ଲୋଇସିଂହା ସାଗରକୁ ଯାଇଥାଏ। ଏବେ ସେହି ଗୋଚର ଜମିର ବୁର୍ଡା ଚାଷଜମି ସୀମାନ୍ତରେ ଜବରଦଖଲ କରାଯାଇ ମେଶିନ ଲଗାଇ ବେଆଇନ ଭାବରେ ଆଡିବନ୍ଧ କରାଯାଉଛି। ପ୍ରାୟ ୩ ଫୁଟ ଉଚ୍ଚତା ଏବଂ ୫ ଫୁଟ ଚଉଡାରେ ଆଡିବନ୍ଧ ନିର୍ମାଣ କରାଯାଉଛି। ଫଳରେ ଗୋଚର ଜମିର ଉଦବୃତ୍ତ ବର୍ଷା ଜଳ ବୁର୍ଡା ସୀମାନ୍ତ ଚାଷଜମିକୁ ଆଉ ନ ଯାଇ ବିପରୀତ ଦିଗକୁ ଯିବ। ଫଳରେ ଚଳିତ ଖରିଫ ଚାଷ ପ୍ରଭାବିତ ହେବ ବୋଲି ବୁର୍ଡା ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି ।

# ଟିକାବାଲି ସାଲୁଙ୍କୀ ନଦୀରେ ନୂତନ ପୋଲ ନିର୍ମାଣ ପାଇଁ ଶୁଭ ସଂକେତ



**କନ୍ଧମାଳ, ୧୬ା୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲି ନିକଟସ୍ଥ ସାଲୁଙ୍କୀ ନଦୀ ଉପରେ ହୋଇଥିବା ପୋଲ ଦିର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ, ପୁରୁଣା ପୋଲ ଉପରେ ବଡ଼ ବଡ଼ ଓଜନିଆ ଟ୍ରକ, ହାଇୱା ଯାନ ବାହାନ ଯାତାୟାତ ରେ ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୋଲଟି ଟିକାବାଲି ଅଞ୍ଚଳ ର ଲୋକ ପ୍ରିୟ ଯୁବନେତା ଶ୍ରୀ ପ୍ରତାପ କୁମାର ପ୍ରଧାନ ଙ୍କ ଉଦ୍ୟମ କ୍ରମେ ରାଜ୍ୟ ସରକାର ତାହା ମଞ୍ଜୁରୀ କରିଥିବା ଦେଖିବାକୁ ମିଳିଛି। ଏହି ପୋଲ ଉପରେ ଦୈନନ୍ଦିନ ହଜାର ହଜାର ବଡ଼ ବଡ଼ ଯାନ ବାହାନ ପାବୁରୀଆ, ସାରଙ୍ଗଗଡ଼, ରାଇକିଆ, ଦାରିଙ୍ଗବାଡି, ବାଲିଗୁଡ଼ା, ଏବଂ କଇଁଝର, କଟିମାହା, ବଡ଼ିମୁଣ୍ଡା, ଗାର୍ଡିଙ୍ଗିଆ, ବୁର୍ବୀନାଜୁ, ପାଡାଙ୍ଗି, ଗୁଟିଙ୍ଗିଆ, ଏଭଳି ପଞ୍ଚାୟତର ବିଭିନ୍ନ ସ୍ଥାନକୁ ଯିବାପାଇଁ ହେଲେ ଏହି ପୋଲ ଉପରେ ଯିବାକୁ ପଡ଼ିଥାଏ। ଦୀର୍ଘ ବର୍ଷ ରୁ ପୋଲଟି ଅଣ ଓସାରିଆ ହୋଇଥିବାରୁ ଦୁଇଟି ଗାଡି ଜିବା ଆସିବା ଅସମ୍ଭବ ହେଉଅଛି। ପୋଲଟିର ଏଭଳି ପରିସ୍ଥିତି ହେଲାଣି ଯେ କେବେ ଭୁସୁଡ଼ି ଯିବ ତାହାକହି ହେବନାହିଁ। ଏହି ପୋଲ ଉପରେ ଟିକାବାଲି ବ୍ଲକ୍ ର ଆଠଟି ପଞ୍ଚାୟତର ଜନସାଧାରଣ ଏବଂ ନେତା ମନ୍ତ୍ରୀ, ପ୍ରଶାସନ ବିଭାଗ ଅଧିକାରୀ, ବଡ଼ିମୁଣ୍ଡା ପାଖରେ ଥିବା କ୍ରୋଶର ମାଲିକ, କୁଜିନେତା ଦୈନନ୍ଦିନ ଟିକାବାଲି କୁ ଏହି ପୋଲ ଦେଇ ଯିବା ଆସିବା କରିଥାନ୍ତି। ଏହି ପୋଲଟି ଜରାଜୀର୍ଣ୍ଣ ଅବସ୍ଥା ରେ ଥିବା ଖବର ବାରମ୍ବାର ପ୍ରସାରଣ କରିଥିଲେ ସୁଦ୍ଧା ପ୍ରଶାସନ ଏହି ପୋଲ ଉପରେ ନଜର ଦେଉ ନ ଥିଲେ। ପୋଲଟି ନିର୍ମାଣ ହେବା ପରଠାରୁ ପ୍ରଶାସନ ଦୂର ଦୃଷ୍ଟି ଦେଇନାହିଁ, ଭାରି ଯାନ ଯାତାୟାତ ରେ ପୋଲଟି ତଳକୁ ତଳକୁ ଦବି ଗଲାଣି। ଅନେକ ବର୍ଷ ପରେ ପୋଲ ନିର୍ମାଣ ପାଇଁ ମଞ୍ଜୁରୀ କରିଥିବାରୁ ଅଞ୍ଚଳବାସୀ ଖୁସି ଥିବା ଦେଖିବାକୁ ମିଳିଛି। ବର୍ଷା ଦିନ ରେ ଆଠଟି ପଞ୍ଚାୟତର ଜନସାଧାରଣ, କଲେଜ ଛାତ୍ର ଛାତ୍ରୀ ଯାତାୟତ ସମ୍ପୁର୍ଣ୍ଣ ଠପ୍ ହୋଇ ଯିବାର ସମ୍ଭାବନା ଦେଖାଯାଉଥିଲା। ଏହି ପୋଲ ଦେଇ ବିଭିନ୍ନ ବିଧାୟକ, ନେତା ମନ୍ତ୍ରୀ ଯାଉଥିଲେ କିନ୍ତୁ କାହାରି ନଜର ପଡ଼ିନାହିଁ। ପୋଲ ପ୍ରତି ଅନେକ ଦିନ ରୁ ଯୁବନେତା, ସମାଜସେବୀ ଗରିବଙ୍କ ସାଥୀ ପ୍ରତାପ ଭାଇ ଲିଖିତ ଅଭିଯୋଗ କ୍ରମେ ତାହା ଆଜି ସଫଳ ମିଳିଥିବାରୁ ଟିକାବାଲି ଅଞ୍ଚଳବାସି ଯୁବନେତା ଙ୍କୁ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣେଇଛନ୍ତି ।

## ଶିଶୁର ଜୀବନ ବଞ୍ଚାଇଲେ ସନ୍ଦୀପ

**ବଲାଙ୍ଗୀର, ୧୬ା୫ (ସଂଚାର ବ୍ୟୁରୋ):** ଆଜି ବଲାଙ୍ଗୀର ଭୀମଭୋଇ ହସ୍ପିଟାଲ ଶିଶୁ ବିଭାଗରେ ଟିଟିଲାଗଡ଼ ବ୍ଲକ ଶିଳଂଣ୍ଡା ଗ୍ରାମର ପାଞ୍ଚ ବର୍ଷ ଶିଶୁ ଲକ୍ଷ୍ମୀପ୍ରିୟା ସେଲମା ଜଣ୍ଡିସ ରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଜରୀରୀକାଳନ ପରିସ୍ଥିତି ରେ ରକ୍ତର ଆବଶ୍ୟକ ହେବାରୁ ତାଙ୍କ ମାମୁ ତୋଫାନ ଗହିର ଓ ତାଳଧ୍ୱଜ ନାଗ କୌଣସି ମତେ ଖବର ପାଇ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କୁ ଫୋନ କରି ରକ୍ତ ପାଇଁ ସହଯୋଗ ମାଗିଥିଲେ। ଖବର ପାଇବା ମାତ୍ରେ ଶ୍ରୀ ଭୋଇ ଗେଲିଗୋଟ ପଡ଼ା ନିବାସୀ ଯୁବ କୁଲୁତା ସମାଜ ସଦସ୍ୟ ସନ୍ଦିପ ପ୍ରଧାନଙ୍କ ଘରକୁ ଯାଇ ତାଙ୍କୁ ନିଜ ଗାଡିରେ ବସାଇ ଆଣି ବଲାଙ୍ଗିର ମେଡିକାଲ ରକ୍ତ ଭଣ୍ଡାରରେ ରକ୍ତଦାନ କରିଥିଲେ। ରକ୍ତଦାନ ପରେ ଶ୍ରୀ ପ୍ରଧାନଙ୍କୁ ଯୁବ ସଂଗଠନ ତରଫରୁ ଉପଢୌକନ, ମାନପତ୍ର ଓ ଚାରା ବୃକ୍ଷ ସହ ସମ୍ମାନିତ କରାଯାଇଥିଲା। ଆଜି ପବିତ୍ରୀ ବ୍ରତ ଅବସରରେ ସମସ୍ତ ଗୃହିଣୀ ନିଜ ସ୍ୱାମୀଙ୍କ ପାଇଁ ପୂଜାର୍ଚ୍ଚନା କରୁଥିବାବେଳେ ସନ୍ଦିପ ପ୍ରଧାନ ସେ ସମୟରେ ଘରୁ ବାହାରି ଆସି ରକ୍ତଦାନ କରି ଶିଶୁର ଜୀବନ ବଞ୍ଚାଇଛନ୍ତି। ଏଭଳି ଜଟିଳ ପରିସ୍ଥିତିରେ ରକ୍ତର ସହଯୋଗ କରି ଥିବାରୁ ତୋଫାନ ଗହିର ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜ କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏ ଅବସରରେ ବର୍ଷା ଋତୁରେ ୫ଠଟି ଗଛ ଲଗାଇବା ପାଇଁ ଅସୀମ ଭୋଇ ରୋଗିଙ୍କ ସମ୍ପର୍କୀୟଙ୍କ କହିଛନ୍ତି।

## ୨୪ ଟିକିଆ ହାତୀପଲ ଆମ୍ବ ଓ କଦଳୀ ବଗିଚା କଲେ ନଷ୍ଟ

### ଦଳି ଖାଇ ଗଲେ ୧୦୦ ବସ୍ତା ଧାନ, ଚିନ୍ତାରେ ରଘୁନାଥ ରଣା ଚାଷୀ

**ବଲାଙ୍ଗୀର, ୧୬ା୫ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ଦୀର୍ଘ ୨ବର୍ଷ ଧରି ୨୪ଟିକିଆ ବଣୁଆ ହାତୀପଲ ଆତଙ୍କ ସୃଷ୍ଟି କରୁଥିବାବେଳେ ଚାଷୀମାନେ ତ୍ରାହି ତ୍ରାହି ଡାକୁଛନ୍ତି। ରାତ୍ରିରେ ଏହି ବଣୁଆ ହାତୀପଲ ହଳଦୀ ପଞ୍ଚାୟତ ନିକଟବର୍ତୀ ପାତଲପଡ଼ା, ଗ୍ରାମର ଚାଷୀ ରଘୁନାଥ ରଣା ପି-ଦନାର ରଣାଙ୍କ ଧାନ ଖଳାରେ ଥିବା ୧୦୦ ବସ୍ତାରୁ ବେଶୀ ଧାନକୁ ସମ୍ପୂର୍ଣ୍ଣ ଖାଇ ରୁଚି ଦଳି ଦେଇଥିଲେ। ସେହିପରି ଡଙ୍ଗରପଡ଼ା ଗ୍ରାମର ପୂର୍ଣାନନ୍ଦ କମ୍ପଙ୍କ ବହୁ ଧାନ ଗଛ ଓ କଦଳୀ ଗଛ ଓ ଆମ୍ବଗଛ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବାବେଳେ ଅନେକ ଚାଷୀଙ୍କ ଧାନ ଫସଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରି କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତି। ଏହି ୨୪ଟିକିଆ ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ବେଳେ ଚାଷୀଙ୍କ ସୋଲାର ବୋରୱେଲ୍‌ର ପ୍ୟାନେଲ ଭାଙ୍ଗୁଥିବାବେଳେ ପ୍ରବଳ ଗ୍ରୀଷ୍ମରେ ବହୁ କଷ୍ଟରେ କରିଥିବା ଚାଷ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଆଉ ବେଳେବେଳେ ଗାଁ ଭିତରକୁ ପଶିଆସି ଆତଙ୍କ ମଧ୍ୟ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ମୁରିବାହାଲ ଫରେଷ୍ଟର ଧୃବଚରଣ ବଗର୍ତୀଙ୍କୁ ପଚାରିବାରୁ ଚାଷୀଙ୍କୁ କ୍ଷତିପୂରଣ ପାଇଁ ଆବେଦନ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ଓ ଫରେଷ୍ଟର ଧୃବଚରଣ ବଗର୍ତୀଙ୍କ ଆଦେଶ କ୍ରମେ ଦୁଇଜଣ ଆଇ.ପି. ସି.ଇ.ଏ., କ୍ୱାଡ କର୍ମଚାରୀ, ଗୁଣନିଧି ପୁଟେଲ ଓ ସୁନିଳ ତାଣ୍ଡି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ମହାପାତ୍ର ନୀଳମଣି ସାହୁଙ୍କ ଜନ୍ମ ଶତବାର୍ଷିକୀ ପାଳନ



**ସୁବର୍ଣ୍ଣପୁର, ୧୬ା୫ (ସଂଚାର ବ୍ୟୁରୋ):** କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଜିଲ୍ଲା ସଂସ୍କୃତି ପରିଷଦ, ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ଗମ୍ଭୀର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଅଧିବେଶନରେ ଗୌରହରି ଦାସ ସଭା ମୁଖ୍ୟ ଭାବେ ସଭା ପରିଚାଳନା କରିଥିବାବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଖ୍ୟାତ ଓଡ଼ିଆ ଲେଖକ ଶ୍ରୀନିବାସ ଉଦଗାତା ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିବାବେଳେ ବିଶିଷ୍ଟ ସମାଲୋଚକ କାଳିଦାସ ମିଶ୍ର ମୂଳ ଭାଷଣ ରଖିଥିଲେ। ଓଡ଼ିଆ ଉପଦେଷ୍ଟା ପରିଷଦ ସାହିତ୍ୟ ଏକାଡେମୀ ମନୋଜ କୁମାର ପଣ୍ଡା, କଲିକତା ସାହିତ୍ୟ ଏକାଡେମୀ ଆଞ୍ଚଳିକ କାର୍ଯ୍ୟାଳୟ ସହାୟକ ସଂପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ସାଂସ୍କୃତିକ ପରିଷଦ ସୁବର୍ଣ୍ଣପୁର ସୌରଭ ରଞ୍ଜନ ଖମାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମହାପାତ୍ର ନୀଳମଣି ସାହୁ ଙ୍କ ସାହିତ୍ୟ ଉପରେ ସ୍ମୃତି ଚାରଣ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ନୃପରାଜ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଯେଉଁ ପର୍ଯ୍ୟନ୍ତ ଆମ ଚିତ୍ତ ବିଗଳିତ ନ ହେଉଛି ସେ ପର୍ଯ୍ୟନ୍ତ ଆମେ ସାରସ୍ୱତ କ୍ଷେତ୍ରରେ ସଫଳତା ର ଶୀର୍ଷ କୁ ପହଞ୍ଚିବା ସହଜ ହେବ ନାହିଁ। ମହାପାତ୍ର ନୀଳମଣି ସାହୁ ପରମାତ୍ମା ସହ ଯୋଡ଼ି ହୋଇ ଲେଖା ଆରଂଭ କରୁଥିଲେ। ଏବଂ ପ୍ରତ୍ୟେକ ସୃଷ୍ଟି ରେ ଶବ୍ଦ ରେ ତାଙ୍କ ଜୀବନ ଗାଥା ଲେଖିଛନ୍ତି।

## ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିପଦ ଶୁଖିଲା ଗଛ

**ବଲାଙ୍ଗୀର, ୧୬ା୫ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ଡାକ୍ତରଖାନା ରୋଗୀଙ୍କ ପାଇଁ ସେବାକେନ୍ଦ୍ର ନୁହେଁ, ବରଂ ମୃତ୍ୟୁର ଦ୍ୱାର ପାଲଟିଛି ବୋଲି ଆଲୋଚନା ହେଉଛି। ମେଡ଼ିକାଲ କର୍ତୃପକ୍ଷଙ୍କ ଚମର ଅବହେଳା ଓ ଦାୟିତ୍ୱ ହୀନତା ଯୋଗୁଁ ଡାକ୍ତରଖାନା ପରିସରରେ ଏକ ବିଶାଳ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ନିହାତି ଦୁର୍ଭାଗ୍ୟର ବିଷୟ ଯେ, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଅଧିକାରୀ ପ୍ରତିଦିନ ନିଜର ଗାଡ଼ିରେ ଏହି ବିପଦ ସଙ୍କୁଳ ରାସ୍ତା ଦେଇ ଯିବାଆସିବା କରୁଥିଲେ ମଧ୍ୟ ସାଧାରଣ ରୋଗୀଙ୍କ ଜୀବନ ତାଙ୍କ ପାଇଁ କୌଣସି ମୂଲ୍ୟ କରୁନାହିଁ। ଜନସାଧାରଣଙ୍କ ସୁରକ୍ଷା ପ୍ରତି ଏଭଳି ବେପରୁଆ ମନୋଭାବ ରଖିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗୀୟ ଅଧିକାରୀ ଗାଡ଼ିରେ ଯିବାଆସିବା କରିଥିବାରୁ ସେଥିପ୍ରତି ଦୃଷ୍ଟି ଦେଉନଥିବା ରୋଗୀ ତଥା ତାଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି। କେତେବେଳେ ମଧ୍ୟ କାହାରି ଉପରେ ପଡ଼ିଲେ ପ୍ରାଣ ଚାଲିଯିବା ମଧ୍ୟ ଆଶଙ୍କା କରାଯାଇଛି।

## ମୌସୁମୀ ବନ୍ୟାର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର, ୧୬ା୫ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆସନ୍ତା ମୌସୁମୀ ଋତୁରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ତାଙ୍କ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧୀୟ ବିବରଣୀ ଜିଲ୍ଲା ଜରୁରୀ ଶାଖାକୁ ଦାଖଲ କରିବା ପାଇଁ କୁହାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ସୋନପୁର ଉପଜିଲ୍ଲାପାଳ ଡା. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ଶ୍ରୀ ସୁରେନ୍ଦ୍ର ମେହେର ଏବଂ ବିଭିନ୍ନ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକକୁ ଜିଲ୍ଲା ଜରୁରୀ ଶାଖା ଅଧିକାରୀ ଶ୍ରୀ ରାଜେଶ କୁମାର ସାହୁ ପରିଚାଳନା କରିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ କିପରି ପଦକ୍ଷେପ ଗ୍ରହଣ କରାଯିବ, ସେଥିପାଇଁ ଆଲୋଚନା କରାଯାଇଥିଲା। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପିଏଚଡି ଏବଂ ଗ୍ରାମୀଣ ଜଳ ଯୋଗାଣ ଓ ସ୍ୱଚ୍ଛତା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଛଡ଼ା ଜଣ୍ଡିସ୍ ପ୍ରଭାବିତ ଗ୍ରାମଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସାପ କାମୁଡ଼ା, ପାଣିରେ ବୁଡ଼ି ମୃତ୍ୟୁ କିମ୍ବା ବଜ୍ରାଘାତଜନିତ ମୃତ୍ୟୁ ଘଟିଲେ ମୃତକଙ୍କ ପରିବାରକୁ କିପରି ସହାୟତା ରାଶି ପ୍ରଦାନ କରାଯିବ ଏବଂ ସେଥିପାଇଁ ଆବଶ୍ୟକ ମିଳିତ ନିରୀକ୍ଷଣ କରାଯିବ, ସେଥିପାଇଁ ବୈଠକରେ ଜୋର ଦିଆଯାଇଥିଲା।

## ରାସ୍ତା ମରାମତି ନାଁରେ ପ୍ରହସନ: ରଙ୍ଗ ମାରି ଦୋଷ ଲୁଚାଇବାକୁ ଚେଷ୍ଟା



**ଥୁଆମୂଳ ରାମପୁର, ୧୬ା୫ (ସଂଚାର ବ୍ୟୁରୋ):** ରାସ୍ତା ମରାମତି ପରିବର୍ତ୍ତେ କେବଳ ସୂଚନା ଫଳକରେ ରଙ୍ଗ ମାରି ଦୋଷ ଲୁଚାଇବାକୁ ଚେଷ୍ଟା କରାଯାଇଛି। ଏଭଳି ଘଟଣା ଥୁଆମୂଳ ରାମପୁର ବ୍ଲକର କୁମାରକାନୀ ଛକରୁ ବାଗଡ଼ିଆଣି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାରେ ଦେଖିବାକୁ ମିଳିଛି। ସୂଚନା ଫଳକ ଅନୁସାରେ, ଏହି ୬.୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୯୯.୬୧ ଲକ୍ଷ ଟଙ୍କାର ଅଟକଳ ରହିଥିଲା। ସେହିପରି ୫ ବର୍ଷର ରକ୍ଷଣାବେକ୍ଷଣ ପାଇଁ ଅତିରିକ୍ତ ୧୨,୯୧,୫୫୦ ଟଙ୍କା ବ୍ୟୟବରାଦ କରାଯାଇଛି। ରାସ୍ତା କାର୍ଯ୍ୟ ୨୦୧୯ ମେ’ ୨୭ରେ ଆରମ୍ଭ ହୋଇ ୨୦୨୦ ଏପ୍ରିଲ ୨୯ରେ ଶେଷ ହୋଇଥିଲା। ନିୟମ ଅନୁସାରେ ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ଏହି ରାସ୍ତାର ସମ୍ପୂର୍ଣ୍ଣ ଯତ୍ନ ନେବା ଦାୟିତ୍ୱ ଠିକା ସଂସ୍ଥାର ଥିବାବେଳେ ଫଳକରେ ପ୍ୟାକେଜ ନମ୍ବର ଓଆର୍-୧୭-୨୭୦ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। କିନ୍ତୁ ସମୟସୀମା ଶେଷ ହେବା ପୂର୍ବରୁ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାରୁ ପିଚୁ ସ୍ତର ସମ୍ପୂର୍ଣ୍ଣ ଉଭାନ ହୋଇ ପଥର ବାହାରି ପଡ଼ିଛି। ଅନେକ ସ୍ଥାନରେ କେବୁଲ କିମ୍ବା ପାଇପ୍ ପାଇଁ ରାସ୍ତା ଖୋଳାଯାଇ କେବଳ ମାଟିରେ ପୋତି ଦିଆଯାଇଛି।

## ଛଟେଇ ଦାବିରେ କଳାବ୍ୟାଚ ପିନ୍ଧିଲେ ବିଦ୍ୟୁତ୍ କର୍ମଚାରୀ

**ଧର୍ମଶାଳା, ୧୬ା୫ (ସଂଚାର ବ୍ୟୁରୋ):** ଟିପିଏନ୍‌ଓଡିଏଲ୍ ବିରୋଧରେ ଛଟେଇ ଠିକା ବିଦ୍ୟୁତ୍ କର୍ମଚାରୀମାନେ ସେମାନଙ୍କର ବିଭିନ୍ନ ଦାବି ନେଇ ଆଜି କଳା ବ୍ୟାଚ ପରିଧାନ କରି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଆଜି ରସୁଲପୁର ବ୍ଲକ ବ୍ରହ୍ମବରଦା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ ଆଗରେ ସମସ୍ତ ଠିକା ବିଦ୍ୟୁତ୍ କର୍ମଚାରୀ କଳା ବ୍ୟାଚ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। କଷ୍ଟମର କେୟାର, ଷ୍ଟ୍ରକଚର ଅପରେଟର ଓ ହେଲପର, ବିଦ୍ୟୁତ୍ ବିଚ୍ଛିନ୍ନ ସ୍କାଡ ଓ ପ୍ରତ୍ୟକ ଡିଭିଜନର ଜଣେ ଲାଇନ ମ୍ୟାନ ଓ ଜଣେ ହେଲପରଙ୍କୁ ଟାଟା କମ୍ପାନୀ ଛଟେଇ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କମ୍ପାନୀ କର୍ତୃପକ୍ଷ ତୁରନ୍ତ ପ୍ରତିହାର କରିବାକୁ ଜତିନ୍ଦ୍ର କର, ସୁବ୍ରତ ପାଣିଗ୍ରାହୀ, ନିହାର ରଞ୍ଜନ ସାହୁ, ଶରତ ସାମଲ, ବିରଞ୍ଚି ବେହେରା, ଏମଡି ଅବଦୁଲ ବାସିଦ ଓ ଲୋପାମୁଦ୍ୟା ରାଉତ ପ୍ରମୁଖ କଳା ବ୍ୟାଚ ପିନ୍ଧି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ଯଦି ସେମାନଙ୍କ ଦାବିକୁ କମ୍ପାନୀ କର୍ତୃପକ୍ଷ ମାନି ନନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### କୋଶଳ ମୁକ୍ତି ମୋର୍ଚ୍ଚାର ଆଲୋଚନାଚକ୍ର ବୈଠକ

## ମାଁ-ମାଟିର ହକ୍ ପାଇଁ ପ୍ରସ୍ତୁତ ହେଲା ‘ଡିଜିଟାଲ୍ ସେନା’



**ବଲାଙ୍ଗିର, ୧୬ା୫ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସ୍ଥିତ ଶାରଦା ଭବନଠାରେ କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୋର୍ଚ୍ଚାର ଆବାହକ ରମେଶ ଜୈନଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଙ୍ଗର କୁମ୍ଭାର ସଭାପତିତ୍ୱ କରିଥିବା ବେଳେ ସାନ୍ତନୁ ବୁଢିଆ ସଭା ପରିଚାଳନା କରିଥିଲେ। ଅଞ୍ଚଳର ବହୁବିଧ ଅଣଦେଖା, ଜ୍ୱଳନ୍ତ ସମସ୍ୟା ଏବଂ କୋଶଳ ମାଁ-ମାଟିର ନ୍ୟାୟ ହକ୍‌କୁ ନେଇ ବୈଠକରେ ଉପସ୍ଥିତ ପ୍ରତିନିଧିମାନଙ୍କ ମଧ୍ୟରେ ବ୍ୟାପକ ଆଲୋଚନା କରାଯାଇଥିଲା। ବିଶେଷ କରି ଅଞ୍ଚଳର ମୌଳିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଆଗାମୀ ଦିନରେ ଏକ ବଡ଼ ଧରଣର ଗଣତାନ୍ତ୍ରିକ ସଂଗ୍ରାମର ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା। ବର୍ତ୍ତମାନର ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ସଂଗଠନକୁ ତୃଣମୂଳ ସ୍ତରରୁ ଡିଜିଟାଲ୍ ଗଣମାଧ୍ୟମରେ ଆହୁରି ମଜବୁତ, ସକ୍ରିୟ ଓ ପ୍ରଭାବଶାଳୀ କରିବା ପାଇଁ ବୈଠକରେ ଏକ ସର୍ବସମ୍ମତ ନିଷ୍ପତ୍ତି କ୍ରମେ ଉପଖଣ୍ଡ ସ୍ତରୀୟ ମିଡିଆ ସେଲ୍ ଗଠନ କରାଯାଇଥିଲା। ସଙ୍ଗଠନର ଆଭିମୁଖ୍ୟ ଓ ସ୍ଥାନୀୟ ସମସ୍ୟାକୁ ଲୋକଲୋଚନକୁ ଆଣିବା ଲାଗି ଗଠିତ ଏହି ବିଶେଷ ସେଲ୍‌କୁ ସୁଚାରୁରୂପେ ଆଗକୁ ନେବା ପାଇଁ ଏକ ୧୮ ଜଣିଆ କୋର କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସାଂଗଠନିକ ଦକ୍ଷତା ଏବଂ ଗଣମାଧ୍ୟମ କ୍ଷେତ୍ରରେ ଅଭିଜ୍ଞତାକୁ ଦେଖି ବିମଳ କୁମାର ବାଗଙ୍କୁ ‘ମିଡ଼ିଆ ସେଲ୍ ସଂଯୋଜକ’ ଭାବେ ମନୋନୀତ କରାଯାଇଥିବା ବେଳେ ଅଭିଲାଷ ଭୋଇଙ୍କୁ ‘ଉପ-ସଂଯୋଜକ’ ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି।

## ତେଲ୍‌ନଦୀରେ କୁମ୍ଭୀର ଆତଙ୍କ

- ଲୋକେ ସତର୍କ ହେବାକୁ ବନ ବିଭାଗର ପରାମର୍ଶ



**ସୁବର୍ଣ୍ଣପୁର, ୧୬ା୫ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୈଦ୍ୟନାଥ ସେତୁ ତଳେ ଗତ କାଲି ଏକ ଘଡ଼ିଆଳ କୁମ୍ଭୀରକୁ ଦେଖି ଅଞ୍ଚଳବାସୀ ଆତଙ୍କିତ ହୋଇଥିବା ଖବର ମିଳିଥିଲା। ଏବେ ପ୍ରବଳ ଖରା ରୁ ରକ୍ଷା ପାଇବା ପାଇଁ ଲୋକେ ତେଲ ନଦୀ କୁ ଗାଧୋଇବାକୁ ଯାଉଥିବାବେଳେ କୁମ୍ଭୀରର ଉପସ୍ଥିତି ଲୋକଙ୍କୁ ଭୟଭୀତ କରିଛି। ଏହି କୁମ୍ଭୀର ଟି ଟିକର ପଡା ରୁ ଆସି ତେଲ ନଦୀ ରେ ଅଧିକ ପାଣି ଥିବା ରୁ ତେଲ ନଦୀ ର ଉପର ମୁଣ୍ଡ ଅଞ୍ଚଳ କୁ ଆସିଥିବା ଓ ଟିକର ପଡା (ଓଏଲଏଫ) ସିଟିଏସ୍ କ୍ରୋକୋଡ଼ାଲ ଟ୍ରାକିଙ୍ଗ ଷ୍ଟାଫ୍ ଙ୍କ ଟ୍ରାକିଙ୍ଗ ପରେ ଏହା ଟିକର ପଡା ର ୩୨୦ ନମ୍ବର ଘଡିଆଳ କୁମ୍ଭୀର ବୋଲି ସୋନପୁର ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ର ମିଡିଆ ଙ୍କୁ ସୂଚନା ଦେଇଛନ୍ତି ଆହୁରି କହିଛନ୍ତି ଯେ ଏ ପ୍ରଜାତି ର କୁମ୍ଭୀର ର କେବଳ ମାଛ ହିଁ ମୁଖ୍ୟ ଖାଦ୍ୟ, ମଣିଷ କୁ କେବେ ଖାଇବା କିମ୍ବା ଆକ୍ରମଣ କରିବା ର ଆମ ବିଭାଗ ରେ ରେକର୍ଡ ନାହିଁ। ତେଣୁ ଲେକେ ସତର୍କ ରୁହନ୍ତୁ କିନ୍ତୁ ଆଦୌ ଭୟ ଭୀତ ନ ହେବାକୁ ମଧ୍ୟ ଫରେଷ୍ଟର ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ସୋନପୁର ଓ କଣ୍ଟାମାଳ ବନ ବିଭାଗ ଏ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଗତ କାଲି ଠାରୁ ଏ କୁମ୍ଭୀର କୁ ତେଲ ନଦୀ ର ତଳ ମୁଣ୍ଡ କୁ ଘଉଡାଇବାକୁ ଚେଷ୍ଟା ଚାଲିଥିବା ସୂଚନା ମିଳିଛି।

## ଚେକ୍ ଡ୍ୟାମ୍ ନିର୍ମାଣକୁ ଚାଷୀଙ୍କ ବିରୋଧ



**ଲାଠୋର, ୧୬ା୫ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ପତ୍ରାପାଲି ଗ୍ରାମ ଏବଂ ବରଗଡ଼ ଜିଲା ପାଇକମାଲ ବ୍ଲକ ଝାରବନ୍ଧ ପଞ୍ଚାୟତ ମେନକାମୁଣ୍ଡା ଗ୍ରାମର ଚାଷୀମାନେ ଏକ ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନରେ ପତ୍ରାପାଲି ଗ୍ରାମର ଚାଷୀ ବିଷ୍ଣୁ ଶଗଡ଼ିଆ, ଭଗତରାମ ଶଗଡ଼ିଆ, ହଜାରୁ ଶଗଡ଼ିଆ, ରୂପଧର ଶଗଡ଼ିଆ, ଭଗବାନ ଶଗଡ଼ିଆ, ହେମସାଗର ଶଗଡ଼ିଆ, ଅକ୍ଷୁ ଶଗଡ଼ିଆ, ବିଘ୍ନୁ ଶଗଡ଼ିଆ, ଗୌର ଶଗଡ଼ିଆ, ରାଜକୁମାର ଶଗଡ଼ିଆ ଏବଂ ମେନକାମୁଣ୍ଡା ଗ୍ରାମର ଡମ୍ବରୁଧର ଛତ୍ରିଆ, ବିରଞ୍ଚି ସାହୁ, ରାମ ସାହୁ, କୈଳାଶ ସାହୁ ପ୍ରମୁଖ ସାମିଲ ଥିଲେ। ଏପରିକି ତାଙ୍କ ସହ ନିରାଶ ଶଗଡ଼ିଆ, ହିରା ଶଗଡ଼ିଆ, ପତି ଶଗଡ଼ିଆ, ରୁକ୍ମଣୀ ଶଗଡ଼ିଆ, ରତ୍ନି ଶଗଡ଼ିଆ ଆଦି ମହିଳା ମଧ୍ୟ ସାମିଲ ଥିଲେ । ସୂଚନା ଯୋଗ୍ୟ, ୩ ମାସ ହେବ କ୍ଷୁଦ୍ର ଜଳ ସେଚନ ବିଭାଗ ଦ୍ୱାରା ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ପତ୍ରାପାଲି ନିକଟ ଅଙ୍ଗ ନଦୀ ଶଗଡ଼ିଆ ଘାଟରେ ଏକ ଚେକ ଡ୍ୟାମ ନିର୍ମାଣ କରାଯାଉଛି । ସରକାରୀ ନିୟମ ଅନୁସାରେ କାର୍ଯ୍ୟସ୍ଥଳରେ ସୂଚନା ଫଳକ ରହିବା କଥା । ହେଲେ ସେଠାରେ କୌଣସି ପ୍ରକାର ସୂଚନା ଫଳକ ନାହିଁ । କାର୍ଯ୍ୟଟି ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## କାଣ୍ଠ ପଡ଼ି ଜଣେ ଗୁରୁତର

**ଘଟଗାଁ, ୧୬ା୫ (ସଂଚାର ବ୍ୟୁରୋ):** କାଣ୍ଠ ପଡ଼ି ଜଣେ ଗୁରୁତର ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ୧୦ ନମ୍ବର୍ ୱାର୍ଡ ର ବୁଦ୍ଧଦେବ ସୁ ତା ର ନିଜ ମାଟି ଘର କାଣ୍ଠ ଭାଙ୍ଗୁଥିବା ବେଳେ ହଠାତ୍ ଏହି କାଣ୍ଠ ଟି ବୁଦ୍ଧ ଦେବ ଉପରେ ପଡ଼ିଯାଇଥିଲା। ପରିବାର ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ୍ ଥିବା ଜଣାପଡ଼ିଛି।

# ଜଙ୍ଗଲ ଜମିକୁ ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



**କନ୍ଧମାଳ, ୧୬ା୫ (ସଂଚାର ବ୍ୟୁରୋ):** ଆଦିବାସି ଦଳିତ ମାନଙ୍କ ଜଙ୍ଗଲ ଜମିକୁ ପୁଞ୍ଜିପତି ମାନଙ୍କୁ ହସ୍ତାର୍ପଣକୁ ନେଇ ବଢ଼ିଲା ଉତ୍ତେଜନା ଲଢ଼େଇ କରିବା ପାଇଁ ସାଜସଜ୍ଜା ଆରମ୍ଭ କଲେଣି ମୂଳନିବାସି ବେଆଇନ୍ ଭାବେ ଆଦିବାସି ମାନଙ୍କ ହାତରୁ ଛଡ଼ାଇ ନେଇଥିବା ଜଙ୍ଗଲଜମି ତୁରନ୍ତ ଫେରସ୍ତ କରନ୍ତୁ ନଚେତ୍ ପରିଣାମ ଭୟଙ୍କର ରୂପନେବ ସରକାର ସିଜିମାଳିରେ ଜେପରି ଲଢ଼େଇ ହେଇଥିଲା ସେହିପରି ଏବେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡିରେ ହେବବୋଲି ଏବେ ଚେତାବନୀ ଦେଇଛନ୍ତି ମୂଳନିବାସି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକରେ ଶୁକ୍ରବାର ଅଲ୍ ଇଣ୍ଡିଆ ମୂଳନିବାସୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ସଭାପତି ପ୍ରଶାନ୍ତ ପ୍ରଧାନ ଏବଂ ସମ୍ପାଦକ ନୀରଜ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ସଂଘ ସଦସ୍ୟ ସାରିଙ୍ଗିଇର୍ପି ଆମ୍ବତୋଟାଠାରେ ଏକତ୍ରିତ ହୋଇ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୂଳନିବାସୀ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନା କରାଯାଇ ରାଜ୍ୟପାଳ, ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଭୂମିହୀନ ଲୋକଙ୍କୁ ତୁରନ୍ତ ଜମିପଟ୍ଟା ପ୍ରଦାନ, ସ୍ଥାନୀୟ ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଗ୍ରାମସଭାର ବିନା ଅନୁମୋଦନରେ ସରକାର ବିଭିନ୍ନ ପୁଞ୍ଜିପତି କମ୍ପାନୀ ହାତକୁ ପ୍ରାୟ ୨୨ ଶହ ଏକର ଜମି ପ୍ରଦାନ କରିଦେବାକୁ ଚିହ୍ନଟ କରିଥିବା ଓ ବେଆଇନ ଭାବେ ତାକୁ କାର୍ଯ୍ୟକାରୀ କରି ଜନଜାତିଙ୍କୁ ବିସ୍ଥାପନ କରିବାକୁ ବନ୍ଦ କରିବା ଏବଂ ଦାରିଙ୍ଗବାଡ଼ିର ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟକୁ ରଦ୍ଦ କରିବା, ହାତିମୁଣ୍ଡା ପଞ୍ଚାୟତରେ ଗ୍ରାଫାଇଟ୍ ଖଣି ଖନନ, ସୋନପୁର ପଞ୍ଚାୟତରେ ଜଳଭଣ୍ଡାର ନିର୍ମାଣକୁ ବିରୋଧ ଆଦି ଦାବି ପତ୍ରରେ ଉଲ୍ଲେଖ ରହିଛି। ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ପହଞ୍ଚି ସେଠାରେ ବିକ୍ଷୋଭ କରାଯିବା ସହ ତହସିଲଦାର ଧୀରଜ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଇନଶୃଙ୍ଖଳାର ତଦାରଖ ପାଇଁ ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଶତାଧିକ ସୁରକ୍ଷା କର୍ମୀ ମୁତୟନ ହୋଇଥିଲେ।